# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୮/୨୦୧୮ (୨୦ ପୃଷ୍ଠା) | Bhubaneswar, Sunday, October 28/ 2018 (ଛୁଟିଦିନ ସହ) | ★★★★★★

୪୪ଶ ଭାଗ ୩୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ସତ୍ୟ ଘଟଣା ଉପରେ ଆଧାରିତ 'ଉରି'**

୨୦୧୯ ଜାନୁୟାରୀରେ ରିଲିଜ୍ ହେବାକୁ ଥିବା 'ଉରି' ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଅଭିନେତ୍ରୀ ୟାମୀ ଗୌତମ ପ୍ରକାଶ କରିଛନ୍ତି।

୦୨

୧୯

**କୋହଲିଙ୍କ କ୍ରମାଗତ ତୃତୀୟ ଶତକ**

ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରେ ବିରାଟ କୋହଲି କ୍ରମାଗତ ତୃତୀୟ ଶତକ ହାସଲ କରିଛନ୍ତି।



## ଛତିଶଗଡ଼ରେ ଲାଲ୍ ତାଣ୍ଡବ
## ୪ ଯବାନ ଶହୀଦ



**ରାୟପୁର,୨୭।୧୦(ପି.ଟି.)**

ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଛତିଶଗଡ଼ରେ ଶନିବାର ମାଓବାଦୀମାନେ ଘଟାଇଛନ୍ତି ଲାଲ୍ ତାଣ୍ଡବ। ବିଜାପୁର ଜିଲାର ଅୱାପଲ୍ଲୀ ଥାନା ଅନ୍ତର୍ଗତ ମୁର୍ଦାଣ୍ଡ ନିକଟରେ ଅପରାହ୍ନରେ ମାଓବାଦୀମାନେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି ଏକ ମାଇନ୍ ପ୍ରୋଟେକ୍ଟେଡ୍ ଭେହିକଲ୍ (ଏମ୍‌ପିଭି) ଉଡ଼ାଇଦେଇଛନ୍ତି। ଏଥିରେ ସିଆର୍‌ପିଏଫ୍‌ର ୪ ଯବାନ ଶହୀଦ ହୋଇଛନ୍ତି। ଅନ୍ୟ ଦୁଇ ଯବାନ ମଧ୍ୟ ଆହତ ହୋଇଥିବା ପୋଲିସ ସୂଚନା ଦେଇଛି। ଶହୀଦଙ୍କ ମଧ୍ୟରେ ଓଡ଼ିଶାର ଜଣେ ଯବାନ ଅଛନ୍ତି। ସେ ହେଲେ କେନ୍ଦୁଝର ଜିଲା ଘସିପୁରା ବ୍ଲକ ବାସିନ୍ଦା ବ୍ରଜମୋହନ ବେହେରା।

ଅପରାହ୍ନ ପାଖାପାଖି ୪ଟା। ମୁର୍ଦାଣ୍ଡସ୍ଥିତ ସିଆର୍‌ପିଏଫ୍ ଶିବିର ନିକଟରେ ଘଟିଥିଲା ବଡ଼ଧରଣର ବିସ୍ଫୋରଣ। ୧୬୮ତମ ବାଟାଲିୟନ୍‌ର ଯବାନମାନେ ଏକ ସ୍ୱତନ୍ତ୍ର ଅପରେଶନ ପାଇଁ ବାହାରକୁ ☞ପୃଷ୍ଠା-୪

## ■ ଦାୟିତ୍ୱହୀନତାର ପରିଣତି
# ବିଦ୍ୟୁତ୍ ନେଲା ୭ ହାତୀ ଜୀବନ

**ଓଡ଼ାପଡ଼ା, ୨୭।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ସଦର ବନାଞ୍ଚଳ କମଳାଙ୍ଗ ଗ୍ରାମ ନିକଟରେ ଶନିବାର ଭୋର୍‌ରେ ଅଭାବନୀୟ ଘଟଣା ଘଟିଛି। ଏକ ବେସରକାରୀ ନିର୍ମାଣକାରୀ ସଂସ୍ଥାକୁ ଟଣାଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୭ ହାତୀଙ୍କ ଜୀବନ ଯାଇଛି। ଉକ୍ତ ତାର ଭୂମିଠାରୁ ମାତ୍ର ୫ଫୁଟ ଉଚ୍ଚତାରେ ଓହଳି ରହିଥିଲା। ଏଥିରେ ଛନ୍ଦିହୋଇ ହାତୀପଲ ପ୍ରାଣ ହରାଇଛନ୍ତି। ଗତିପଥ ବଦଳାଇଥିବାରୁ ୧୩ ହାତୀ ଏଥିରୁ ଅଳ୍ପକେ ରକ୍ଷା ପାଇଯାଇଥିବା ଜଣାପଡ଼ିଛି। ମୃତ ହାତୀଙ୍କ ମଧ୍ୟରେ ୫ମାଈ, ଗୋଟିଏ ଅଣ୍ଡିରା ଏବଂ ଗୋଟିଏ ଶାବକ ଅଛି। ଛୁଆ ହାତୀକୁ ବାଦ୍ ଦେଲେ ଅନ୍ୟମାନଙ୍କ ଆନୁମାନିକ ବୟସ ୧୩ରୁ ୧୫ବର୍ଷ ମଧ୍ୟରେ ହେବ। ଏପରି ଗଣହାତୀ ମୃତ୍ୟୁ ରାଜ୍ୟରେ ପ୍ରଥମ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହାକୁ ନେଇ ପରିବେଶବିତ୍‌ମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, ଭୂମିଠାରୁ ୧୭ ଫୁଟ ଉଚ୍ଚତାରେ ୧୧ କେଭି ତାର ଟଣାଯିବା କଥା। ହେଲେ ହାତୀଙ୍କ ମୃତ୍ୟୁ ସ୍ଥାନରେ ଏହି ତାରର ଉଚ୍ଚତା ମାତ୍ର ୫ ଫୁଟ ରହିବା ବନ ବିଭାଗ ଓ ସେସୁ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାର ପରିଚାୟକ। ମିଳିମିଶି ଦୁଇ ବିଭାଗ ଏତେସଂଖ୍ୟକ ହାତୀକୁ ମାରିଦେଲେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ☞ପୃଷ୍ଠା-୪



କମଳାଙ୍ଗ ଗାଁର ବିଲ ମଝି ନାଳରେ ହାତୀଙ୍କ ମୃତଦେହ ପଡ଼ିରହିଛି।

(ସ୍ୱତନ୍ତ୍ର: ପୃଷ୍ଠା-୯)

**ମିଳିମିଶି ମାରିଦେଲେ**

- ■ ୫ ଫୁଟରେ ଓହଳିଥିଲା ୧୧କେଭି ତାର
- ■ ଗର୍ଜନରେ ଥରିଲା କମଳାଙ୍ଗ ଅଞ୍ଚଳ
- ■ ଗତିପଥ ବଦଳାଇଥିବାରୁ ବର୍ତ୍ତିଗଲେ ୧୩
- ■ ଏକସଙ୍ଗେ ଏଭଳି ମୃତ୍ୟୁ ରାଜ୍ୟରେ ପ୍ରଥମ
- ■ ସେସୁ ହିଁ ଦାୟୀ: ପରିବେଶ ମନ୍ତ୍ରୀ
- ■ ତଦନ୍ତ ଲାଗି ଗଠନ ହେଲା କମିଟି
- ■ ୪ ହାତୀଙ୍କ ମୃତଦେହ ବ୍ୟବଚ୍ଛେଦ
- ■ ୭ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**





ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଭିନ୍ନମତ ପ୍ରତି ଅସହିଷ୍ଣୁତା

**ଆଜିର ମନ୍ତବ୍ୟ**

" ଆତଙ୍କବାଦ ନିରୋଧୀ ଲଢ଼େଇରେ ସରକାରଙ୍କ ସହ ଛିଡ଼ା ହୁଅନ୍ତୁ କଶ୍ମୀରୀ ।

–ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ

**କିଛି ତଥ୍ୟ**

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରୁ ୩୮ ବିଲିୟନ ଡଲାରର କୃଷିଜାତ ସାମଗ୍ରୀ ରପ୍ତାନି ହୋଇଛି।

– କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନି ଉନ୍ନତୀକରଣ କର୍ତ୍ତୃପକ୍ଷ

# ଆଇନଜୀବୀ ସଂଘରେ ଫାଟ

**କଟକ ଅଫିସ, ୨୭।୧୦**

- ■ ଆନ୍ଦୋଳନରୁ ଓହରିଲେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସଦସ୍ୟ
- ■ ବାର୍ ଆସୋସିଏଶନ ଉପସଭାପତିଙ୍କ ଇସ୍ତଫା

ଆଇନଜୀବୀ ସଂଘରେ ପଶିଛି ରାଜନୀତି। ଏକଜୁଟ ହୋଇ ପାଖାପାଖି ୨ମାସ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବା ହାଇକୋର୍ଟ ବାର ଆସୋସିଏଶନରେ ସୃଷ୍ଟି ହୋଇଛି ଫାଟ। କାରଣ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରି ଯାଇଛନ୍ତି ବିଜେଡି ଆଇନଜୀବୀ ସାମ୍ମୁଖ୍ୟରେ ସାମିଲ ଥିବା ହାଇକୋର୍ଟର ବହୁ ଆଇନଜୀବୀ। ସେହିପରି ଓଡ଼ିଶା ହାଇକୋର୍ଟ ବାର ଉପସଭାପତି ପଦରୁ ଶନିବାର ଇସ୍ତଫା ଦେଇଛନ୍ତି ଆଡଭୋକେଟ ବଂଶୀଧର ଶତପଥୀ।

ସୂଚନାଥାଉକି, ଗତ ଶୁକ୍ରବାର ହାଇକୋର୍ଟ ବାର ଆସୋସିଏଶନର ସାଧାରଣ ପରିଷଦ ବୈଠକ ବସିଥିଲା। ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ଅକ୍ଟୋବର ୩୦ ପର୍ଯ୍ୟନ୍ତ ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ବଳବତ୍ତର ରହିବ। ୩୦ ତାରିଖ ମଧ୍ୟରେ ସରକାର ☞ପୃଷ୍ଠା-୪

## ସଞ୍ଜୟ ମିଶ୍ର ଇଡିର ଅନ୍ତରୀଣ ମୁଖ୍ୟ

**ନୂଆଦିଲ୍ଲୀ,୨୭।୧୦**

କେନ୍ଦ୍ର ସରକାର ଭାରତୀୟ ରାଜସ୍ୱ ସେବା(ଆଇଆର୍‌ଏସ୍)ର ବରିଷ୍ଠ ଅଧିକାରୀ ସଞ୍ଜୟ କୁମାର ମିଶ୍ରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଅନ୍ତରୀଣ ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିଯୁକ୍ତି କମିଟି ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ସେ ଏହି ପଦରେ ଅତିରିକ୍ତ ଭାବେ ଦାୟିତ୍ୱ ତୁଲାଇବେ। ଆସନ୍ତା ୩ ମାସ ପାଇଁ ଅଥବା ନୂଆ ଇଡି ମୁଖ୍ୟ ନିଯୁକ୍ତ ହେବା ପର୍ଯ୍ୟନ୍ତ ସେ ଏହି ନୂତନ ଦାୟିତ୍ୱରେ ରହିବେ। ରବିବାର କରନେଲ ସିଂ ଇଡି ମୁଖ୍ୟ ଭାବେ ଅବସର ଗ୍ରହଣ କରିବେ। ସଞ୍ଜୟ ବର୍ତ୍ତମାନ ଆୟକର ବିଭାଗରେ କାର୍ଯ୍ୟ କରୁଛନ୍ତି। କରନେଲ ସିଂ ଆଇପିଏସ୍ ଅଧିକାରୀ ଥିବା ବେଳେ ତାଙ୍କ ପୂର୍ବରୁ ନିର୍ଦ୍ଦେଶକ ଭାବେ ଆଇଏଏସ୍ ଅଧିକାରୀ ରାଜୀବ କଟୋଚ ଉକ୍ତ ଦାୟିତ୍ୱ ☞ପୃଷ୍ଠା-୪






**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in : Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE | 27.10.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 76 | 127 | 137 |
| CTC | 76 | 127 | 137 |
| DKL | 76 | 127 | 137 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers




ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୮ ଅକ୍ଟୋବର, ୨୦୧୮

“୨୦୧୯ରେ କଂଗ୍ରେସ କ୍ଷମତାକୁ ଆସିଲେ ୱାନ୍ ର୍ୟାଙ୍କ ୱାନ୍ ପେନ୍‌ସନ୍ (ଓଆର୍‌ଓପି) ଲାଗୁ କରିବାକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବୁ ।

- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ





## ସଂକ୍ଷେପରେ

### ଆଇଏସ୍‌ଆଇ ଏଜେଣ୍ଟ ଗିରଫ

**ଲକ୍ଷ୍ନୌ,୨୭।୧୦(ଆଇଏଏନ୍‌ଏସ୍):** ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲାରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ଜଣେ ଏଜେଣ୍ଟ ଧରାପଡ଼ିଛନ୍ତି। ତାଙ୍କ ନାମ ଜାହିଦ। ଆଇଏସ୍‌ଆଇ ପାଇଁ ସେ କାର୍ଯ୍ୟ କରୁଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଥିବା ଶନିବାର ପୋଲିସ ପକ୍ଷରୁ କୁହାଯାଇଛି। ତାଙ୍କ ନିକଟରୁ ମାନଚିତ୍ର ଏବଂ କେତେକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରାଯାଇଛି। ଗିରଫ ହେବା ପରେ ତାଙ୍କୁ ଜେରା କରାଯାଉଛି ବୋଲି ବୁଲନ୍ଦସହର ଏସ୍‌ପି ପ୍ରବୀଣ ରଞ୍ଜନ କହିଛନ୍ତି।

### ମଦନଲାଲ ଖୁରାନାଙ୍କ ପରଲୋକ

**ନୂଆଦିଲ୍ଲୀ,୨୭।୧୦(ପି.ଟି.):** ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ମଦନଲାଲ ଖୁରାନାଙ୍କ ଶନିବାର ପରଲୋକ ହୋଇଛି। ତାଙ୍କୁ ୮୨ ବର୍ଷ ହୋଇଥିଲା। ଦୀର୍ଘଦିନ ଅସୁସ୍ଥ ରହିବା ପରେ କିର୍ତ୍ତିନଗରସ୍ଥିତ ବାସଭବନରେ ସେ ଆଖି ବୁଜିଥିବା ପାରିବାରିକ ସୂତ୍ରରୁ ପ୍ରକାଶ। ଭାଜପାର ଏହି ବରିଷ୍ଠ ନେତା ୧୯୯୩ରୁ ୧୯୯୬ ପର୍ଯ୍ୟନ୍ତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଥିଲେ। ୨୦୦୪ରେ ସେ ରାଜସ୍ଥାନର ରାଜ୍ୟପାଳ ହୋଇଥିଲେ। ସ୍ତ୍ରୀ, ଜଣେ ପୁଅ ଓ ଦୁଇଝିଅଙ୍କୁ ଛାଡ଼ି ଖୁରାନା ଇହଲୀଳା ସମ୍ବରଣ କରିଛନ୍ତି। ଗତମାସରେ ତାଙ୍କର ଜଣେ ପୁଅଙ୍କ ମୃତ୍ୟୁ ହୋଇଥିଲା।

### ଆମେରିକାରେ ଗୁଳିକାଣ୍ଡ: ୮ ନିହତ

**ୱାଶିଂଟନ୍,୨୭।୧୦(ପି.ଟି.):** ଆମେରିକାର ପିଟସ୍‌ବର୍ଗ ସହରରେ ଇହୁଦୀଙ୍କ ଧର୍ମୀୟ ସମ୍ମିଳନୀକୁ ଟାର୍ଗେଟ କରି ଶନିବାର ଗୁଳିକାଣ୍ଡ ଘଟିଛି। ଜଣେ ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳିମାଡ଼ରେ ୮ ଜଣ ନିହତ ହୋଇଛନ୍ତି। ଏହି ଘଟଣାରେ ୩ ପୋଲିସ କର୍ମଚାରୀଙ୍କ ସମେତ ଅନେକେ ମଧ୍ୟ ଆହତ ହୋଇଛନ୍ତି। ବନ୍ଧୁକଧାରୀ ରବର୍ଟ ବୱର୍ସ (୪୬) ପୋଲିସ ହାତରେ ଧରାପଡ଼ିଛନ୍ତି।

### ସାବରିମାଳା ବିବାଦ ସ୍ୱାମୀ ସନ୍ଦୀପାନନ୍ଦଙ୍କ ଆଶ୍ରମ ଜାଳିଲେ ଦୁର୍ବୃତ୍ତ

**ଥିରୁଭାନନ୍ତପୁରମ,୨୭।୧୦(ପି.ଟି.):** କେରଳର ପ୍ରସିଦ୍ଧ ସାବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ନେଇ ଆରମ୍ଭ ହୋଇଥିବା ବିରୋଧ ଏବେ ଉଗ୍ରରୂପ ଧାରଣ କରିଛି। ସୁପ୍ରିମକୋର୍ଟଙ୍କ ରାୟକୁ ସମର୍ଥନ କରିଥିବା ସ୍ୱାମୀ ସନ୍ଦୀପାନନ୍ଦ ଗିରିଙ୍କ ଆଶ୍ରମରେ ଶୁକ୍ରବାର ରାତି ୨ଟା ସମୟରେ ଆକ୍ରମଣ ହୋଇଛି। ଏଥିରେ ଆଶ୍ରମରେ ଥିବା ଦୁଇଟି କାର ଏବଂ ସ୍କୁଟରକୁ ଆକ୍ରମଣକାରୀମାନେ ପୋଡି ଦେଇଛନ୍ତି। ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ୍ ନିନ୍ଦାକରିବା ସହ ଆଶ୍ରମ ପରିଦର୍ଶନ କରିଥିଲେ। ସେ କହିଛନ୍ତି, ଆକ୍ରମଣକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ୱାମୀ ସନ୍ଦୀପାନନ୍ଦ ଧର୍ମନିରପେକ୍ଷ ଏବଂ ଧାର୍ମିକ ସ୍ଥାନକୁ ନେଇ ହେଉଥିବା ରାଜନୀତିର ବଡ଼ ସମାଲୋଚକ। ଏହି ଘଟଣା ପାଇଁ ରାଜ୍ୟ ସରକାର ଆରଏସ୍‌ଏସ୍‌କୁ ଦାୟୀ କରିଛନ୍ତି। ଅନ୍ୟପକ୍ଷେ ସାବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ନେଇ ବିରୋଧ କରୁଥିବା ଆୟାପ୍ପା ଭକ୍ତଙ୍କୁ ଭାଜପା ଅଧ୍ୟକ୍ଷ ଅମିତ ଶାହା ସମର୍ଥନ କରିଛନ୍ତି।

# ଶ୍ରୀଲଙ୍କାରେ ରାଜନୈତିକ ସଙ୍କଟ

**କଲମ୍ବୋ,୨୭।୧୦(ପି.ଟି.)**



ମୈତ୍ରିପାଳ ସିରିସେନା



ମହିନ୍ଦ୍ରା ରାଜପାକ୍ସେ



ରାନିଲ ୱିକ୍ରମସିଂହେ

### ଦ୍ୱୀପରାଷ୍ଟ୍ରରେ ହାଇଡ୍ରାମା

- ବହିଷ୍କୃତ ପ୍ରଧାନମନ୍ତ୍ରୀ ୱିକ୍ରମ୍‌ସିଂହେ ଶକ୍ତିପରୀକ୍ଷା ପାଇଁ ପ୍ରସ୍ତୁତ
- ସ୍ୱତନ୍ତ୍ର ଅଧିବେଶନ ଡକାଇବାକୁ ବାଚସ୍ପତିଙ୍କ ନିକଟରେ ଦାବି
- ପାର୍ଲାମେଣ୍ଟକୁ ୧୬ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖିଲେ ସିରିସେନା
- ସଂଖ୍ୟାଗରିଷ୍ଠତା ପ୍ରମାଣ ପାଇଁ ରାଜପାକ୍ସେ ଦେଖାଇଲେ ଦମ୍ଭ
- ସମ୍ବିଧାନ ନୀତି ପାଳନ ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକର ପରାମର୍ଶ

ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କାରେ ଅଚାନକ୍ ଶାସନକାଳ ପରିବର୍ତ୍ତନ ହୋଇଛି। ରାନିଲ ୱିକ୍ରମସିଂହେଙ୍କୁ ଗାଦିଚ୍ୟୁତ କରି ତାଙ୍କ ସ୍ଥାନରେ ପୂର୍ବତନ ରାଷ୍ଟ୍ରପତି ମହିନ୍ଦ୍ରା ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ କରାଯାଇଛି। ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ନୂଆ ପ୍ରଧାନମନ୍ତ୍ରୀଙ୍କୁ ଶପଥପାଠ କରାଇବା ପରେ ଦେଶରେ ବଡ଼ଧରଣର ରାଜନୈତିକ ସଙ୍କଟ ସୃଷ୍ଟିହୋଇଛି। କିନ୍ତୁ ବଦଳିଥିବା ରାଜନୀତି ଚିତ୍ରକୁ ହଜମ କରିପାରୁନାହାନ୍ତି ୱିକ୍ରମସିଂହେ। ପାର୍ଲାମେଣ୍ଟରେ ସେ ଶକ୍ତିପରୀକ୍ଷା ଦେବାକୁ ପ୍ରସ୍ତୁତ ଥିବାରୁ ସ୍ୱତନ୍ତ୍ର ଅଧିବେଶନ ଡକାଯାଉ ବୋଲି ସେ ଆହ୍ୱାନ ଦେଇଛନ୍ତି। ତାଙ୍କର ଏହି ଚ୍ୟାଲେଞ୍ଜ ପରେ ଶନିବାର ସିରିସେନା ନଭେମ୍ବର ୧୬ ପର୍ଯ୍ୟନ୍ତ ପାର୍ଲାମେଣ୍ଟ ମୁଲତବୀ ଘୋଷଣା କରିଛନ୍ତି। ତେବେ ରାଜନୈତିକ ହିଂସାରୁ ଦୂରରେ ରହି ସମ୍ବିଧାନ ନୀତିକୁ ପାଳନ କରିବା ପାଇଁ ଶ୍ରୀଲଙ୍କାର ଦଳଗୁଡ଼ିକୁ ଆମେରିକା, ବ୍ରିଟେନ ଏବଂ ୟୁରୋପୀୟ ସଂଘ ପରାମର୍ଶ ଦେଇଛନ୍ତି।

ଶ୍ରୀଲଙ୍କାରେ ଶାସକ ମେଣ୍ଟରେ ପ୍ରଭୁତ୍ୱ ବିସ୍ତାର ଲାଗି ବଳ କଷାକଷି ହେବାରୁ ଆରମ୍ଭ ହୋଇଛି ଅଦିନିଆ ସଙ୍କଟ। ୱିକ୍ରମସିଂହେଙ୍କ ୟୁନାଇଟେଡ୍ ନ୍ୟାଶନାଲ ପାର୍ଟି (ୟୁଏନ୍‌ପି) ନେତୃତ୍ୱାଧୀନ ଏକତା ସରକାରରୁ ସିରିସେନାଙ୍କ ବୃହତ୍ ରାଜନୈତିକ ମେଣ୍ଟ ୟୁନାଇଟେଡ୍ ପିପୁଲ୍ସ ଫ୍ରିଡମ୍ ଆଲାଏନ୍ସ (ୟୁପିଏଫ୍‌ଏ) ଓହରିଯିବା ପରେ ଏହା ଚରମ ସୀମା ଟପିଛି। ଶୁକ୍ରବାର ଦୁଇଟି ଗେଜେଟ ନୋଟିସ ଜାରିକରି ପୂର୍ବତନ ସହଯୋଗୀ ୱିକ୍ରମ୍‌ସିଂହେଙ୍କୁ ଶାସନ କ୍ଷମତାରୁ ହଟାଇଦେଇଛନ୍ତି ରାଷ୍ଟ୍ରପତି ସିରିସେନା। ଏଥିସହିତ ପୂର୍ବତନ ବାହୁବଳୀ ନେତା ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ ଆସନରେ ବସାଇଦେଇଛନ୍ତି। ସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ୨୨୫ ଆସନ ବିଶିଷ୍ଟ ଶ୍ରୀଲଙ୍କା ପାର୍ଲାମେଣ୍ଟରେ ରାଜପାକ୍ସେ ଏବଂ ସିରିସେନାଙ୍କ ଦଳର ୯୫ ସଦସ୍ୟ ଅଛନ୍ତି। ଅନ୍ୟପଟେ ୱିକ୍ରମ୍‌ସିଂହେଙ୍କ ଦଳ ୟୁଏନ୍‌ପିର ୧୦୬ ସଦସ୍ୟ ଅଛନ୍ତି। ଅଧିକ ଆସନ ଥାଇ ସୁଦ୍ଧା ସଂଖ୍ୟାଗରିଷ୍ଠ ସଦସ୍ୟ ନ ଥିବାରୁ ୱିକ୍ରମ୍‌ସିଂହେଙ୍କ ଗାଦି ଚାଲିଯାଇଛି। ତଥାପି ସେ ଶକ୍ତିପରୀକ୍ଷା ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି। ପାର୍ଲାମେଣ୍ଟରେ ଜରୁରିକାଳୀନ ଅଧିବେଶନ ଡକାଇବା ଲାଗି ଶନିବାର ସେ ବାଚସ୍ପତି କାରୁ ଜୟାସୁରିୟାଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଏତିକିବେଳେ ସିରିସେନା ଗୋଟିଚାଳନା କରି ସବୁକିଛି ଏପଟସେପଟ କରିଦେଇଛନ୍ତି। ୭୨ ବର୍ଷୀୟ ରାଜପାକ୍ସେଙ୍କୁ ସମର୍ଥନ ଯୋଗାଡ଼ ଲାଗି ସମୟ ଦେବା ପାଇଁ ରାଷ୍ଟ୍ରପତି ପାର୍ଲାମେଣ୍ଟକୁ ଆସନ୍ତା ୧୬ ତାରିଖ ଯାଏ ମୁଲତବୀ ଘୋଷଣା କରିଦେଇଛନ୍ତି। ୨୦୧୯ ବାର୍ଷିକ ବଜେଟ ଲାଗି ନଭେମ୍ବର ୫ରେ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହେବାର ଥିଲା।

ରାଜପାକ୍ସେଙ୍କ ଶପଥଗ୍ରହଣ ବେଆଇନ ଏବଂ ଅସାମ୍ବିଧାନିକ ବୋଲି କହିଛନ୍ତି ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ୱିକ୍ରମସିଂହେ। ଦଳୀୟ ନେତାଙ୍କ ସହ ମିଶି ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଜାଣିଶୁଣି ଦେଶରେ ଏଭଳି ସଙ୍କଟ ସୃଷ୍ଟି କରାଯାଇଛି। ଏସବୁ ଘଟାଇବା ଆବଶ୍ୟକ ନ ଥିଲା। ନାନାଦି ସମସ୍ୟା ଦେଇ ଗତି କରୁଥିବାବେଳେ ଲୋକମାନଙ୍କୁ ଏଭଳି ରାଜନୈତିକ ସଙ୍କଟ ଦ୍ୱାରା ହନ୍ତସନ୍ତ କରିବା ଅନୁଚିତ। ପାର୍ଲାମେଣ୍ଟ ଅଧିବେଶନ ଡକାଇ ଆସ୍ଥାଭୋଟ କରାଗଲେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ୱିକ୍ରମ୍‌ସିଂହେ କହିଛନ୍ତି।

ତେବେ ରାଜପାକ୍ସେ ଅବା ୱିକ୍ରମସିଂହେ ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ପଦରେ ରହିବେ, ସେ ନିଷ୍ପତ୍ତି ଦେବେ ବାଚସ୍ପତି ଜୟାସୁରିୟା। ତେବେ ରାଜପାକ୍ସେଙ୍କ ନେତୃତ୍ୱାଧୀନ ମିଳିତ ବିରୋଧୀ ଗୋଷ୍ଠୀଙ୍କ ଦୃଢ଼ ଦାବି ହେଉଛି ତାଙ୍କ ନେତା ହିଁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବେ। ଏତିକିବେଳେ ଶ୍ରୀଲଙ୍କା ମୁସଲିମ୍ କଂଗ୍ରେସ ନେତା ରୌଫ୍ ହାକିମ୍ କହିଛନ୍ତି ଯେ, ତାଙ୍କ ଦଳ ୱିକ୍ରମସିଂହେଙ୍କୁ ସମର୍ଥନ ଦେବ। ସଂଖ୍ୟାଲଘୁ ତାମିଲ ଏବଂ ମୁସ୍‌ଲିମ୍ ଦଳଗୁଡ଼ିକର ନେତା ମନୁ ଗଣେଶନ୍, ପାଲାନିଦିଗମ୍ବରମ୍ ଏବଂ ରିଶାତ୍ ବାଥିୟୁଥିନ୍ ମଧ୍ୟ ବହିଷ୍କୃତ ପ୍ରଧାନମନ୍ତ୍ରୀଙ୍କ ସପକ୍ଷରେ ବାହାରିପଡ଼ିଛନ୍ତି। ୱିକ୍ରମସିଂହେଙ୍କୁ ସିରିସେନା ବହିଷ୍କାର କରିବା ବେଆଇନ ଏବଂ ଅସାମ୍ବିଧାନିକ ନିଷ୍ପତ୍ତି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ରାଜପାକ୍ସେ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ଏକାଧିକ ଦୁର୍ନୀତି ମାମଲା ରହିଛି। ଏସବୁ ସତ୍ତ୍ୱେ ସିରିସେନା ତାଙ୍କ ହାତରେ କ୍ଷମତା ହସ୍ତାନ୍ତର କରିବା ଅଗ୍ରହଣୀୟ ବୋଲି ଅନେକେ କହିଛନ୍ତି।

ଗତ ଏପ୍ରିଲରେ ମଧ୍ୟ ସିରିସେନା ଏବଂ ରାଜପାକ୍ସେ ଚକ୍ରାନ୍ତ କରି ୱିକ୍ରମସିଂହେଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। କିନ୍ତୁ ସଫଳତାର ସହ ଏହି ପରୀକ୍ଷାରେ ସେ ପାସ୍ ହୋଇଯାଇଥିଲେ। ଆଉ ପାଦେ ଯାଇ ସିରିସେନା ତାଙ୍କୁ ବହିଷ୍କାର କରିଥିବାରୁ ଶ୍ରୀଲଙ୍କାର ରାଜନୈତିକ ସ୍ଥିତି ଉପରେ ଏବେ ସମଗ୍ର ବିଶ୍ୱର ନଜର। ଆମେରିକା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲାଣ୍ଡ ଏବଂ ରୋମାନିଆ ଶ୍ରୀଲଙ୍କା ସଙ୍କଟକୁ ଅନୁଧ୍ୟାନ କରୁଛନ୍ତି। ତେବେ ରାଜନୈତିକ ବଳ କଷାକଷି ଛାଡ଼ି ସମ୍ବିଧାନ ନୀତି ଅନୁଯାୟୀ ଶାସନ ବ୍ୟବସ୍ଥା ପରିଚାଳନା କରାଯାଉ ବୋଲି ବିଦେଶୀ ରାଷ୍ଟ୍ରଗୁଡ଼ିକ ଦ୍ୱୀପରାଷ୍ଟ୍ରକୁ ପରାମର୍ଶ ଦେଇଛନ୍ତି।

# କଂଗ୍ରେସକୁ ଫେରିଲେ ତାରିକ୍ ଅନ୍‌ୱର

**ନୂଆଦିଲ୍ଲୀ,୨୭।୧୦(ଆଇଏଏନ୍‌ଏସ୍)**

ଅସନ୍ତୋଷ ବ୍ୟକ୍ତକରି ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି)ରୁ ଇସ୍ତଫା ଦେବାର ମାସକ ପରେ କଂଗ୍ରେସରେ ଯୋଗଦେଇଛନ୍ତି ତାରିକ୍ ଅନୱର। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିବା ପରେ ଶନିବାର ବିଧିବଦ୍ଧ ଭାବେ ସେ ଏହି ଦଳର ସଦସ୍ୟ ହୋଇଛନ୍ତି। ବିଭିନ୍ନ ରାଜ୍ୟରେ ଦଳୀୟ ନେତାମାନେ ମୁହଁ ଫେରାଇ ନେଉଥିବାବେଳେ ୧୯ ବର୍ଷ ପରେ ଅନ୍‌ୱର ପୁଣି କଂଗ୍ରେସକୁ ଫେରିଥିବାରୁ ଦଳ ଭିତରେ ଉତ୍ସାହର ଦେଖିବାକୁ ମିଳିଛି।

ଅନ୍‌ୱର ପୂର୍ବରୁ କଂଗ୍ରେସର ସଦସ୍ୟ ଥିଲେ। ପାଖାପାଖି ଦୁଇଦଶନ୍ଧି ପୂର୍ବେ ସୋନିଆ ଗାନ୍ଧୀଙ୍କୁ କଂଗ୍ରେସ ମୁଖ୍ୟ ଭାବେ ନିଯୁକ୍ତ କରାଯିବାରୁ ଅନ୍ୟ କେତେଜଣ ନେତାଙ୍କ ସହ ମିଶି ସେ ମଧ୍ୟ ଇସ୍ତଫା ଦେଇଥିଲେ। ୧୯୯୯ରେ ଅନ୍‌ୱର କଂଗ୍ରେସ ଛାଡ଼ି ଶରଦ ପାୱାରଙ୍କ ଦଳ ଏନ୍‌ସିପିରେ ଯୋଗଦେଇଥିଲେ। ତେବେ ରାଫାଲ୍ ଚୁକ୍ତି ବିବାଦକୁ ନେଇ ନିକଟରେ ପାୱାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଲିନ୍‌ଚିଟ୍ ଦେବାରୁ ସେ ଅସନ୍ତୋଷ ବ୍ୟକ୍ତକରିବା ସହ ସେପ୍ଟେମ୍ବର ୨୮ରେ ଏନ୍‌ସିପି ସହ ସମ୍ପର୍କ ତୁଟାଇଦେଲେ। ଏବେ ସେ ପୁଣି କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କଂଗ୍ରେସ ପରିବାରକୁ ତାଙ୍କୁ ସ୍ୱାଗତ ଜଣାଇଛନ୍ତି ରାହୁଲ। ଦିଲ୍ଲୀର ତୁଗ୍‌ଲକ ଲେନ୍‌ସ୍ଥିତ ରାହୁଲଙ୍କ ବାସଭବନରେ ଉଭୟ ନେତା ମଧ୍ୟରେ ବୈଠକ ହେବା ପରେ ବିଧିବଦ୍ଧ ଘୋଷଣା ହୋଇଥିଲା।

### ସାମିଲ ହେଲେ ଟିଆର୍‌ଏସ୍‌ର ୨ ବରିଷ୍ଠ ନେତା



ରାହୁଲ ଏବଂ ଅନ୍‌ୱର କରମର୍ଦ୍ଦନ କରୁଥିବା ବେଳର ଏକ ଫଟୋ କଂଗ୍ରେସର ଟୁଇଟର ଆକାଉଣ୍ଟରେ ପୋଷ୍ଟ ହୋଇଛି।

ଅନ୍ୟପଟେ ତେଲେଙ୍ଗାନାରେ ମଧ୍ୟ କଂଗ୍ରେସ ପାଇଁ ଉତ୍ସାହଜନକ ଘଟଣା ଘଟିଛି। ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ରାଜ୍ୟର ଦୁଇ ବରିଷ୍ଠ ଟିଆର୍‌ଏସ୍ ନେତା ଶନିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ସେମାନେ ହେଲେ ତେଲଙ୍ଗାନା ରାଜ୍ୟ ପରିବହନ ବିକାଶ ନିଗମ ଅଧ୍ୟକ୍ଷ ଟି. ନାର୍ସା ରେଡ୍ଡୀ ଏବଂ ତେଲେଙ୍ଗାନା ବିଧାନ ପରିଷଦ ସଦସ୍ୟ ଏସ୍. ରାମୁଲୁ ନାଏକ। ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲଙ୍କ ଉପସ୍ଥିତିରେ ସେମାନେ କଂଗ୍ରେସରେ ସାମିଲ ହୋଇଛନ୍ତି। ଟିଆର୍‌ଏସ୍ ନେତା ତଥା ରାଜ୍ୟ ସଭା ସଦସ୍ୟ ଡି. ଶ୍ରୀନିବାସ ଶନିବାର ରାହୁଲଙ୍କୁ ଭେଟି କଂଗ୍ରେସରେ ଯୋଗଦେବାକୁ ଚାହୁଁଥିବା ଇଚ୍ଛାବ୍ୟକ୍ତ କରିଛନ୍ତି।

# ସିଆଇଏସ୍‌ଏଫ୍ ଯବାନ ଶହୀଦ

**ଶ୍ରୀନଗର,୨୭।୧୦(ପି.ଟି.)**

ଜମ୍ମୁ-କଶ୍ମୀରର ବଡଗାମ୍ ଜିଲାରେ ଆତଙ୍କବାଦୀମାନେ ଆକ୍ରମଣ ଘଟାଇଛନ୍ତି। ଏଥିରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍)ର ଜଣେ ଯବାନ ଶହୀଦ ହୋଇଛନ୍ତି। ଶନିବାର ଏହି ଘଟଣା ସମ୍ପର୍କରେ ପୋଲିସ ସୂଚନା ଦେଇଛି। ଖବର ମୁତାବକ ଶୁକ୍ରବାର ବିଳମ୍ବିତ ରାତିରେ ଜିଲାର ୱାଗୁରା ଗ୍ରୀଡ୍ ଷ୍ଟେଶନ ନିକଟରେ ଆତଙ୍କବାଦୀ ସୁରକ୍ଷାବଳକୁ ଟାର୍ଗେଟ କରି ଗୁଳିମାଡ଼ କରିଥିଲେ। ସିଆଇଏସ୍‌ଏଫ୍‌ର ଏଏସ୍‌ଆଇ ରାଜେନ୍ଦ୍ର ପ୍ରସାଦଙ୍କ ଦେହରେ ଗୁଳିମାଡ଼ ହୋଇଥିଲା। ହସ୍ପିଟାଲରେ ସେ ଆଖିବୁଜିଛନ୍ତି। ଗୁଳିମାଡ଼ ପରେ ଉକ୍ତ ଅଞ୍ଚଳକୁ ସୁରକ୍ଷାକର୍ମୀମାନେ ଘେରାବନ୍ଦୀ କରି ତଲାସି ଚଳାଇଛନ୍ତି।

## ଫୁର୍‌ସତ

### ସମଲିଙ୍ଗୀ ପରେଡ



**ତାଇପେଇ:** ତାଇୱାନ୍‌ରେ ଏଲ୍‌ଜିବିଟି ଅଧିକାର ନେଇ ଆସନ୍ତା ମାସରେ ଭୋଟ ହେବାକୁ ଯାଉଥିବା ବେଳେ ଗଣମତ ସଂଗ୍ରହ ଲକ୍ଷ୍ୟରେ ଶନିବାର ଏଠାରେ ସମଲିଙ୍ଗୀଙ୍କର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୧୦ ହଜାର ସମଲିଙ୍ଗୀ ଅଂଶଗ୍ରହଣ କରିଥିଲେ। ଏହାକୁ ଏସିଆ ମହାଦେଶର ବୃହତ୍ ପରେଡ୍ ବୋଲି ଅଭିହିତ କରାଯାଇଛି। ୨୦୧୭ ମେ ମାସରେ ତାଇୱାନ୍‌ର ସର୍ବୋଚ୍ଚ ଅଦାଲତ ସମଲିଙ୍ଗୀ ବିବାହକୁ ଆଇନସମ୍ମତ କରିଥିଲେ। ଏହା କରିବାରେ ତାଇୱାନ୍ ହେଉଛି ଏସିଆ ମହାଦେଶରେ ପ୍ରଥମ ଦେଶ। ଆସନ୍ତା ଦୁଇବର୍ଷ ମଧ୍ୟରେ ଏହି ଆଇନ କାର୍ଯ୍ୟକାରୀ ହେବାକୁ ଯାଉଛି। କିନ୍ତୁ ଏହାକୁ ନେଇ ତାଇୱାନ୍‌ରେ ବିରୋଧ ଦେଖାଦେଇଛି। ସମଲିଙ୍ଗୀ ବିବାହକୁ ଅନୁମତି ଦେବାଲାଗି ଦେୱାନୀ ଆଇନ ସଂଶୋଧନ ବିରୋଧରେ ସମଲିଙ୍ଗୀ ଅଧିକାର ବିରୋଧୀମାନେ ଗଣମତ ଲୋଡିଛନ୍ତି। ନଭେମ୍ବରରେ ଏଥିପାଇଁ ମଧ୍ୟ ଭୋଟ ନିଆଯିବ। ବିରୋଧୀଙ୍କ କହିବାନୁଯାୟୀ ଜଣେ ପୁରୁଷ ଏବଂ ଜଣେ ମହିଳାଙ୍କୁ ନେଇ ବିବାହ ସଂଜ୍ଞା ନିରୂପଣ କରାଯାଏ। ସେଠାରେ ସମକାମୀ ପୁରୁଷ କିମ୍ବା ସମକାମୀ ମହିଳାଙ୍କ ସ୍ଥାନ ନ ଥାଏ। ଚଳିତବର୍ଷ ଶୋଭାଯାତ୍ରାର ବାର୍ତ୍ତା ଥିଲା-‘ସମଲିଙ୍ଗୀ ଅଧିକାରକୁ ସମର୍ଥନ କରନ୍ତୁ।’

# ବିଶ୍ୱର ସର୍ବବୃହତ୍ ବିମାନବନ୍ଦର

**ଇସ୍ତାନବୁଲ୍:**

ବାର୍ଷିକ ୯୦ ନିୟୁତ ଯାତ୍ରୀ ପରିବହନ କରିବାର କ୍ଷମତା ରଖିଥିବା ବିଶ୍ୱର ସର୍ବବୃହତ୍ ବିମାନବନ୍ଦର ଅକ୍ଟୋବର ୨୯ରେ ଖୋଲିବାକୁ ଯାଉଛି। ଏହି ବିମାନବନ୍ଦରର ବିଶେଷତ୍ୱ ହେଉଛି ସମସ୍ତ ବିମାନ ‘ଗୋଟିଏ ଛାତ ତଳେ’ ରହିବାର ବ୍ୟବସ୍ଥା ହୋଇଛି। ଇସ୍ତାନବୁଲ୍ ନ୍ୟୁ ଏୟାରପୋର୍ଟ ପ୍ରକଳ୍ପର ଅଂଶସ୍ୱରୂପ ପ୍ରଥମ ପର୍ଯ୍ୟାୟରେ ଗଠିତ ଏହି ବିମାନବନ୍ଦର ଦେଇ ବର୍ଷକୁ ୯୦ ନିୟୁତ ଯାତ୍ରୀ ଯାତ୍ରା କରିପାରିବେ। ଏହି ସୁବିଧା ପ୍ରଦାନ କରିବାରେ ଏହା ହେବ ବିଶ୍ୱର ବୃହତ୍ ବିମାନବନ୍ଦର। ଅକ୍ଟୋବର ୨୯ରେ ତୁର୍କିର ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ନୂତନ ଇନ୍‌ଫ୍ରାଷ୍ଟ୍ରକ୍ଚର ଫ୍ୟାସିଲିଟି ଏବଂ ବିମାନ ବନ୍ଦରର



ନାମକରଣ ହେବ। ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୭୫୦ କୋଟି ୟୁରୋ ବ୍ୟୟ ହୋଇଛି। ଏହା ସରକାରୀ-ଘରୋଇ ଭାଗୀଦାରିତାରେ ‘ଆଇଜିଏ’ କମ୍ପାନୀ ଦ୍ୱାରା ନିର୍ମାଣ କରାଯାଇଛି ବୋଲି ଆଇଜିଏର ମୁଖ୍ୟ କାର୍ଯ୍ୟନିର୍ବାହୀ କାଦ୍ରି ସାମସୁନଲୁ ପ୍ରକାଶ କରିଛନ୍ତି। ଆସନ୍ତା ୧୦ବର୍ଷ ମଧ୍ୟରେ ସମସ୍ତ ୪ ପର୍ଯ୍ୟାୟ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଏହା ବାର୍ଷିକ ୨୦୦ ନିୟୁତ ଯାତ୍ରୀ ପରିବହନ କରିବାର କ୍ଷମତା ରଖିବ। ଡିସେମ୍ବର ଶେଷ ସୁଦ୍ଧା ନୂଆ ଟର୍ମିନାଲ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଯାତ୍ରୀମାନେ ୫ଟି ପାୟର ବ୍ଲକ୍, ୭୭ ବୋର୍ଡିଂ ଗେଟ୍ ଏବଂ ୧୪୩ ଏରୋ-ବ୍ରିଜ୍ ବ୍ୟବହାର କରିପାରିବେ।

ନୂତନ ବିମାନବନ୍ଦରଟି ଇସ୍ତାନବୁଲ୍‌ର ୟୁରୋପ ପାର୍ଶ୍ୱରେ କୃଷ୍ଣସାଗର ଉପକୂଳ ନିକଟରେ ଅବସ୍ଥିତ। ଏଥିରେ ୨ଟି ରନ୍‌ୱେ ଥିବାବେଳେ ଏକକାଳୀନ ୧୧୪ଟି ଛୋଟକାଟର ବିମାନ ଆଶ୍ରୟ ନେଇପାରିବେ। ଅନ୍ତର୍ଜାତୀୟ ସ୍ତରରେ ଏହା ବୃହତ୍ ବେସାମରିକ ବିମାନବନ୍ଦରର ସେବା ପ୍ରଦାନ କରିବ। ତୁର୍କିର ସୈନ୍ୟବାହିନୀ ଓ ଯନ୍ତ୍ରପାତି ଯୋଗାଣ ସହିତ ପର୍ଯ୍ୟଟନ ଉଦ୍ୟୋଗକୁ ମଧ୍ୟ ତ୍ୱରାନ୍ୱିତ କରିବ।

### ଇତିହାସର ଆଇନାରେ

### ଅକ୍ଟୋବର ୨୮ର ପ୍ରମୁଖ ଘଟଣା

୧୯୯୫ ଅକ୍ଟୋବର ୨୮ରେ ଆଜରବାଇଜାନ୍‌ର ରାଜଧାନୀ ବାକୁରେ ମେଟ୍ରୋ ଟ୍ରେନ୍‌ରେ ଅଗ୍ନିକାଣ୍ଡ ଯୋଗୁ ୨୮୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୬୫ ଆହତ ହୋଇଥିଲେ।

୨୦୦୭ ଅକ୍ଟୋବର ୨୮ରେ କ୍ରିଷ୍ଟିନା ଫର୍ଣ୍ଣାଣ୍ଡେଜ୍ ଡି କ୍ରିଚନର ଆର୍ଜେଣ୍ଟିନାର ପ୍ରଥମ ମହିଳା ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିଲେ। ଜଷ୍ଟିସିଆଲିଷ୍ଟ ପାର୍ଟିର ସଦସ୍ୟ ୨୦୦୭ ରୁ ୨୦୧୫ ପର୍ଯ୍ୟନ୍ତ ରାଷ୍ଟ୍ରପତି ଥିଲେ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ହୋଇପାରେ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୧ | ୧୭.୪ |
| ଚାନ୍ଦବାଲି | ୩୦.୫ | ୨୦.୪ |
| କଟକ | ୩୦.୦ | ୧୯.୦ |
| ପାରାଦ୍ୱୀପ | ୩୦.୭ | ୨୧.୬ |
| ଭୁବନେଶ୍ୱର | ୩୧.୭ | ୧୯.୪ |
| ଗୋପାଳପୁର | ୩୩.୪ | ୧୯.୮ |
| ପୁରୀ | ୩୧.୬ | ୨୨.୨ |
| ଅନୁଗୋଳ | ୩୦.୭ | ୧୫.୬ |
| ବାରିପଦା | ୨୯.୬ | ୧୭.୨ |
| ଝାରସୁଗୁଡ଼ା | ୩୧.୯ | ୧୫.୦ |
| କେନ୍ଦୁଝର | ୨୮.୩ | ୧୪.୮ |
| ସମ୍ବଲପୁର | ୩୧.୫ | ୧୬.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୨.୧ | ୧୭.୬ |
| ତାଳଚେର | ୩୩.୩ | ୧୭.୦ |
| ଭବାନୀପାଟଣା | ୩୦.୪ | ୧୪.୦ |
| ବଲାଙ୍ଗୀର | ୩୩.୩ | ୧୭.୫ |
| କୋରାପୁଟ | ୨୯.୦ | ୧୨.୬ |
| ଫୁଲବାଣୀ | --- | ୧୦.୦ |
| ଟିଟିଲାଗଡ଼ | --- | ୧୫.୦ |
| ମାଲକାନଗିରି | ୩୩.୦ | --- |
| ସୋନପୁର | ୩୧.୮ | ୧୫.୪ |
| ଦାରିଙ୍ଗିବାଡ଼ି | ୨୭.୪ | ୧୩.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ସତ୍ୟ ଘଟଣା ଉପରେ ଆଧାରିତ ‘ଉରି’

**ନୂଆଦିଲ୍ଲୀ:** ୨୦୧୯ ଜାନୁୟାରୀରେ ‘ଉରି’ ରିଲିଜ୍ ହେବାକୁ ଯାଉଥିବା ବେଳେ ଏହା ଏକ ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଅଭିନେତ୍ରୀ ୟାମୀ ଗୌତମ ପ୍ରକାଶ କରିଛନ୍ତି। ଆଦିତ୍ୟ ଧର୍ ଫିଲ୍ମର କାହାଣୀ ରଚନା କରିବା ସହିତ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଭିକି(କୌଶଲ)ଙ୍କ ସମେତ ସମସ୍ତ କଳାକାର ଏଥିପାଇଁ କଠିନ ପରିଶ୍ରମ କରିଥିବା ସେ କହିଛନ୍ତି।

ଉରି ଏକ ସ୍ୱତନ୍ତ୍ର ଫିଲ୍ମ। ଏହା କେବଳ ମୋ ପାଇଁ ନୁହେଁ, ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ୟାମୀ ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମରେ ଅଭିନେତା ଭିକି କୌଶଲ ଜଣେ ଭାରତୀୟ କମାଣ୍ଡୋ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ୨୦୧୬ରେ ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା କରାଯାଇଥିବା ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ଆଧାର କରି ଏହି ଫିଲ୍ମ ନିର୍ମାଣ ହୋଇଛି। ‘ଉରି’ ଫିଲ୍ମରେ ଏହି ଘଟଣାବଳୀର ବିସ୍ତୃତ ବର୍ଣ୍ଣନା କରାଯାଇଛି। ଏଥିରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି କୀର୍ତ୍ତି କୁଲ୍‌ହାରି ଏବଂ ପରେଶ ରାୱଲ। ଆରଏସ୍‌ଭିପି ମୁଭିଜ୍ ପ୍ରଯୋଜନାରେ ପ୍ରସ୍ତୁତ ‘ଉରି’ ୨୦୧୯ ଜାନୁୟାରୀ ୧୧ରେ ରିଲିଜ ହେବାର ଅଛି।



ୟାମୀ ଗୌତମ

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

#Finance scheme available with select financiers at their sole discretion. Up to 95% finance as per financier policy and subject to income documentation of customer. Saving has been calculated on finance scheme and depends on specific loan amount, tenure and Rate of interest against general scheme available in the market. Scheme is available for limited time period only and can be withdrawn from market without any prior notice. Accessories shown in the picture are not a part of the standard equipment. Product shown in the picture may vary from actual product available in market. **Conditions apply.

BEST DEAL HONDA Buy. Sell. Exchange
ALWAYS WEAR HELMET WHILE RIDING

Also available:
Annual Maintenance Contract**
Road Side Assistance**
Engine Health Assurance**

Follow us on

**Honda Exclusive Authorized Dealerships: ATTAGHAR:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 7735734881, 7735737648; **BANKI:** Shree Honda - 06723-240099, 9658201234; **BHUBANESWAR:** Shivam Honda - 0674-2546296, 7873024320; Gugnani Honda - 0674-2313716, 7852930865; PGL Honda - 0674-2354418, 9090912345; Khimji Honda - 7735734884, 7077726314; **CHANDIKHOL:** Basanti Honda - 06725-227011, 9658482265; **CUTTACK:** Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; **JAJPUR:** TEZ Honda - 06726-221847, 7504994444; **JAGATSINGHPUR:** Kanchan Murali Honda - 06724-222122, 223112, 7381348387, 7504237557; **JAGATPUR:** Durga Honda - 9337390774, 0671-2490462; **JATNI:** PGL Honda - 0674-2492419, 7788001027; **KENDRAPADA:** Baldev Honda - 9937129275, 9437167191; **KEONJHAR:** Pritam Honda - 06766 - 254138,8908881717; **KHURDA:** Sai Honda - 07852930002, 06755-223555; **NAYAGRAH:** Pattnaik Honda - 7205028044, 9937083142; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 06752-225555, 9040088747; **PARADIP:** Anil Honda - 06722-220909, 9438523425; **RAHAMA:** Navjyoti Honda - 9938339189; **UTTARA:** Gugnani Honda - 0674-3272244; **PATTAMUNDAI:** Satya Honda - 9937711139; **SALEPUR:** S.N.Honda - 9437439076.

**For Bulk/Institutional enquiries, please write us at: institutionalsales@honda2wheelersindia.com**

କନ୍ଧମାଳ ଜିଲା କ. ନୂଆଗାଁ ବ୍ଲକ ସାରଙ୍ଗଗଡ ଥାନା ସୁଡିସୁଡିର ବେଲଘାଡି ବୁଲାଣି ରାସ୍ତାରେ ଶନିବାର ଅପରାହ୍ନ ୪ଟାରେ ୨ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଭବାନୀପାଟଣା ଦେୱାନ ସାହିପଡାର ସିଦ୍ଧାର୍ଥ ଦାଶ, ଅନ୍ୟ ଜଣେ କ. ନୂଆଗାଁ ବ୍ଲକର ସାଇନପଡା ପଞ୍ଚାୟତ ଗାନିପଡାର ଜିତେନ୍ଦ୍ର ସାହୁ।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁଡୁଲୁ
ପରିବାରବର୍ଗ


ଯଜ୍ଞ ନାରାୟଣେଶ୍ୱର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଁଳା ନବମୀରେ ରାଧାପାଦ ସ୍ପର୍ଶକୁ ବିରୋଧ

**ପୁରୀ ଅଫିସ, ୨୭।୧୦**

- ଦେବୋତ୍ତର କମିଶନରଙ୍କ ନିକଟରେ ଅଭିଯୋଗ
- ନଭେମ୍ବର ୧୭ରେ ରାଧାପାଦ ଦର୍ଶନ
- ୩ତାରିଖ ଅପରାହ୍ନରେ ବସିବ ସମନ୍ୱୟ ବୈଠକ

ବର୍ଷକୁ ଥରେ ମିଳୁଥିବା ରାଧାପାଦ ଦର୍ଶନରୁ କୋଟିପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ଆସ୍ଥା ଓ ବିଶ୍ୱାସ ରଖି ପବିତ୍ର ଅଳାଁ ନବମୀରେ ସାକ୍ଷୀଗୋପାଳ ମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁଅ ଛୁଟେ। ଏହି ଦିନ ଓଡିଆଣୀ ବେଶରେ ସଜ୍ଜିତ ରାଧାରାଣୀଙ୍କ ଦର୍ଶନ ସହିତ ପାଦ ସ୍ପର୍ଶ କରିବା ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଥାଏ। ତେବେ ଚଳିତବର୍ଷ ରାଧାପାଦ ସ୍ପର୍ଶକୁ ନେଇ ଉଠିଛି ବିବାଦ। ରାଧାପାଦ ସ୍ପର୍ଶ ଶାସ୍ତ୍ରୀୟ ବିଧି ବ୍ୟବସ୍ଥାର ଉଲ୍ଲଂଘନ ଏବଂ ଏଥିଯୋଗୁ ଦର୍ଶନ ବ୍ୟବସ୍ଥାରେ ବିଶୃଙ୍ଖଳା ଉପୁଜୁଥିବା ନେଇ ଦେବୋତ୍ତର କମିଶନରଙ୍କ ନିକଟରେ ଆଇନଜୀବୀ ବିନାୟକ ମହାନ୍ତି ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଆସନ୍ତା ୧୭ତାରିଖରେ ଅଁଳା ନବମୀ। ଅଁଳା ନବମୀରେ ରାଧାପାଦ ଦର୍ଶନକୁ ଶୃଙ୍ଖଳିତ କରିବା ଲାଗି ଆସନ୍ତା ନଭେମ୍ବର ୩ ତାରିଖ ଅପରାହ୍ନ ୪ଟାରେ ସତ୍ୟବାଦୀ ପାନ୍ଥଶାଳାରେ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ ବୋଲି ମନ୍ଦିର ନିର୍ବାହୀ ଅଧିକାରୀ କୈଳାସ ମିଶ୍ର ସୂଚନା ଦେଇଛନ୍ତି। ବୈଠକରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରାଯିବାର ସମ୍ଭାବନା ରହିଛି।

ଆଇନଜୀବୀ ବିନାୟକ ମହାନ୍ତି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଅଁଳା ନବମୀରେ ଦର୍ଶନାର୍ଥୀଙ୍କୁ ଶ୍ରୀରାଧାଙ୍କ ପାଦସ୍ପର୍ଶର ସୁଯୋଗ ଦିଆଯାଉଛି। ବର୍ଷକରେ ଥରେ କେବଳ ଶ୍ରୀରାଧାଙ୍କ ପାଦଦର୍ଶନର ସୁଯୋଗ ମିଳିଥାଏ। କିନ୍ତୁ ପାଦ ସ୍ପର୍ଶ ଶାସ୍ତ୍ର ସମ୍ମତ ନୁହେଁ। ୨୦୦୧ ମସିହାରେ ସତ୍ୟବାଦୀ ଗୋପୀନାଥ ଦେବ ମନ୍ଦିର ନିର୍ବାହୀ ଅଧିକାରୀ ପାଦ ସ୍ପର୍ଶ ସଂକ୍ରାନ୍ତରେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭାର ମତାମତ ଲୋଡ଼ିଥିଲେ। ୨୦୦୧ ଫେବୃୟାରୀ ୧୯ରେ ଶ୍ରୀରାଧାଙ୍କ ପାଦ ସ୍ପର୍ଶ ଶାସ୍ତ୍ରୀୟ ବିଧି ସମ୍ମତ ନୁହେଁ ବୋଲି ମୁକ୍ତିମଣ୍ଡପ ପଣ୍ଡିତ ସଭା ସିଦ୍ଧାନ୍ତ ଦେଇଥିଲେ। ଏପରି କି ତତ୍‌କାଳୀନ ଦେବୋତ୍ତର କମିଶନର ମଧ୍ୟ ପାଦ ସ୍ପର୍ଶ ପାଇଁ ଭକ୍ତଙ୍କୁ ସୁଯୋଗ ନ ଦେବାକୁ ଏବଂ ଦିଅଁ ସମ୍ମୁଖରେ ବ୍ୟାରିକେଡ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଅଦ୍ୟାବଧି ଶାସ୍ତ୍ରୀୟ ବିଧି ବ୍ୟବସ୍ଥାର ଉଲ୍ଲଂଘନ କରି ଶ୍ରଦ୍ଧାଳୁ ଶ୍ରୀରାଧାଙ୍କ ପାଦ ସ୍ପର୍ଶ କରୁଛନ୍ତି। ଅପରପକ୍ଷରେ ପାଦ ସ୍ପର୍ଶ ଦ୍ୱାରା ଭିଡ଼ ହେବା ସହିତ ଦର୍ଶନରେ ବିଶୃଙ୍ଖଳା ଉପୁଜୁଛି। ତେଣୁ ଏହି ବ୍ୟବସ୍ଥାକୁ ବନ୍ଦ କରିବା ଲାଗି ସେ ଦେବୋତ୍ତର କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମୁକ୍ତିମଣ୍ଡପ ପଣ୍ଡିତ ସଭା ୨୦୦୧ ମସିହାରେ ଦେଇଥିବା ସିଦ୍ଧାନ୍ତର ଏକ ନକଲ ମଧ୍ୟ ତାଙ୍କ ଅଭିଯୋଗରେ ଦାଖଲ କରିଛନ୍ତି। ସେ ଆହୁରି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଅଁଳା ନବମୀ ରାଧାପାଦ ଦର୍ଶନ ବେଳେ ଯେଉଁ ଅର୍ଥ ଆଦାୟ ହେଉଛି ତାହା ମନ୍ଦିର ଜମାକୁ ନିଆଯାଉ। ଗତବର୍ଷ ଅଁଳା ନବମୀରେ ହୋଇଥିବା ଜାଲ୍ ଟିକେଟ ଦୁର୍ନୀତିର ତଦନ୍ତ କରିବା ଲାଗି ମଧ୍ୟ ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ଦେବୋତ୍ତର କମିଶନର ବିରଜା ପ୍ରସାଦ ଦତ୍ତ କହିଛନ୍ତି ଯେ, ରାଧାପାଦ ସ୍ପର୍ଶ ଶାସ୍ତ୍ରୀୟ ସମ୍ମତ ନୁହେଁ ବୋଲି ଅଭିଯୋଗ ଆସିଛି। ଆସନ୍ତା ସମନ୍ୱୟ ବୈଠକରେ ଏହି ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ଦର୍ଶନ ବ୍ୟବସ୍ଥାରେ ଯେଭଳି ବିଶୃଙ୍ଖଳା ନ ଉପୁଜେ ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ନଭେମ୍ବର ପହିଲାରୁ ଧାନ କିଣା

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**

- ୧୫ ଲକ୍ଷ ଚାଷୀଙ୍କୁ ସାମିଲ କରିବାକୁ ଯୋଜନା
- ଏମ୍‌ଏସ୍‌ପି ୧୦୦ଟଙ୍କା ବଢ଼ିଛି
- ନଭେମ୍ବର ୧୫ ଯାଏ ଚାଷୀ ପଞ୍ଜୀକରଣ
- ଧାନ ବିକିବାକୁ କଟକଣା ନାହିଁ

ଆସନ୍ତା ନଭେମ୍ବର ୧ ତାରିଖରୁ ରାଜ୍ୟରେ ଖରିଫ ଧାନ ସଂଗ୍ରହ ହେବ। କଳାହାଣ୍ଡି ଜିଲାରୁ ପ୍ରଥମେ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କେନ୍ଦ୍ର ସରକାର ଚଳିତ ବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୦୦ ଟଙ୍କା ବୃଦ୍ଧି କରିଛନ୍ତି । ସରକାରଙ୍କ ଧାନ ମୂଲ୍ୟ ନିର୍ଦ୍ଧାରଣ ନୀତି ଅନୁଯାୟୀ ଚଳିତ ବର୍ଷ ସାଧାରଣ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧୭୫୦ ଟଙ୍କା ରଖାଯାଇଥିବାବେଳେ ଗ୍ରେଡ୍-ଏ ଧାନ ପାଇଁ ୧୭୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏମ୍‌ଏସ୍‌ପିଠାରୁ କମ୍ ଦରରେ ଯଦି କୌଣସି ମିଲର ଚାଷୀଙ୍କଠାରୁ ଧାନ କ୍ରୟ କରିବେ ସେମାନଙ୍କ ବିରୋଧରେ ଅତ୍ୟାବଶ୍ୟକ ସେବା ଆଇନ, ୧୯୫୫ ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ଚାଷୀମାନଙ୍କୁ ୨୪ରୁ ୭୨ ଘଣ୍ଟା ମଧ୍ୟରେ ଧାନ ମୂଲ୍ୟ ସେମାନଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯିବ। ପି- ପାସ ଜରିଆରେ ଧାନ ବିକ୍ରି କରାଯିବ। ରାଜ୍ୟର ୩୦୮ଟି ବ୍ଲକରେ ଏହି ବ୍ୟବସ୍ଥା ହୋଇଛି।

ଚଳିତ ବର୍ଷ ଧାନ କିଣାରେ ଆଉ ଖିଲାପି ମିଲରଙ୍କୁ ସାମିଲ କରିବେ ନାହିଁ। ୨୦୧୭-୧୮ ଖରିଫ ଓ ରବି ଧାନ ସଂଗ୍ରହରେ ସାମିଲ ହୋଇଥିବା ମିଲରମାନଙ୍କ ମଧ୍ୟରୁ ଯଦି କେହି ୧୦୦ ପ୍ରତିଶତ ଚାଉଳ ଜମା ଦେଇ ନ ଥିବେ ସେମାନେ ଆସନ୍ତା ଖରିଫ ଋତୁରେ ଧାନ କିଣାରେ ସାମିଲ ହୋଇ ପାରିବେ ନାହିଁ ବୋଲି ବିଭାଗ ପକ୍ଷରୁ ଜିଲାପାଳମାନଙ୍କୁ ଜଣାଇ ଦିଆଯାଇଛି।

ଖରିଫ ଧାନ ସଂଗ୍ରହ ସକାଶେ ଚାଷୀମାନଙ୍କର ପଞ୍ଜୀକରଣ ଜାରି ରହିଛି। ଏଥିପାଇଁ ଜୁଲାଇ ୧୫ରୁ ଅକ୍ଟୋବର ୧୫ ଯାଏ ସମୟ ଧାର୍ଯ୍ୟ କରାଯାଇଥିଲା। ଏହି ଅବଧିକୁ ନଭେମ୍ବର ୧୫ ତାରିଖ ଯାଏ ପୁଣି ବୃଦ୍ଧି କରାଯାଇଛି। ମିଳିଥିବା ସୂଚନା ମୁତାବକ ଏ ପର୍ଯ୍ୟନ୍ତ ୧୧ ଲକ୍ଷ ୩୫ ହଜାର ୩୧୭ ଜଣ ଚାଷୀ ଆସନ୍ତା ଖରିଫ ଋତୁରେ ଧାନ ବିକ୍ରି କରିବାକୁ ଅନ୍‌ଲାଇନରେ ପଞ୍ଜୀକୃତ ହୋଇଛନ୍ତି। ସେଥିମଧ୍ୟରୁ ୯ ଲକ୍ଷ ୮୨ ହଜାର ପୁରୁଣା ଚାଷୀ ଥିବାବେଳେ ୧ ଲକ୍ଷ ୫୬ ହଜାର ୪୦୩ ଜଣ ନୂଆ ଚାଷୀ ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। ସେଥିରୁ ପ୍ରାୟ ୮୦ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ରାଜ୍ୟ ସରକାର ଚଳିତ ବର୍ଷ ୧୫ ଲକ୍ଷ ଚାଷୀଙ୍କ ନାମ ପଞ୍ଜୀକୃତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଗତ ବର୍ଷ ୧୧ ଲକ୍ଷ ୨୦ ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ।

ଚଳିତ ବର୍ଷ ପ୍ରଥମ ଥର ପାଇଁ ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଧାନ ବିକ୍ରି କରିବାକୁ ସୁଯୋଗ ମିଳିବ। ରାଜ୍ୟ ସରକାର ଏ ନେଇ ପୂର୍ବରୁ ଲଗାଇଥିବା କଟକଣାକୁ ହଟାଇ ଦେଇଛନ୍ତି। ନିଜ ପରିବାର ପାଇଁ ବର୍ଷ ସକାଶେ ଧାନ ରଖିବା ଆବଶ୍ୟକ ନାହିଁ। ଖାଦ୍ୟ ଓ ଧାନ ସଂଗ୍ରହ ନୀତି-୨୦୧୮ ଅନୁଯାୟୀ ପୂର୍ବରୁ ବାର୍ଷିକ ମୁଣ୍ଡପିଛା ୩ କୁଇଣ୍ଟାଲ ଧାନ ରଖିବା କଟକଣାକୁ ହଟାଇ ଦିଆଯାଇଛି। ଚଳିତ ବର୍ଷ ପାଇଁ ରାଜ୍ୟ ସରକାର ୫୫ ଲକ୍ଷ ମେଟ୍ରିକ ଟନ୍ ଧାନ ତଥା ଚାଉଳ ହିସାବରେ ୩୭ ଲକ୍ଷ ମେଟ୍ରିକ୍ ଟନ୍ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୧୭-୧୮ରେ ଉଭୟ ଖରିଫ୍ ଓ ରବି ଋତୁ ପାଇଁ ରାଜ୍ୟ ସରକାର ୫୪ ଲକ୍ଷ ମେଟ୍ରିକ ଟନ ଧାନରୁ ୩୯ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେଥିରୁ ୪୯.୦୬ ଲକ୍ଷ ମେଟ୍ରିକ ଟନ୍ ଧାନ ତଥା ୩୩.୨୧ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରିଥିଲେ। ୨୦୧୮ ନଭେମ୍ବରରୁ ୨୦୧୯ ଏପ୍ରିଲ ମଧ୍ୟରେ ଖରିଫ୍ ଧାନ ସଂଗ୍ରହ କରାଯିବ। ସେହିପରି ୨୦୧୯ ମେ ରୁ ଜୁନ ମଧ୍ୟରେ ରବି ଧାନ ସଂଗ୍ରହ ହେବ। ୨୬୦୮ଟି ସମବାୟ ସମିତି ଜରିଆରେ ପ୍ରକୃତ ଚାଷୀ, ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଧାନ ସଂଗ୍ରହ ବ୍ୟବସ୍ଥାରେ ସାମିଲ କରାଯିବ। ୨୪ରୁ ୭୨ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ।

# ପ୍ରକାଶ ପାଇଲା ପିସିସି ମୁଖପାତ୍ର ତାଲିକା

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**

ଏଆଇସିସିର ଅନୁମୋଦନକ୍ରମେ ପିସିସି ପକ୍ଷରୁ ଶନିବାର ମୁଖପାତ୍ର ଏବଂ ଗଣମାଧ୍ୟମ ସଂଯୋଜକ ତାଲିକା ପ୍ରକାଶ ପାଇଛି। ମୁଖପାତ୍ର ତାଲିକାରେ ଯୁବ,ବରିଷ୍ଠ ଏବଂ କେତେକ ନବାଗତଙ୍କୁ ସୁଯୋଗ ମିଳିଛି। ଏଥିରେ ମୋଟ ୨୯ ଜଣ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ବରିଷ୍ଠ ମୁଖପାତ୍ର ହୋଇଥିବାବେଳେ ବାକି ୨୨ ଜଣ କେବଳ ମୁଖପାତ୍ର ଭାବେ ସ୍ଥାନ ପାଇଛନ୍ତି। ରାଜ୍ୟ ଗଣମାଧ୍ୟମ ଜଗତରେ ଏତେଟା ସକ୍ରିୟ ନ ଥିବା ଜନୈକ ଯୁବ ନେତାଙ୍କୁ ବରିଷ୍ଠ ମୁଖପାତ୍ର ତାଲିକାରେ ସ୍ଥାନ ମିଳିଛି। ହେଲେ ପୂର୍ବତନ ଏମ୍‌ପି ତଥା କଂଗ୍ରେସ ଏସ୍‌ସି ସେଲ୍ ଅଧ୍ୟକ୍ଷ ବିଭୁପ୍ରସାଦ ତରାଇ ଓ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ବେହେରାଙ୍କୁ କେବଳ ମୁଖପାତ୍ର ତାଲିକାରେ ସ୍ଥାନ ମିଳିଛି। ଏହାକୁ ନେଇ ଦଳ ଭିତରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସେହିପରି ବରିଷ୍ଠ ନେତା ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଗଣେଶ୍ୱର ବେହେରା,କୈଳାସ ଆଚାର୍ଯ୍ୟ ଏବଂ ଦେବାଶିଷ ପଟ୍ଟନାୟକ ପ୍ରମୁଖଙ୍କୁ ଆବଶ୍ୟକତା ଅନୁଯାୟୀ ଖବରଦାତା ସମ୍ମିଳନୀ ଏବଂ ଟିଭି ବିତର୍କ ପାଇଁ ଗଣମାଧ୍ୟମ ବିଭାଗ ଲୋଡ଼ିବ ବୋଲି ସ୍ପଷ୍ଟ ଭାବେ ତାଲିକାରେ ଉଲ୍ଲେଖ କରାଯାଇଛି। ଉକ୍ତ ବରିଷ୍ଠ ନେତାମାନେ କିନ୍ତୁ ଦଳକୁ ବିଭିନ୍ନ ସମୟରେ ପରାମର୍ଶ ଦେଇପାରିବେ।

ନୂଆ ଭାବେ ନିଯୁକ୍ତି ପାଇଥିବା ବରିଷ୍ଠ ମୁଖପାତ୍ରମାନେ ହେଉଛନ୍ତି- ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି, ଡକ୍ଟର ପ୍ରଫୁଲ୍ଲ ମାଝୀ, ଅଂଶୁମାନ ମହାନ୍ତି, ନାରୀ ନେତ୍ରୀ ବିଜୟଲକ୍ଷ୍ମୀ ସାହୁ, ସୁଚରିତା ମହାନ୍ତି ଏବଂ ସମରେନ୍ଦ୍ର ମିଶ୍ର। ସେହିପରି ମୁଖପାତ୍ର ତାଲିକାରେ ବିଭୁପ୍ରସାଦ ତରାଇ, ସସ୍ମିତା ବେହେରା, ମନୋଜ ମହାପାତ୍ର, ବିନାୟକ ଦାସ ମହାପାତ୍ର, ଅମୀୟ ପାଣ୍ଡବ, ବିସ୍ମୟ ମହାପାତ୍ର, ସୋନାଲି ସାହୁ, ନାରାୟଣ ପ୍ରସାଦ ଜେନା, ସୁଦର୍ଶନ ଦାସ, ପଦ୍ମାକର ଗୁରୁ ଓ ନିଶିକାନ୍ତ ମିଶ୍ର ପ୍ରମୁଖ ସ୍ଥାନ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ତାଲିକାରେ ସ୍ମୃତିରଞ୍ଜନ ଲେଙ୍କା, ଦେବୀ ପୃଷ୍ଟି, ପ୍ରଶାନ୍ତ ଶତପଥୀ, ଅର୍ଚ୍ଚନା ନନ୍ଦୀ, ହିମାଂଶୁ ଲେଙ୍କା, ଗୋବିନ୍ଦ ଭୂୟାଁ, ରଜନୀ କୁମାର ମହାନ୍ତି, ଅମିତ ମହାନ୍ତି, ଅଶୋକ ସାମଲ, ଶୈଳେନ୍ଦ୍ର ମଜୁମ୍‌ଦାର ଏବଂ ନିକୁଞ୍ଜ ପଶାୟତ ପ୍ରମୁଖ। ଗଣମାଧ୍ୟମରେ ଦଳୀୟ ବ୍ୟାପାର ସମ୍ବନ୍ଧରେ ସମନ୍ୱୟ ବଜାୟ ରଖିବା ୫ ଜଣଙ୍କୁ ସଂଯୋଜକ ଭାବେ ନିଯୁକ୍ତି ମିଳିଛି। ସେମାନେ ହେଉଛନ୍ତି- ଦୀପକ ମହାପାତ୍ର, ମାନସ ମହାପାତ୍ର, ପ୍ରଦୀପ ମହାପାତ୍ର, ଓମ୍ ପ୍ରକାଶ ସାହୁ ଏବଂ ସୂର୍ଯ୍ୟ ନାରାୟଣ ପଣ୍ଡା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବାରାଧିପ ରବି ଚତୁର୍ଥାଧିପ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତିରେ ରହୁଥିବାରୁ ଯାତ୍ରାସମୟ ସମସ୍ୟାବହୁଳ ରହିବ। ବାଣିଜ୍ୟ, ବ୍ୟବସାୟ, ସହଧର୍ମିଣୀ, ପ୍ରତିଯୋଗିତା ଆଦି କ୍ଷେତ୍ର ପାଇଁ ମଧ ପ୍ରତିକୂଳତା ସୃଷ୍ଟି କରିପାରେ । ପାରସ୍ପରିକ ଆଲୋଚନା ଓ ସମାଲୋଚନା ଭିତରେ ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରି ଆସିବ।

**ବୃଷ** ବାଧକାଧିପତି ଶନି ଦୁଃସ୍ଥାନରେ ଅବସ୍ଥାନ ଚନ୍ଦ୍ରଙ୍କ ଦୃଷ୍ଟି ଆୟୁଆଳରେ ଥିବାରୁ ମାନସିକ ଅବସ୍ଥା ଭଲ ରହିବ । କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀମାନେ ଆପଣଙ୍କ କାମରେ ସାହାଯ୍ୟ କରିବେ । ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ, କଳା, କ୍ରୀଡ଼ାକ୍ଷେତ୍ର ବିଶେଷ ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁବାନ୍ଧବ ଠିକ୍ ସମୟରେ ସାହାଯ୍ୟ କରିବେନି।

**ମିଥୁନ** ଆଜିର ଚନ୍ଦ୍ରଙ୍କ ପ୍ରତି ଗୁରୁଙ୍କ ସମଦୃଷ୍ଟି କାର୍ଯ୍ୟକ୍ଷେତ୍ରରେ ସାମ୍ୟତା ଆଣିବା ସହ ଅର୍ଥ ଓ ସମ୍ମାନ ପ୍ରଦାନ କରିବେ । ତଥାପି ପ୍ରତ୍ୟେକ କ୍ଷେତ୍ରରେ କାମ ହାସଲ ସମୟରେ ଯୁକ୍ତିତର୍କର ଆଶଙ୍କା ରହିଛି। କୌଣସି ମିଥ୍ୟା ଗୁଜବକୁ ନେଇ ମାନସିକ ଆଘାତ ପାଇପାରନ୍ତି। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ନେଇ ଉନ୍ନତମାନର ଫଳ ମିଳିବ ।

**କର୍କଟ** ଆଜି ଚନ୍ଦ୍ରଙ୍କ ଉଚ୍ଚାବସ୍ଥାନଜନିତ ଆପଣଙ୍କ ଦୃଢ଼ ମନୋବଳରେ କାମ ମଧ ତଦନୁରୂପ ସମ୍ପନ୍ନ କରି ଆତ୍ମତୃପ୍ତି ଅନୁଭବ କରିବେ। ବିଭିନ୍ନ କ୍ଷେତ୍ରରୁ ଅର୍ଥ ପାଇବେ ସତ କିନ୍ତୁ ମାନସିକ ଶାନ୍ତି ହରାଇବେ। କେତେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ଆପଣ ନେଇପାରିବେ ନାହିଁ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବା ସହ ଭ୍ରମଣ ହେତୁକ କ୍ଳାନ୍ତି ଦେଖାଦେଇପାରେ।

**ସିଂହ** ଦ୍ୱାଦଶ ସ୍ଥାନରେ ପାପଗ୍ରହ ଚନ୍ଦ୍ରଙ୍କ ଉପଚୟ ସ୍ଥାନରେ ରହି ଆପଣଙ୍କୁ ଅସ୍ଥିରତାଯୁକ୍ତ କରାଇବେ । କୌଣସି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିବା କଷ୍ଟକର ହେବ । ତଥାପି କୌଶଳରେ କାମ ହାସଲ କରିବା ସହ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ । ପରିସ୍ଥିତି ଓ ରହୁଥିବା ପରିବେଶରେ କିଛି ଗଡ଼ବଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

**କନ୍ୟା** ଲାଭାଧିପ ଚନ୍ଦ୍ର ଭାଗ୍ୟସ୍ଥାନରେ ଥିବାରୁ ସୌଭାଗ୍ୟପ୍ରଦ ଭାବରେ ସାମାଜିକ ସମ୍ମାନ ସହ ବନ୍ଧୁଙ୍କ ଶ୍ରଦ୍ଧାଭାଜନ ହେବେ । ଆଜି ଯାହାକୁ ଯାହା କହିବେ କିମ୍ବା କରିବେ ପ୍ରତ୍ୟେକ କାମରେ ସଫଳତା ଅବଶ୍ୟମ୍ଭାବୀ । ଦୀର୍ଘଦିନର ଚେଷ୍ଟା ପରେ ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭ କରିବେ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ଓ ଯାତ୍ରାରେ ଦୁଶ୍ଚିନ୍ତା ବଢ଼ିପାରେ ।

**ତୁଳା** ଧନାଧିପତି ମଙ୍ଗଳ ଚତୁର୍ଥ କେନ୍ଦ୍ରରେ ଚନ୍ଦ୍ରଙ୍କ ଭାଗ୍ୟସ୍ଥ ଯୋଗୁ ଭୂ-ସମ୍ପତ୍ତି, ଯାନ୍ତ୍ରିକ ଜିନିଷ ଏବଂ ଅର୍ଥଲାଭର ସୂଚନା ରହିଛି। ଶନି ଓ ବୃହସ୍ପତିଙ୍କ ସ୍ଥିତି କାରଣରୁ ଆକସ୍ମିକ ଭାବେ ଦୀର୍ଘଦିନର ସମ୍ପର୍କର ସୂତ୍ର ଛିନ୍ନ ହୋଇପାରେ। କର୍ମକ୍ଷେତ୍ରର ସମସ୍ୟାକୁ ସମାଧାନ କରିବା ଦିଗରେ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ।

**ବିଛା** କର୍ମସ୍ଥାନରେ ଚନ୍ଦ୍ର ଅପୂର୍ବ ସୁଯୋଗସ୍ୱରୂପ କାର୍ଯ୍ୟସିଦ୍ଧି, ସାମାଜିକ ସମ୍ମାନ ପ୍ରଦାନ କରିବେ । ନିଜକୁ ସଜାଡ଼ି ନେବାର ପ୍ରୟାସ କରି ନୂତନ ଚିନ୍ତା ଓ କର୍ମର ଅଭ୍ୟୁଦୟ ଘଟିପାରେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରି ଉପକୃତ ହୋଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ଚନ୍ଦ୍ରଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ପ୍ରଭାବରୁ ଖଳଲୋକଙ୍କ ଅଭିଶାପ ଆଶୀର୍ବାଦରେ ପରିଣତ ହୋଇଯିବ । ଫଳତଃ ସମସ୍ୟା ସମାଧାନ, ସାହାଯ୍ୟ, ସହାନୁଭୂତି ଲାଭର ସୁଯୋଗ ପାଇପାରନ୍ତି। ଅନ୍ୟମାନଙ୍କ ଲାଗି ଯେତେ ଉଦାର ମନୋଭାବ ପୋଷଣ କଲେ ମଧ ସେମାନଙ୍କ ଚିନ୍ତାଧାରାକୁ ବଦଳାଇବା ସମ୍ଭବ ହେବନାହିଁ।

**ମକର** ଆଜିର ଦିନଟି ବହୁତ ବଢ଼ିଆ, ଯାହା ଚାହୁଁଛନ୍ତି ତାହା ଲାଭକରି ଖୁସି ମନେଇବେ । ପରିବାରରେ ଭୁଲ୍ ବୁଝାମଣାଜନିତ ଅଶାନ୍ତି ଦୂରେଇଯିବ । ଯାତ୍ରା, ନୂତନ କର୍ମ, ବ୍ୟବସାୟ,ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ କୌଣସି ଅସୁବିଧା ହେବନାହିଁ। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଦ୍ୱାଦଶରେ ମଙ୍ଗଳ ପ୍ରଭାବରେ ନିଜ ଲୋକଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ସକାଳେ ବହୁ ପ୍ରତୀକ୍ଷିତ ଶୁଭ ଖବରଟି ପାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ । ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ଲାଗି ତତ୍ପରତା ପ୍ରକାଶ କରିବେ।

**ମୀନ** ଭାଗ୍ୟସ୍ଥାନ ପ୍ରତି ଚନ୍ଦ୍ର ସମେତ ଅନ୍ୟମାନଙ୍କ ଶୁଭଦୃଷ୍ଟି ଦୀର୍ଘଦିନର ଅଭିଳାଷ ପୂରଣ କରାଇବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ମନାନ୍ତର ସମାଧାନର ଆଶା ରହିଛି। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବୟସ୍କ ବ୍ୟକ୍ତିଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି କାର୍ତ୍ତିକ କୃଷ୍ଣ ଚତୁର୍ଥୀ ରବିବାର, ଅକ୍ଟୋବର ୨୮ ତାରିଖ, ସକାଳ ଘ.୮।୩୦ମି. ଗତେ ମୃଗଶିରା/ବୃଷ, ବିଛା ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ଦିବା ଘ.୬।୧୦ମି. ଗତେ ଘ.୮।୦୫ମି. ମଧ୍ୟେ ଅମୃତ ବେଳା। ଦିବା ଘ.୮।୪୪ମି. ଗତେ ଘ.୧୦।୧୯ମି. ମଧ୍ୟେ, ଘ.୧୨।୨୮ମି. ଗତେ ଘ.୨।୩୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୩।୪୬ମି. ଗତେ ଘ.୫।୧୧ମି. ମଧ୍ୟେ ରାହୁକାଳ।

## ■ ଝାରସୁଗୁଡ଼ା ବିମାନବନ୍ଦର ଅଚଳାବସ୍ଥା

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ବିଧାୟକ ନବ ଦାସ

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**

ସେପ୍ଟେମ୍ବର ୨୨ରେ ଲୋକାର୍ପିତ ହୋଇଥିବା ଝାରସୁଗୁଡ଼ା ବିମାନ ବନ୍ଦରରେ ଅଚଳାବସ୍ଥା ଜାରି ରହିଛି। ଏହାକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶନିବାର ସଚିବାଳୟରେ ଭେଟିଛନ୍ତି ସ୍ଥାନୀୟ ବିଧାୟକ ନବ ଦାସ। ମୁଖ୍ୟମନ୍ତ୍ରୀ ଏଥିରେ ତୁରନ୍ତ ହସ୍ତକ୍ଷେପ କରିବା ସହ କେନ୍ଦ୍ର ସରକାର ବିମାନ ବନ୍ଦରର ଅଚଳାବସ୍ଥା ଦୂର କରିବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ନବ ଦାବି କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଚିଠିରେ ନବ ଦାସ ଉଲ୍ଲେଖ କରିଛନ୍ତି ଯେ, ଲୋକାର୍ପଣ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମାନ ବନ୍ଦରକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ଘୋଷଣା କରିଥିଲେ। ଏଥିସହିତ ବିମାନବନ୍ଦରଟି ପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ ହେବ ବୋଲି ମତ ରଖିଥିଲେ। ହେଲେ ୨୦ଦିନ ହେବ କୌଣସି ସେଠାରେ ବିମାନ ଅବତରଣ କରୁନାହିଁ। ଆନୁଷ୍ଠାନିକ ଭାବେ ବିମାନବନ୍ଦରର ନାମ ବୀରସୁରେନ୍ଦ୍ର ସାଏଙ୍କ ନାଁରେ ନାମିତ କରାଯାଇଥିବା ଜଣାପଡୁନାହିଁ। ଯଦି ଏନେଇ ମାସକ ମଧ୍ୟରେ କୌଣସି ପଦକ୍ଷେପ ନ ନିଆଯାଏ, ତେବେ ପଶ୍ଚିମ ଓଡ଼ିଶାର ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନବ ଚେତାବନୀ ଦେଇଛନ୍ତି।

## ବିଦ୍ୟୁତ୍ ନେଲା...

ଗ୍ରାମବାସୀଙ୍କ କହିବା ଅନୁଯାୟୀ, କମଲାଙ୍ଗ ଅଞ୍ଚଳରେ ୫ଦିନ ହେଲା ଏକ ପଲରେ ୨୦ହାତୀ ଚଳପ୍ରଚଳ କରୁଥିଲେ। ହେଲେ ଉକ୍ତ ଅଞ୍ଚଳ ହାତୀଙ୍କ ନିୟମିତ ଗତିପଥ ନୁହେଁ । ଏ ନେଇ ଅଞ୍ଚଳବାସୀ ବନ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ ଏହାକୁ ହାଲ୍କା ଭାବେ ନିଆଯାଇଥିଲା। ତେଣୁ ଏପରି ଦୁର୍ଘଟଣା ଘଟିଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟାରେ ଏକ ପଲରେ ପାଖାପାଖି ୨୦ହାତୀ କମଲାଙ୍ଗ ଗ୍ରାମ ନିକଟ ଚାଷଜମିରେ ପଶିଥିଲେ। ସେମାନେ ଫସଲ ଖାଇଯିବା ସହ ଦଳିଚକଟି ନଷ୍ଟ କରିଦେଇଥିଲେ। ଏହାପରେ ହାତୀପଲ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲେ। ଭୋର୍ ସମୟରେ ୧୩ଟି ହାତୀ ଅଚଳକୋଟ ଆଡ଼କୁ ମୁହାଁଇଥିଲେ। ପଲରୁ ବାହାରି ଥିବା ୭ହାତୀ ଅନ୍ୟ ଏକ ରାସ୍ତାରେ ରେଙ୍ଗାଳି ଦକ୍ଷିଣ ଉପଶାଖା କେନାଲ ଅତିକ୍ରମ କରୁଥିବାବେଳେ ଅତି କମ୍ ଉଚ୍ଚତାରେ ଝୁଲି ରହିଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ବିଦ୍ୟୁତ୍ ତାରରେ ଛନ୍ଦି ହୋଇପଡ଼ିଥିବା ହାତୀପଲ ଖୁବ୍ ଜୋର୍‌ରେ ଗର୍ଜନ କରିଥିଲେ। ସେହିପରି ଶର୍ଟସର୍କିଟ ହେବା ପରେ ବିଦ୍ୟୁତ୍ ତାରରେ ମଧ୍ୟ ଭୟଙ୍କର ଶବ୍ଦ ହୋଇଥିଲା। ଏହାକୁ ଶୁଣି ଗ୍ରାମବାସୀ ପ୍ରଥମେ ଭୟଭୀତ ହୋଇପଡ଼ିଥିଲେ। କିଛି ସମୟ ପରେ ଯାଇ ଦେଖିବା ବେଳକୁ ୪ ହାତୀ କେନାଲ ହୁଡ଼ାରେ ଏବଂ ଅନ୍ୟ ୩ ହାତୀ ପାଣି ଭିତରେ ମରି ପଡ଼ିଥିଲେ। ଖବର ପ୍ରଚାରିତ ହେବା ପରେ ଶତାଧିକ ଅଞ୍ଚଳବାସୀଙ୍କ ଘଟଣାସ୍ଥଳକୁ ସୁଅ ଛୁଟିଥିଲା। ପ୍ରଥମେ ସେଠାରେ କାର୍ଯ୍ୟରତ କେତେଜଣ ତଳିଆ ବନ କର୍ମଚାରୀ ପହଞ୍ଚିଥିଲେ। ଏହାର ବହୁ ବିଳମ୍ବରେ ପୂର୍ବାହ୍ନ ୧୦ଟା ୪୫ରେ ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଦର୍ଶନ ପଣ୍ଡା ପ୍ରମୁଖ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଥିଲେ।

ଏ ସମ୍ପର୍କରେ ଟାଙ୍ଗପାଳ ଡିଭିଜନ ସେସୁ ନିର୍ବାହୀ ଯନ୍ତ୍ରୀ ନୀହାର ପାଣିଗ୍ରାହୀ କୁହନ୍ତି, ପୂର୍ବରୁ ବନ ବିଭାଗ ପକ୍ଷରୁ ବିପଦପୂର୍ଣ୍ଣ ଭାବେ ତାର ଝୁଲି ରହିଥିବା ଅଞ୍ଚଳର ତାଲିକା ଦିଆଯାଇଥିଲା। ହେଲେ ଏଥିରେ ହାତୀ ମୃତ୍ୟୁ ଘଟିଥିବା କମଲାଙ୍ଗ ଅଞ୍ଚଳ ସମ୍ପର୍କରେ କୌଣସି ସୂଚନା ନ ଥିବା ସେ ସୂଚନା ଦେଇଛନ୍ତି। ଏ ନେଇ ଡିଏଫ୍ଓ ସୁଦର୍ଶନ ପାତ୍ର କୁହନ୍ତି, ୧୧କେଭି ବିଦ୍ୟୁତ୍ ତାର ମାତ୍ର ୫ ଫୁଟ ଉଚ୍ଚତାରେ ଝୁଲି ରହିଥିବାରୁ ଏହାର ସଂସ୍ପର୍ଶରେ ଆସି ହାତୀଙ୍କ ମୃତ୍ୟୁ ଘଟିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଦର୍ଶନ ପଣ୍ଡା କୁହନ୍ତି, ଏକାସାଙ୍ଗରେ ୭ହାତୀଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦାୟକ। କମ୍ ଉଚ୍ଚତାରେ ବିଦ୍ୟୁତ୍ ତାର ରହିଥିବାରୁ ଏହା ଘଟିଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏକା ଥରକେ ଏତେ ସଂଖ୍ୟକ ହାତୀ ମରିଛନ୍ତି। ଗତ ୧୨ ତାରିଖରେ ସେ ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ଡାକି ଝୁଲିଥିବା ବିଦ୍ୟୁତ୍ ତାର ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟୁତ୍ ତାର ନିରାପଦ ଉଚ୍ଚତାରେ ରଖିବା ପାଇଁ ବିଭାଗକୁ ୨୭ କୋଟି ଟଙ୍କା ଦିଆଯାଇଛି। ସେହି କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରି ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଲା। ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣା ସମ୍ପର୍କରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ କୁହନ୍ତି, ରାହି ଇନ୍‌ଫ୍ରାଷ୍ଟ୍ରକ୍ଚର ନାମକ ଠିକାସଂସ୍ଥା ପକ୍ଷରୁ ଏକ ରେଲୱେ ବ୍ରିଜ୍ କାର୍ଯ୍ୟ କରାଯାଉଥିଲା। କାମ ସରିବା ପରେ ସେଠାରେ ବିଦ୍ୟୁତ୍ ସଂଯୋଗର କୌଣସି ଆବଶ୍ୟକତା ନ ଥିଲା। ଏପରି ଘଟଣା ଦୁଃଖଦାୟକ। ଏ ନେଇ ରେଳ ବିଭାଗ, ସେସୁ, ବନ ବିଭାଗକୁ ରିପୋର୍ଟ ମଗାଯାଇଛି। ରିପୋର୍ଟରେ ପାର୍ଥକ୍ୟ ମିଳିଲେ ତଦନ୍ତ କରାଯିବ। ଏ ସମ୍ପର୍କରେ ବିଭାଗୀୟ ସଚିବଙ୍କ ସହିତ କଥାବାର୍ତ୍ତା କରାଯାଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପଟେ ଶନିବାର ସନ୍ଧ୍ୟାରେ ୪ ହାତୀଙ୍କ ବ୍ୟବଚ୍ଛେଦ କରାଯାଇଛି। ରାତି ହୋଇଯିବାରୁ ନାଳ ମଧ୍ୟରେ ବୁଡ଼ି ରହିଥିବା ଅନ୍ୟ ୩ ହାତୀଙ୍କୁ ବାହାର କରାଯାଇ ପାରି ନାହିଁ। ରବିବାର ମୃତଦେହ ବାହାର କରାଯିବା ପରେ ବ୍ୟବଚ୍ଛେଦ କରାଯିବା ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ଏକସଙ୍ଗରେ ୭ହାତୀଙ୍କ ମୃତ୍ୟୁ ଚାରିଆଡ଼େ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ବନ ବିଭାଗ ଏବଂ ସେସୁ ମଧ୍ୟରେ ଆରମ୍ଭ ହୋଇଛି କାଦୁଅ ପିଙ୍ଗା। ସେସୁର ଅବହେଳା ଯୋଗୁ ଏତେ ବଡ଼ ଦୁର୍ଘଟଣା ଘଟିଥିବା ବନ ବିଭାଗ ଅଭିଯୋଗ ଆଣିଛି। ଅନ୍ୟପକ୍ଷରେ କମଲାଙ୍ଗ ଅଞ୍ଚଳରେ ବିପଦପୂର୍ଣ୍ଣ ତାର ଓହଳିଥିବା ସମ୍ପର୍କରେ ବନ ବିଭାଗ କୌଣସି ସୂଚନା ଦେଇ ନ ଥିବା କହି ସେସୁ କର୍ତ୍ତୃପକ୍ଷ ନିଜ ଉପରୁ ଦୋଷ ଛଡ଼ାଇବାକୁ ଅପଚେଷ୍ଟା କରିବା ବିଭାଗର ଅପାରଗତାକୁ ପଦାରେ ପକାଇଛି।

ଏ ନେଇ ସେସୁ ଉପରେ ସିଧାସଳଖ ଦୋଷ ଲଦିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ। ସେ କହିଛନ୍ତି ୧୧କେଭି ବିଦ୍ୟୁତ୍ ତାର ଝୁଲିଥିବା ସମ୍ପର୍କରେ ବାରମ୍ବାର ସେସୁ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ହେଲେ ଏହାର କୌଣସି ପ୍ରତିକାର କରାଯାଇ ନ ଥିଲା। ହାତୀଙ୍କ ସୁରକ୍ଷା ପ୍ରତି ସେସୁ ଗୁରୁତ୍ୱ ଦେଉନାହିଁ। ଆବଶ୍ୟକ ପଡ଼ିଲେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ଶକ୍ତି ବିଭାଗ ସଚିବ ହେମନ୍ତ ଶର୍ମା କହିଛନ୍ତି, ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇ ଢେଙ୍କାନାଳ ପଠାଯାଇଛି।

ଅନ୍ୟପକ୍ଷରେ ଏହି ଘଟଣାରେ ୭ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ଯୋଗୁ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମହାନ୍ତିଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବାବେଳେ ଅଧୀକ୍ଷଣ ଯନ୍ତ୍ରୀ ନରେଶ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଆର୍ତ୍ତତ୍ରାଣ ନାୟକ, ସେସୁ ଲାଇନମ୍ୟାନ୍ ଫିରୋଜ ପଣ୍ଡାଙ୍କୁ ନିଲମ୍ବିତ କରାଯାଇଛି। ସେହିପରି ସଦର ରେଞ୍ଜର ପ୍ରସନ୍ନ କୁମାର ବିଶ୍ୱାଳ, ମେରାମଣ୍ଡଳୀ ସେକ୍ସନ ଫରେଷ୍ଟର ପ୍ରଭାକର ରଣା ଏବଂ ମେରାମଣ୍ଡଳୀ ବିଟ୍ ଫରେଷ୍ଟ ଗାର୍ଡ ଗିରିଶ ଚନ୍ଦ୍ର ଦେହୁରୀଙ୍କୁ ପିସିସିଏଫ୍ ସନ୍ଦୀପ ତ୍ରିପାଠୀ ନିଲମ୍ବିତ କରିଛନ୍ତି।

## ଆଇନଜୀବୀ ସଂଘରେ...

ଯଦି ତତ୍ପର ନ ହୁଅନ୍ତି ତେବେ ୩୧ ତାରିଖରେ ସମଗ୍ର ରାଜ୍ୟର ବାର ଆସୋସିଏଶନ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବ। ମାତ୍ର ଶୁକ୍ରବାର ବୈଠକ ପରେ ଶନିବାର ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟ ଓ କର୍ମକର୍ତ୍ତାମାନେ ଭିନ୍ନ ଆଭିମୁଖ୍ୟ ପୋଷଣ କରିଥିଲେ। ସାମ୍ମୁଖ୍ୟର ଏକ ବୈଠକ ସ୍ଥାନୀୟ ଏକ ହୋଟେଲରେ ଆବାହକ ଆଡଭୋକେଟ ମିଲନ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆନ୍ଦୋଳନକୁ ରାଜନୀତିକରଣ କରାଯାଉଥିବା ସାମ୍ମୁଖ୍ୟର ଉପଦେଷ୍ଟା ତଥା ବରିଷ୍ଠ ଆଡଭୋକେଟ ଅସୀମ ଅମିତାଭ ଦାସ ଅଭିଯୋଗ କରିଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ସୋମବାର ହାଇକୋର୍ଟର ଅନ୍ୟ ଆଇନଜୀବୀମାନଙ୍କ ସହିତ ଆଲୋଚନା କରାଯିବ। ମଙ୍ଗଳବାର କୋର୍ଟ କାର୍ଯ୍ୟରେ ଯୋଗଦେବାକୁ ଏକପ୍ରକାର ସ୍ଥିର କରାଯାଇଥିବା ଆଡଭୋକେଟ ଦାସ କହିଛନ୍ତି।

ଅନ୍ୟପକ୍ଷରେ ଉପସଭାପତି ଶତପଥୀଙ୍କ ଇସ୍ତଫା ଆମର ହସ୍ତଗତ ହୋଇନାହିଁ। ଗଣମାଧ୍ୟମରୁ ତାଙ୍କ ଇସ୍ତଫା କଥା ଆମେ ଶୁଣୁଛୁ। ସଂଘ ଦୁଇଭାଗ ହୋଇଗଲା ବୋଲି କହିବା ଉଚିତ ନୁହେଁ ବୋଲି ହାଇକୋର୍ଟ ବାର ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି। ମହାନ୍ତିଙ୍କ କହିବାନୁଯାୟୀ, ଶୁକ୍ରବାର ବାରର ସାଧାରଣ ପରିଷଦ ବୈଠକ ବସିଥିଲା। ସେଥିରେ ନିଜେ ଉପସଭାପତି ଶତପଥୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଯାହା ନିଷ୍ପତ୍ତି ହୋଇଥିଲା ତାହା ରିଜୋଲ୍ୟୁଶନରେ ରହିଛି ଓ ଉପସଭାପତି ଶତପଥୀ ସେଥିରେ ଦସ୍ତଖତ କରିଛନ୍ତି ବୋଲି ମହାନ୍ତି କହିଛନ୍ତି। କିନ୍ତୁ ଇସ୍ତଫା ପରେ ପ୍ରତିକ୍ରିୟା ଦେଇ ଶତପଥୀ କହିଛନ୍ତି ଯେ, ଶୁକ୍ରବାର ବୈଠକରେ ଯାହା ନିଷ୍ପତ୍ତି ନିଆଗଲା ତାହା ରିଜୋଲ୍ୟୁଶନରେ ସ୍ଥାନ ପାଇଲା ନାହିଁ। ପରବର୍ତ୍ତୀ ବୈଠକ ଅକ୍ଟୋବର ୩୦ରେ ହେବାକୁ ସ୍ଥିର ହୋଇଥିଲା। ବୈଠକ ପରେ ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥାନ୍ତା। ହେଲେ ଶୁକ୍ରବାର ବୈଠକ ପରେ ବାର ସମ୍ପାଦକ ହଠାତ୍ ଗଣମାଧ୍ୟମ ଆଗକୁ ଆସି ଅକ୍ଟୋବର ୩୧ରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବା ନେଇ ସୂଚନା ଦେବା ତାଙ୍କୁ ଅସହ୍ୟ କରିଥିଲା। ତେଣୁ ସ୍ୱାଭିମାନ ଦୃଷ୍ଟିରୁ ସେ ନିଜ ପଦବୀରୁ ଇସ୍ତଫା ଦେଇଥିବା ଶତପଥୀ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

ଅପରପକ୍ଷରେ ଆନ୍ଦୋଳନରୁ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସହ ସମ୍ପୃକ୍ତ ଥିବା ଆଇନଜୀବୀମାନେ ଓହରିଯିବା ପରେ ଅନ୍ୟ ଆଇନଜୀବୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଡ. ଅଶୋକ ମହାପାତ୍ର ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଥିବା ବେଳେ ଆଡଭୋକେଟ କ୍ଷୀରୋଦ ରାଉତ ଏହା ଓକିଲଙ୍କ ଏକତା ପ୍ରତି କୁଠାରାଘାତ ବୋଲି କହିଛନ୍ତି।

ସୂଚନାଥାଉକି, ହାଇକୋର୍ଟ ଆଡଭୋକେଟ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ଗତ ଅଗଷ୍ଟ ୨୮ ତାରିଖରେ ପୋଲିସ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ହାଇକୋର୍ଟ ଆଇନଜୀବୀମାନେ ଅଗଷ୍ଟ ୨୯ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି।

## ୪ ଯବାନ...

ଯାଇଥିବାବେଳେ ମାଓବାଦୀମାନେ ତାଣ୍ଡବ ରଚାଇଥିଲେ। ୬ ଜଣ ଯବାନଙ୍କୁ ନେଇ ଯାଉଥିବା ଏମ୍‌ପିଭିକୁ ଟାର୍ଗେଟ କରି ସେମାନେ ଶକ୍ତିଶାଳୀ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟାଇଥିଲେ। ଘଟଣାସ୍ଥଳରେ ୪ ଯବାନ ଟଳିପଡ଼ିଥିଲେ। ସୁରକ୍ଷାକର୍ମୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୁଇ ଆହତ ଯବାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିବା ବିଜାପୁର ଏସ୍‌ପି ମୋହିତ ଗର୍ଗ ସୂଚନା ଦେଇଛନ୍ତି। ସିଆର୍‌ପିଏଫ୍ ଶିବିରରୁ ମାତ୍ର ୧ କି.ମି. ଦୂରରେ ଏହି ଆକ୍ରମଣ ଘଟିଛି। ଓଡ଼ିଆ ଯବାନ ବେହେରା ଶହୀଦ ହେବା ପରେ ତାଙ୍କ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସିଆର୍‌ପିଏଫ୍‌ର ୧୬୮ଶ ବାଟାଲିୟନ୍‌ରେ ବେହେରା ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ।

ଛତିଶଗଡ଼ର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ରମଣ ସିଂ ଭାଜପା ପକ୍ଷରୁ ସୁକ୍‌ମାରେ ପ୍ରଚାର ଆରମ୍ଭ କରିଥିବାବେଳେ ଏହି ଦିନରେ ମାଓବାଦୀଙ୍କ ଲାଲ୍ ତାଣ୍ଡବ ଦେଖିବାକୁ ମିଳିଛି। ପ୍ରକାଶ ଯେ, ନିର୍ବାଚନ ବର୍ଜନ ଲାଗି ଧମକ ଦେବାକୁ ଯାଇ ନିକଟରେ ମାଓବାଦୀମାନେ ବସ୍ତର ଜିଲାରେ ପୋଷ୍ଟର ଲଗାଇଥିଲେ।

## ସଞ୍ଜୟ ମିଶ୍ର...

ତୁଲାଇଛନ୍ତି। ୧୯୮୪ ବ୍ୟାଚ୍‌ର ଆଇଆର୍‌ଏସ୍ ଅଧିକାରୀ ମିଶ୍ର ବହୁଚର୍ଚ୍ଚିତ ନ୍ୟାଶନାଲ ହେରାଲ୍ଡ ମାମଲାର ତଦନ୍ତ କରିଛନ୍ତି। ଏହାବ୍ୟତୀତ ସେ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ମଧ୍ୟ ତଦନ୍ତ କରିଥିଲେ। ଏବେ ସେ ଏକ ବଡ଼ ମିଡିଆ ହାଉସ୍‌ର ଟିକସ ଚୋରି ମାମଲାର ତଦନ୍ତଭାର ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଘନିଷ୍ଠ ସହଯୋଗୀ ନୃପେନ ମିଶ୍ରଙ୍କ ଖାସ୍ ଲୋକ ଭାବେ ସଞ୍ଜୟ ଜଣାଶୁଣା।




## ଆଇଏସ୍ ଆକ୍ରମଣ: ୬୮ ସୈନ୍ୟ ନିହତ

**ବିରୁଟ୍, ୨୭।୧୦(ପି.ଟି.):** ଆତଙ୍କବାଦୀ ସଙ୍ଗଠନ ଇସଲାମିକ୍ ଷ୍ଟେଟ୍ (ଆଇଏସ୍)ର ଆକ୍ରମଣରେ ଶନିବାର ଆମେରିକା ସମର୍ଥିତ ୬୮ ସୈନ୍ୟ ପୂର୍ବ ସିରିଆରେ ନିହତ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଆମେରିକା ନେତୃତ୍ୱାଧୀନ ସିରିଆନ୍ ଡେମୋକ୍ରାଟିକ୍ ଫୋର୍ସ ଉପରେ ଆଇଏସ୍ ପକ୍ଷରୁ ଆତ୍ମଘାତୀ ଆକ୍ରମଣ ହୋଇଥିଲା। ବ୍ରିଟେନ୍‌ସ୍ଥିତ ସିରଆର ମାନବାଧିକାର ପର୍ଯ୍ୟବେକ୍ଷକ ସଂସ୍ଥା ପକ୍ଷରୁ ଏନେଇ ସୂଚନା ଦିଆଯାଇଛି।




## ପୁରୀ ହିଂସା: ଆଉ ୪ ଗିରଫ

ପୁରୀ ଅଫିସ,୨୭।୧୦

ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସାରେ ଗିରଫଦାରି ସଂଖ୍ୟା ଶତକ ଛୁଇଁଛି। ପୂର୍ବରୁ ପୋଲିସ ୯୬ ଜଣଙ୍କୁ ଗିରଫ କରିଥିବାବେଳେ ଶନିବାର ଆଉ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ସିଂହଦ୍ୱାର ଥାନାରେ ରୁଜୁ ମାମଲା ନଂ. ୮୫/୧୮ରେ ପୋଲିସ ମଣିକର୍ଣ୍ଣିକା ସାହିର ଦାମୋଦର ପୂଜାପଣ୍ଡା (୨୨)ଙ୍କୁ ଗିରଫ କରିଛି। ସେହିପରି ଟାଉନ ଥାନା ପୋଲିସ କେସ୍ ନଂ. ୧୬୫/୧୮ରେ ପେଣ୍ଠକଟାର ଆକାଶ ପ୍ରଧାନ, ବଡ୍ଡୁ ମହାପାତ୍ର ଜାଗା ଅଞ୍ଚଳର ଚିତ୍ତରଞ୍ଜନ ଆଚାର୍ଯ୍ୟ, ହରଚଣ୍ଡୀ ସାହି ଶୀତଳ ପିଣ୍ଡା ଲେନ୍‌ର ବାସୁଦେବ ଖୁଣ୍ଟିଆ ଗିରଫ ହୋଇଛନ୍ତି। ଏହି ହିଂସା ଘଟଣାରେ ପ୍ରମୁଖ ସେବାୟତ ତଥା ବିଭିନ୍ନ ରାଜନୈତିକ ଦଳର ଛାମୁଆ କର୍ମୀଙ୍କ ନାଁ ରହିଛି। କିନ୍ତୁ ପୋଲିସ ସେମାନଙ୍କୁ ଗିରଫ କରିପାରି ନାହିଁ। ଏହି ପ୍ରମୁଖ ସେବାୟତ ଏବେ ପୁରୀ ବାହାରେ ଆତ୍ମଗୋପନ କରିଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରୁ ନ ଥିବା ବେଳେ କୋର୍ଟ ଖୋଲିଲେ ଆଗୁଆ ଜାମିନ ପାଇବାରେ ସେମାନେ ସକ୍ଷମ ହେବେ। ପୋଲିସ ଏହି ଚାଲ୍ ଖେଳୁଥିବା ଚର୍ଚ୍ଚା ହେଉଛି।

## ଲଘୁଚାପ: ଆଜିଠୁ ୩ ଦିନ ବର୍ଷିବ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୯ ତାରିଖ ବେଳକୁ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ୩ ଦିନ ଧରି ଉପକୂଳ ଓଡ଼ିଶାରେ ବର୍ଷା ହେବ। ୨୮ ତାରିଖ ରାତିରୁ ଉପକୂଳରେ ବର୍ଷା ଆରମ୍ଭ ହୋଇଯିବ। ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୯ ଓ ୩୦ ତାରିଖରେ ବର୍ଷା ପରିମାଣ ବଢ଼ିବା ସମ୍ଭାବନା ରହିଛି। ୨୯ ତାରିଖରେ ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭବାନ ରହିଛି। ୩୦ରେ ଉତ୍ତର ଓଡ଼ିଶାର ବାଲେଶ୍ୱର ଓ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ଅନୁମାନ କରିଛି।









ତୁମେ ତୁମ ହୃଦୟ ମନକୁ ଶୁଦ୍ଧ କରିବା ଲାଗି କାର୍ଯ୍ୟ କରିବା ଉଚିତ। ଅନ୍ୟମାନେ କ'ଣ କରୁଛନ୍ତି, ନ କରୁଛନ୍ତି- ସେ ସମ୍ବନ୍ଧେ ମୁଣ୍ଡଖେଳାଇ ସମୟ ନଷ୍ଟ କରିବା ଅନାବଶ୍ୟକ। -ଶ୍ରୀମା

# ଭିନ୍ନମତ ପ୍ରତି ଅସହିଷ୍ଣୁତା

ଆକାର ପଟେଲ

ଚଳିତ ସପ୍ତାହରେ ମୋ କାର୍ଯ୍ୟାଳୟକୁ ଚଢ଼ାଉ କରିବାକୁ ଆସିଥିବା ଏକ ତଦନ୍ତକାରୀ ସଂସ୍ଥାର ଜଣେ ବ୍ୟକ୍ତିଙ୍କ ସହ ମୋର ବାର୍ତ୍ତାଳାପ ହୋଇଥିଲା। ସେ ଠିକ୍ ମୋ ବୟସର, ମାନେ ତାଙ୍କୁ ପ୍ରାୟ ୫୦ ବର୍ଷ ହେବ। ସେ ଯେଉଁସବୁ କଥା କହିଲେ, ଶୁଣି ମୋତେ ଆଶ୍ଚର୍ଯ୍ୟ ଲାଗିଲା। ତେବେ ସେ ସବୁ କଥା ମୁଁ ପରେ କହିବି। ପ୍ରଥମେ ଦୃଷ୍ଟି ପକାଇବା ଆମେରିକାରେ ଘଟିଚାଲିଥିବା କିଛି ଘଟଣା ଉପରେ। ରାଷ୍ଟ୍ରପତି ଟ୍ରମ୍ପଙ୍କ ଦଳର ଲୋକ ଭାବେ ଚିହ୍ନିତ ଜଣେ ବ୍ୟକ୍ତି ଟ୍ରମ୍ପଙ୍କ ବିରୋଧୀମାନଙ୍କ ପାଖକୁ ବୋମା ପଠାଇଥିଲେ। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ହିଲାରୀ କ୍ଲିଣ୍ଟନ, ଗୋଇନ୍ଦା ସଂସ୍ଥାର କିଛି ସଦସ୍ୟ ଯାହାଙ୍କୁ ଟ୍ରମ୍ପ ସମାଲୋଚନା କରିଥିଲେ ଏବଂ ଜଣେ ଭାରତୀୟ-ମୂଳ ମହିଳା କମଳା ହାରିସ ଯିଏ କି ୨୦୨୦ ରାଷ୍ଟ୍ରପତି ନିର୍ବାଚନ ଦୌଡ଼ରେ ରହିବାର ସମ୍ଭାବନା ଅଛି। ଆମେରିକାରେ ବିଶେଷତଃ ଓବାମାଙ୍କ ବିଦାୟ ପରେ ରାଜନୈତିକ ବିତର୍କର ମାନ କେମିତି ଅଛି, ସେ ବିଷୟରେ ଆମେ ସଚେତନ। ଟ୍ରମ୍ପ ପ୍ରସଙ୍ଗଗୁଡ଼ିକୁ ପିଲାଳିଆ ସ୍ତରକୁ ନେଇଗଲେ। ଅଧିକାଂଶ ଜିନିଷ ଭଲ ବା ଖରାପ, ଧଳା ବା କଳା ଏବଂ ଭାରତର ରାଜନୈତିକ ପରିଭାଷା ଅନୁସାରେ ତାହା ଜାତୀୟତାବାଦୀ ବା ଦେଶବିରୋଧୀ। ଆପ୍ରବାସନ ପ୍ରସଙ୍ଗରେ ଟ୍ରମ୍ପ ଆକ୍ରମଣାତ୍ମକ ସ୍ୱରରେ କହିଛନ୍ତି ଯେ, ଏହା ଏକ ସମସ୍ୟା, ଯାହାର ଅନ୍ତ ହେବା ଦରକାର ଏବଂ ସେ ଜବରଦସ୍ତ ଏହାର ଅନ୍ତ କରିବେ। ସେ ଶାରୀରିକ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି ଏବଂ ବିନା ଭିଜାରେ ଆମେରିକା ଆସିଥିବା ପରିବାରଠାରୁ ତାଙ୍କ ପିଲାଙ୍କୁ ଅଲଗା କରିଦେଉଛନ୍ତି।

ଡେମୋକ୍ରାଟ୍‌ମାନେ ଏବଂ ବ୍ୟବସାୟୀ ଗୋଷ୍ଠୀ କହନ୍ତି ଯେ, ମେକ୍ସିକୋରୁ ଆସିଥିବା କାରଖାନା ଶ୍ରମିକମାନେ ବାସ୍ତବରେ ଆମେରିକା ଅର୍ଥନୀତିରେ ଉନ୍ନତି ଘଟାଇଛନ୍ତି। ସିଲିକନ୍ ଭାଲି (ଆମେରିକାର ଶିଳ୍ପ ଓ ପ୍ରଯୁକ୍ତିର କେନ୍ଦ୍ରସ୍ଥଳ) ବାରମ୍ବାର କହିଆସୁଛି ଯେ, ଭାରତୀୟ ସଫ୍ଟୱେର ଇଞ୍ଜିନିୟରମାନଙ୍କୁ ଯଦି ଆମେରିକା ବିଜ୍‌ନେସ୍ ଭିଜା ନ ଦିଏ, ତା'ହେଲେ ସେମାନଙ୍କ ବ୍ୟବସାୟରେ ବିପୁଳ କ୍ଷତି ହେବ। କିନ୍ତୁ ଟ୍ରମ୍ପ ଓ ତାଙ୍କ ସମର୍ଥକମାନଙ୍କ ସ୍ପଷ୍ଟ କଥା: ଆମେରିକାକୁ ଶୁଦ୍ଧ ରଖାଯିବାର ଆବଶ୍ୟକତା ଅଛି। ମେକ୍ସିକାନ୍‌ମାନେ ବଳାତ୍କାରୀ ଓ ଅପରାଧୀ ଏବଂ ଭାରତୀୟମାନେ ଆମେରିକୀୟ ଯୁବକଙ୍କ ଚାକିରି ଛଡ଼ାଇନେଉଛନ୍ତି। ଭାରତୀୟମାନଙ୍କୁ ଭିଜା ନ ମିଳିଲେ ତାଙ୍କ ସ୍ଥାନରେ ଆମେରିକୀୟ ଯୁବକମାନେ ଚାକିରି ପାଇପାରିବେ। କୃଷ୍ଣକାୟ ଦେଶଗୁଡ଼ିକୁ ଟ୍ରମ୍ପ 'ଶିଟ୍-ହୋଲ୍ କଣ୍ଟ୍ରିଜ୍' (ଗନ୍ଧିଆ ଦେଶ) ନାମରେ ଅଭିହିତ କରିଛନ୍ତି। ଏହା ଏକ ମାରାତ୍ମକ ଟିପ୍ପଣୀ, ଯାହା ହିଂସାକାଣ୍ଡକୁ ଉତ୍ସାହିତ କରିପାରେ। ନିକଟ ଅତୀତରେ ପାଶ୍ଚାତ୍ୟରେ ଆମେ ଏପରି ଦୃଷ୍ଟାନ୍ତ ଯଦି ଦେଖିବା, ତେବେ ଏଥିପାଇଁ ଦକ୍ଷିଣପନ୍ଥୀମାନେ ଦାୟୀ। ଆମେରିକୀୟ ପ୍ରତିନିଧି ସଦନ (ଭାରତରେ ଯାହାକୁ ଲୋକ ସଭା କୁହାଯାଏ)ର ଜଣେ ସଦସ୍ୟ ଗାବ୍ରିଏଲ ଗିଫୋର୍ଡସଙ୍କ ମୁଣ୍ଡକୁ ୨୦୧୧ରେ ଗୁଳି କରାଗଲା। ଗୁଳି ମାରିଥିବା ଲୋକଟି ହେଉଛି ରିପବ୍ଲିକାନ୍ ପାର୍ଟିର ଚରମପନ୍ଥୀ ଶାଖା 'ଟି ପାର୍ଟି'ର ସଦସ୍ୟ। ୨୦୧୬ରେ ପ୍ରତିନିଧି ସଦନ (ଇଂଲଣ୍ଡର ଲୋକ ସଭା)ର ଜଣେ ସଦସ୍ୟା ଜୋ କକ୍ସଙ୍କୁ ଜଣେ ଲୋକ ଗୁଳି ମାରିଲା, ଯିଏ ତାଙ୍କ ଆପ୍ରବାସନ-ଅନୁକୂଳ ନୀତିକୁ ବିରୋଧ କରିବା ସହ ତାଙ୍କୁ ଗୋରା ଲୋକଙ୍କ ବିଶ୍ୱାସଘାତିନୀ ବୋଲି କହୁଥିଲା। ଏହା ବ୍ରେକ୍‌ଜିଟ୍ ପାଇଁ ଭୋଟ ପୂର୍ବରୁ ଘଟିଥିଲା, ଯେତେବେଳେ ଆପ୍ରବାସନ ଥିଲା ମୁଖ୍ୟ ପ୍ରସଙ୍ଗ।

ଏ ସବୁ ଘଟଣାରେ ଗୋଟିଏ ସାଧାରଣ କଥା ଦେଖିବାକୁ ମିଳେ। ସାଧାରଣ ଲୋକମାନେ ରାଜନୈତିକ ନେତାମାନେ ତିଆରି କରିଥିବା ରାଷ୍ଟ୍ରବାଦୀ ଆଭିମୁଖ୍ୟକୁ ଅତି ସହଜରେ ଗ୍ରହଣ କରିନେଇଥାନ୍ତି। ଭିନ୍ନମତାବଲମ୍ବୀଙ୍କୁ ସେମାନେ ଦେଶଦ୍ରୋହୀ ଓ ବିଶ୍ୱାସଘାତକ ବୋଲି ମନେକରନ୍ତି। ଆଶ୍ଚର୍ଯ୍ୟର କଥା ଆମେରିକାରେ ଏବେ ବିତର୍କ ଏପରି ନିମ୍ନ ସ୍ତରରେ ଆସି ପହଞ୍ଚିଲାଣି, ଯେଉଁଥିରେ ଓବାମାଙ୍କ ପରି ବ୍ୟକ୍ତିତ୍ୱଙ୍କୁ ମଧ୍ୟ ଦେଶବିରୋଧୀ ବିବେଚନା କରାଯାଉଛି।

ଏବେ ଆସିବା ସେହି ବ୍ୟକ୍ତିଙ୍କ ପାଖକୁ ଯାହାଙ୍କ ବିଷୟରେ ମୁଁ ଆରମ୍ଭରେ ଉଲ୍ଲେଖ କରିଛି। ସେ ହେଉଛନ୍ତି ଚଢ଼ାଉକାରୀ ଦଳର ଜଣେ ସଦସ୍ୟ ଏବଂ ସେ ଖୁବ୍ ଶାନ୍ତ ଓ ବୁଦ୍ଧିମାନ୍ ଜଣାପଡୁଥିଲେ। ସେ ଅର୍ଥ ମନ୍ତ୍ରଣାଳୟରେ କାମ କରନ୍ତି। ମୁଁ ଯେଉଁ ସଂସ୍ଥାରେ କାମ କରୁଛି, ସେହି ସଂସ୍ଥା ଦେଶବିରୋଧୀ କାର୍ଯ୍ୟକଳାପରେ ସଂଶ୍ଲିଷ୍ଟ ବୋଲି ସନ୍ଦେହ କରି ସେମାନେ ଏହି ଚଢ଼ାଉ କରିଥିଲେ।

ସରକାର ଭିତରେ ବି ଏପରି ଘଟଣା ଘଟୁଥିବା ଦେଖି ମୁଁ ଆଶ୍ଚର୍ଯ୍ୟାନ୍ୱିତ। ଆମ ଟେଲିଭିଜନ ଚାନେଲଗୁଡ଼ିକରେ ଯେପରି ନିମ୍ନମାନର ବିତର୍କମାନ ଚାଲିଛି, ତାହା ଜଟିଳ ପ୍ରସଙ୍ଗଗୁଡ଼ିକୁ ଅତି ପିଲାଳିଆ କରିଦେଉଛି। ଉକ୍ତ ଭଦ୍ରବ୍ୟକ୍ତିଙ୍କ ସହ ଆଲୋଚନାରୁ ମୁଁ ଜାଣିଲି ଯେ, ସେ ମଧ୍ୟ ଏସବୁ ଘଟଣାରେ ବିବ୍ରତ, ମାତ୍ର ତାଙ୍କ ଯୁକ୍ତି ଶୁଣିବାକୁ କେହି ନାହାନ୍ତି। ଦେଶ ଏବେ ବିପଜ୍ଜନକ ସମୟ ଦେଇ ଗତି କରୁଛି ଏବଂ ଆମେ ଏ ପର୍ଯ୍ୟାୟରେ ଖୁବ୍‌ଶୀଘ୍ର ପହଞ୍ଚିଯାଇଛୁ। ଆମେ କେତେକ ସମ୍ପ୍ରଦାୟ ସମେତ ଅନେକ ଲୋକଙ୍କୁ ଏବେ ଶତ୍ରୁ ବୋଲି ବିଚାର କରୁଛୁ। କିନ୍ତୁ କାହାର ଶତ୍ରୁ? ଗୋଟିଏ ପକ୍ଷର ମତ ଓ ରାଜନୀତିର ଶତ୍ରୁ। ଆପଣ ଯଦି ଉକ୍ତ ପକ୍ଷର ମତକୁ ସମର୍ଥନ କରୁନାହାନ୍ତି, ତେବେ ଆପଣ ଦେଶବିରୋଧୀ ବା ଦେଶର ସ୍ୱାର୍ଥବିରୋଧୀ ବୋଲି ଗଣାଯିବେ। ଦେଶ ସାରା କିଛିଦିନ ହେଲା ଯେଉଁସବୁ ହତ୍ୟାକାଣ୍ଡ ଘଟୁଛି, ତାହା ହେଉଛି ସେହି ଜାତୀୟତାବାଦୀ ଚିନ୍ତାଧାରାର ଦୁଷ୍ପରିଣାମ। ଜାତୀୟତାବାଦକୁ ନେଇ ରାଜନୈତିକ ବାଗାଡ଼ମ୍ବରରୁ ହିଂସାକାଣ୍ଡ ଘଟୁଛି ଏବଂ ଆମେ ସମସ୍ତେ ସେଥିରେ ସଂକ୍ରମିତ ହେଉଛୁ। ଆମେ ଆଗାମୀ ସାଧାରଣ ନିର୍ବାଚନ ଆଡ଼କୁ ମୁହାଁଉଥିବା ବେଳେ ଏ ବିଷୟରେ ଗଭୀରଭାବେ ଚିନ୍ତା କରିବାର ଆବଶ୍ୟକତା ରହିଛି।

Email: aakar.patel@gmail.com

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 2 | | | | | | | | | | | A | | |
| D | B | 9 | | | E | C | 8 | 7 | 6 | | | | | |
| 8 | | 1 | | 7 | | | | 6 | | 2 | | | | |
| A | 3 | | | 1 | | | | | 4 | | 7 | | B | |
| | | | | | | 5 | 0 | 1 | | | C | | | 3 |
| | | | 5 | | | | | | D | | 2 | | | 0 |
| | | | | A | | | | 4 | | | 8 | D | 1 | |
| 7 | | 0 | | | 2 | | 3 | | | | | | 4 | B |
| | | B | | | | 1 | | C | | | | | 5 | |
| | | 2 | 1 | D | | | | E | C | 0 | | 7 | | 9 |
| | | | | 4 | B | 7 | E | 3 | | C | | | | 1 |
| | | | 2 | | | | C | | 5 | | | | E | |
| | | | 6 | | | | | 9 | 3 | | A | | | 2 |
| 9 | | | | 8 | D | | 4 | | | | | 0 | 3 | |
| 4 | 8 | | A | 5 | | | | | | | | B | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 8 | C | 1 | 5 | B | 4 | 7 | 6 | D | A | E | 9 | 0 | 2 |
| 1 | 0 | 9 | 6 | E | 7 | B | 8 | A | 4 | 5 | 2 | D | 3 | C |
| 5 | A | E | 0 | 8 | 2 | D | 9 | 1 | 6 | 3 | C | 4 | B | 7 |
| 4 | B | 6 | A | D | C | 3 | 0 | 2 | 7 | 9 | 8 | 5 | 1 | E |
| 7 | 2 | D | 9 | 3 | 4 | 5 | E | C | B | 1 | 0 | A | 8 | 6 |
| B | 7 | 1 | 3 | 4 | 0 | 6 | C | 9 | 2 | 8 | 5 | E | D | A |
| C | D | A | B | 2 | 6 | 0 | 5 | 7 | 1 | E | 4 | 8 | 9 | 3 |
| 2 | 3 | 0 | E | C | A | 8 | 1 | D | 9 | 6 | B | 7 | 4 | 5 |
| 6 | 5 | 4 | D | 9 | 8 | A | 3 | E | 0 | C | 7 | 1 | 2 | B |
| 9 | E | 8 | 7 | 1 | 5 | 2 | B | 4 | A | D | 3 | 6 | C | 0 |
| A | 6 | 2 | 8 | 0 | E | 9 | 4 | 3 | C | 7 | 1 | B | 5 | D |
| 0 | 9 | 3 | 2 | 6 | 1 | 7 | A | 8 | 5 | B | D | C | E | 4 |
| D | 1 | B | 5 | A | 9 | C | 2 | 0 | E | 4 | 6 | 3 | 7 | 8 |
| E | C | 7 | 4 | B | 3 | 1 | D | 5 | 8 | 0 | A | 2 | 6 | 9 |
| 8 | 4 | 5 | C | 7 | D | E | 6 | B | 3 | 2 | 9 | 0 | A | 1 |

ଗତକାଲିର ଉତ୍ତର

# ମୋତେ ଯେତେ ମାଠିବୁ ମାଠ

ପ୍ରକାଶ ତ୍ରିପାଠୀ

'ଆମ ଦେଶରେ ଦୁର୍ଘଟଣାଟିଏ ଘଟିଗଲେ ଏହା ଉପରେ ଆରମ୍ଭ ହୋଇଯାଏ ଆଲୋଚନା, ପ୍ରତ୍ୟାଲୋଚନା ଓ ପରେ ପରେ ରାଜନୈତିକ ଆରୋପ ଓ ପ୍ରତ୍ୟାରୋପ। ମୃତାହତ ସଂଖ୍ୟା ଅଧିକ ହୋଇଥିଲେ ସରକାରଙ୍କ ପକ୍ଷରୁ ତଦନ୍ତ କମିଶନଟିଏ ବସାଇ ଦିଆଯାଏ। କିଛିଦିନର ହୋହଲ୍ଲା ପରେ ସମସ୍ତେ ଥଣ୍ଡା ପଡିଯାନ୍ତି। ଅପେକ୍ଷା କରାଯାଏ ଆଉ ଗୋଟିଏ ଅଘଟଣକୁ। ଦଶନ୍ଧି ଦଶନ୍ଧି ଧରି ଏହିଭଳି ଚିରାଚରିତ ଶୈଳୀରେ ଆମେ ଦେଖିଆସୁଛୁ ଆମ ଚାରି ପାଖରେ ଘଟୁଥିବା ସବୁ ଘଟଣା ଓ ଦୁର୍ଘଟଣାକୁ। ଏଥିରୁ କିଏ କ'ଣ ଶିକ୍ଷା ଲାଭ କରୁଛନ୍ତି ଜଣାପଡେ ନାହିଁ। ମାତ୍ର ଅଘଟଣ ଘଟିବା କମେ ନାହିଁ କିମ୍ବା ଆମ୍ଭେମାନେ କେହି ବି ସୁଧୁରିବା ଦେଖାଯାଏ ନାହିଁ।

ଏବେ ଗୋଟିଏ ଦୁର୍ଘଟଣା ଘଟିଛି ପଞ୍ଜାବର ଅମୃତସରରେ ବିଜୟା ଦଶମୀ ରାତିରେ। ଯୋଡା ରେଳଫାଟକ ନିକଟସ୍ଥ ଧୋବିଘାଟରେ ସେ ଦିନ ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ରାବଣପୋଡି ଉତ୍ସବ। ଦଶହରା କମିଟି ପକ୍ଷରୁ ଗତ କୋଡିଏ ବର୍ଷ ହେବ ଏଠାରେ ଏହି ଉତ୍ସବ ପାଳିତ ହୋଇ ଆସୁଛି। ଗତ ରାବଣପୋଡି ଉତ୍ସବକୁ ନିମନ୍ତ୍ରିତ ହୋଇଥିଲେ ପଞ୍ଜାବର କ୍ୟାବିନେଟ ମନ୍ତ୍ରୀ ନବଜୋତ ସିଂ ସିଦ୍ଧୁ ଓ ତାଙ୍କ ପତ୍ନୀ। ସିଦ୍ଧୁ କାର୍ଯ୍ୟବ୍ୟସ୍ତତା ଯୋଗୁ ଆସିପାରି ନ ଥିଲେ ଓ ତାଙ୍କ ପତ୍ନୀ ହିଁ ସେହି ଉତ୍ସବର ମୁଖ୍ୟଅତିଥି ଥିଲେ। ଧୋବିଘାଟର ପଡିଆରେ ଦୁଇହଜାର ଦର୍ଶକ ବସିବାର ସୁବିଧା ଥିଲେ ହେଁ ସେ ଦିନ ଏହାଠାରୁ ଅଧିକ ଦର୍ଶକ ରାବଣପୋଡି ଦେଖିବାକୁ ଆସିଥିଲେ। କିଛି ଦର୍ଶକ ରାବଣପୋଡି ଦୃଶ୍ୟକୁ ନିଜ ନିଜ ମୋବାଇଲ ଫୋନରେ ରେକର୍ଡିଂ କରିବା ପାଇଁ ନିକଟରେ ଯାଇଥିବା ରେଳ ଲାଇନ ଉପରକୁ ଚାଲିଯାଇଥିଲେ। ଢୋ ଢା ହୋଇ ଆତସବାଜି ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକରେ ଜଳୁଥିବା ରାବଣର ଦୃଶ୍ୟକୁ ଦର୍ଶକମାନେ ଅତି ଉତ୍ସାହର ସହ ଉପଭୋଗ କରୁଥିଲେ ଓ ନିଜ ନିଜ ମୋବାଇଲରେ ଫଟୋ ଉଠାଇ ଚାଲିଥିଲେ। ହଠାତ୍ ଏହି ସମୟରେ ଦ୍ରୁତଗତିରେ ମାଡିଆସିଥିଲା ଏକ ଟ୍ରେନ ଓ ରେଳଧାରଣାରେ ଠିଆ ହୋଇଥିବା ଲୋକଙ୍କ ଉପରେ ଚଢିଗଲା। ଟ୍ରେନ ଚକ ତଳେ କଟିଯାଇ ୬୦ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିବା ସହ ଶତାଧିକ ଗୁରୁତର ଆହତ ହେଲେ। ବର୍ତ୍ତମାନ ତର୍ଜମା ଚାଲିଛି ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ପାଇଁ ଦାୟୀ କିଏ। କେହି କେହି ଆୟୋଜକ ଦଶହରା କମିଟିକୁ ଦୋଷ ଦେଲେଣି ତ କେହି ମ୍ୟୁନିସିପାଲ କର୍ପୋରେଶନ ଅମୃତସରକୁ ଦାୟୀ କଲେଣି। କିଏ ସ୍ଥାନୀୟ ପ୍ରଶାସନକୁ ଦାୟୀ କଲାଣି ତ କିଏ ରେଳ ବିଭାଗକୁ ଦୋଷ ଦେଲାଣି। ଏପରି କି ସେଦିନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ମନ୍ତ୍ରୀ ସିଦ୍ଧୁଙ୍କ ପତ୍ନୀଙ୍କୁ ବି ଦୋଷ ଦିଆଗଲାଣି। ରାଜ୍ୟ ସରକାର ଚିରାଚରିତ ଢଙ୍ଗରେ ଏକ ତଦନ୍ତ କମିଶନ ବସାଇବାକୁ ଘୋଷଣା କରିବା ସହ ପ୍ରତି ମୃତକଙ୍କ ପରିବାରକୁ ପାଞ୍ଚ ଲକ୍ଷ ଟଙ୍କା ସହାୟତା ଘୋଷଣା କରିସାରିଲେଣି। ଇତିମଧ୍ୟରେ କେନ୍ଦ୍ର ସରକାର ବି ପ୍ରତି ମୃତକଙ୍କ ପରିବାର ପାଇଁ ଦୁଇଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏଣିକି ଏହିଭଳି ଉତ୍ସବ ଆୟୋଜନ ପାଇଁ ଅନେକ କଟକଣା ଜାରି ହୋଇଯିବ ଓ ପ୍ରତ୍ୟେକ ରାଜ୍ୟ ସରକାର ବି ନିଜ ନିଜ ରାଜ୍ୟରେ ସର୍କୁଲାର ଜାରି କରିଦେବେ। ତେବେ ଏହାପରେ କେହି ଜଣେ ଗ୍ୟାରେଣ୍ଟି ଦେଇ ପାରିବେ କି, ଆମ ଦେଶରେ ଏଭଳି ଦୁର୍ଘଟଣା ଆଉ ଘଟିବ ନାହିଁ।

ଦୁର୍ଘଟଣା ଘଟିବା ଆମ ଦେଶରେ ଏକ ଧାରାବଦ୍ଧ ଘଟଣା। ସବୁ ଦୁର୍ଘଟଣାରେ ପ୍ରଶାସନକୁ ଦାୟୀ କରାଯିବା ଠିକ୍ ନୁହେଁ। ସାଧାରଣ ଜନତାଙ୍କର କିଛି ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ଅଛି ନା ନାହିଁ ! ଏହା ସ୍ୱୀକାର କରିବାକୁ ହେବ ଯେ ଯଦି ରାସ୍ତାରେ ପୋଲିସ ପକ୍ଷରୁ ହେଲମେଟ ଚେକିଂ କରାଯାଇ ଜରିମାନା ଆଦାୟ କରାଯାଉ ନ ଥାନ୍ତା, ଅଧିକାଂଶ ବାଇକଚାଳକ ହେଲମେଟ ପିନ୍ଧନ୍ତେ ନାହିଁ। କାର ଡ୍ରାଇଭିଂ ବେଳେ ସିଟ୍ ବେଲ୍‌ଟ ନ ବାନ୍ଧିଲେ ଫାଇନ ଦେବାକୁ ଯଦି ପଡୁ ନ ଥାନ୍ତା, ତେବେ କେହି ବୋଧହୁଏ ସିଟ୍ ବେଲ୍‌ଟ ବାନ୍ଧନ୍ତେ ନାହିଁ। କଡା ଆଇନ ଓ ଜରିମାନା ଆଦାୟ ସତ୍ତ୍ୱେ ଗାଡି ଚଳାଇବା ବେଳେ ଅନେକ ଚାଳକ ବିପଦପୂର୍ଣ୍ଣ ଭାବେ ମୋବାଇଲ ଫୋନରେ କଥା ହେଉଥିବା ନଜରକୁ ଆସିଥାଏ। ଗୋଟିଏ ଅଟୋରିକ୍ସାରେ ମାତ୍ର ୩ ଜଣ ବସିବାର ବ୍ୟବସ୍ଥା ଥିଲେ ମଧ୍ୟ ଏଥିରେ ଆଠରୁ ଦଶ ଯାତ୍ରୀ ଯାତ୍ରା କରୁଥିବା ଆମ ସହରମାନଙ୍କରେ ଏକ ସାଧାରଣ କଥା। ଯାତ୍ରୀବାହୀ ବସଗୁଡିକରେ ବାହାରକୁ ଓହଳି ଯେପରି ଯାତ୍ରୀମାନେ ବିପଜ୍ଜନକ ଅବସ୍ଥାରେ ଯାତ୍ରା କରିଥାନ୍ତି ତାହା ଦେଖିଲେ ହୃତ୍‌କମ୍ପନ ବଢିଯାଏ। ଚିଲିକାରେ ତ ଗୋଟିଏ ଗୋଟିଏ କାଠ ଡଙ୍ଗାରେ ୧୫ରୁ ୨୦ ମୋଟରସାଇକେଲ ଓ ୪୦ରୁ ୫୦ ଯାତ୍ରୀ ବିପଦପୂର୍ଣ୍ଣ ଭାବେ ଯାତ୍ରା କରୁଥିବାର ଦୃଶ୍ୟ ପ୍ରତ୍ୟହ ଦେଖିବାକୁ ମିଳେ। ରେଳ ଫାଟକରେ ଗେଟ୍ ପଡିଥିବା ସତ୍ତ୍ୱେ ଅନେକ ଲୋକ ନିଜ ମୋଟରସାଇକେଲ ସହ ନିଜେ ଗଳି ଯାତାୟାତ କରିବା ଆମ ଦେଶରେ ଏକ ନିତିଦିନିଆ ଘଟଣା। ରେଳ ଫାଟକରେ ଅସାବଧାନ ଯାତାୟାତ ଯୋଗୁଁ ଆମ ଦେଶରେ ବାର୍ଷିକ ପ୍ରାୟ ୧୫ ହଜାର ଲୋକ ମୃତାହତ ହୋଇଥାନ୍ତି। ରାସ୍ତା ଉପରେ ନୋ ପାର୍କିଂ ଜୋନରେ ଗାଡି ରଖିବା, ରାସ୍ତା ଉପରକୁ ଗୋରୁ ଛାଡିବା, ରାସ୍ତା ଅବରୋଧ କରି ବିଭିନ୍ନ କାର୍ଯ୍ୟ କରିବା ଯୋଗୁଁ ଆମ ଦେଶରେ ଘଟୁଥିବା ଦୁର୍ଘଟଣାର ସଂଖ୍ୟା ଅଧିକ। ପୋଲିସ୍ ଲାଠି ଧରି ଠିଆ ନ ହେବା ପର୍ଯ୍ୟନ୍ତ କୌଣସି କାଉଣ୍ଟରରେ ଧାଡି ବାନ୍ଧି ଠିଆ ହେବା ଆମ ଜାତକରେ ନାହିଁ। ଠେଲାପେଲା, ଦଳାଚକଟା ହେବା ଆମର ସହଜାତ ପ୍ରବୃତ୍ତି। ଦୁର୍ଘଟଣାରେ କ୍ଷତିଗ୍ରସ୍ତଙ୍କୁ ସାହାଯ୍ୟ କରିବା ବଦଳରେ ରାସ୍ତା ଅବରୋଧ କରି ଗାଡିମୋଟର ପୋଡାଜଳା କରିବାକୁ ଅନେକେ ନିଜର ଅଧିକାର ଭାବେ ଗ୍ରହଣ କରି ନେଇଛନ୍ତି। ବସ୍ ଦୁର୍ଘଟଣା ଘଟି କିଛି ଯାତ୍ରୀ ମୃତ୍ୟୁବରଣ କଲା ପରେ ଜଣାପଡେ ଯେ ବସଟିର ପର୍‌ମିଟ ନ ଥିଲା ଅବା ବସ୍‌ର ଫିଟ୍‌ନେସ୍ ନ ଥିଲା। ସକାଳୁ ସକାଳୁ ଅଟୋରିକ୍ସା ବା ରିକ୍ସାରେ ଯାଉଥିବା ଛୋଟ ଛୋଟ ସ୍କୁଲ ପିଲାଙ୍କୁ ଦେଖିଲେ ମନରେ ଭୟ ସଂଚରିଯାଏ। ସେଥିରେ ସ୍କୁଲ ପିଲା ଯାଉଛନ୍ତି କି ମାଲ ପରିବହନ ହେଉଛି ତାହା ମନରେ ଭ୍ରମ ସୃଷ୍ଟି କରେ। ଏହିସବୁ କ୍ଷେତ୍ରରେ ଦୁର୍ଘଟଣାଟିଏ ଘଟିଲେ ଆମେ କିଛିଦିନ ସଚେତନ ହୋଇଯାଉ, ମାତ୍ର କିଛିଦିନ ପରେ ପୁଣି ସେହି ପୂର୍ବାବସ୍ଥାକୁ ଫେରିଆସୁ।

ଅସାବଧାନତା ଯୋଗୁ ଆମ ଦେଶରେ ବାର୍ଷିକ ପ୍ରାୟ ଦେଢ ଲକ୍ଷ ଲୋକ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥାନ୍ତି। ଗତବର୍ଷ ଆମ ଦେଶରେ ପ୍ରତି ଦଶ ମିନିଟରେ ୭ ଜଣ ଲୋକ ରାସ୍ତା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ରୋଡ ଟ୍ରାନ୍ସପୋର୍ଟ ଏଣ୍ଡ ହାଇୱେ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଗତବର୍ଷ ୪,୬୪,୯୧୦ଟି ରାସ୍ତା ଦୁର୍ଘଟଣାରେ ୧,୪୭,୯୧୩ ଜଣଙ୍କ ଜୀବନହାନି ଘଟିଥିଲା ବେଳେ ୪,୭୦,୯୭୫ ଜଣ ଗୁରୁତର ଆହତ ହୋଇଥିଲେ। ଯଦି ସାଧାରଣ ଜନତା ସଚେତନ ହୁଅନ୍ତେ, ଦାୟିତ୍ୱପୂର୍ଣ୍ଣ ଭାବେ ଓ ସାବଧାନତା ସହ ଟ୍ରାଫିକ ନିୟମ ମାନି ଗାଡି ଚଳାନ୍ତେ ତେବେ ଏତେ ସଂଖ୍ୟାରେ ଘଟୁଥିବା ଦୁର୍ଘଟଣାକୁ ଏଡାଇ ଦେଇ ହୁଅନ୍ତା। ପୋଲିସ୍ ଓ ପ୍ରଶାସନ ପ୍ରତିଥର ଓ ପ୍ରତି ସ୍ଥାନରେ ଦୁର୍ଘଟଣାକୁ ରୋକିବ, ଏହା ଭାବିବା ଭୁଲ। ଅମୃତସର ରେଳ ଦୁର୍ଘଟଣା ପରେ ଏବେ ସମସ୍ତେ ଦୋଷ ଲଦାଲଦିରେ ବ୍ୟସ୍ତ। ପ୍ରକାଶିତ ଖବର ଅନୁଯାୟୀ ଚଳିତବର୍ଷ ବିଜୟାଦଶମୀରେ ମୋଟ ୨୯ଟି ରାବଣପୋଡି ଉତ୍ସବ ଅମୃତସରରେ ଆୟୋଜିତ ହୋଇଥିଲା, ଯେଉଁଥିରେ କି ମାତ୍ର ୪ଟିକୁ ପୂର୍ଣ୍ଣ ଅନୁମତି ମିଳିଥିଲା। ଏହିଭଳି ପ୍ରତିବର୍ଷ ବେନିୟମ ଭାବେ ରାବଣପୋଡି ହୁଏ ଓ ଦୁର୍ଘଟଣା ଘଟୁ ନ ଥିବା ଯୋଗୁ ସମସ୍ତେ ଚୁପ ରୁହନ୍ତି, ମାତ୍ର ଚଳିତବର୍ଷ ଦୁର୍ଘଟଣା ଘଟିବା ପରେ ଏସବୁ କଥା ପ୍ରକାଶ ପାଉଛି। ତଦନ୍ତ କମିଶନ ରିପୋର୍ଟ କେବେ ଆସିବ, କିଏ ଦୋଷୀ ସାବ୍ୟସ୍ତ ହେବେ ଓ ସେମାନଙ୍କ ପ୍ରତି କି ଦଣ୍ଡବିଧାନ ହେବ ତାହା ଭବିଷ୍ୟତ କହିବ। କିନ୍ତୁ ଏହି ଦୁର୍ଘଟଣାରେ ସାଧାରଣ ଜନତାଙ୍କ ଦୋଷ ପ୍ରତି ଆଖିବୁଜି ଦିଆଯାଇ ନ ପାରେ। ଅତି ଦାୟିତ୍ୱହୀନ ଓ ନିଜ ଜୀବନ ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଇ ଅସୁରକ୍ଷିତ ଭାବେ ରେଳ ଧାରଣା ଉପରେ ଠିଆ ହେବା ନିଶ୍ଚିତ ନିଜ ମୃତ୍ୟୁକୁ ଆମନ୍ତ୍ରଣ କରିବା ସହ ସମାନ। ଆମେ ଜାଣିଶୁଣି ରାସ୍ତା ମଝିରେ ଠିଆ ହେବା ଓ ଦୁର୍ଘଟଣା ଘଟିଲେ ଅନ୍ୟକୁ ଦାୟୀ କରିବା କେତେଦୂର ଠିକ୍? ସରକାର ବି ଏସବୁ ଘଟଣାରେ ଲକ୍ଷ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରି ଆତ୍ମସନ୍ତୋଷ ଲାଭ କରୁଛନ୍ତି। ସାଧାରଣ ଜନତାଙ୍କ ଟିକସକୁ ରିଲିଫ ହିସାବରେ ଏଭଳି ଦୁର୍ଘଟଣାରେ ପ୍ରଦାନ କରାଯିବାକୁ ବି ଅନେକ ଅଯଥାର୍ଥ କହିଲେଣି । ଯଦି ଏହା ଯଥାର୍ଥ, ତେବେ ଦେଶରେ ପ୍ରତ୍ୟହ ଘଟୁଥିବା ଦୁର୍ଘଟଣାରେ ମୃତାହତଙ୍କ ପରିବାରକୁ କାହିଁକି ସହାୟତା ଦିଆ ନ ଯିବ। କଥାରେ ଅଛି, 'ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡା କାଠ' । ଯେତେ ଠିକିଲେ ବି ଆମେ ଶିଖିପାରୁନାହୁଁ, ସଚେତନ ହେଉ ନାହୁଁ କି ସୁଧୁରୁନାହୁଁ।

ମୋ-୯୪୩୭୨୩୨୪୬୩,
ଇମେଲ-prakas.tripathy09@gmail.com

# ଅଭିଜ୍ଞ ଜୀବବିଜ୍ଞାନୀ

## ବ୍ୟକ୍ତିତ୍ୱ



ଶେଖର ସି. ମାଣ୍ଡେ

ଗବେଷଣା ଓ ବିକାଶ ଦିଗରେ ଭାରତର ପ୍ରମୁଖ ସଙ୍ଗଠନ ଭାବେ କାଉନସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ (ସିଏସ୍‌ଆଇଆର୍) ଜଣାଶୁଣା। ୧୯୪୨ରେ ଏହା ପ୍ରତିଷ୍ଠା କରାଯାଇଥିଲା। ନୂଆଦିଲ୍ଲୀରେ ଏହାର ମୁଖ୍ୟାଳୟ ରହିଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏଥିପାଇଁ ପାଣ୍ଠି ଯୋଗାଇ ଦେଇଆସୁଛି। ପ୍ରଧାନମନ୍ତ୍ରୀ ହେଉଛନ୍ତି ଏହି ସଙ୍ଗଠନର ଅଧ୍ୟକ୍ଷ। ବିଶ୍ୱ ସ୍ତରରେ ନବମ ସ୍ଥାନରେ ଥିବା ସିଏସ୍‌ଆଇଆର୍ ଭାରତରେ ୩୮ଟି ଜାତୀୟ ଗବେଷଣାଗାର ପରିଚାଳନା କରୁଛି। ନିକଟରେ ଏଭଳି ଏକ ସଂସ୍ଥାର ମହାନିର୍ଦ୍ଦେଶକ ଭାବେ ଶେଖର ସି. ମାଣ୍ଡେ ନିଯୁକ୍ତି ପାଇଛନ୍ତି। ଫଳରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଶେଖର ୧୯୬୨ ଏପ୍ରିଲ ୫ରେ ମହାରାଷ୍ଟ୍ରର ନାଗପୁରଠାରେ ଜନ୍ମଗ୍ରହଣ କରିଥିଲେ। ନାଗପୁର ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର କରିବା ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସରୁ ମଲିକ୍ୟୁଲାର ବାୟୋଫିଜିକ୍ସ ଉପରେ ପିଏଚ୍.ଡି ଡିଗ୍ରୀ ଅର୍ଜନ କରିଥିଲେ। ଏହା ପରେ ସେ ନେଦରଲାଣ୍ଡ୍‌ସର ରିଜ୍‌ସୁୟୁନିଭର୍ସିଟି ଗ୍ରୋନିନ୍‌ଜେନ୍‌ରେ ପ୍ରଫେସର ଭାବେ ଯୋଗଦେଇଥିଲେ। ୨୦୦୧ରୁ ସେ ଭାରତ ସରକାରଙ୍କ ଡିଏନ୍‌ଏ ଫିଙ୍ଗରପ୍ରିଣ୍ଟିଙ୍ଗ ଆଣ୍ଡ ଡାଇଗ୍ନୋଷ୍ଟିକ୍‌ସରେ ସିନିୟର ସାଇଣ୍ଟିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ଏବେ ପୁଣେସ୍ଥିତ ନ୍ୟାଶନାଲ ସେଣ୍ଟର ଫର ସେଲ୍ ସାଇନ୍ସରେ ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି। ଜୀବବିଜ୍ଞାନ ଉପରେ ପ୍ରଗାଢ଼ ଜ୍ଞାନ ଥିବାରୁ ଶେଖର କେନ୍ଦ୍ର ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍‌ନୋଲୋଜି ଏବଂ ଡିପାର୍ଟମେଣ୍ଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜିର ଉପଦେଷ୍ଟାମଣ୍ଡଳୀର ଅନେକ କମିଟିରେ ସ୍ଥାନ ପାଇପାରିଛନ୍ତି। ଏବେ ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍‌ନୋଲୋଜିର ବେସିକ୍ ସାଇନ୍ସ ଟାସ୍କଫୋର୍ସର ସେ ଅଧ୍ୟକ୍ଷ ରହିବା ସହ ବାୟୋଫିଜିକ୍ସ, ବାୟୋକେମିଷ୍ଟ୍ରି, ମଲିକ୍ୟୁଲାର ବାୟୋଲୋଜି ଏବଂ ମାଇକ୍ରୋବାୟୋଲୋଜି ଟାସ୍କଫୋର୍ସର ପ୍ରମୁଖ ସଦସ୍ୟ ଅଛନ୍ତି। ଏଥିସହିତ ଶେଖର ମହାରାଷ୍ଟ୍ର ସରକାରଙ୍କ ତରଫରୁ ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚର ପରିଚାଳନା ପରିଷଦ ଏବଂ ସୋଲାପୁର ବିଶ୍ୱବିଦ୍ୟାଳୟ ଓ ସାବିତ୍ରୀବାଈ ଫୁଲେ ପୁଣେ ୟୁନିଭର୍ସିଟିର ପରିଚାଳନା ପରିଷଦରେ ସଦସ୍ୟ ରହିଛନ୍ତି। କେବଳ ସେତିକି ନୁହେଁ, ଇଣ୍ଡୋ ଫ୍ରେଞ୍ଚ ସେଣ୍ଟର ଫର୍ ପ୍ରମୋଶନ ଅଫ୍ ଆଡ୍‌ଭାନ୍ସ ରିସର୍ଚ୍ଚ ଏବଂ ରିସର୍ଚ୍ଚ କାଉନ୍‌ସିଲ ଅଫ୍ ଦି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଜେନୋମିକ୍ସ ଆଣ୍ଡ ଇଣ୍ଟିଗ୍ରେଟିଭ୍ ବାୟୋଲୋଜିର ପରିଚାଳନା କମିଟି ସଦସ୍ୟ ଅଛନ୍ତି। ସରକାରୀ ପଦପଦବୀ ଭିନ୍ନ ବିଜ୍ଞାନ ଆନ୍ଦୋଳନ ଦିଗରେ କାର୍ଯ୍ୟ କରୁଥିବା ବୃହତ୍ ସ୍ୱେଚ୍ଛାସେବୀ ସଂସ୍ଥା 'ବିଜ୍ଞାନ ଭାରତୀ'ର ଉପସଭାପତି ରହି ଶେଖର ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ବିଜ୍ଞାନ ଗବେଷଣା ଓ ଏହାର ପ୍ରଚାର ପ୍ରସାର ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଶେଖରଙ୍କୁ ବିଭିନ୍ନ ସମୟରେ ମିଳିଛି ବହୁ ପୁରସ୍କାର ଓ ସମ୍ମାନ। ସେ ୧୯୯୯ରେ ମର୍ଯ୍ୟାଦାଜନକ ବିଏମ୍ ବିର୍ଲା ୟଙ୍ଗ୍ ସାଇଣ୍ଟିଷ୍ଟ ଆୱାର୍ଡ ଓ ୨୦୦୫ରେ ଶାନ୍ତି ସ୍ୱରୂପ ଭଟନାଗର ସମ୍ମାନ ପାଇଥିଲେ। ଏଥିସହିତ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ୍ ନ୍ୟାଶନାଲ ସାଇନ୍ସ ଏକାଡେମୀ, ବାଙ୍ଗାଲୋରସ୍ଥିତ ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସ ଆଦି ବହୁ ଗବେଷଣା ସଂସ୍ଥାର ଫେଲୋ ହେବାର ଗୌରବ ଅର୍ଜନ କରିଛନ୍ତି। ପଦାର୍ଥ ବିଜ୍ଞାନ, ଜୀବବିଜ୍ଞାନ ସହ ପ୍ରଯୁକ୍ତିବିଦ୍ୟାରେ ଗବେଷଣା ଆଜି ତାଙ୍କୁ ଉଚ୍ଚକୋଟୀର ବୈଜ୍ଞାନିକ ଆସନରେ ଆସୀନ କରିଛି। ଆଶା କରାଯାଉଛି ତାଙ୍କ ନେତୃତ୍ୱ ଦେଶର ଯୁବ ବିଜ୍ଞାନୀଙ୍କୁ ଗବେଷଣା ଓ ଅଭିନବତ୍ୱ ଦିଗରେ ନୂଆ ଦିଶା ଦେଖାଇବ।

-ଜିତେନ୍ଦ୍ର

## ଏଇ ଭାରତରେ

ଇଚ୍ଛା ଥିଲେ ଅସାଧ୍ୟ ସାଧନ କରିହୁଏ। ସ୍କୁଲ୍‌ରେ ନାମ ନ ଲେଖାଇ ଅଥବା ସ୍କୁଲ୍‌କୁ ନ ଯାଇ ମଧ୍ୟ ଭଲ ପାଠ ପଢ଼ିହୁଏ। ଏ କଥା ପ୍ରମାଣ କରି ଦେଖାଇଛନ୍ତି ପଶ୍ଚିମବଙ୍ଗ ହାଓ୍ୱଡ଼ା ଜିଲାର ୧୨ ବର୍ଷର ବାଳିକା ସୈଫା ଖାତୁନ୍। କେବଳ ଘରେ ପାଠ ପଢ଼ି ମାଧ୍ୟମିକ ପରୀକ୍ଷା ଦେବା ପାଇଁ ସେ ଯୋଗ୍ୟ ବିବେଚିତ ହୋଇପାରିଛନ୍ତି। ଏଥିପାଇଁ ୱେଷ୍ଟ ବେଙ୍ଗଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ (ଡବ୍ଲ୍ୟୁବିବିଏସ୍‌ଇ) ତାଙ୍କୁ ଏକ୍ସଟର୍ନାଲ କ୍ୟାଣ୍ଡିଡେଟ୍ ଭାବରେ ୨୦୧୯ରେ ହେବାକୁ ଥିବା ମାଧ୍ୟମିକ ପରୀକ୍ଷା ଦେବାକୁ ଅନୁମତି ଦେଇଛନ୍ତି।

ଅଗଷ୍ଟରେ ଉକ୍ତ ବୋର୍ଡ ଦ୍ୱାରା କରାଯାଇଥିବା ଏଲିଜିବିଲିଟି ଟେଷ୍ଟରେ ସୈଫା ଖାତୁନ୍ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ଏଭଳି ଘଟଣା ବିଗତ ଦୁଇ ଦଶନ୍ଧି ମଧ୍ୟରେ ମାଧ୍ୟମିକ ପରୀକ୍ଷା (ଦଶମ ଶ୍ରେଣୀ ବୋର୍ଡ) ଇତିହାସରେ ପ୍ରଥମ ବୋଲି ବୋର୍ଡର ସଭାପତି କଲ୍ୟାଣମୟ ଗାଙ୍ଗୁଲି ପ୍ରକାଶ କରିଛନ୍ତି। ଏହି ପରୀକ୍ଷା ଦେବା ପାଇଁ ସର୍ବନିମ୍ନ ବୟସ ୧୪ବର୍ଷ ଧାର୍ଯ୍ୟ ହୋଇଥିବା ବେଳେ ଏହି ବାଳିକା ୫୨% ନମ୍ବର ରଖି ଯୋଗ୍ୟତା ଅର୍ଜନ କରିଛନ୍ତି। ଆଦୌ ସ୍କୁଲ ନ ଯାଇ ଘରେ ପାଠ ପଢ଼ି ୧୨ ବର୍ଷ ବୟସରେ ସେ ଏହି ଯୋଗ୍ୟତା ଅର୍ଜନ କରିଛନ୍ତି। ବୋର୍ଡର ଅନ୍ୟତମ ଅଧିକାରୀ କହନ୍ତି ୨୦୧୯ ମାଧ୍ୟମିକ ପରୀକ୍ଷାରେ ବସିବା ପାଇଁ ଅନୁମତି ଦେବାକୁ ଖାତୁନ୍‌ଙ୍କ ପିତା ମହମ୍ମଦ୍ ଅଇନୁଲ୍ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ବାସ୍ତବରେ ସୈଫା ଖାତୁନ୍‌ଙ୍କ ଭଳି ପ୍ରତିଭା ଭାରତବର୍ଷରେ କ୍ୱଚିତ୍ ଦେଖିବାକୁ ମିଳନ୍ତି।

## ଚିରନ୍ତନୀ

ନୟନ କୋଣେ ଉଠ ଗୋ ଜାଗି
ଅଧର ମୂଳେ ହେ ଅନୁରାଗୀ,
    ନିବିଡ଼ କରି ଦିଅ ଗୋ ଦାଗି ଚୁମ୍ବନ
    ହୃଦରେ ହୃଦ ପରଶ ରସ ଚନ୍ଦନ।
ନ ପାରେଁ ବୁଝି କିଏ ସେ ମୁହିଁ
କିଏ ବା ତୁମେ ଛଇଳ-ମୁହୀ
    ନ ପାରେଁ ବୁଝି ଏକ କି ଦୁଇ ସଙ୍ଗିନୀ
    ଆସ ଗୋ ଆସ, ହୁଅ ପରାଣ-ବନ୍ଦିନୀ।

(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

### ୨୮ ଅକ୍ଟୋବର ୧୯୯୩

- ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନ୍ ଦୁଇ ନବନିଯୁକ୍ତ ନିର୍ବାଚନ କମିଶନର ଜି.ଭି.ଜି. କ୍ରିଷ୍ଣମୂର୍ତ୍ତି ଓ ଏସ୍.ଏସ୍.ଗିଲ୍‌ଙ୍କ ନିଯୁକ୍ତି ଏବଂ ତାଙ୍କ ସହିତ ସେମାନଙ୍କୁ ସମାନ ମର୍ଯ୍ୟାଦା ଦେଇ ଜାରି ହୋଇଥିବା ଅଧ୍ୟାଦେଶକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଛନ୍ତି।
- ବୁରୁଣ୍ଡିରେ ସଂଖ୍ୟାବହୁଳ ହୁଟୁ ଆଦିବାସୀ ସମ୍ପ୍ରଦାୟ ଏବଂ ସଂଖ୍ୟାଲଘୁ ଟୁଷ୍ଟିର ସମ୍ପ୍ରଦାୟ ମଧ୍ୟରେ ଭୟାନକ ସଂଘର୍ଷ ଘଟି ୧୦୦ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶା ମଦମୁକ୍ତ ହେଉ

ମହାଶୟ,

ଓଡିଶା ସରକାର ଗାନ୍ଧୀ ଜୟନ୍ତୀ ଅବସରରେ ଓଡିଶାରେ 'ନିଶାକୁ ନା' ବୋଲି ବିଜ୍ଞାପନ ମାଧ୍ୟମରେ ସଚେତନତା ସୃଷ୍ଟି କରାଇବା ସହ ଯୁବକମାନଙ୍କୁ ନିଶା (ମଦ) ପାନ ବିରୁଦ୍ଧରେ ପ୍ରତିଜ୍ଞା କରାଇଛନ୍ତି। ଏହା ନିଶ୍ଚିନ୍ତ ଭାବରେ ଏକ ଉତ୍ତମ ପଦକ୍ଷେପ। ମଦ-ରାକ୍ଷସକୁ ମାରିବାକୁ ଯଦି ସରକାର ପ୍ରକୃତରେ ଚେଷ୍ଟା କରୁଥାନ୍ତି ତା'ହେଲେ ୨୦୧୯ ଉତ୍କଳ ଦିବସରୁ ଆଉ ନୂଆ ମଦ ଦୋକାନ ନ ଖୋଲିବା ଓ ପୁରୁଣା ଦୋକାନକୁ ବନ୍ଦ କରିବା ଉଚିତ। ତା' ନ ହେଲେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ବିଜ୍ଞାପନ ଦେବାର କିଛି ମାନେ ରହିବ ନାହିଁ। ମଦ ନିଗମ ବନ୍ଦ କରିବା ସହିତ ସରକାର ସମସ୍ତ ପ୍ରକାର ଦେଶୀ ଓ ବିଦେଶୀ ମଦ କାରଖାନା ବନ୍ଦ କରିବା ଦରକାର। ତାହା ଗାନ୍ଧିଜୀଙ୍କ ପ୍ରତି ପ୍ରକୃତ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ହେବ।

ଡ. ବିଜୟ କୁମାର ସ୍ୱାଇଁ, ମିଳିତ ଓଡିଶା ନିଶା ନିବାରଣ ଅଭିଯାନ, ଭୁବନେଶ୍ୱର

### ଉତ୍କଳର ଦଧୀଚିଙ୍କୁ ଓଡ଼ିଆ ଜାତି ଭୁଲି ନ ଯାଉ

ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପୁଣ୍ୟାତ୍ମା ପଞ୍ଚସଖାଙ୍କ ପ୍ରତି ଏକ ବଡ଼ ସମ୍ମାନ। କିନ୍ତୁ ଓଡିଆ ଭାଷାର ପ୍ରଚାର ଓ ପ୍ରସାର କରିବା ସହିତ ସମଗ୍ର ଓଡିଶା ଭୂଖଣ୍ଡକୁ ଯିଏ ପାଦରେ ଚାଲି ଚାଲି ବନ ବିଦ୍ୟାଳୟ ପାଇଁ ପାଣ୍ଠି ସଂଗ୍ରହ କରୁଥିଲେ, ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ଯିଏ ଯତ୍ନବାନ ଥିଲେ, ସମଗ୍ର ବିଚ୍ଛିନ୍ନାଞ୍ଚଳରେ ଓଡିଆ ବିଦ୍ୟାଳୟ ପ୍ରତିଷ୍ଠା କରିବା ସହିତ ସମ୍ମିଳନୀ ପତ୍ରିକା ମାଧ୍ୟମରେ କୋଟି ଓଡିଆଙ୍କ ଭାବାବେଗକୁ ଯିଏ ବୁଝୁଥିଲେ, ଉତ୍କଳମଣିଙ୍କର ପରମ ସହଯୋଗୀ ସେହି ଅନନ୍ତ ମିଶ୍ରଙ୍କୁ ଏ ଜାତି ଭୁଲି ନ ଯାଉ। ତାଙ୍କର ସେବା ଓ ତ୍ୟାଗକୁ ହୃଦୟଙ୍ଗମ କରି ଉତ୍କଳମଣି ତାଙ୍କୁ କହିଥିଲେ- ତୁମେ ହିଁ ଉତ୍କଳର ଦଧୀଚି। ନିଜର ସମ୍ପତ୍ତିକୁ ବନ୍ଧା ଦେଇ ସେ ବକୁଳବନରେ ବନ ବିଦ୍ୟାଳୟ ତିଆରି କରିଥିଲେ।

ବିଜୟ କୁମାର ଛାଟୋଇ, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବଲାଙ୍ଗୀର ଜିଲାରେ ଚକଡା ପୋକ ପ୍ରାଦୁର୍ଭାବ ଚରମ ସ୍ଥିତିରେ ପହଞ୍ଚିଛି । କ୍ଷତିଗ୍ରସ୍ତ ଚାଷୀ ଚିନ୍ତାରେ ପଡିଥିବାବେଳେ ଶନିବାର ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସାହାଜବାହାଲ ଓ ଝରେଇବାହାଲି ଗାଁର ଦୁଇ ଚାଷୀ ଚକଡା ପୋକ ଉପଦ୍ରବ କାରଣରୁ ନିଜ କ୍ଷେତରେ ନିଆଁ ଲଗାଇ ଦେଇଛନ୍ତି। ସେମାନେ ହେଲେ ସାହାଜବାହାଲ ଗାଁର ଅନିଲ କୁମାର ହୋତା ଓ ଝରେଇବାହାଲ ଗାଁର ଅଶୋକ କୁମାର ପ୍ରଧାନ । ଅନୀଲ ୫ ଏକର ଓ ଅଶୋକ ୩ ଏକର ଚାଷ ଜମିରେ ନିଆଁ ଲଗାଇ ଦେଇଛନ୍ତି ।








## ସଂକ୍ଷେପରେ

### ୨ ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଭାଜପା

ଭୁବନେଶ୍ୱର,୨୭।୧୦ (ବ୍ୟୁରୋ)- ଢେଙ୍କାନାଳ ଜିଲାର କମଳାଙ୍ଗ ଅଞ୍ଚଳରେ ବିଦ୍ୟୁତ୍ ତାର ଲାଗି ୭ ହାତୀ ମୃତ୍ୟୁ ଘଟଣାରେ ରାଜ୍ୟ ପ୍ରଶାସନକୁ ଦାୟୀ କରିଛି ଭାଜପା। ଏହି ଘଟଣାରେ ଶକ୍ତି ବିଭାଗର ଦାୟିତ୍ୱହୀନତା ଏବଂ ଜଙ୍ଗଲ ପରିବେଶ ବିଭାଗର ବେପରୁଆ ନୀତିକୁ ଦାୟୀ କରାଯାଇଛି। ଉକ୍ତ ଘଟଣାରେ ନୈତିକ ଦାୟିତ୍ୱ ନେଇ ଜଙ୍ଗଲ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଏବଂ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ଇସ୍ତଫା ଦିଅନ୍ତୁ ବୋଲି ଭାଜପା ନେତା ରୁଦ୍ର ନାରାୟଣ ପାଣି ଦାବି କରିଛନ୍ତି ।

### ଅଶୋଧିତ ତେଲ ଦର ନିୟନ୍ତ୍ରଣ କେନ୍ଦ୍ର ସରକାରଙ୍କ ହାତରେ ନାହିଁ: ଧର୍ମେନ୍ଦ୍ର

ହାଇଦ୍ରାବାଦ,୨୭-୧୦: ଅଶୋଧିତ ତେଲ ଦର ନିୟନ୍ତ୍ରଣ କରିବା କେନ୍ଦ୍ର ସରକାରଙ୍କ ହାତରେ ନାହିଁ। ଏହା ଅନ୍ତର୍ଜାତୀୟ ବଜାରରେ ସ୍ଥିର ହୋଇଥାଏ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର ଏଠାରେ ଭାଜପା ଯୁବ ମୋର୍ଚ୍ଚାର ରାଷ୍ଟ୍ରୀୟ ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି ଯେ, ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ନେଇ ଯୁବମୋର୍ଚ୍ଚା କର୍ମକର୍ତ୍ତାମାନେ ବାରମ୍ବାର ଲୋକଙ୍କ ପ୍ରଶ୍ନର ସମ୍ମୁଖୀନ ହେଉଥିବେ ଏହା ସେ ଜାଣନ୍ତି। କିନ୍ତୁ ଦେଶର ରଣବୋଝ ଆଉ ବଢ଼ିବାକୁ ଦିଆଯିବ ନାହିଁ ବୋଲି କେନ୍ଦ୍ର ସରକାର ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବାରୁ ତଦନୁଯାୟୀ ପଦକ୍ଷେପ ନେବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ସରକାର ଏବେ କିଛି ବୋଝ ମୁଣ୍ଡାଇଛନ୍ତି। ସେ କହିଛନ୍ତି ଯେ, ନିକଟରେ ପେଟ୍ରୋଲ ଓ ଡିଜେଲ ଉପରୁ କେନ୍ଦ୍ର ସରକାର ଅଢ଼େଇ ଟଙ୍କା ଦର ହ୍ରାସ ଘୋଷଣା କରିଥିଲେ। ଏହା ପରେ ଅନେକ ରାଜ୍ୟ ସରକାର ସମ ପରିମାଣ ଦର ହ୍ରାସ ଘୋଷଣା କଲେ। ଫଳରେ ଗ୍ରାହକଙ୍କୁ ୫ ଟଙ୍କା ଦର ହ୍ରାସର ଫାଇଦା ମିଳିଲା। ଅନ୍ତର୍ଜାତୀୟ ବଜାରରେ ସ୍ଥିର ହେଉଥିବା ଦାମ ଅନୁଯାୟୀ ଭାରତ ତେଲ କିଣିବାକୁ ବାଧ ବୋଲି ପ୍ରଧାନ ସ୍ପଷ୍ଟ କରିଛନ୍ତି।

## ■ ସୁଦୂରପ୍ରସାରୀ ହେଉଛି ବିଏସ୍‌କେୱାଇ

# ରାଜ୍ୟ ବାହାରେ ଓଡ଼ିଆଙ୍କୁ ମିଳିବ ଚିକିତ୍ସା ସୁବିଧା

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ରାଜ୍ୟ ବାହାରେ ରହୁଥିବା ଓଡ଼ିଆମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର ସୁବିଧା ମିଳିବ। ଏହି ଯୋଜନାର ହିତାଧିକାରୀମାନେ ରାଜ୍ୟ ବାହାରର ସରକାରୀ ଚିକିତ୍ସାଳୟରେ ମଧ୍ୟ ଚିକିତ୍ସା ସୁବିଧା ପାଇ ପାରିବେ। ସେହିଭଳି ଚିକିତ୍ସା ଖର୍ଚ୍ଚ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଜମା କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସଚିବାଳୟରେ ଅନୁଷ୍ଠିତ ବିଏସ୍‌କେୱାଇ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ବୈଠକ ପରେ ଏହି କଥା କହିଛନ୍ତି।

ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ୨ ମାସରେ ୧ କୋଟି ୧୦ଲକ୍ଷ ହିତାଧିକାରୀ ବିଏସ୍‌କେୱାଇ ଯୋଜନା ଦ୍ୱାରା ଉପକୃତ ହୋଇ ପାରିଛନ୍ତି। ଚଳିତ ବର୍ଷ ଅଗଷ୍ଟ ୧୫ରେ ଲାଗୁ କରାଯାଇଥିବା ଏହି ଯୋଜନା ସୁଦୂରପ୍ରସାରୀ ହୋଇପାରିଛି। ଓଡ଼ିଆ ଲୋକ ବାହାର ରାଜ୍ୟରେ ନିଜ ଚିକିତ୍ସା ପାଇଁ ମଧ୍ୟ ଯୋଜନାର ଲାଭ ଉଠାଇ ପାରିବେ। ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲ, ଭେଲୋରସ୍ଥିତ ସି.ଏମ୍.ସି ଏବଂ ନାରାୟଣ ହୃଦାଳୟ ଇତ୍ୟାଦି ସ୍ୱାସ୍ଥ୍ୟାନୁଷ୍ଠାନରେ ଏହି ସୁବିଧା ଉପଲବ୍ଧ ହୋଇପାରିବ। ସେହିପରି କର୍କଟ, ହୃଦୟ ଜନିତ ଏବଂ ବୃକ୍କ ସମ୍ବନ୍ଧୀୟ ରୋଗର ଚିକିତ୍ସା ପାଇଁ ହିତାଧିକାରୀଙ୍କ ପାରିବାରିକ ଆୟର ସୀମା ବାର୍ଷିକ ୧ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ମୁଖ୍ୟମନ୍ତ୍ରୀ ବୃଦ୍ଧି କରିଛନ୍ତି। ବିଭିନ୍ନ ସମୟରେ ରାଜ୍ୟ ବାହାରେ ରେଫରାଲରେ ଚିକିତ୍ସା ପାଇଁ ଯିବାକୁ ଚାହୁଁଥିବା ରୋଗୀଙ୍କୁ ୨୦୦୦ ଟଙ୍କାର ଯାତାୟାତ ସୁବିଧା ପ୍ରଦାନ କରାଯିବ। ଏହି ଟଙ୍କା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ ବୋଲି ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଛି।



ସଚିବାଳୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

- ■ ୨ ମାସରେ ୧ କୋଟି ୧୦ ଲକ୍ଷ ଉପକୃତ
- ■ ଯାତାୟାତ ଖର୍ଚ୍ଚ ବାବଦକୁ ୨୦୦୦ ଟଙ୍କା
- ■ ୪୦୩୬ ପ୍ରକାର ସୁବିଧା ମିଳିବ

ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଗଣମାଧ୍ୟମକୁ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ଦେଶର ଯେଉଁ ଅଞ୍ଚଳରେ ଓଡ଼ିଆମାନେ ରହୁଛନ୍ତି, ସେ ଅଞ୍ଚଳର ଘରୋଇ ହସ୍ପିଟାଲକୁ ମଧ୍ୟ ଏଥିରେ ସାମିଲ କରାଯିବ। ବିଏସ୍‌କେୱାଇ ମାଧ୍ୟମରେ ୪୦୩୬ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ହେଲେ ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆୟୁଷ୍ମାନ ଯୋଜନାରେ ମାତ୍ର ୧୩୪୩ ପ୍ରକାର ଚିକିତ୍ସା ସୁବିଧା ବ୍ୟବସ୍ଥା କରାଯାଇଛି।

ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ଉନ୍ନୟନ କମିଶନର ଆର. ବାଲକ୍ରିଷ୍ଣନ ଓ ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

# ନିଲାମ ହେବ ବିପିଏମ୍ଇ ଖଣି ସଂସ୍ଥାର ସମ୍ପତ୍ତି

କେନ୍ଦୁଝର, ୨୭।୧୦(ସ୍ୱ.ପ୍ର.)

ସୁପ୍ରିମକୋର୍ଟଙ୍କ ଆଦେଶ କ୍ରମେ ଜରିମାନା ଦେବାରେ ଖିଲାପ କରିଥିବା ଖଣି ସଂସ୍ଥାଗୁଡିକର ସମ୍ପତ୍ତି ବାଜ୍ୟାପ୍ତି ସାର୍ଟିଫିକେଟ ମାମଲା କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ବିଚାରାଧୀନ ରହିଛି। ଶନିବାର ମାମଲାର ଶୁଣାଣି ବେଳେ ମେସର୍ସ ବିପିଏମଇ ସଂସ୍ଥାର ଉତ୍ତରକୁ ତର୍ଜମା କରି ଏହାର ସମ୍ପତ୍ତି ବାଜ୍ୟାପ୍ତି କରି ନିଲାମ କରିବାକୁ କୋର୍ଟ ନିଷ୍ପତ୍ତି ନେଇଛନ୍ତି। ସଂସ୍ଥାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ନିଲାମ କରି ଜରିମାନା ବାବଦକୁ ମୋଟ ୮୭୩ କୋଟି ୪୩ ଲକ୍ଷ ୭୭ ହଜାର ୩ ଟଙ୍କା ଆଦାୟ କରାଯିବ । ଜିଲାର ୩୧ ଖଣି ମଧ୍ୟରୁ ୨୩ ସଂସ୍ଥା ବିରୋଧରେ ସମ୍ପତ୍ତି ବାଜ୍ୟାପ୍ତି ସାର୍ଟିଫିକେଟ ମାମଲା ଚାଲିଛି। ଶନିବାର ଏଥିମଧ୍ୟରୁ ୧୩ ଖଣି ସଂସ୍ଥାର ପ୍ରତିନିଧି କୋର୍ଟରେ ହାଜର ହୋଇଥିଲେ। ସାରଦା, ବାସୁଦେବ ଅଗ୍ରୱାଲ, ଡ. ଏସ.ପ୍ରଧାନ, ବି.ଡି.ପଟ୍ଟନାୟକ, ବି.କେ.ମହାନ୍ତି, ଟି.ବି.ଲାଲ, ଅର୍ଜୁନ ଲୋଧା, ମିନେରାଲ ଟ୍ରେଡିଙ୍ଗ ସିଣ୍ଡିକେଟ, ଫେକର ଖଣି ସଂସ୍ଥା ପକ୍ଷରୁ କେହି ଆସି ନ ଥିଲେ। ହାଜର ହୋଇଥିବା ୧୩ ସଂସ୍ଥା ମଧ୍ୟରୁ ୬ ଜଣ ଲିଜ୍‌ଧାରୀ ନୋଟିସ୍‌ର ଉତ୍ତର ଦାଖଲ କରିଥିଲେ । ସେମାନଙ୍କ ଜବାବକୁ ନେଇ କୋର୍ଟ ବିଚାର କରୁଛନ୍ତି। ଏସବୁ ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୩ରେ ହେବ। ଉତ୍ତରାଧିକାରୀ ପ୍ରମାଣପତ୍ରକୁ ଅପେକ୍ଷା କରାଯାଇଥିବା ଖଣି ସଂସ୍ଥାଗୁଡିକର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୨୪କୁ ଧାର୍ଯ୍ୟ କରାଯାଇଛି।

# ଆଉ ଜଣେ ଚାଷୀଙ୍କ ଆତ୍ମହତ୍ୟା

ସୁନ୍ଦରଗଡ଼, ୨୭।୧୦ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକରେ ପୁଣି ଜଣେ ଚାଷୀ ଆତ୍ମହତ୍ୟା କରିଛନ୍ତି। ଗତ ୨୨ ତାରିଖରେ ଏହି ବ୍ଲକର ନିଆଲିପାଲି ଗ୍ରାମରେ ଜଣେ ଭାଗଚାଷୀ ପୂର୍ଣ୍ଣଚନ୍ଦ୍ର ସେଠ (୫୧) ବିଷପିଇ ଆତ୍ମହତ୍ୟା କରିବାର ସପ୍ତାହେ ନ ପୂରୁଣୁ ସେହି ବ୍ଲକର ଉଜ୍ଜଳପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବର୍ତ୍ତନକେଲା ଗ୍ରାମରେ ଅନୁରୂପ ଘଟଣା ଘଟିଛି। ବର୍ତ୍ତନକେଲା ଗ୍ରାମର ସଚ୍ଚିଦାନନ୍ଦ ପଟେଲ (୪୫) ଗତ ୨୪ ତାରିଖ ଧାନବିଲରୁ ବୁଲି ଘରକୁ ଫେରି ସନ୍ଧ୍ୟାରେ ବିଷ ପିଇଦେଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ତୁରନ୍ତ ବୁର୍ଲା ବଡ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ସଚ୍ଚିଦାନନ୍ଦଙ୍କ ମୃତ୍ୟୁ ଘଟିଛି। ସଚ୍ଚିଦାନନ୍ଦ ଉଜ୍ଜଳପୁର ଲ୍ୟାମ୍ପସରୁ ଋଣ କରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି ।

## ତିତ୍‌ଲି କ୍ଷୟକ୍ଷତି ଆକଳନ

# ଆସନ୍ତା ସପ୍ତାହରେ ଆସିବ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଆସନ୍ତା ସପ୍ତାହ ମଧ୍ୟରେ ବାତ୍ୟା ତିତ୍‌ଲି ଓ ବର୍ଷାରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବାକୁ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସିବ। ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି) ବିଷ୍ଣୁପଦ ସେଠୀ ଏହି ସୂଚନା ଦେଇଛନ୍ତି। ଶନିବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ଏସଆରସି କହିଛନ୍ତି ଯେ ରିଲିଫ ଟଙ୍କା ଆସନ୍ତା ୪ ଦିନ ମଧ୍ୟରେ ମୃତ ବ୍ୟକ୍ତିଙ୍କ ଆତ୍ମୀୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ଘର ଘର ବୁଲି କ୍ଷତିଗ୍ରସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ସଂଗ୍ରହ କରାଯାଇଛି। ସେଗୁଡ଼ିକୁ ବ୍ୟାଙ୍କରେ ଯାଞ୍ଚ କରାଯାଉଛି। ଆସନ୍ତା ଦୁଇ ଚାରି ଦିନ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ ହୋଇଯିବ। ଗଞ୍ଜାମ ଜିଲାକୁ ଏଥିପାଇଁ ୫୦ କୋଟି ଓ ଗଜପତି ଜିଲାକୁ ୧୪ କୋଟି ଟଙ୍କା ରାଜ୍ୟ ବିପର୍ଯ୍ୟୟ ରିଲିଫ ପାଣ୍ଠି(ଏସ୍‌ଡିଆରଏଫ୍)ରୁ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। ଏ ପର୍ଯ୍ୟନ୍ତ ଏସଡିଆରଏଫରୁ ବାତ୍ୟା ଓ ବନ୍ୟା ପୁନରୁଦ୍ଧାର ଥଇଥାନ ପାଇଁ ୧୩୦୦ କୋଟି ଖର୍ଚ୍ଚ କରାଯାଇଛି। ମୁଖ୍ୟ ଶାସନ ସଚିବ କହିଛନ୍ତି, ଲୋକଙ୍କ ପାଖକୁ ସେମାନଙ୍କ ଟଙ୍କା ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯିବ। ଜିଲାପାଳମାନେ ଏହାକୁ ନିଶ୍ଚିତ କରିବେ। ଆସନ୍ତା ସପ୍ତାହ ମଧ୍ୟରେ ଶସ୍ୟହାନି ସମ୍ପର୍କିତ ରିପୋର୍ଟ ମିଳିଯିବ । ପାନୀୟ ଜଳ ଯୋଗାଣରେ ଉନ୍ନତି ଦେଖାଦେଇଥିବାବେଳେ ରାସ୍ତାଘାଟ ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପ୍ରଥମ ପର୍ଯ୍ୟାୟ ରିଲିଫ ଓ ଚାଉଳ ବଣ୍ଟନ କାର୍ଯ୍ୟ ଶେଷ ହୋଇଛି। କାଜୁ ଚାଷ ଉପରେ ଆଦିବାସୀମାନେ ନିର୍ଭର କରିଥାଆନ୍ତି। ସେମାନଙ୍କର ନିଜସ୍ୱ ପଟ୍ଟା ନ ଥିବାରୁ ସମସ୍ୟା ଦେଖା ଦେଇଛି। ରିଲିଫ କୋଡ୍‌ର ଗାଇଡଲାଇନ ଅନୁଯାୟୀ କ୍ଷତିପୂରଣ ଦେବାକୁ ବ୍ୟବସ୍ଥା କରାଯାଉଛି। ଅକ୍ଟୋବର ୧୮ରେ ରାଜ୍ୟ ସରକାର ତିତ୍‌ଲି କ୍ଷତିପୂରଣ ପାଇଁ କେନ୍ଦ୍ର ସରକାରଙ୍କୁ ୨୦୧୪ କୋଟି ଟଙ୍କାର ସହାୟତା ମାଗିଥିଲେ। କ୍ଷୟକ୍ଷତିର ପରିମାଣ ୨୭୭୦ କୋଟି ଟଙ୍କା ଆକଳନ କରାଯାଇଛି। ବଳକା ଅର୍ଥ ଏସ୍‌ଡିଆରଏଫ୍‌ରୁ ଖର୍ଚ୍ଚ କରାଯିବ।


**ADMISSION TO NURSING COURSE**

Few seats are available in GNM course

KALINGA NURSING SCHOOL

Kalinga Hospital Campus, NALCO Square, Bhubaneswar. Contact; Principal-7008032748, 7438107400 or School- 0674 2300123



**NATIONAL LAW UNIVERSITY, ODISHA**

(Established by Odisha Act IV of 2008)

Kathajodi Campus, Sector 13, CDA, Cuttack -753015, Odisha

[Accredited by NAAC with 'A' Grade]

**Invites Application for Programme Coordinator –one post (Rs.60,000/- (fixed)**

| Palce of work | Qualification |
|---|---|
| Juvenile Justice Committee, High Court of Orissa Cuttack | 1. Post Graduate in any discipline with LLB<br>2. At least five years of experience in the area of Child / Human Rights<br>3. Well conversant in English and Computer applications<br>4. Knowledge in Oriya and Hindi is essential |

For further detail please visit www.nluo.ac.in.

Last date for submission of application : 21 days from the date of advertisement

- Shortlisted candidates will be invited for personal interview.
- No travel cost will be paid for attending the interview.



ଧରିତ୍ରୀ DHARITRI Quiz No.14

**Puja Quiz- 2018**

Main Sponsor: TVS

Co-Sponsors: CENTRAL, Nikon

☑ Tick mark the box which is correct

୧. ଓଡ଼ିଶାର ରାଜଧାନୀ କଟକରୁ ଭୁବନେଶ୍ୱରକୁ କେଉଁ ମସିହାରେ ପରିବର୍ତ୍ତିତ ହୋଇଥିଲା ?
କ. ୧୯୪୭ ☐ ଖ. ୧୯୪୮ ☐ ଗ. ୧୯୪୯ ☐ ଘ. କେଉଁଟି ନୁହେଁ ☐

୨. ଓଡ଼ିଆ ଭାଷା ପାଇଁ ଜ୍ଞାନପୀଠ ପୁରସ୍କାର ପାଇଥିବା ପ୍ରଥମ ବ୍ୟକ୍ତି କିଏ ?
କ. ଫକୀରମୋହନ ସେନାପତି ☐ ଖ. ସଚ୍ଚିଦାନନ୍ଦ ରାଉତରାୟ ☐ ଗ. ଗୋପୀନାଥ ମହାନ୍ତି ☐ ଘ. କେଉଁଟି ନୁହେଁ ☐

୩. ନୀଳ ଗ୍ରହ କାହାକୁ କୁହାଯାଏ ?
କ. ଶନି ☐ ଖ. ମଙ୍ଗଳ ☐ ଗ. ପୃଥିବୀ ☐ ଘ. କେଉଁଟି ନୁହେଁ ☐

୪. ୨୦୦୯ର ଆଇପିଏଲ୍ ବିଜେତା କେଉଁ ଦଳ ହୋଇଥିଲା ?
କ. ବାଙ୍ଗାଲୋର ☐ ଖ. ଚେନ୍ନାଇ ସୁପରକିଙ୍ଗ୍ସ ☐ ଗ. ଡେକାନ ଚାର୍ଜର୍ସ ☐ ଘ. କେଉଁଟି ନୁହେଁ ☐

୫. ମହିଳା ବିଶ୍ୱକପ୍ ହକି ୨୦୧୪ର ବିଜେତା କେଉଁ ଦଳ ?
କ. ଭାରତ ☐ ଖ. ନେଦରଲ୍ୟାଣ୍ଡ ☐ ଗ. ଅଷ୍ଟ୍ରେଲିଆ ☐ ଘ. କେଉଁଟି ନୁହେଁ ☐

Participant's Name:..........
Address:..........
..........
Education ..........
Mobile..........Age:..........
E-mail:..........

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,

Consolation Prizes: Gift Vouchers from CENTRAL, Digital Cameras from NIKON

Cut this coupon and send it to the following address:

DHARITRI Puja Quiz No. 14

B-15, Industrial Estate, Rasulgarh, Bhubaneswar-10





# ହିମାଚଳରେ ପାରାଗ୍ଲାଇଡିଂ ପ୍ରତିଯୋଗିତା



ଶିମ୍‌ଲା:

ହିମାଚଳ ପ୍ରଦେଶର ଧୌଲଧର ରେଞ୍ଜରେ ରବିବାରଠାରୁ ୭ ଦିନିଆ ପାରାଗ୍ଲାଇଡିଂ ପ୍ରତିଯୋଗିତା ହେବାକୁ ଯାଉଛି। ଏହାକୁ ବିଶ୍ୱର ସୁନ୍ଦରତମ ଏରୋ ସ୍ପୋର୍ଟ୍ସ ସାଇଟ୍ ବୋଲି ବିବେଚନା କରାଯାଏ। ରାଜ୍ୟର ପର୍ଯ୍ୟଟନ ବିଭାଗ ଦ୍ୱାରା ଏହା ଆୟୋଜିତ ହେଉଛି। ବିଶ୍ୱ ଏୟାର ସ୍ପୋର୍ଟସ ଫେଡେରେଶନ୍ 'ଦି ଫେଡେରେଶନ୍ ଏରୋନଟିକ୍ ଇଣ୍ଟରନ୍ୟାଶନାଲ' ଏବଂ ଦି ଏରୋ କ୍ଲବ୍ ଅଫ୍ ଇଣ୍ଡିଆ ଦ୍ୱାରା ୨୦୧୮ ଇଣ୍ଡିଆନ୍ ଓପନ୍‌କୁ ସ୍ୱୀକୃତି ମିଳିଛି। ସ୍କ୍ରିନିଂ କରାଯିବା ପରେ ବିଶ୍ୱଶ୍ରେଣୀୟ ପାଖାପାଖି ୧୦୦ ପାଇଲଟଙ୍କୁ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ଅନୁମତି ମିଳିବ। ଏହା ନଭେମ୍ବର ୩ରେ ସମ୍ପନ୍ନ ହେବାକୁ ଯାଉଛି ବୋଲି ଆୟୋଜକ ବିକାଶ ଶୁକ୍ଳା ପ୍ରକାଶ କରିଛନ୍ତି। ଉକ୍ତ ପ୍ରତିଯୋଗିତା ପୂର୍ବରୁ ରାଜଧାନୀଠାରୁ ୩୦୦ କିଲୋମିଟର ଦୂର କାଙ୍ଗ୍ରା ଜିଲାର ବିର୍-ବିଲିଂଠାରେ ହ୍ୟାଣ୍ଡଗ୍ଲାଇଡିଙ୍ଗ୍ ପ୍ରଦର୍ଶନୀ ଅନୁଷ୍ଠିତ ହେବ।

ପାହାଡପର୍ବତ ପରିପୂର୍ଣ୍ଣ ଏବଂ ଚା ବଗିଚା ଘେରରେ ଥିବା ବିର୍-ବିଲିଂକୁ ସୁନ୍ଦରତମ ଏରୋ ସ୍ପୋର୍ଟସ ସାଇଟ୍ ବୋଲି ବିବେଚନା କରାଯାଏ। ବିମାନ ଉଡାଣ କରିବାକୁ ଥିବା ବିଲିଂ ସମୁଦ୍ରପତ୍ତନଠାରୁ ୨,୩୨୫ ମିଟର ଉଚ୍ଚରେ ଅବସ୍ଥିତ ହୋଇଥିବାବେଳେ ଅବତରଣସ୍ଥଳ ବିର୍ ୧୩୬୦ ମିଟର ଉଚ୍ଚତାରେ ଅବସ୍ଥିତ। ନିରାପଦ ଅବତରଣ ପାଇଁ ଏହାକୁ ବିକାଶିତ କରାଯାଇଛି। ବିର୍ ଏବଂ ବିଲିଂ ମଧ୍ୟରେ ବ୍ୟବଧାନ ୧୪ କିଲୋମିଟର। ୨୦୧୮ ଇଣ୍ଡିଆନ୍ ଓପନ୍‌ରେ ଅଧିକ ସ୍କୋର କରିଥିବା ପ୍ରତିଯୋଗୀଙ୍କୁ ପାରାଗ୍ଲାଇଡିଂ ବିଶ୍ୱକପ୍ ପାଇଁ ଚୟନ କରାଯିବ। ଆସନ୍ତା ବର୍ଷ ବ୍ରାଜିଲ୍‌ରେ ଏହା ଅନୁଷ୍ଠିତ ହେବ।


INDIAN RAILWAYS

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/16 ତା.25.10.2018 ରିଖ

"ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ ।"

"ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ www.ireps.gov.in (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍ (Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ ।"

PR - 370/J/18-19

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର







ପାକିସ୍ତାନର ମାନବାଧିକାର କର୍ମୀ ସ୍ୱର୍ଗତା ଆସମା ଜାହାଙ୍ଗିର ଜାତିସଂଘ ମାନବାଧିକାର ପୁରସ୍କାର ପାଇବେ। ଜାତିସଂଘ ପକ୍ଷରୁ ଘୋଷଣା କରାଯାଇଛି। ତାଙ୍କ ସହିତ ତାଞ୍ଜାନିଆର ମାନବାଧିକାର କର୍ମୀ ରେବକା ଗୁଏମି, ବ୍ରାଜିଲର ଆଇନଜୀବୀ ଜୋଏନିଆ ଓ୍ୱାପିକ୍ସାନା ଏବଂ ଆୟାର୍ଲାଣ୍ଡର ମାନବାଧିକାର ସୁରକ୍ଷା ସଂସ୍ଥା ଫ୍ରଣ୍ଟ ଲାଇନ୍ ଡିଫେଣ୍ଡରକୁ ଏହି ପୁରସ୍କାର ପ୍ରଦାନ କରାଯିବ। ନ୍ୟୁୟର୍କରେ ଡିସେମ୍ବର ୧୦ରେ ବିଶ୍ୱ ମାନବାଧିକାର ଦିବସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ।

## ସଂକ୍ଷେପରେ

### ଚଳନ୍ତା ଟ୍ରେନ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

**ବାଲୁଗାଁ,୨୭।୧୦(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ବାଲୁଗାଁ ରେଳ ଷ୍ଟେଶନ୍‌ରେ ଶନିବାର ପୂର୍ବାହ୍ନରେ ସାନ୍ତ୍ରାଗାଛି-ଚେନ୍ନାଇ ଦ୍ରୁତଗାମୀ ଟ୍ରେନ୍‌ରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳ କୁଲାଡ଼ ଗ୍ରାମର ବିଶ୍ୱନାଥ ଦାସଙ୍କ ପୁଅ ଅରୁଣ ଦାସ(୩୨)। ପ୍ରକାଶ ଯେ, ଶନିବାର ସକାଳେ ସାନ୍ତ୍ରାଗାଛି-ଚେନ୍ନାଇ ଏକ୍ସପ୍ରେସ୍ ଟ୍ରେନ୍ ବାଲୁଗାଁ ରେଳ ଷ୍ଟେଶନ ଅତିକ୍ରମ କରୁଥିଲା। ସେହି ଟ୍ରେନ୍‌ରେ ଅରୁଣ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବାବେଳେ ହଠାତ୍ ବାଲୁଗାଁ ରେଳ ଷ୍ଟେଶନ୍‌କୁ ବ୍ରହ୍ମପୁର ଭାବି ଚଳନ୍ତା ଟ୍ରେନ୍‌ରୁ ଓହ୍ଲାଇ ପଡ଼ିଥିଲେ। ଫଳରେ ଅରୁଣଙ୍କ ଦୁଇଟିଯାକ ଗୋଡ଼ କଟି ଯାଇଥିଲା। ସଙ୍ଗେ ସଙ୍ଗେ ଜିଆରପି ଏବଂ ଆରପିଏଫ୍ ପୋଲିସ ଅରୁଣଙ୍କୁ ବାଲୁଗାଁ ସରକାରୀ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନିରାକାରପୁର ଜିଆରପି ଏଏସଆଇ ଲିଙ୍ଗରାଜ ସେଠୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ପୋଲିସ ଏନେଇ ୮୮/୨୦୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରିଛି।

### ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

**ରାଜନଗର,୨୭।୧୦(ଡି.ଏନ୍.ଏ.):** ଟ୍ୟୁସନ ଯାଉଥିବାବେଳେ କେନ୍ଦ୍ରାପଡା ଜିଲା ରାଜନଗର ଥାନା ଅଞ୍ଚଳର ଜଣେ ୧୧ ବର୍ଷୀୟ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ପୋଲିସ ଏହି ଥାନା ଅଞ୍ଚଳର ଅଭିଯୁକ୍ତ ସୋମନାଥ ନାୟକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ନାବାଳିକା ଜଣକ ଶୁକ୍ରବାର ଅପରାହ୍ନରେ ଟ୍ୟୁସନ୍ ଯାଉଥିବାବେଳେ ସୋମନାଥ ତାଙ୍କୁ ରାସ୍ତାରେ ଅଟକାଇ ପ୍ରଲୋଭନ ଦେଖାଇବା ସହ ୨୦ ଟଙ୍କା ଦେଇଥିଲେ। ପରେ ଗାଁରେ ଥିବା କ୍ଲବ ଘର ପଛପଟକୁ ଜବରଦସ୍ତ ଟେକିନେଇ ବଳାତ୍କାର କରିଥିଲେ। ନାବାଳିକା ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଧରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରୁ ସୋମନାଥଙ୍କୁ ଗିରଫ କରିଥିଲା। ଥାନାରେ (ନଂ-୧୮୦/୧୮)ରେ ମାମଲା ରୁଜୁ କରାଯାଇଛି।

## ■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଆଦେଶ

# ଜେଲ୍‌ରେ ହେବ କ୍ୟାମ୍ପ କୋର୍ଟ

- ■ ଅଭିଯୁକ୍ତଙ୍କ ଜାମିନ ଆବେଦନର ହେବ ଶୁଣାଣି
- ■ ଗିରଫ ପରେ କ୍ୟାମ୍ପ୍ କୋର୍ଟରେ ଅଭିଯୁକ୍ତଙ୍କୁ ହାଜର କରାଯିବ
- ■ ସମସ୍ତ ଜେଲ୍‌ରେ ଏହି ବ୍ୟବସ୍ଥା ଲାଗୁ ହେବ

କଟକ ଅଫିସ, ୨୭।୧୦

ଜେଲ୍ ପରିସରରେ ହେବ କ୍ୟାମ୍ପ କୋର୍ଟ। ଜେଲ୍ କର୍ତ୍ତୃପକ୍ଷଙ୍କ ଜରିଆରେ ଜେଲ୍ ଅନ୍ତେବାସୀମାନେ ଏହି କ୍ୟାମ୍ପ କୋର୍ଟରେ କରିପାରିବେ ଜାମିନ ଆବେଦନ। ଆଇନ ଅନୁଯାୟୀ କ୍ୟାମ୍ପ କୋର୍ଟରେ ଆବେଦନଗୁଡିକର ଶୁଣାଣି କରାଯିବ। ରାଜ୍ୟର ସମସ୍ତ ଜେଲ୍‌ରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ଓଡ଼ିଶା ହାଇକୋର୍ଟ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ଜିଲା ଓ ଦୌରାଜଜ୍‌ମାନଙ୍କୁ ହାଇକୋର୍ଟ ଏହି ମର୍ମରେ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି କ୍ୟାମ୍ପ କୋର୍ଟଗୁଡିକରେ କେବଳ ଜାମିନ ଆବେଦନର ଶୁଣାଣି କରାଯିବ। ପ୍ରତ୍ୟେକ ସରକାରୀ କାର୍ଯ୍ୟ ଦିବସଗୁଡ଼ିକରେ ଏହି କ୍ୟାମ୍ପକୋର୍ଟ ଅନୁଷ୍ଠିତ ହେବ। ନିମ୍ନ ଅଦାଲତର ବିଚାରପତି କ୍ୟାମ୍ପକୋର୍ଟ ଦାୟିତ୍ୱରେ ରହିବେ। ଏଥିସହ ଜଣେ କିରାଣି, ଷ୍ଟେନୋଗ୍ରାଫରଙ୍କ ସହିତ କୋର୍ଟ ସବ୍ ଇନ୍ସପେକ୍ଟର ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ୍ୟ ରହିବେ। ଅଭିଯୁକ୍ତଙ୍କ ପରିଚୟ ଯାଞ୍ଚ କାର୍ଯ୍ୟ ଜେଲ୍ ଅଧୀକ୍ଷକ କିମ୍ବା ସହକାରୀ ଅଧୀକ୍ଷକଙ୍କ ଦ୍ୱାରା କରାଯିବ। ଏହାବାଦ୍ ଆଇନସେବା ପ୍ରାଧିକରଣଙ୍କ ଜଣେ ପାରା ଲିଗାଲ ଭଲ୍ୟୁଣ୍ଟିୟର(ପିଏଲଭି)ଙ୍କ ଉପରେ ମଧ୍ୟ କ୍ୟାମ୍ପକୋର୍ଟର ଗୁରୁଦାୟିତ୍ୱ ନ୍ୟସ୍ତ କରାଯାଇଛି। କେଉଁମାନେ ଅର୍ଥ ଅଭାବରୁ ଆଇନ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ପିଏଲ୍‌ଭିମାନେ ତାହାର ତଦାରଖ କରିବେ। ଜେଲ୍ କର୍ତ୍ତୃପକ୍ଷଙ୍କ ସହିତ ପିଏଲ୍‌ଭି ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟ ନିଷ୍ପାଦନ ସମ୍ପନ୍ନ କରିବେ। ଏପରି କି ଗିରଫ ପରେ ଏଣିକି ଅଭିଯୁକ୍ତମାନଙ୍କୁ ସିଧାସଳଖ ଏହି କ୍ୟାମ୍ପକୋର୍ଟରେ ହାଜର କରାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। କ୍ୟାମ୍ପକୋର୍ଟରେ ଜାମିନ ପାଇବା ପରେ ଅଭିଯୁକ୍ତମାନଙ୍କୁ ଏକ ପ୍ରୋଭିଜନାଲ ପିଆର୍ ବଣ୍ଡ ମାଧ୍ୟମରେ ମୁକ୍ତ କରାଯିବ। ଏହାପରେ ୧ କିମ୍ବା ୨ମାସ ମଧ୍ୟରେ ନିୟମିତ ଜାମିନ ପାଇବା ପାଇଁ ସମ୍ପୃକ୍ତ ଅଭିଯୁକ୍ତ ନିର୍ଦ୍ଦିଷ୍ଟ କୋର୍ଟରେ ଆବେଦନ କରିବେ। ଏହି କ୍ୟାମ୍ପକୋର୍ଟରେ ଜାମିନ ଆବେଦନର ଶୁଣାଣି ଚାଲିଥିବା ସମୟରେ କେବଳ କୋର୍ଟ କର୍ମଚାରୀ ଓ କୋର୍ଟ ସବ୍ ଇନ୍ସପେକ୍ଟରଙ୍କ ବ୍ୟତୀତ ଆଉ କେହି ଯେପରି ନ ରୁହନ୍ତି ସେଥିପ୍ରତି ଜେଲ୍ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବେ। ହାଇକୋର୍ଟଙ୍କ ଆଦେଶର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ପୋଲିସ ଗିରଫ କରିବାର ୬୦ରୁ ୧୨୦ଦିନ ମଧ୍ୟରେ ଯଦି ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରି ନ ଥିବ ତେବେ ଏହି କେସ୍ ଫୌଜଦାରି ଆଇନର ଧାରା ୧୬୭ର ଉପଧାରା ୨ ଅନୁଯାୟୀ ମଧ୍ୟ ବିଚାର କରାଯିବ। ସୂଚନାଯୋଗ୍ୟ, ଜେଲ୍‌ରେ ଏବେ କଏଦୀ ସଂଖ୍ୟା ବଢ଼ି ଚାଲିଥିବାବେଳେ କୋର୍ଟମାନଙ୍କରେ ମଧ୍ୟ ମାମଲାର ବୋଝ ଅଧିକ ରହୁଛି। ଏହାକୁ ହ୍ରାସ କରିବା ସହ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ହାଇକୋର୍ଟ ଏଭଳି ଆଦେଶ ଦେଇଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାତା ଦେଖି ମାଗିବ,**
**କୃପଣକୁ ମାଗିଲେ ତୁଣ୍ଡ ଗନ୍ଧାଇବ।**

ଦାତା ଦେଖି ପ୍ରାର୍ଥନା କରିବା ଉଚିତ। ଦାନଶୀଳ, ଦୟାଶୀଳ ବ୍ୟକ୍ତିଙ୍କୁ ସାହାଯ୍ୟ ଭିକ୍ଷା କଲେ ନିରାଶ ହେବାକୁ ପଡ଼ି ନ ଥାଏ। କିନ୍ତୁ ଯିଏ କୃପଣ ସ୍ୱଭାବର ହୋଇଥାଏ ତାଙ୍କୁ ଯେତେ ଅନୁନୟ ବିନୟ ହୋଇ ମାଗିଲେ ମଧ୍ୟ ଲାଭ କିଛି ମିଳି ନ ଥାଏ। ଦାନ ଦେଲେ ସରିଯିବା ଭୟରେ କିଛି ଦେଉ ନ ଥିବା ଏପରି କୃପଣ ସ୍ୱଭାବ ବ୍ୟକ୍ତି ଆଗରେ ହାତ ପତେଇ ନିରାଶା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଶ ଗୁଣେ ବେଶ**
**ଗୁରୁ ଗୁଣେ ଶିଷ୍ୟ।**

ଦେଶ ଦୁନିଆର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନିୟମ, ପରମ୍ପରା, ଚାଲିଚଳଣ, ବେଶ ପୋଷାକ, ଭାଷା ତଥା ଖାଦ୍ୟପେୟ ଦେଖିବାକୁ ମିଳିଥାଏ। ଯେ ଯେଉଁ ଦେଶକୁ ଯାଇଥାଏ ତାକୁ ସେ ଦେଶର ନୀତି ନିୟମରେ ଚଳିବାକୁ ପଡ଼ିଥାଏ। ଗୁରୁ ଶିଷ୍ୟଙ୍କୁ ଶିକ୍ଷାଦେବା ସହ ଉଚିତ ମାର୍ଗଦର୍ଶନ କରାଇଥାନ୍ତି। ଗୁରୁଙ୍କ ସ୍ୱଭାବ ପ୍ରଭାବ ଶିଷ୍ୟଠାରେ ପ୍ରତିଫଳିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ■ କ୍ଲିନଚିଟ୍ ପରେ ବି ତୁଟୁନି ବିବାଦ

# ଡିଜିସିଏକୁ ତଥ୍ୟ ମାଗିଲା ପୁରୀ ପୋଲିସ

ପୁରୀ ଅଫିସ, ୨୭।୧୦

ଚିଲିକାରେ ହେଲିକପ୍ଟର ଉଡ଼ାଣ ଘଟଣାରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କ୍ଲିନଚିଟ୍ ଦେଇଛି। କିନ୍ତୁ ଏହାପରେ ବି ବିବାଦ ତୁଟୁନି। ପୁଣିଥରେ ଡିଜିସିଏଙ୍କୁ ରିପୋର୍ଟ ମାଗିଛି ପୁରୀ ପୋଲିସ। ଡିଜିସିଏ ରିପୋର୍ଟରେ ହେଲିକପ୍ଟର ଅବତରଣକୁ ନେଇ ତଥ୍ୟ ରହିଥିବାବେଳେ ହେଲିକପ୍ଟର ଚିଲିକା ଅଞ୍ଚଳରେ ନିର୍ଦ୍ଦିଷ୍ଟ କେତେ ଉଚ୍ଚତାରେ ଉଡୁଥିଲା ତାହାର ତଥ୍ୟ ଉଲ୍ଲେଖ ନାହିଁ। ଚିଲିକାରେ କେତେ ଉଚ୍ଚତାରେ ହେଲିକପ୍ଟର ଉଡୁଥିଲା ସେହି ତଥ୍ୟ ଡିଜିସିଏକୁ ମାଗିଛି ପୁରୀ ପୋଲିସ। ତେବେ ହେଙ୍ଗରରେ ସିଲ୍ ହୋଇଥିବା ୩ଟି ହେଲିକପ୍ଟର ମଧ୍ୟରୁ ଚିଲିକାରେ ଉଡ଼ିଥିବା ହେଲିକପ୍ଟରକୁ ରଖାଯିବ। ଡିଜିସିଏରୁ ତଥ୍ୟ ଆସିବା ପରେ ପଦକ୍ଷେପ ନିଆଯିବ। ହେଙ୍ଗରରେ ରହିଥିବା ବାକି ଦୁଇଟି ହେଲିକପ୍ଟର ଛାଡ଼ିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ସୂଚନାଯୋଗ୍ୟ, ଚିଲିକାର ଅରଖକୁଦା ତଥା ନୂଆ ମୁହାଣ ଇଲାକାରେ ସେପ୍ଟେମ୍ବର ୧୫ରେ ସି ପ୍ଲେନ ଉଡିଥିବା ଚର୍ଚ୍ଚା ହୋଇଥିଲା। ଏହାକୁ ନେଇ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅରଖକୁଦା ଥାନାରେ ଏତଲା ଦିଆଯାଇଥିଲା। ଏହାକୁ ଆଧାର କରି ଅରଖକୁଦା ସାମୁଦ୍ରିକ ଥାନାରେ ସେପ୍ଟେମ୍ବର ୧୭ରେ ୨୭୭, ୨୭୮, ୩୩୬, ୪୩୧ଦଫା, ୧୧ ଏୟାରକ୍ରାଫ୍ଟ ଆକ୍ଟ ୧୯୩୪ ବଳରେ ଏକ କେସ ନଂ. ୧୬/୧୮ ରୁଜୁ ହୋଇଥିଲା। ତଦନ୍ତରୁ ଇମ୍ପାର ହେଲିକପ୍ଟର ରବିନ୍‌ସନ୍ ଆର-୪୪ ଉଡିଥିବା ଜଣାପଡିଥିଲା। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଉକ୍ତ ହେଲିକପ୍ଟର ଉଡାଣ କରିଥିବା ବେଳେ ଅଭିଜିତ ଆୟର ମିତ୍ର ଏବଂ ଆରତୀ ଟିକୋ ଯାତ୍ରୀ ରହିଥିଲେ। ପୁରୀ ପୋଲିସ ଏହି ଘଟଣାର ତଦନ୍ତ କରି ସେପ୍ଟେମ୍ବର ୧୭ ରାତିରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଥିବା ଇମ୍ପାର ହେଙ୍ଗରକୁ ସିଲ୍ କରିଥିଲା। ଉକ୍ତ ହେଙ୍ଗର ବର୍ତ୍ତମାନ ସିଲ୍ ହୋଇ ରହିଥିବା ବେଳେ ସେଥିରେ ୩ଟି ହେଲିକପ୍ଟର ରହିଛି।

## ଭାଜପାର ବ୍ଲକସ୍ତରୀୟ ଆନ୍ଦୋଳନ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ରାଜ୍ୟରେ ଦୀର୍ଘ ୧୯ ବର୍ଷ ଧରି ବିଜେଡି ସରକାର ଦୁର୍ନୀତି ଏବଂ ଭ୍ରଷ୍ଟାଚାରରେ ବୁଡ଼ି ରହିଛି। ଦୁର୍ନୀତି ଏବଂ ଭ୍ରଷ୍ଟାଚାର ବିରୋଧରେ ଓଡ଼ିଶାବାସୀଙ୍କ ମନରେ ଜନଅସନ୍ତୋଷ ସୃଷ୍ଟି ହୋଇଛି। ଯୋଜନା କରାଇବା ନାଁରେ ଲକ୍ଷ ଲକ୍ଷ ଟଙ୍କାର ପିସି କାରବାର ହେଉଛି। ହିତାଧିକାରୀମାନେ ଯୋଜନାର ଲାଭ ଉଠାଇବାକୁ ହେଲେ ପ୍ରତି ପରିବାର ପିଛା ହଜାର ହଜାର ଟଙ୍କା ବିଜେଡି ନେତାଙ୍କୁ ଦେବାକୁ ପଡୁଛି ବୋଲି ଅଭିଯୋଗ କରିଛି ଭାଜପା। ଏହାର ପ୍ରତିବାଦରେ ସାରା ରାଜ୍ୟରେ ଶନିବାରଠାରୁ ଦଳ ପକ୍ଷରୁ ବିଭିନ୍ନ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେଡି ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ନାଁ ସାର୍ବଜନୀନ ନ କରି ଦଳୀୟ କର୍ମୀଙ୍କୁ ସରକାରୀ ଅର୍ଥର ଲାଭ ଦେଉଛି ବୋଲି ମୁଖପାତ୍ର ଗୋଲକ ମହାପାତ୍ର ସମାଲୋଚନା କରିଛନ୍ତି।

## ■ ମନ୍ତ୍ରୀ ଓ ଭାଜପା ନେତାଙ୍କୁ ଆକ୍ରମଣ ଘଟଣା

# ପୂର୍ବତନ ପୌରଉପାଧ୍ୟକ୍ଷଙ୍କ ସମେତ ୪ ଗିରଫ

ଆନନ୍ଦପୁର,୨୭।୧୦(ସ୍ୱ.ପ୍ର.)

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଏବଂ ଭାଜପା ଯୁବ ସଭାପତି ଆଶିଷ ବେହେରାଙ୍କ ଉପରେ ପୃଥକ୍ ଆକ୍ରମଣ ଘଟଣାରେ କେନ୍ଦୁଝର ଜିଲା ଘସିପୁରା ଥାନା ପୋଲିସ ଶନିବାର ଆନନ୍ଦପୁର ପୂର୍ବତନ ପୌର ଉପାଧ୍ୟକ୍ଷ ସୁରେଶ ସାହୁଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ଗତ ମାସ ୬ ତାରିଖରେ ଭାଜପା ଯୁବ ସଭାପତି ଆଶିଷଙ୍କ ଉପରେ ଘସିପୁରା ଖପରାଖାଇ ବସଷ୍ଟାଣ୍ଡଠାରେ ଆକ୍ରମଣ ହୋଇଥିଲା। ସେହି ମାସ ୧୬ ତାରିଖରେ ଅନ୍ୟ ଏକ ଗଣ୍ଡଗୋଳ ଘଟଣାରେ ମନ୍ତ୍ରୀ ପାତ୍ରଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ଏହି ଘଟଣାରେ ପାଲଟା ଅଭିଯୋଗ ହେବାରୁ ପୋଲିସ ମନ୍ତ୍ରୀ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କୁ ମାମଲା ନଂ. ୧୮୧/୧୮ରେ ଗିରଫ କରିଥିଲା। ଏ ନେଇ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା। ସେତେବେଳେ ଦେବାଶିଷଙ୍କ ୪ ସମର୍ଥକ ଅକ୍ଷୟ ସାହୁ, ନିରଞ୍ଜନ ସାହୁ, ଆଶିଷ ବେହେରା ଓ ଅଜୟ ସାହୁ ଥାନାରେ ଆତ୍ମସମର୍ପଣ କରିଥିଲେ। ଘଟଣାର ପ୍ରାୟ ୪ ସପ୍ତାହ ପରେ ପୋଲିସ ପୂର୍ବତନ ପୌର ଉପାଧ୍ୟକ୍ଷ ସୁରେଶ ଓ ଘସିପୁରାର ପରିଆ ପାତ୍ର, ଆନନ୍ଦପୁରର ସୁଦର୍ଶନ ରଣା ଏବଂ ଦୀପକ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଗିରଫ ଅଭିଯୁକ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ ଶନିବାର ପୂର୍ବାହ୍ନ ୧୦ଟା୧୫ ମିନିଟ୍‌ରେ ପୂର୍ବତନ ପୌର ଉପାଧ୍ୟକ୍ଷ ସୁରେଶ ଆନନ୍ଦପୁର ମାଳିସାହିରୁ ଜନୈକ କାଉନସିଲରଙ୍କ ଘରକୁ ଯାଉଥିବାବେଳେ ପୋଲିସ ତାଙ୍କୁ ଧରିଥିଲା। ତାଙ୍କ ବିରୋଧରେ ଘସିପୁରା ଥାନାରେ ଦୁଇଟି ମାମଲା (ନଂ.୧୮୦/୧୮ ଏବଂ ୧୯୦/୧୮) ରହିଛି। ଏହି ମାମଲା ରୁଜୁ ହେବା ପରଠାରୁ ସେ ଫେରାର ଥିଲେ।

# ନନ୍ଦନକାନନରେ ରହିବ 'ସୁନ୍ଦରୀ'

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

ସାତକୋଶିଆରେ ଥିବା ବାଘୁଣୀ 'ସୁନ୍ଦରୀ'ର ଭବିଷ୍ୟତକୁ ନେଇ ଲାଗିରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସାତକୋଶିଆ ବାସିନ୍ଦା ଓ ବନ ବିଭାଗର ନିଦ ହଜାଇଥିବା ସୁନ୍ଦରୀକୁ ଧରାଯିବା ପରେ ତା'କୁ ନନ୍ଦନକାନନରେ ରଖାଯିବ ବୋଲି ଶନିବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କହିଛନ୍ତି।

ସୁନ୍ଦରୀ ଧରାପଡ଼ିବା ପରେ ତା'କୁ ରାଇଗୁଡ଼ାସ୍ଥିତ ଏନ୍‌କ୍ଲୋଜରେ ରଖାଯିବ ବୋଲି ପୂର୍ବରୁ ବନ ବିଭାଗ କହିଥିଲା। କିନ୍ତୁ ଏଥିରେ ସ୍ଥାନୀୟ ବାସିନ୍ଦା ଓ ବନ୍ୟପ୍ରାଣୀ ବିଶେଷଜ୍ଞ ସନ୍ତୁଷ୍ଟ ନ ଥିଲେ। ଏହାକୁ ନେଇ ନାନା ପ୍ରଶ୍ନ ଉଠିଥିଲା, ଯେଉଁଥିରେ ପୂର୍ଣ୍ଣଚ୍ଛେଦ ପକାଇଛି ବନ ବିଭାଗ। ସୁନ୍ଦରୀକୁ ଦୁଇଦିନ ମଧ୍ୟରେ

### ସ୍ପଷ୍ଟ କଲେ ମନ୍ତ୍ରୀ

ଟ୍ରାଙ୍କୁଲାଇଜ କରି ଧରାଯିବ। ପରେ ତାକୁ ନନ୍ଦନକାନନ ଅଣାଯିବ ବୋଲି ମନ୍ତ୍ରୀ ରାଉତରାୟ କହିଛନ୍ତି। ସେ କହିଛନ୍ତି ଯେ, ଗତକିଛି ଦିନ ହେଲା ସୁନ୍ଦରୀକୁ ନେଇ ସାତକୋଶିଆରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏପରି କି ସ୍ଥାନୀୟ ବାସିନ୍ଦା ଜୀବନହାନିର ଆଶଙ୍କା କରିଛନ୍ତି। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସୁନ୍ଦରୀକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଅଣାଯିବ। ତେଣୁ ସୁନ୍ଦରୀକୁ ନେଇ ଭୟର କୌଣସି କାରଣ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଏନ୍‌ଟିସିଏ ଗାଇଡ୍‌ଲାଇନ ଅନୁଯାୟୀ ଯଦି କୌଣସି ବାଘ ମଣିଷଖିଆ ବୋଲି ପ୍ରମାଣିତ ହୁଏ, ତେବେ ତାକୁ ନିକଟ ଚିଡ଼ିଆଖାନାରେ ରଖାଯିବ। ସୁନ୍ଦରୀ ଦୁଇଟି ମଣିଷର ମୃତ୍ୟୁର କାରଣ ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ତେଣୁ ତା'କୁ ଧରିବା ପାଇଁ ୪ଦିନ ହେଲାଣି ବନ ବିଭାଗ ଉଦ୍ୟମ ଚଳାଇଛି। କିନ୍ତୁ ଏଯାଏ ସଫଳତା ମିଳିନାହିଁ। ସୁନ୍ଦରୀକୁ ଧରିବା ପାଇଁ ସୁନାବେଡ଼ାରୁ ସ୍ୱୟଂଚାଳିତ ଯନ୍ତା ମଧ୍ୟ ଅଣାଯାଇଛି। ପୂର୍ବରୁ ଯନ୍ତା ନିକଟରେ ଛେଳି ରଖାଯାଇଥିଲା। କିନ୍ତୁ ବର୍ତ୍ତମାନ ମଇଁଷି ରଖାଯାଇଛି। ସେପଟେ ସୁନ୍ଦରୀକୁ ଧରିବା ପାଇଁ ମଧ୍ୟପ୍ରଦେଶରୁ ଆଉ ଏକ ବିଶେଷଜ୍ଞ ଦଳ ପହଞ୍ଚିଛନ୍ତି। ନନ୍ଦନକାନନରୁ ମଧ୍ୟ ଆଉ ଜଣେ ଟ୍ରାଙ୍କୁଲାଇଜିଂ ବିଶେଷଜ୍ଞ ସାମିଲ ହୋଇଛନ୍ତି।



+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଦୀପାବଳି ଧମାକା
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପ୍ରାପ୍ତ କରନ୍ତୁ 3 ଘଣ୍ଟାରେ
ଦୀପାବଳିର ଶୁଭ ଅବସରରେ ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ
2% ସୁଧ 50% ରିହାତି + ସବ୍‌ସିଡି
ମାତା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି + ସବ୍‌ସିଡି
9625419406
8695337370
Add : - T-51, Gautampuri, Delhi-53

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି? କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ!
କାମ ନହେଲେ ପଇସା ଫେରସ୍ତ! Time - 10 am to 6 pm
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Dhanlaxmi Financial Services
(Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ।
2% ସୁଧ 40% ସରକାରୀ ସବ୍‌ସିଡି ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

FINANCE
ଭାରତ No. 1 ରେଜିଷ୍ଟଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଶ୍ରୀରାମ ଫାଇନାନ୍ସ ଲିମିଟେଡ୍
(Reg. No. LA76108CH0902)
1942ରୁ ପଞ୍ଜୀକୃତ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସବୁ ଋଣ 24 ଘଣ୍ଟାରେ ଘରେ ବସି, 2% ସୁଧ, 40% ରିହାତି।
7460970869
7518148465
ଠକମାନଙ୍କ ପ୍ରତି ସାବଧାନ।

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

SMS JOB
Send SMS. Earn MONEY
A-TEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

Dhanlaxmi Financial Services, Govt Approved, Regd. No.- od6789dh45 ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ମହିଳା ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ପାଆନ୍ତୁ 72 ଘଣ୍ଟାରେ 1% ସୁଧ, 50% Govt. Subsidy (50,000 - 95 ଲକ୍ଷ ପର୍ଯ୍ୟନ୍ତ ଋଣ)
For more detail contact:
07302107165
Mail id: dhanlaxmifin1991@gmail.com
J-6, B-Block, Jiwan Park, New Delhi

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା
ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି
ରୋଗରେ ଔଷଧ ନ ଲାଗିବା
କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar



## ବିଦ୍ୟୁତ୍ ଆଘାତ

# ୮ ବର୍ଷରେ ମଲେଣି ୯୯ ହାତୀ

**ଭୁବନେଶ୍ୱର, ୨୭।୧୦(ବ୍ୟୁରୋ):** ଓଡ଼ିଶା ଏବେ ହାତୀମାନଙ୍କ ପାଇଁ ଶ୍ମଶାନ ପାଲଟିଛି। ବିଭିନ୍ନ ଅପ୍ରାକୃତିକ କାରଣ ଯୋଗୁ ବହୁ ସଂଖ୍ୟକ ହାତୀଙ୍କ ଜୀବନହାନି ଘଟୁଛି। ଶିକାର, ବିଦ୍ୟୁତ୍ ଆଘାତ, ଟ୍ରେନ ଓ ସଡ଼କ ଦୁର୍ଘଟଣା ଭଳି କେତେକ ଅପ୍ରାକୃତିକ କାରଣ ବ୍ୟତୀତ ଖୋଲା କୂଅରେ ପଡ଼ି ଏବଂ ବିଦ୍ୟୁତ ଆଘାତ ଯୋଗୁ ଅଧିକ ହାତୀ ପ୍ରାଣ ହରାଉଛନ୍ତି। ଅପ୍ରାକୃତିକ କାରଣ ଯୋଗୁ ଯେତିକି ସଂଖ୍ୟକ ହାତୀଙ୍କ ମୃତ୍ୟୁ ଘଟୁଛି, ସେଥିରୁ ୪୧% କେବଳ ବିଦ୍ୟୁତ ଆଘାତଜନିତ। ଫଳସ୍ୱରୂପ ବିଗତ ୮ବର୍ଷ ମଧ୍ୟରେ ରାଜ୍ୟରେ ୯୯ ହାତୀଙ୍କ ମୃତ୍ୟୁ ଘଟିଲାଣି।

ସୂଚନା ମୁତାବକ, ୨୦୦୦ ମସିହାରୁ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ଆଘାତରେ ୧୭୬ ହାତୀ ମଲେଣି। ୨୦୦୦ରୁ ୨୦୧୦ ମଧ୍ୟରେ ୭୭ ହାତୀଙ୍କ ମୃତ୍ୟୁ ଘଟିଛି। ଏହାକୁ ଦୃଷ୍ଟି ଦେଲେ ପ୍ରତି ବର୍ଷ ଅନ୍ୟୁନ ୮ ହାତୀ ଝୁଲନ୍ତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। କିନ୍ତୁ ଏହି ସମୟ ମଧ୍ୟରେ ରାଜ୍ୟ ସରକାର ବିଦ୍ୟୁତ ଆଘାତ ଜନିତ ମୃତ୍ୟୁକୁ ରୋକିବା ଲାଗି କୌଣସି ପଦକ୍ଷେପ ନେଇ ନ ଥିଲେ। ଅନ୍ୟପଟେ ୨୦୧୦ ପରେ ଏହି ମୃତ୍ୟୁହାର ବୃଦ୍ଧି ପାଇଛି। ୨୦୧୦ ପରେ ସରକାର କେତେକ ପଦକ୍ଷେପ ନେଇଥିଲେ ମଧ୍ୟ ବିଦ୍ୟୁତ ଆଘାତ ଜନିତ ମୃତ୍ୟୁହାରକୁ ରୋକିବାରେ ସମର୍ଥ ହୋଇନାହାନ୍ତି, ଯେଉଁଥିପାଇଁ ଗତ ୮ ବର୍ଷରେ ୯୯ ହାତୀ ଆଖି ବୁଜିଛନ୍ତି। ସେମାନଙ୍କ ମଧ୍ୟରୁ ଝୁଲନ୍ତା ତାର ସଂସ୍ପର୍ଶରେ ଆସି ୪୦ ଏବଂ ବିଦ୍ୟୁତ୍ ଯନ୍ତାରେ ପଡ଼ି ୫୯ ହାତୀଙ୍କ ମୃତ୍ୟୁ ଘଟିଛି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ବିଶ୍ୱଜିତ ମହାନ୍ତି କହିଛନ୍ତି। ତେବେ ଶନିବାର ଭୋର ସମୟରେ ଢେଙ୍କାନାଳ ଜିଲା କମଳାଙ୍ଗ ଗାଁ ନିକଟରେ ଝୁଲନ୍ତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୭ ହାତୀଙ୍କ ମୃତ୍ୟୁ ଘଟିବା ରାଜ୍ୟ ସରକାର ଏବଂ ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତାକୁ ପଦାରେ ପକାଇଛି। ମହାନ୍ତି କହିଛନ୍ତି, ଏହି ଘଟଣା ପାଇଁ ସେସୁ କର୍ତ୍ତୃପକ୍ଷ ଦାୟୀ। ତାଙ୍କ ନାଁରେ ମାମଲା ରୁଜୁ କରାଯାଇ ଗିରଫ କରାଯିବା ଉଚିତ। ବାରମ୍ବାର ଚିଠି ସତ୍ତ୍ୱେ ସେ କୌଣସି ପଦକ୍ଷେପ ନେଇ ନ ଥିଲେ, ଯାହା ଫଳରେ ଏଭଳି ଏକ ବଡ଼ ଦୁର୍ଘଟଣା ଘଟିଲା ବୋଲି ମହାନ୍ତି କହିଛନ୍ତି।

ଏ ସମ୍ପର୍କରେ ପିସିସିଏଫ୍(ବନ୍ୟପ୍ରାଣୀ) ସନ୍ଦୀପ ତ୍ରିପାଠୀ କୁହନ୍ତି, ଶନିବାର ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣା ପାଇଁ ବିଦ୍ୟୁତ୍ ବିଭାଗ ଦାୟୀ। ଘଟଣା ସ୍ଥଳରେ ଓହଳି ରହିଥିବା ବିଦ୍ୟୁତ୍ ତାରକୁ ନ ଉଠାଇବା ଯୋଗୁ ଏତେ ବଡ଼ ଦୁର୍ଘଟଣା ଘଟିଲା। ସେହିପରି ଟ୍ରାନ୍ସମିଶନ ଲାଇନ୍ସ ମଧ୍ୟ କେବୁଲିଂ କରାଯାଇ ନାହିଁ। ଗତବର୍ଷ ଏ ସମ୍ପର୍କରେ ଢେଙ୍କାନାଳ ଡିଏଫ୍ଓ ସେସୁକୁ ଜଣାଇଥିଲେ। କିନ୍ତୁ ସେସୁ କୌଣସି ପଦକ୍ଷେପ ନେଇ ନ ଥିଲା ବୋଲି ପିସିସିଏଫ୍ କହିଛନ୍ତି।

**ଝୁଲନ୍ତା ତାର ଯୋଗୁ ୪୦, ବିଦ୍ୟୁତ ଯନ୍ତାରେ ୫୯ ପ୍ରାଣ ହରାଇଛନ୍ତି**





## ନିୟମର ଉଲ୍ଲଂଘନ

ସବୁ ନିୟମକାନୁନକୁ ଜଳାଞ୍ଜଳି ଦେଇଦେଲେ। ଖୋଲାଖୋଲି ଉଲ୍ଲଂଘନ ହେଲା ନିୟମ। ଏହାର ପରିଣାମ ଭୋଗିଲେ ହାତୀ। ଓଡ଼ାପଡ଼ା ବ୍ଲକ କମଳାଙ୍ଗ ଗାଁ ନିକଟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୭ ହାତୀ ପ୍ରାଣ ହରାଇବା ପରେ ପଦାକୁ ଆସିଛି ପୁଳାପୁଳା ଅନିୟମିତତା। ଯାହା କୁହାଯାଉଛି, ସମ୍ପୃକ୍ତ ଅଞ୍ଚଳରେ ହାତୀ ସୁରକ୍ଷା ନେଇ ଥିବା ସମସ୍ତ ନିୟମକାନୁନକୁ ଅଣଦେଖା କରାଯାଇଥିଲା। ଝୁଲି ରହିଥିବା ତାର ସମ୍ପର୍କରେ ବନ ବିଭାଗ ପକ୍ଷରୁ ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଇ ନ ଥିଲା। ବିଦ୍ୟୁତ୍ ବିଭାଗ ମଧ୍ୟ ତାର ଟଣାଯିବା ଉଚ୍ଚତା ସମ୍ପର୍କିତ ନିୟମକୁ ଦୃଷ୍ଟି ଦେଇ ନ ଥିଲା। ଇଣ୍ଡିଆ ଇଲେକ୍ଟ୍ରିସିଟି ରୁଲ୍ସ-୧୯୫୬ର ଧାରା-୭୭ ଏବଂ ୮୦ ଅନୁଯାୟୀ, ୩୩ କେଭି ବିଦ୍ୟୁତ୍ ସରବରାହ ହେଉଥିବା ପୋଲଗୁଡ଼ିକର ଉଚ୍ଚତା ୯ମିଟର ଏବଂ ୧୧କେଭି ବିଦ୍ୟୁତ ସରବରାହ ହେଉଥିବା ପୋଲର ଉଚ୍ଚତା ୮ ମିଟର ବିଶିଷ୍ଟ କରାଯିବା ବାଧ୍ୟତାମୂଳକ। ଏଥିସହ ପୋଲ ମଧ୍ୟରେ ଦୂରତା ୫୦ମିଟର ଏବଂ ଭୂମିଠାରୁ ୧୭ଫୁଟ ଉଚ୍ଚରେ ବିଦ୍ୟୁତ୍ ତାର ରହିବା କଥା। ହେଲେ ହାତୀମୃତ୍ୟୁ ହୋଇଥିବା ଅଞ୍ଚଳରେ ମାତ୍ର ୫ଫୁଟ ଉପରେ ଝୁଲୁଥିଲା ୧୧କେଭି ତାର । ଫଳରେ ୭ହାତୀଙ୍କ ଅକାଳମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି।

### ବନ ବିଭାଗ-ସେସୁ ମଧ୍ୟରେ କାଦୁଅଫିଙ୍ଗା

କମଳାଙ୍ଗ ହାତୀମୃତ୍ୟୁ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଉଭୟ ବନ ବିଭାଗ ଏବଂ ସେସୁର ଅବହେଳାରୁ ଏପରି ଦୁର୍ଘଟଣା ଘଟିଥିବା ଆଲୋଚନା ହେଉଥିବାବେଳେ ଏବେ ଦୋଷ ଘୋଡ଼ାଇବାକୁ ଉଭୟ ବିଭାଗ ମଧ୍ୟରେ ଆରମ୍ଭ ହୋଇଛି କାଦୁଅଫିଙ୍ଗା। ଗୋଟିଏ ପଟେ କମ୍ ଉଚ୍ଚତାରେ ତାର ଟଣାଯାଇଥିବା ନେଇ ବନ ବିଭାଗ ପକ୍ଷରୁ ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଉଥିବା କୁହାଯାଉଛି। ଅନ୍ୟପଟେ ଏହାକୁ ଖଣ୍ଡନ କରିଛନ୍ତି ଚାଇଁପାଳ ଡିଭିଜନର ସେସୁ ନିର୍ବାହୀଯନ୍ତ୍ରୀ ନୀହାର ପାଣିଗ୍ରାହୀ। ଏଥିରୁ ଉଭୟ ବିଭାଗ ମଧ୍ୟରେ ଥିବା ସମନ୍ୱୟର ଅଭାବ ପଦାକୁ ଆସିଛି।

### ବିପଦରେ ହାତୀ ଚଲାପଥ

ଢେଙ୍କାନାଳ ଜିଲାରେ ରହିଛି ୮୦ରୁ ଊର୍ଦ୍ଧ୍ୱ ହାତୀ ଗତିପଥ। ଅଧିକାଂଶ ସ୍ଥାନରେ ଏବେ ବି କମ୍ ଉଚ୍ଚତାରେ ଝୁଲି ରହିଛି ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର। ଜିଲାରେ ମୋଟ ୧୨୦ ସ୍ଥାନରେ ବିପଜ୍ଜନକ ଅବସ୍ଥାରେ ବିଦ୍ୟୁତ୍ ତାର ଝୁଲି ରହିଥିବା ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଇଛି। ସେଥିରୁ ମାତ୍ର ୪୦ଟି ସ୍ଥାନରେ ମରାମତି କାର୍ଯ୍ୟ ଶେଷ ହୋଇଥିବା ୱାଇଲ୍ଡ ଲାଇଫ୍ ସୋସାଇଟି ପ୍ରୋଜେକ୍ଟ ଅଧିକାରୀ ଅରବିନ୍ଦ ମାଝି କହିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ୮୦ରୁ ଊର୍ଦ୍ଧ୍ୱ ସ୍ଥାନରେ ହାତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଭଳି କମ୍ ଉଚ୍ଚତାରେ ତାର ଟଣାଯାଇଛି। ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ନ କଲେ ଆଗାମୀ ଦିନରେ ହାତୀମୃତ୍ୟୁ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ହାତୀ ସମସ୍ୟା ଜିଲାରେ ଉତ୍କଟରୂପ ଧାରଣ କରିଛି। ଏହାର ସମାଧାନ ଏବଂ ହାତୀଙ୍କ ସୁରକ୍ଷା ଲାଗି ସ୍ୱତନ୍ତ୍ର ବାହିନୀର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

### ମା'କୋଳରେ ଛୁଆର ମୃତ୍ୟୁ ହୃଦୟବିଦାରକ

ହାତୀମୃତ୍ୟୁ ଘଟଣାସ୍ଥଳରେ ଦେଖିବାକୁ ମିଳିଥିଲା ହୃଦୟବିଦାରକ ଦୃଶ୍ୟ। ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିବା ୭ ହାତୀଙ୍କ ମଧ୍ୟରେ ରହିଥିଲା ଏକ ମାଈ ହାତୀ ଏବଂ ଶାବକ। ସାଧାରଣତଃ ହାତୀପଲରେ ଯାଉଥିବା ଶାବକର ସୁରକ୍ଷା ଦାୟିତ୍ୱ ମା' ନେଇଥାଏ। ଦଳରେ ଛୁଆ ପାଖେପାଖେ ରହିଥାଏ ମା' ହାତୀ। ବିପଦ ଆସିଲେ ତୁରନ୍ତ ସୁରକ୍ଷା ଦେବାକୁ ମା' ଏପରି କରିଥାଏ। ହେଲେ ଶନିବାର ଭୋର ସମୟର ଘଟଣା କିନ୍ତୁ ଭିନ୍ନ ଥିଲା। ହଠାତ୍ ହୋଇଥିବା ବିଦ୍ୟୁତ୍ ଝଟ୍‌କାରେ ମା' କୋଳରେ ହିଁ ଶାବକର ଜୀବନ ଚାଲିଯାଇଥିଲା। ଏପରି ଦୃଶ୍ୟ ଦେଖଣାହାରିଙ୍କ ଆଖିରୁ ଝରାଇଥିଲା ଲୁହ।

### ବ୍ୟବଚ୍ଛେଦବେଳେ ବାହାରିଲା ମୃତଛୁଆ

କମଳାଙ୍ଗ ହାତୀମୃତ୍ୟୁ ଘଟଣାସ୍ଥଳରେ ଦେଖିବାକୁ ମିଳିଛି ଏକ ସ୍ପର୍ଶକାତର ଦୃଶ୍ୟ। ପ୍ରାଥମିକ ତଦନ୍ତ ପରେ ଆରମ୍ଭ ହୋଇଥିଲା ମୃତଦେହ ବ୍ୟବଚ୍ଛେଦ ପ୍ରକ୍ରିୟା। ଶନିବାର ରାତି ସୁଦ୍ଧା ୪ହାତୀଙ୍କ ବ୍ୟବଚ୍ଛେଦ ସରିଥିବାବେଳେ ଏକ ମାଈ ହାତୀର ପେଟରୁ ବାହାର କରାଯାଇଛି ମୃତ ଶାବକ। ଗର୍ଭସ୍ଥ ଛୁଆ ଆନୁମାନିକ ୧୫ରୁ ୧୮ ମାସର ହେବ ଏବଂ ଗର୍ଭିଣୀ ହାତୀ ମାସେ ମଧ୍ୟରେ ଶାବକ ଜନ୍ମ କରିଥାନ୍ତା ବୋଲି ବ୍ୟବଚ୍ଛେଦ କରିଥିବା ଡାକ୍ତରୀଦଳ କହିଛନ୍ତି। ବ୍ଲକ ପ୍ରାଣୀଧନ ଅଧିକାରୀ ଲକ୍ଷ୍ମୀନାରାୟଣ ନନ୍ଦ, ସହକାରୀ ଅଧିକାରୀ ଅବିନାଶ ଦାସ, ପ୍ରାଣୀ ଚିକିତ୍ସକ ସାଗରଜ୍ୟୋତି ବେହେରା, ପ୍ରାଣୀଧନ ନିରୀକ୍ଷକ ବାସୁଦେବ ଜେନା ମୃତହାତୀଗୁଡ଼ିକର ବ୍ୟବଚ୍ଛେଦ କରିଥିଲେ।

## ବିପଦରେ ଗଜରାଜ

# ସଂଖ୍ୟାରେ ଦ୍ୱିତୀୟ, ମୃତ୍ୟୁରେ ପ୍ରଥମ

**ଢେଙ୍କାନାଳ ଅଫିସ୍, ୨୭।୧୦ :**ଶିଳ୍ପାୟନରେ ଶ୍ରୀହୀନ ବିସ୍ତୀର୍ଣ୍ଣ ଜଙ୍ଗଲ। ହାତୀ ଚଲାପଥରେ କଣ୍ଟା ସାଜିଛି ବେଆଇନ ପଥର ଖାଦାନ। ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେଉଛି ପ୍ରାକୃତିକ ଆବାସସ୍ଥଳୀ। ଜଙ୍ଗଲରେ ଶିକାରୀ ଭୟ। ଏସବୁ ପ୍ରତିକୂଳ ପରିସ୍ଥିତି ଢେଙ୍କାନାଳ ଜିଲାରେ ହାତୀଙ୍କ ଜୀବନକୁ ବିପନ୍ନ କରିଦେଇଛି। ପ୍ରାକୃତିକ ବାସସ୍ଥାନକୁ ମଣିଷ କବ୍‌ଜା କରିନେଉଥିବାବେଳେ ସେମାନେ ବାଧ୍ୟ ହୋଇ ଜନବସତିମୁହାଁ ହେଉଛନ୍ତି। ଏହି କାରଣରୁ ତୀବ୍ର ରୂପ ନେଇଛି ହାତୀ-ମଣିଷ ସଂଘର୍ଷ।

୨୦୧୭ ଗଣନାରେ ହାତୀ ସଂଖ୍ୟାରେ ଶିମିଳିପାଳ ପରେ ଦ୍ୱିତୀୟ ସ୍ଥାନରେ ରହିଛି ଢେଙ୍କାନାଳ। ଅନ୍ୟପଟେ ଅସ୍ୱାଭାବିକ ଭାବେ ବଢ଼ିଚାଲିଥିବା ହାତୀ ମୃତ୍ୟୁ ପାଇଁ ଅପବାଦ ମଧ୍ୟ ମୁଣ୍ଡାଇଛି ଜିଲା। ବିଭାଗ ସୂତ୍ରରୁ ମିଳିଥିବା ପରିସଂଖ୍ୟାନରୁ ଗତ ୫ବର୍ଷ ମଧ୍ୟରେ ଜିଲାରେ ବିଭିନ୍ନ କାରଣରୁ ୭୪ ହାତୀ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରୁ କେବଳ ବିଦ୍ୟୁତ୍ ସଂସ୍ପର୍ଶଜନିତ ମୃତ୍ୟୁ ହେଉଛି ୧୭। ଏହି ସମୟ ମଧ୍ୟରେ ହାତୀ ଆକ୍ରମଣରେ ୯୨ଜଣଙ୍କ ଜୀବନ ଯାଇଛି। ସରକାରୀ ରିପୋର୍ଟରେ ଜିଲାର ହାତୀ ସଂଖ୍ୟା ୧୭୪ କୁହାଯାଉଛି। ହେଲେ ଝାଡ଼ଖଣ୍ଡ, ଚନ୍ଦକା, ଯାଜପୁର, କେନ୍ଦୁଝର ଜିଲାରୁ ହାତୀଙ୍କ ପ୍ରବେଶପରେ ଏହି ସଂଖ୍ୟା ୩୦୦ ଟପିଛି। ଜାତୀୟ ରାଜପଥରେ ହାତୀଙ୍କ ଉପସ୍ଥିତି ଯୋଗୁ ଯାତାୟାତ ବାଧାପ୍ରାପ୍ତ ହେଉଛି।

ଅପରପକ୍ଷେ ସରକାରୀ ଭାବେ ହାତୀକୁ ମିଳିଛି ଜାତୀୟ ଐତିହ୍ୟ ପ୍ରାଣୀର ମାନ୍ୟତା। ହେଲେ ଏପରି ବୃହତ୍‌କାୟ ଜୀବଙ୍କ ସୁରକ୍ଷା ଦିଗରେ କୌଣସି ସ୍ଥାୟୀ ଯୋଜନା ହୋଇପାରିନାହିଁ। ଅଧିକାରୀମାନେ କାଗଜକଲମ ଚାଷ କରୁଥିବାବେଳେ ସରକାର ମଧ୍ୟ ହାତବାନ୍ଧି ବସିଛନ୍ତି । ବନ ବିଭାଗ, ବିଦ୍ୟୁତ୍ ବିଭାଗ, ଜଳସେଚନ ବିଭାଗ, ରେଲୱେ ବିଭାଗ ଏବଂ ଜିଲା ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ଢେଙ୍କାନାଳ ଜିଲାରେ ହାତୀମୃତ୍ୟୁର ପ୍ରମୁଖ କାରଣ ବୋଲି ପରିବେଶବିତ୍‌ମାନେ କହିଛନ୍ତି।





### ସର୍କିଟ୍‌ବ୍ରେକରକୁ ନେଇ ସନ୍ଦେହ

୧୧କେଭି ବିଦ୍ୟୁତ୍ ସରବରାହ ବେଳେ ସର୍କିଟ୍‌ବ୍ରେକର ଲଗାଯିବା ନିୟମ ରହିଛି, ଯଦ୍ୱାରା କୌଣସି ଅଘଟଣ ଘଟି ସର୍କିଟବ୍ରେକର ମାଧ୍ୟମରେ ସ୍ୱତଃ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯିବ। ହେଲେ ଉକ୍ତ ଅଞ୍ଚଳକୁ ଯୋଗାଣ ହୋଇଥିବା ୧୧କେଭି ସରବରାହ ସ୍ଥାନରେ ସର୍କିଟବ୍ରେକର ଲାଗିଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯଦି ସର୍କିଟବ୍ରେକର ଲାଗିଥାଏ ତେବେ ତାହା ଠିକ୍ ସମୟରେ କାର୍ଯ୍ୟ କରି ନ ଥିବ, ଯାହା ତଦନ୍ତସାପେକ୍ଷ।

### ଲକ୍ଷ୍ମୀପୂଜା ବେଳେ ହାତୀ ମୃତ୍ୟୁ ଦୁଃଖଦାୟକ



ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ । ଗଜଲକ୍ଷ୍ମୀ ପୂଜା ଚାଲିଥିବାବେଳେ ମା' ଲକ୍ଷ୍ମୀଙ୍କ ସହ ଗଜରାଜଙ୍କୁ ମଧ୍ୟ ପୂଜା କରାଯାଇଥାଏ। ଏକାଥରକେ ୭ହାତୀଙ୍କ ମୃତ୍ୟୁ କଷ୍ଟଦାୟକ। ଏତେ ତଳେ ତାର ଟଣାଯିବା ଠିକ୍ ନୁହେଁ।

**-ସୁଜାତା ବାରିକ,କମଳାଙ୍ଗ**

### ଜାଣିଶୁଣି ମାରିଦେଲେ



ଅଞ୍ଚଳରେ ୭ ହାତୀ ମରିବା ଘଟଣାରେ ଅଞ୍ଚଳବାସୀ ଦୁଃଖିତ। କମ୍ ଉଚ୍ଚାରେ ବିଦ୍ୟୁତ୍ ତାର ଟାଣି ଜାଣିଶୁଣି ହାତୀଙ୍କୁ ମାରିଦେଲେ। ହାତୀଙ୍କୁ ଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ପୂଜା କରାଯାଇଥାଏ। ହାତୀଙ୍କ ମୃତ୍ୟୁପରେ ମୃତଦେହରେ ଫୁଲ, ଚନ୍ଦନ, ସିନ୍ଦୂର ଲଗାଇ ଲୁହ ଛଳଛଳ ହୋଇ ବନ୍ଦାପନା କରିଛୁ।

**-ଉଚ୍ଛେଇ ଭୂତିଆ, ଅଚଳକୋଟ**

### ଏମିତି ଘଟଣା କେବେ ଶୁଣି ନ ଥିଲି



ଗୋଟିଏ, ଦୁଇଟି ହାତୀ ମୃତ୍ୟୁ ଶୁଣିଥିଲି। ହେଲେ ଏକା ସାଙ୍ଗରେ ୭ ହାତୀ ମରିବାର କେବେ ଶୁଣି ନ ଥିଲି। ବହୁତ ଦୁଃଖ ଲାଗୁଛି। ଛୋଟ ହାତୀ ଛୁଆଟି ମା' ସହ ମରିପଡ଼ିଥିବା ଦେଖିଲେ ଯେ କେହି ବି ନ କାନ୍ଦି ରହିପାରିବନି।

**-ଗୋଲାପ ସାହୁ, କମଳାଙ୍ଗ**

### ବିରାଟ କ୍ଷତି



ଏହା ଅତ୍ୟନ୍ତ ଦୁଃଖଦ ଘଟଣା। କାରଣ ଯାହା ବି ହେଉ, ଏତେ ସଂଖ୍ୟାରେ ହାତୀଙ୍କ ମୃତ୍ୟୁ ପରିବେଶ ପାଇଁ ଏକ ବିରାଟ କ୍ଷତି । କାରଣ ସବୁଜିମା ସୃଷ୍ଟି କରିବାରେ ହାତୀଙ୍କ ଅବଦାନ ଅତୁଳନୀୟ। ଢେଙ୍କାନାଳ ଇତିହାସରେ ଏପରି ହାତୀମୃତ୍ୟୁ କେବେ ହୋଇ ନ ଥିଲା।

**-ଦୀପ୍ତିମୟୀ ଲେଙ୍କା ପରିବେଶବିତ୍**

ରିପୋର୍ଟ: ଦୀନେଶ ଦାସ,ରତନ ନାୟାର,ଅସମାପିକା ସାହୁ



ନିଜର ପାପ କର୍ମ ପାଇଁ ମନୁଷ୍ୟକୁ ଜନ୍ମଜନ୍ମାନ୍ତର କଷ୍ଟ ଭୋଗ କରିବାକୁ ପଡ଼ିଥାଏ।

- ମହାବୀର ଜୈନ୍



## ସଂକ୍ଷେପରେ

### ଏସ୍‌ସିବିରେ ସପ୍ତମ ଡେଙ୍ଗୁ ମୃତ୍ୟୁ

**କଟକ ଅଫିସ, ୨୭।୧୦:** ଶନିବାର ଏସ୍‌ସିବି ମେଡିକାଲରେ ଆଉ ଜଣେ ଡେଙ୍ଗୁରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମଞ୍ଜୁ ରାଉତ (୩୫)। ତାଙ୍କ ଘର ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଅଞ୍ଚଳରେ। ମଞ୍ଜୁ ଗତ ୨୪ ତାରିଖରେ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରୁ ଏଠାକୁ ସ୍ଥାନାନ୍ତର ହୋଇ ଆସିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଆଇସିୟୁରେ ତାଙ୍କର ମୃତ୍ୟୁ ଘଟିଛି। ମଞ୍ଜୁଙ୍କ ମୃତ୍ୟୁକୁ ହିସାବ କଲେ ଏସ୍‌ସିବିରେ ଚଳିତବର୍ଷ ପାଇଁ ଏହା ସପ୍ତମ ଡେଙ୍ଗୁ ମୃତ୍ୟୁ। ପୂର୍ବରୁ ଅକ୍ଟୋବର ୩ରେ ଏସ୍‌ସିବିରେ ଷଷ୍ଠ ଡେଙ୍ଗୁ ମୃତ୍ୟୁ ଘଟିଥିଲା। ମୃତକ ଥିଲେ କଟକ ଜିଲା ନରସିଂହପୁର ଅଞ୍ଚଳର ବିରଞ୍ଚି ମେହେନା(୪୨)। ସେହିପରି ଅନ୍ୟ ୫ ମୃତକ ହେଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅଞ୍ଚଳର ସୌମ୍ୟରଞ୍ଜନ ନାୟକ(୧୮), ରାୟଗଡ଼ା ଉପକାରାଗାରର ବିଚାରାଧୀନ ବନ୍ଦୀ ରବୀନ୍ଦ୍ର ନାୟକ, କଟକ ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ପ୍ରତିମା ସ୍ୱାଇଁ, କେନ୍ଦୁଝର ଜିଲାର ତ୍ରୈଲୋକ୍ୟ ବାରିକ ଓ ପୁରୀ ଜିଲାର ପ୍ରଶାନ୍ତ ମହାରଣା।

### ୧୪ ହବିଷିଆଳି ଅସୁସ୍ଥ

**ପୁରୀ ଅଫିସ,୨୭।୧୦:** କାର୍ତ୍ତିକର ଦିନ ଯେତିକି ଗଡୁଛି ହବିଷିଆଳି ଅସୁସ୍ଥ ସଂଖ୍ୟା ମଧ ସେମିତି ବଢିବାରେ ଲାଗିଛି। ଶନିବାର କାର୍ତ୍ତିକ ବ୍ରତର ତୃତୀୟ ଦିବସରେ ୧୪ ହବିଷିଆଳି ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମୋଚିସାହି ପୌର କଲ୍ୟାଣ ମଣ୍ଡପ ହବିଷିଆଳି ଆଶ୍ରୟସ୍ଥଳରେ ରହୁଥିବା ଖୋର୍ଦ୍ଧା ଜିଲାର ଉମା ବେଓ୍ୱା ସନ୍ଧ୍ୟାରେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ପରୀକ୍ଷା ନିରୀକ୍ଷା କରାଯିବା ପରେ ତାଙ୍କୁ ଆଡମିଶନ କରାଯାଇଛି। ସେହିପରି ଅନ୍ୟ ୧୩ ହବିଷିଆଳି ଅସୁସ୍ଥ ଅନୁଭବ କରିବାରୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଡାକ୍ତରଙ୍କ ପରାମର୍ଶ ମୁତାବକ ଆବଶ୍ୟକ ଔଷଧପତ୍ର ନେଇ ଆଶ୍ରୟସ୍ଥଳକୁ ଫେରିଥିବା ଜଣାପଡିଛି। ସେମାନେ ହେଲେ ପୁରୀ ଜିଲା ଛଇତନାର ତିଳୋତ୍ତମା ପ୍ରଧାନ, ଭଦ୍ରକର ଜୟନ୍ତୀଲତା ଜେନା, ବ୍ରହ୍ମଗିରିର ବୁଧି ନାୟକ, ବୌଦ୍ଧର ଶଶି ପଣ୍ଡା, କଣାସର କୁସୁମ ପଲାଇ, କଣ୍ଟାବଣିଆର ଟିକେଇ ଦେଈ, କୃଷ୍ଣପ୍ରସାଦର ଜାମ୍ବବତୀ ବିଶ୍ୱାଳ, ଖୋର୍ଦ୍ଧା ଟାଙ୍ଗିର ପ୍ରଫୁଲ୍ଲା କୁମାରୀ ପୃଷ୍ଟି, ଗଞ୍ଜାମ ପାତ୍ରପୁରର ଉର୍ମିଳା ରାଉତ, ନୟାଗଡ଼ର ଲତା ବେଓ୍ୱା, ବରଗଡ଼ର ଅହଲ୍ୟା ସେଠ ଓ ରମା ଦେଈ ଏବଂ ନୟାଗଡ଼ର ସଚଳା ମହାପାତ୍ର। ଏମାନଙ୍କ ମଧ୍ୟରୁ ଅଧିକାଂଶ ଦୁର୍ବଳ ହୋଇପଡିଥିବା ବେଳେ ଆଉ କେତେଜଣ ଜ୍ୱରରେ ପୀଡ଼ିତ ଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି। ସହାୟର ସଂଯୋଜକ ପ୍ରଶାନ୍ତ କୁମାର ନାୟକ ଓ ସହଯୋଗୀ ଏମାନଙ୍କୁ ହସ୍ପିଟାଲ ଆଣିବାରେ ସହଯୋଗ କରିଥିଲେ। ଅନ୍ୟପଟେ ଆଶ୍ରୟସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କାଟି ଲୁଟ୍ କରୁଛନ୍ତି ଲୁଟେରା। ଶନିବାର ମୋଚିସାହି ଛକସ୍ଥିତ ପୌର କଲ୍ୟାଣ ମଣ୍ଡପରେ ଖୋର୍ଦ୍ଧା ଜିଲା କହ୍ନେଇପୁରର ଆଶାମଣୀ ଦେଈ(୭୧) ନାମ୍ନୀ ହବିଷିଆଳିଙ୍କ ମୋବାଇଲ ଫୋନ ଚୋରି ହୋଇଯାଇଛି।

### ସ୍ତ୍ରୀଙ୍କୁ ମାଡ଼ ମାରି ଘରୁ ତଡ଼ିଦେଲେ ସ୍ୱାମୀ

**ଭୁବନେଶ୍ୱର, ୨୭।୧୦(ବ୍ୟୁରୋ):** ସାମାନ୍ୟ ଏକ କଳିରୁ ସ୍ୱାମୀ ଶାଶୁଙ୍କ ସହ ମିଶି ସ୍ତ୍ରୀଙ୍କୁ ମାଡ଼ ମାରି ଘରୁ ତଡ଼ି ଦେଇଛନ୍ତି। ମହିଳା ଜଣକ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ ଶୁଣି ନାହିଁ। ଫଳରେ ନ୍ୟାୟ ପାଇଁ ସେ ୪ମାସର ପୁଅକୁ ଧରି ଥାନାର ମହିଳା ଓ ଶିଶୁ ଡେସ୍କରେ ବସି ରହିଥିବା ଶନିବାର ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ୩ବର୍ଷ ହେବ ସମ୍ପୃକ୍ତ ମହିଳା ହାଡ଼ବାଇ ବସ୍ତିରେ ବିବାହ କରିଥିଲେ। ବିବାହ ପରେ ତାଙ୍କ ସ୍ୱାମୀ ବିଭିନ୍ନ କାରଣକୁ ନେଇ ତାଙ୍କୁ ମାଡ଼ଧର କରୁଥିଲେ। ଏପରି କି ଝିଅ ହେଲେ ଘରୁ ବାହାରି ଯିବାକୁ ଧମକ ଦେଉଥିଲେ। ହେଲେ ଶେଷରେ ଶିଶୁପୁତ୍ର ଜନ୍ମ ହୋଇଥିଲା। ହେଲେ ଶିଶୁ ପୁତ୍ରକୁ ନେଇ ସ୍ୱାମୀ ଏବଂ ଶାଶୁ ଖୁସି ନ ଥିଲେ। ତାଙ୍କୁ ସେମାନେ ନିୟମିତ ମାରପିଟ କରୁଥିଲେ। ଶେଷରେ ଶନିବାର ତାଙ୍କୁ ମାଡ଼ ମାରି ଘରୁ ବାହାର କରିଦେଇଥିଲେ।

# ଶ୍ରୀମନ୍ଦିର ସଂସ୍କାରକୁ ପରିହାସ



- ଭାଙ୍ଗୁଛି ଧାଡ଼ିଦର୍ଶନ
- ଅଧିକାରୀଙ୍କ ଖାମଖିଆଲି ନୀତି
- ବାରମ୍ବାର ବଦଳାଉଛନ୍ତି ନିଷ୍ପତ୍ତି

**ପୁରୀ ଅଫିସ,୨୭।୧୦**

ଶ୍ରୀମନ୍ଦିରର ପରିଚାଳନାଗତ ସଂସ୍କାର ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ଆରମ୍ଭ ହୋଇଛି ପ୍ରକ୍ରିୟା। ହେଲେ ଏହାକୁ ଅତି ଖାମଖିଆଲି ଢଙ୍ଗରେ ନେଉଛନ୍ତି ପ୍ରଶାସନିକ ଅଧିକାରୀ। କେବଳ ନିର୍ଦ୍ଦେଶକୁ ଅନୁପାଳନ କରୁଛନ୍ତି ସିନା, ବାସ୍ତବରେ ସଂସ୍କାର ପ୍ରତି ସତେଯେମିତି ସେମାନଙ୍କ ଆନ୍ତରିକତା ନାହିଁ। ଶ୍ରୀମନ୍ଦିର ଧାଡ଼ିଦର୍ଶନ ବ୍ୟବସ୍ଥାରୁ ହିଁ ଏହା ସ୍ପଷ୍ଟ ହେଉଛି। ବାରମ୍ବାର ନିଷ୍ପତ୍ତିରେ ପରିବର୍ତ୍ତନ ଦ୍ୱାରା ଧାଡ଼ିଦର୍ଶନ କ୍ରମଶଃ ଭାଙ୍ଗିବାରେ ଲାଗିଥିବାବେଳେ ରାଜନେତାଙ୍କ ବୟାନବାଜି ଏହି ସଂସ୍କାରକୁ ପରିହାସ କରୁଛି। କୌଣସି ଦୀର୍ଘସୂତ୍ରୀ ଯୋଜନା କାର୍ଯ୍ୟକାରୀ ପୂର୍ବରୁ ଭଲ ଭାବେ ଏହାକୁ ତର୍ଜମା କରାଯିବା ଦରକାର। ଭବିଷ୍ୟତରେ ଏହା କେତେଦୂର ଗ୍ରହଣୀୟ ହୋଇପାରିବ ସେ ନେଇ ମତାମତ ଲୋଡ଼ାଯିବାର ଆବଶ୍ୟକ ରହିଛି। ହେଲେ ଶ୍ରୀମନ୍ଦିର ଧାଡ଼ିଦର୍ଶନ ବ୍ୟବସ୍ଥାରେ ଏସବୁ ଦିଗ ପ୍ରତି ଆଖି ବୁଜି ଦିଆଯାଇଛି। ଦୂରଦୃଷ୍ଟି ଅଭାବରୁ ବାରମ୍ବାର ନିଷ୍ପତ୍ତି ବଦଳିବାରେ ଲାଗିଛି।

ଶ୍ରୀମନ୍ଦିର ସଂସ୍କାର ମାମଲାରେ ପୁରୀ ଜିଲା ଜଜ୍ ସୁପ୍ରିମ୍‌କୋର୍ଟଙ୍କୁ କେତେକ ସୁପାରିସ କରିଥିଲେ। ଏହାକୁ ଆଧାର କରି ଧାଡ଼ି ମାଧ୍ୟମରେ ଭକ୍ତଙ୍କ ସ୍ୱଚ୍ଛନ୍ଦ ଦର୍ଶନ ବ୍ୟବସ୍ଥା କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ, ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ପ୍ରଥମେ ଏହା ପରୀକ୍ଷାମୂଳକ ଭାବେ ସପ୍ତାହକୁ ଦିନେ କିମ୍ବା ଦୁଇଦିନ ହେବ। କାର୍ତ୍ତିକ ମାସ ପରେ ନିୟମିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଏହି ନିଷ୍ପତ୍ତି ପରିବର୍ତ୍ତନ ହୋଇଯାଇଥିଲା। ନିୟମିତ ଧାଡ଼ିଦର୍ଶନ ଚାଲିଛି। ଏହି ବ୍ୟବସ୍ଥା ଅନୁଯାୟୀ, ସେବାୟତ ସବୁ ଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରିବେ ଏବଂ ଭକ୍ତ କେବଳ ସିଂହଦ୍ୱାର ଦେଇ ଯିବେ ଏବଂ ଅନ୍ୟ ତିନିଦ୍ୱାର ଦେଇ ବାହାରିବେ ବୋଲି କୁହାଯାଇଥିଲା। ହେଲେ ଏହି ବ୍ୟବସ୍ଥା ଲାଗୁ କରିବା ପୂର୍ବରୁ ପ୍ରଶାସନ ବୁଦ୍ଧିଜୀବୀ, ସେବାୟତ କିମ୍ବା ଭକ୍ତ କାହାରି ମତାମତ ନେଇ ନ ଥିଲା। ଏହି ବ୍ୟବସ୍ଥା ଲାଗୁ କଲେ କ'ଣ ସୁବିଧା ଏବଂ କ'ଣ ଅସୁବିଧା ହେବ ସେ ନେଇ ଆଲୋଚନା ମଧ କରି ନ ଥିଲା। ତରବରିଆ ଭାବେ ଏହି ନିଷ୍ପତ୍ତି ନେବାରୁ ପ୍ରଥମ ଦିନରୁ ହିଁ ଏହାକୁ ବିରୋଧ କରାଯାଇଥିଲା। କେତେଜଣ ବ୍ୟକ୍ତି ସିଂହଦ୍ୱାର ନିକଟରେ ଥିବା ବ୍ୟାରିକେଡକୁ ଠେଲି ଭିତରକୁ ଧସେଇ ପଶିବା ସହ ବାଇଶିପାହଚରେ ବ୍ୟାରିକେଡ ଭଙ୍ଗାରୁଜା କରିଥିଲେ। ଧାଡ଼ିଦର୍ଶନ ବ୍ୟବସ୍ଥାକୁ ବିରୋଧରେ ଅକ୍ଟୋବର ୩ରେ ଜଗନ୍ନାଥ ସେନା ପକ୍ଷରୁ ପୁରୀ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ବେଳେ ବ୍ୟାପକ ହିଂସାକାଣ୍ଡ ଘଟିବା ସହ ପୋଡ଼ାଜଳା ଓ ଭଙ୍ଗାରୁଜା ହୋଇଥିଲା। ଧାଡ଼ିଦର୍ଶନକୁ ନେଇ ଏମିତି ଲଙ୍କାକାଣ୍ଡ ଜାତୀୟସ୍ତରରେ ବି ଚର୍ଚ୍ଚା ହୋଇଥିଲା। ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ଡକାଯାଇଥିଲା, ଯେଉଁଥିରେ ହାତଗଣତି କେତେଜଣ ସେବାୟତ ଯୋଗଦେଇଥିଲେ। ସ୍ଥାନୀୟ ଲୋକେ ପରିଚୟପତ୍ର ଦେଖାଇ ଶ୍ରୀମନ୍ଦିରର ସବୁ ଦ୍ୱାର ଦେଇ ଯାଇପାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ, ଅରୁଣ ସ୍ତମ୍ଭ ଉତ୍ତର ପାର୍ଶ୍ୱରେ ଏକ ସ୍ୱତନ୍ତ୍ର ଧାଡ଼ି କରାଯାଇଥିଲା। ଏଥିରେ ସେବାୟତ ଏବଂ ଭକ୍ତ ଯିବେ ବୋଲି କୁହାଯାଇଥିଲା। ଏହି ନିଷ୍ପତ୍ତି ସମୟରେ ବି ଏହା କେତେଦୂର ଫଳପ୍ରଦ ହେବ ଏବଂ ଏହି ଧାଡ଼ି ଦ୍ୱାରା କ'ଣ ସୁବିଧା ଏବଂ ଅସୁବିଧା ହେବ ସେ ବିଷୟରେ କେହି ଚିନ୍ତା କରି ନ ଥିଲେ। ହେଲେ ଏହି ସ୍ୱତନ୍ତ୍ର ଧାଡ଼ି ଦେଇ ଯେତିକି ଲୋକ ଯାଉଥିଲେ ତାହାଠୁ ଅଧିକ ବାହାରୁ ଥିଲେ। ଏହି ଧାଡ଼ିରେ ଲମ୍ବା ବ୍ୟାରିକେଡ଼ ଦେଇ ଯିବାବେଳେ ଦୋଳମଣ୍ଡପ ସାହି, କାଳିକାଦେବୀ ସାହିର ପାଳିଆ ସେବକମାନେ ବହୁ ସମୟରେ ଛୁଆଁହୋଇ ଯାଉଥିଲେ। ଫଳରେ ଏହି ସେବକମାନେ ପୁଣି ଘରକୁ ଫେରି ଗାଧୋଇ ମୁକୁଟା ବଦଳାଇ ମନ୍ଦିରକୁ ଆସିବା ବେଳକୁ ଠାକୁରଙ୍କ ନୀତି ବିଳମ୍ବ ହେଉଥିଲା। ବାରମ୍ବାର ଏହି ଘଟଣା ଘଟିଲା। ସେବକ ଛୁଆଁ ହୋଇଯିବାରୁ କୁମାର ପୂର୍ଣ୍ଣିମା ଦିନ ଠାକୁରଙ୍କ ପହୁଡ଼ ହୋଇପାରିଲା ନାହିଁ। ତିନିଥର ଏମିତି ପାଳିଆ ସେବକ ଛୁଆଁ ହୋଇଯିବାରୁ ୨ ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଏମିତି ବହୁଥର ପାଳିଆ ସେବକ ଛୁଆଁ ହୋଇଯିବାରୁ ସେମାନେ ଗାରଦରେ ଜଣାଇଥିଲେ। କମାଣ୍ଡାର ମନ୍ଦିର ପ୍ରଶାସନକୁ ଲିଖିତ ଭାବେ ଏ ବିଷୟରେ ଅବଗତ କରାଇଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଏସ୍‌ପିଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଥିଲା। ତେଣୁ ଶୁକ୍ରବାର ରାତିରେ ଏହି ସ୍ୱତନ୍ତ୍ର ଧାଡ଼ିକୁ ବନ୍ଦ କରିଦିଆଯାଇ ପୂର୍ବରୁ ପାଦ ପ୍ରେକ୍ଷାଳନ ନିକଟରେ ଯେଉଁ ବାଟ ଥିଲା ସେହିବାଟେ ସେବାୟତ ଓ ସ୍ଥାନୀୟ ଲୋକେ (ପରିଚୟ ପତ୍ର ଦେଖାଇ) ଯିବାକୁ ସ୍ଥିର ହୋଇଛି।

ଅନ୍ୟପକ୍ଷରେ ଧାଡ଼ିଦର୍ଶନ ବ୍ୟବସ୍ଥା ଦିନକୁ ଦିନ ନିସ୍ତେଜ ହେବାରେ ଲାଗିଛି। ଏହି ବ୍ୟବସ୍ଥାରେ ମନ୍ଦିର ଭିତରେ ବ୍ୟାରିକେଡ କରାଯାଇଥିଲା। କିନ୍ତୁ ଏବେ ଭିତରେ ଆଉ ସେମିତି ବ୍ୟାରିକେଡ ନାହିଁ। ସାତପାହଚ ପରଠାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା ନାହିଁ। ଭକ୍ତମାନେ ପୂର୍ବପରି ଯେଉଁଭଳି ଠେଲାପେଲା ହୋଇ ଠାକୁରଙ୍କୁ ଦର୍ଶନ କରୁଥିଲେ ସେହିପରି ଦର୍ଶନ କରୁଛନ୍ତି। ତେଣୁ ଧାଡ଼ି ଦର୍ଶନ ବ୍ୟବସ୍ଥା ଏକ ପ୍ରକାର ଭାଙ୍ଗିଯାଇଥିବା କୁହାଯାଉଛି।

### ଶ୍ରୀମନ୍ଦିରରେ ପୋଲିସ ଭାଙ୍ଗୁଛି ପରମ୍ପରା

#### ବାଲଭୋଗ ବେଳେ ଉତ୍ତେଜନା

**ପୁରୀ ଅଫିସ,୨୭।୧୦:** ଶ୍ରୀମନ୍ଦିର ପରମ୍ପରା ସ୍ୱତନ୍ତ୍ର। ଏଠାକାର ସେବାପୂଜା, ରୀତିନୀତି ଅନ୍ୟ ମନ୍ଦିରଠାରୁ ଭିନ୍ନ। କାର୍ତ୍ତିକ ମାସରେ ମହାପ୍ରଭୁଙ୍କ ପାଖରେ ସ୍ୱତନ୍ତ୍ର ଭାବେ ବାଲଭୋଗ କରାଯାଏ। ଏହି ସମୟରେ କୌଣସି ଭକ୍ତଙ୍କୁ ଭିତରକାଠ ପାଖକୁ ଛଡା ଯାଏନାହିଁ। କେବଳ ସେବାୟତ ପରିବାରର ମହିଳାମାନେ ଭିତରକାଠ ପାଖକୁ ଯାଇଥାନ୍ତି। ଏହି ପରମ୍ପରା ବହୁ ପୁରୁଣା। ହେଲେ ଶନିବାର ଜଣେ ବରିଷ୍ଠ ପୋଲିସ ଅଧିକାରୀ ଏହି ପରମ୍ପରା ଭଙ୍ଗ କରିଛନ୍ତି। ବାଲଭୋଗ ସମୟରେ ସମ୍ପୃକ୍ତ ପୋଲିସ ଅଧିକାରୀ ଜଣେ ମହିଳା ଭିଆଇପି ଏବଂ ତାଙ୍କର କେତେଜଣ ସମ୍ପର୍କୀୟଙ୍କୁ ଦର୍ଶନ ପାଇଁ ଭିତରକାଠ ନିକଟକୁ ନେଇଥିଲେ। ଏହା ବେଆଇନ ଦର୍ଶାଇ କେତେଜଣ ସେବକ ବାରଣ କରିଥିଲେ। ଫଳରେ ଏହାକୁ ଏହାକୁ ନେଇ କିଛି ସମୟ ଶ୍ରୀମନ୍ଦିରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ସମ୍ପୃକ୍ତ ପୋଲିସ ଅଧିକାରୀ ସେମାନଙ୍କୁ ଦର୍ଶନ କରାଇ ବାହାରକୁ ନେଇ ଆସିଥିଲେ। ଏହାକୁ ନେଇ ଅନ୍ୟ ଭକ୍ତଙ୍କ ଦର୍ଶନରେ ମଧ କିଛି ସମୟ ବାଧା ଉପୁଜିଥିଲା। ସୂଚନାଥାଉ କି, ଭିଆଇପିଙ୍କୁ ନେଇ ଯାଇଥିବା ସମ୍ପୃକ୍ତ ପୋଲିସ ଅଧିକାରୀ ଖୁଣ୍ଟିଆ ପେଟ୍ରୋଲ ପମ୍ପ ଗଣ୍ଡଗୋଳ ଘଟଣାରେ ବିବାଦୀୟ ହୋଇପଡିଥିଲେ।

# ନିର୍ମାଣାଧୀନ ଡ୍ରେନରେ ଖସିପଡି ଜଣେ ମୃତ

**ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)**

ବିଏମ୍‌ସିର ମୁକୁଳା ଡ୍ରେନ ଲୋକଙ୍କ ପାଇଁ କାଳ ସାଜିଛି। ମୁକୁଳା ଡ୍ରେନରେ ପଡ଼ି ଜଣକ ପରେ ଜଣେ ପ୍ରାଣ ହରାଉଛନ୍ତି। ପୂର୍ବରୁ ଏକାଧିକ ଜୀବନ ଯାଇଥିବାବେଳେ ଶୁକ୍ରବାର ରାତିରେ ପୁଣି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରାରେ ଏକ ନିର୍ମାଣାଧୀନ ଡ୍ରେନରେ ପଡ଼ି ମଦନମୋହନ ପ୍ରଧାନ ନାମକ(୪୯) ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ମଦନଙ୍କ ମୃତ୍ୟୁ ପାଇଁ ପରିବାର ଲୋକେ ବିଏମ୍‌ସି ଓ ଠିକା ସଂସ୍ଥାକୁ ଦାୟୀ କରିଛନ୍ତି। ତାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ମଦନଙ୍କ ଘରଠାରୁ କିଛି ଦୂରରେ ତାଙ୍କର ଏକ ଓମ୍‌ଫେଡ୍ ଦୋକାନ ରହିଛି। ଗତକାଲି ରାତି ପ୍ରାୟ ୧୦ଟାରେ ସେ ଦୋକାନରୁ ଘରକୁ ଖାଇବାକୁ ଯାଇଥିଲେ। ଖାଇ ସାରିବା ପରେ ଘର ପଛପଟକୁ ଯାଇଥିଲେ। ହେଲେ ଘର ପଛପଟେ ନିର୍ମାଣାଧୀନ ଡ୍ରେନରେ ପଡି ଯାଇଥିଲେ। ତାଙ୍କ ମୁଣ୍ଡ ଫାଟିଯିବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଶେଷରେ ବିଳମ୍ବିତ ରାତିରେ ପରିବାର ଲୋକେ ଘର ପଛପଟେ ଖୋଜାଖୋଜି କରିବା ବେଳେ ଉକ୍ତ ନିର୍ମାଣାଧୀନ ଡ୍ରେନରେ ମଦନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିଥିଲେ। ସେମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ, ପୂର୍ବରୁ ମୁକୁଳା ଡ୍ରେନ ଯୋଗୁ ନୟାପଲ୍ଲୀ, କଳାରାହାଙ୍ଗ, ୟୁନିଟ୍-୬ ଆଦି ସ୍ଥାନରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏସବୁ ଘଟଣା ପରେ ମଧ ବିଏମ୍‌ସିର ଚେତା ପଶିନାହିଁ। ମଦନଙ୍କ ଘର ପଛପଟେ ଡ୍ରେନ ନିର୍ମାଣ ଚାଲିଥିଲେ ହେଁ ସେଠାରେ କୌଣସି ବାଡ଼ା ଦିଆଯାଇ ନ ଥିଲା କି ଆଲୋକ ବ୍ୟବସ୍ଥା କରାଯାଇ ନ ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ୨୦ କୋଟି ଠକେଇ ମାମଲା

# ଭିବ୍‌ଗ୍ୟୋର ଚିଟ୍‌ଫଣ୍ଡ ନିର୍ଦ୍ଦେଶକ ଗିରଫ

**ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)**

ଜମାକାରୀଙ୍କଠାରୁ ୨୦ କୋଟି ଟଙ୍କା ଠକେଇ କରି ଫେରାର ଥିବା ଭିବ୍‌ଗ୍ୟୋର ଆଲାଇଡ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ ସଂସ୍ଥାର ନିର୍ଦ୍ଦେଶକଙ୍କୁ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ କୋଲକାତାରୁ ଗିରଫ କରିଛି। ସେ ହେଲେ କୋଲକାତାର ରାଣା ଭଦ୍ରା(୩୫)। ତାଙ୍କୁ ଗିରଫ କରି କୋଲକାତାର ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ଇଓଡବ୍ଲ୍ୟୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଛି। ତାଙ୍କ ବିରୋଧରେ ଦଫା ୪୨୦, ୪୦୬, ୪୬୭, ୪୬୮, ୪୭୧, ୧୨୦(ବି)ରେ ଏକ ମାମଲା(୧/୧୮) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଏହି ସଂସ୍ଥାର ମୁଖ୍ୟ ଅଫିସ କଲିକତାରେ ଥିବାବେଳେ ୨୦୦୯ରେ ସଂସ୍ଥା ଓଡିଶାରେ ପ୍ରବେଶ କରିଥିଲା। ସଂସ୍ଥା ପ୍ରଥମେ ଭୁବନେଶ୍ୱର ଏବଂ ପରେ ବାଲେଶ୍ୱର ଓ ରାଜ ସୁନାଖଳା ଅଞ୍ଚଳରେ ବ୍ରାଞ୍ଚ ଅଫିସ ଖୋଲିଥିଲା। ଅଧିକ ହାରରେ ସୁଧ ଦେବା ଲାଗି ଜମାକାରୀଙ୍କୁ ପ୍ରଲୋଭିତ କରି ବିଭିନ୍ନ ସ୍କିମରେ ଟଙ୍କା ସଂଗ୍ରହ କରିଥିଲା। ୨୦୦୯ରୁ ୨୦୧୩ ମଧ୍ୟରେ ଏଭଳି ପ୍ରାୟ ୧୫ ହଜାର ଜମାକାରୀଙ୍କଠାରୁ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସଂଗ୍ରହ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସଂସ୍ଥା ଟଙ୍କା ଫେରସ୍ତ ନ କରି କାର୍ଯ୍ୟାଳୟରେ ତାଲା ପକାଇ ଉଭାନ ହୋଇଯାଇଥିଲା। ସଂସ୍ଥାରେ କାମ କରୁଥିବା ସମସ୍ତ ଅଧିକାରୀ ଫେରାର ହୋଇଯାଇଥିଲେ। ଏ ନେଇ ଜମାକାରୀ ରମେଶ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ସଂସ୍ଥାର ମୁଖ୍ୟ ରାଣା ଭଦ୍ରା ୨୦୧୪ରୁ ଫେରାର ଥିଲେ। କୋଲକାତାରେ ତାଙ୍କ ନାମରେ ୩ଟି ଏବଂ ଓଡିଶାରେ ୪ଟି ମାମଲା ରହିଛି।

# ଡିସେମ୍ବର ୧ରୁ କୋଣାର୍କ ଉତ୍ସବ

- ଆକର୍ଷଣୀୟ ହେବ ବାଲୁକା କଳା, ଚିତ୍ରକଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ
- ବିଶ୍ୱ କପ୍ ହକିକୁ ଦୃଷ୍ଟିରେ ରଖି ଚାଲିଛି ପ୍ରସ୍ତୁତି

**କୋଣାର୍କ, ୨୭।୧୦ (ଡି.ଏନ୍.ଏ.)**

ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆସନ୍ତା ଡିସେମ୍ବର ୧ରୁ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଆରମ୍ଭ ହେବ ୨୯ତମ କୋଣାର୍କ ଉତ୍ସବ। ଏଥିସହ ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜିତ ହେବ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ-୨୦୧୮। ଶନିବାର କୋଣାର୍କ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରଥମ ପ୍ରସ୍ତୁତି ବୈଠକରେ ଏ ସମ୍ପର୍କରେ ଆଲୋଚନା ହେବା ସହ କେତେକ ନିଷ୍ପତ୍ତି ହୋଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗର ମୁଖ୍ୟ ସଚିବ ବିଶାଲ କୁମାର ଦେବ ଏଥିରେ ଅଧ୍ୟକ୍ଷତା କରିଥିଲେ।

ବୈଠକରୁ ମିଳିଥିବା ସୂଚନାନୁସାରେ, ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା କୋଣାର୍କ ଉତ୍ସବ ପ୍ରତ୍ୟହ ସନ୍ଧ୍ୟା ୬ଟାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଚାଲିବ। ଦୁଇଟି ପର୍ଯ୍ୟାୟରେ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତର ଏହି ମହାକୁମ୍ଭରେ ଓଡିଶୀ ସହିତ ଭାରତନାଟ୍ୟମ୍, କଥକ, କୁଚିପୁଡି, ସତ୍ରିୟ ନୃତ୍ୟ ପ୍ରଦର୍ଶିତ ହେବ। ତେବେ ଚଳିତ ବର୍ଷ କୋଣାର୍କ ଉତ୍ସବକୁ ସ୍ୱତନ୍ତ୍ର ଭାବେ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଉଛି। ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ବିଶ୍ୱ କପ୍ ହକିର ଆୟୋଜନ କରାଯାଉଥିବାରୁ ଏଠାକୁ ଆସୁଥିବା ଅତିଥି ଓ ଦର୍ଶକମାନେ କିପରି କୋଣାର୍କ ଉତ୍ସବରେ ସାମିଲ୍ ହୋଇପାରିବେ ତାହା ଉପରେ ଆଲୋଚନା ହୋଇଛି। ଏଥିସହ ବାଲୁକା କଳା, ଚିତ୍ରକଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀର ଆୟୋଜନକୁ ଅଧିକ ଆକର୍ଷଣୀୟ କରାଯିବାକୁ ନିଷ୍ପତ୍ତି ହୋଇଛି। ତେବେ କୋଣାର୍କ ଉତ୍ସବକୁ ନେଇ ପର୍ଯ୍ୟଟନ ବିଭାଗ ୱେବ୍‌ସାଇଟ୍‌ରେ ଏଯାବତ୍ କୌଣସି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଏ ନେଇ କେତେକ ପ୍ରସ୍ତାବ ଦିଆଯାଇଥିଲା। ସେହିଭଳି ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ ଦେଶବିଦେଶର ବାଲୁକା ଶିଳ୍ପୀମାନେ ଭାଗ ନେବେ। ଏଥିପାଇଁ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ ଚାଲିଥିବା ଏହାର ବ୍ରାଣ୍ଡ୍ ଆମ୍ବାସାଡ଼ର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସୂଚନା ଦେଇଥିଲେ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ପୁରୀ ଏସ୍‌ପି ଡ. ସାର୍ଥକ ଷଡ଼ଙ୍ଗୀ, ପର୍ଯ୍ୟଟନ ବିଭାଗର ଉପନିର୍ଦ୍ଦେଶକ ଉତ୍ପଳ କୁମାର ପତି, ପୁରୀ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ, ପୁରୀ ଜିଲା ପର୍ଯ୍ୟଟନ ଅଧିକାରୀ ବିଜୟ କୁମାର ଜେନା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନଙ୍କ ସମେତ କୋଣାର୍କ ଉତ୍ସବ ସହ ଜଡିତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ତେବେ ବିଗତ ବର୍ଷଗୁଡ଼ିକରେ ଉତ୍ସବ ଆୟୋଜନରେ ଦେଖାଦେଇଥିବା ଅବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।



ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଏଜି ଛକ ନିକଟ ପ୍ରାଚୀରରେ ଶନିବାର ବିଭିନ୍ନ ଆର୍ଟ କଲେଜର ଛାତ୍ରମାନେ ମାସ୍କଟ 'ଓଲି' ଚିତ୍ର ଆଙ୍କୁଛନ୍ତି।

# ୧୧ଦିନ ଜମିବ ବାଲିଯାତ୍ରା

#### ପଡିଆରେ ହେବ ହକି ସେଲିବ୍ରେଶନ

**କଟକ ଅଫିସ, ୨୭।୧୦**

ବିଧିବ୍ୟବସ୍ଥା ଅନୁଯାୟୀ ପ୍ରତିବର୍ଷ ବାଲିଯାତ୍ରା ୭ଦିନ ପାଳନ କରାଯିବାକୁ ପ୍ରଶାସନ ସ୍ଥିର କରିଥାଏ। ଉଦ୍‌ଘାଟନ ଦିବସରେ ଏହାକୁ ଆଉ ଗୋଟିଏ ଦିନ ଅର୍ଥାତ୍ ୮ଦିନକୁ ବୃଦ୍ଧି କରାଯାଇଥାଏ। ନବମ ଦିବସରେ ପଡିଆରେ କୌଣସି ଦୋକାନକୁ ରହିବାକୁ ଦିଆଯାଇ ନ ଥାଏ। ପୋଲିସ ଜୋରଜବରଦସ୍ତ ସେମାନଙ୍କୁ ପଡ଼ିଆରୁ ଘଉଡେଇଥାଏ। ମାତ୍ର ଚଳିତବର୍ଷ ବାଲିଯାତ୍ରାର ଚିତ୍ର ଟିକେ ଭିନ୍ନ ରହିବ। ନା ଦୋକାନୀଙ୍କୁ ଉଠିଯିବାକୁ କୁହାଯିବ ନା ସେମାନଙ୍କୁ କେହି ଘଉଡାଇବେ। ଚଳିତବର୍ଷ ନଭେମ୍ବର ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ଅନୁଷ୍ଠିତ ହେବ ବୋଲି ଗତ ଶୁକ୍ରବାର ପ୍ରଶାସନିକ ବୈଠକରେ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ବାଲିଯାତ୍ରା ତଳ ଓ ଉପର ପଡିଆରେ ଏଥର ୧୧ଦିନ ଧରି ଲାଗି ରହିବ ଯାତ୍ରା। କାରଣ ନଭେମ୍ବର ୨୮ରୁ ଭୁବନେଶ୍ୱରରେ ଆରମ୍ଭ ହେବ ହକି ମହାକୁମ୍ଭ। ରାଜ୍ୟ ସରକାର ଏହି ହକି ମହାକୁମ୍ଭକୁ ନେଇ କଟକ, ପୁରୀ ଓ ଭୁବନେଶ୍ୱରରେ ୪ଦିନିଆ ଉତ୍ସବ କରିବାକୁ ସ୍ଥିର କରିଛନ୍ତି। ଏହି ଉତ୍ସବରେ ନୃତ୍ୟ, ଗୀତ, ଡିଜେ, ବ୍ୟାଣ୍ଡ ସହିତ ବଲିଉଡର କଳାକାରମାନେ ଯୋଗଦେବେ।



ବାଲିଯାତ୍ରା ପଡ଼ିଆକୁ ସମତୁଲ କରାଯାଉଛି।

ଏହି ପରିପ୍ରେକ୍ଷୀରେ ନଭେମ୍ବର ୨୯ରେ ବାଲିଯାତ୍ରା ଶେଷ ହେଉଥିବା ବେଳେ ୩୦ରୁ ଡିସେମ୍ବର ୩ ପର୍ଯ୍ୟନ୍ତ ତଳପଡିଆରେ ହକି ଉତ୍ସବ ଆୟୋଜନ କରାଯିବ। ବାଲିଯାତ୍ରା ଶେଷ ହୋଇଥିଲେ ମଧ କୌଣସି ଦୋକାନୀଙ୍କୁ ପଡିଆରୁ ଉଠାଯିବ ନାହିଁ ପ୍ରଶାସନ ନିଷ୍ପତ୍ତି ନେଇଛି। ଶନିବାର ସନ୍ଧ୍ୟାରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଏ ନେଇ ବୈଠକ ବସିଥିଲା। ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ସହିତ ଏ ନେଇ ଯୋଗଯୋଗ କରାଯିବାରୁ ଆମେ ଏ ସମ୍ପର୍କରେ ଯୋଜନା କରିଛୁ ବୋଲି କହିଥିଲେ। ଯଦି ଏଭଳି ହୁଏ ତେବେ ବାଲିଯାତ୍ରା ପେଣ୍ଡାଲରୁ ବାଲିଯାତ୍ରା ସମ୍ପର୍କିତ ବ୍ୟାନର ହଟାଯାଇ ହକି ଉତ୍ସବର ବ୍ୟାନର ଲଗାଯିବ। ଏହାଦ୍ୱାରା ଏକ ଉତ୍ସବ ପରିବେଶକୁ ବଳବତ୍ତର ରଖିବା ପାଇଁ ଚିନ୍ତା କରାଯାଇଥିବା ଜିଲାପାଳ ଅଗ୍ରୱାଲ କହିଛନ୍ତି।



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।

- ଭଲଟାୟାର

# ଏଇ ସପ୍ତାହର କାର୍ଯ୍ୟକ୍ରମ

## ୨୮।୧୦।୨୦୧୮ (ରବିବାର)

### ଭୁବନେଶ୍ୱର

- ସିସିଡବ୍ଲ୍ୟୁଡି ପକ୍ଷରୁ ସାଇକ୍ଲୋଥନ୍, ଶୈଳଶ୍ରୀ ବିହାର ଛକ, ସକାଳ ୬ଟା ୩୦।
- ଶହୀଦନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ 'ଆଲୁମ୍ନି ମାରାଥନ୍-୨୦୧୮', ବିଦ୍ୟାଳୟ ପରିସର, ସକାଳ ୭ଟା।
- ପ୍ରଜ୍ଞାନ ମିଶନ ପକ୍ଷରୁ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭୀମଟାଙ୍ଗି, ସକାଳ ୮ଟାରୁ ଆରମ୍ଭ।
- 'ଜଳବାୟୁ ପରିବର୍ତ୍ତନ ଓ ଶିଳ୍ପ' ଶୀର୍ଷକ ଜାତୀୟ ସମ୍ମିଳନୀ, ହୋଟେଲ ନ୍ୟୁ ମାରିୟନ, ସକାଳ ୯ଟା ୩୦।
- ରାଜ୍ୟ ବଧିର ଚେସ୍ ଚାମ୍ପିୟନଶିପ୍, ପ୍ଲଟ୍ ନଂ. ୧୦୫/ଏ, ପଳାଶପଲ୍ଲୀ, ଏରୋଡ୍ରମ୍ ଏରିଆ, ପୂର୍ବାହ୍ନ ୧୦ଟା।
- 'ଦେଶ ଗଠନରେ ଯୁବ ଓ ଛାତ୍ରମାନଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର, ନେହେରୁ ଯୁବ ପ୍ରତିଷ୍ଠାନ, ଏଜି ଛକ ନିକଟ, ପୂର୍ବାହ୍ନ ୧୦ଟା।
- ମିଳିତ ନାଗରିକ ମଞ୍ଚ ପକ୍ଷରୁ ଧାରଣା, ଲୋୟର୍ ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ଏସିଡ୍ ସର୍ଭାଇଭର୍ସ ଆଣ୍ଡ ଓମେନ୍ ୱେଲଫେୟାର୍ ଫାଉଣ୍ଡେଶନ, ଓଡ଼ିଶା ଚାପ୍ଟରର ପ୍ରଥମ ବାର୍ଷିକ ଉତ୍ସବ, ରାଜ୍ୟ ଅଭିଲେଖାଗାର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ଭିକାରୀ ବଳ ସମ୍ମାନ-୨୦୧୮ ଓ ଭିକାରୀ ବଳ ସଙ୍ଗୀତ ପ୍ରତିଯୋଗିତା, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୦ଟା।
- ଦ ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଚାପ୍ଟର ପକ୍ଷରୁ ସେମିନାର, ସିଏମ୍‌ଏ ଭବନ, ନୟାପଲ୍ଲୀ, ନୀଳକଣ୍ଠ ନଗର, ପୂର୍ବାହ୍ନ ୧୦ଟା ୩୦।
- ଦେବ ସଂସ୍କୃତି ଯୋଗ ବିଦ୍ୟାଳୟ ପକ୍ଷରୁ 'ନାରୀ ତୁ ନାରାୟଣୀ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଉତ୍ତର ପୁରୁଷ ପକ୍ଷରୁ ନାଟ୍ୟ କର୍ମଶାଳା, ଉତ୍କଳ କରାଟେ ବିଦ୍ୟାଳୟ ପରିସର, ଅପରାହ୍ନ ୪ଟା।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ତୃତୀୟ ଦେବପ୍ରସାଦ ଉତ୍ସବ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଡିଟୋରିୟମ୍, ଅପରାହ୍ନ ୫ଟା।
- ଷ୍ଟୋରିମିରର୍ ଓଡ଼ିଆ ୪ର୍ଥ ପର୍ଯ୍ୟାୟ ପୁସ୍ତକ ଉନ୍ମୋଚନ ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୧୫।
- ଗଜଲକ୍ଷ୍ମୀ ସାଂସ୍କୃତିକ ସଂଘ ପକ୍ଷରୁ ୨୬ତମ ଗଜଲକ୍ଷ୍ମୀ ପୂଜା ଉତ୍ସବ, ୬୦, ଖାରବେଳ ନଗର, ୟୁନିଟ୍-୩, ଅପରାହ୍ନ ୫ଟା ୩୦।
- ଶ୍ୱେତ ସଙ୍କେତ ସାରସ୍ୱତ ମଞ୍ଚର ମାସିକ ସାହିତ୍ୟ ଆସର, ରାଜଧାନୀ କଳା ସଂସଦ, ୟୁନିଟ୍-୩, ସନ୍ଧ୍ୟା ୬ଟା।
- ୨୬ତମ ନୃତ୍ୟାଞ୍ଜଳି ମହୋତ୍ସବ, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା।
- ଭାରତୀୟ ବିପଣନ କେନ୍ଦ୍ର ଓ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ୱଦେଶୀ ମେଳା, କ୍ଲବ ଟାଉନ୍ ପଡ଼ିଆ, ପଟିଆ, ସନ୍ଧ୍ୟା ୬ଟା।
- ଗଜଲକ୍ଷ୍ମୀ ପୂଜା କମିଟି, କପିଳପ୍ରସାଦ ପକ୍ଷରୁ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାରେ ନାଟକ 'ଦିଅଁ ପୂଜିବାକୁ ଦେଉଳ ମନା' ପରିବେଷଣ, ସୁନ୍ଦରପଦା, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଫ୍ରେଣ୍ଡସ୍ କ୍ଲବ ଲକ୍ଷ୍ମୀପୂଜା ସମିତି ପକ୍ଷରୁ ୩୮ତମ ଗଜଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୟୁନିଟ୍-୯, ଫ୍ରେଣ୍ଡ୍‌ସ କ୍ଲବ ପଡ଼ିଆ, ରୋଡ୍ ନଂ. ୬, ସନ୍ଧ୍ୟା ୬ଟା।
- ଶହୀଦନଗର ସାମାଜିକ ସାଂସ୍କୃତିକ ପରିଷଦ ପକ୍ଷରୁ ୧୮ତମ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଶହୀଦନଗରସ୍ଥିତ ପୂଜାମଣ୍ଡପ ନିକଟ, ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ନାଟ୍ୟଚକ୍ର କାର୍ଯ୍ୟକ୍ରମ, ବିଜୁ ନାଟ୍ୟ କେନ୍ଦ୍ର, ଭିଆଇପି ଏରିଆ, ନୟାପଲ୍ଲୀ, ରାତି ୭ଟା।
- ଶ୍ରୀଶ୍ରୀ ଦାଦା'ଙ୍କର ୮୬ତମ ପୁଣ୍ୟ ଆବିର୍ଭାବ ଦିବସ ମହୋତ୍ସବ ଅବସରରେ ସତ୍‌ସଙ୍ଗ ଓ ନାମ ସଂକୀର୍ତ୍ତନ, ରସୁଲଗଡ଼ ସତ୍‌ସଙ୍ଗ ବିହାର, ରାତି ୭ଟା।
- ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଓ ଝୁମ୍ ପୋଖରୀପୁଟ ଝୁମ୍ କାର୍ଯ୍ୟକ୍ରମ, ମା' ଭୁବାଷିନୀ ୟୁଥ୍ ଟ୍ରଷ୍ଟ ପଡ଼ିଆ, ଅନନ୍ତ ବିହାର ବିଡିଏ କଲୋନୀ, ପୋଖରୀପୁଟ, ରାତି ୭ଟା ୩୦।

### ଖୋର୍ଦ୍ଧା

- ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ଉପରେ ଆଲୋଚନାଚକ୍ର, ପ୍ରାଣନାଥ ମହାବିଦ୍ୟାଳୟ ରଙ୍ଗମଞ୍ଚ, ମଧ୍ୟାହ୍ନ ୧୨ଟା।
- 'ଉତ୍କଳୀୟ ଶାକ୍ତ ପରମ୍ପରାରେ ବୌଦ୍ଧତନ୍ତ୍ର' ଶୀର୍ଷକ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମ, ଜିଲା ସଂସ୍କୃତି ଭବନ, ଅପରାହ୍ନ ୩ଟା। 'ଖୋର୍ଦ୍ଧା ଇତିହାସର ଅଜ୍ଞାତ ଅଧ୍ୟାୟରେ ଖୋର୍ଦ୍ଧା ଗଡ଼ରେ ଜଗନ୍ନାଥଙ୍କ ପ୍ରଥମ ନବକଳେବର' ଶୀର୍ଷକ ଆଲୋଚନା, ଅପରାହ୍ନ ୪ଟା। କବିତା ପାଠୋତ୍ସବ, ଅପରାହ୍ନ ୫ଟା।

### ବାରଙ୍ଗ

- ଏକାମ୍ର ଶିଶୁ ସାହିତ୍ୟ ସଂସଦର କବିତା ଆସର, ନନ୍ଦନକାନନ ସ୍କୁଲ, ପୂର୍ବାହ୍ନ ୧୦ଟା।

## ୨୯।୧୦।୨୦୧୮ (ସୋମବାର)

### ଭୁବନେଶ୍ୱର

- ବାଲିଯାତ୍ରାର ଖ୍ୟାତି ସମ୍ପର୍କିତ ସ୍ୱତନ୍ତ୍ର ଆଲୋଚନା, ମେଫେୟାର୍ ଲାଗୁନ୍, ମଧ୍ୟାହ୍ନ ୧୨ଟା।
- ଗଜଲକ୍ଷ୍ମୀ ସାଂସ୍କୃତିକ ସଂଘ ପକ୍ଷରୁ ୨୬ତମ ଗଜଲକ୍ଷ୍ମୀ ପୂଜା ଉତ୍ସବ, ୬୦, ଖାରବେଳ ନଗର, ୟୁନିଟ୍-୩, ଅପରାହ୍ନ ୫ଟା ୩୦।
- ଗଜଲକ୍ଷ୍ମୀ ପୂଜା କମିଟି, କପିଳପ୍ରସାଦ ପକ୍ଷରୁ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାରେ ନାଟକ 'କାଲିର ବନ୍ଧନ କଳାଚନ୍ଦନ' ପରିବେଷଣ, ସୁନ୍ଦରପଦା, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଫ୍ରେଣ୍ଡସ୍ କ୍ଲବ ଲକ୍ଷ୍ମୀପୂଜା ସମିତି ପକ୍ଷରୁ ୩୮ତମ ଗଜଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୟୁନିଟ୍-୯, ଫ୍ରେଣ୍ଡ୍‌ସ କ୍ଲବ ପଡ଼ିଆ, ରୋଡ୍ ନଂ. ୬, ସନ୍ଧ୍ୟା ୬ଟା।
- ୨୬ତମ ନୃତ୍ୟାଞ୍ଜଳି ମହୋତ୍ସବ, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା।
- ଭାରତୀୟ ବିପଣନ କେନ୍ଦ୍ର ଓ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ୱଦେଶୀ ମେଳା, କ୍ଲବ ଟାଉନ୍ ପଡ଼ିଆ, ପଟିଆ, ସନ୍ଧ୍ୟା ୬ଟା।
- ଶହୀଦନଗର ସାମାଜିକ ସାଂସ୍କୃତିକ ପରିଷଦ ପକ୍ଷରୁ ୧୮ତମ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଶହୀଦନଗରସ୍ଥିତ ପୂଜାମଣ୍ଡପ ନିକଟ, ସନ୍ଧ୍ୟା ୬ଟା ୩୦।

## ୩୦।୧୦।୨୦୧୮ (ମଙ୍ଗଳବାର)

### ଭୁବନେଶ୍ୱର

- 'ନ୍ୟାଶନାଲ ବିଲ୍ଡିଂ କୋଡ୍ ଅଫ୍ ଇଣ୍ଡିଆ ୨୦୧୬' ଉପରେ ଦୁଇଦିନିଆ ଜାତୀୟ କର୍ମଶାଳା, ଦି ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ, ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟଗୁଡ଼ିକରେ ସ୍ୱାସ୍ଥ୍ୟ, ପରିମଳ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଉପରେ ବୈଠକ, ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ସିଆର୍‌ପି, ବରମୁଣ୍ଡା, ପୂର୍ବାହ୍ନ ୧୦ଟା।
- ଶହୀଦନଗର ସାମାଜିକ ସାଂସ୍କୃତିକ ପରିଷଦ ପକ୍ଷରୁ ୧୮ତମ ଗଜଲକ୍ଷ୍ମୀ ପୂଜା ସମାପନ ଓ ବିସର୍ଜନ, ଶହୀଦନଗରସ୍ଥିତ ପୂଜାମଣ୍ଡପ ନିକଟ, ପୂର୍ବାହ୍ନ ୧୧ଟା।
- ଗଜଲକ୍ଷ୍ମୀ ସାଂସ୍କୃତିକ ସଂଘ ପକ୍ଷରୁ ୨୬ତମ ଗଜଲକ୍ଷ୍ମୀ ପୂଜା ଉତ୍ସବ, ୬୦, ଖାରବେଳ ନଗର, ୟୁନିଟ୍-୩, ଅପରାହ୍ନ ୫ଟା ୩୦।
- ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୧୮'ର ଉଦ୍‌ଘାଟନୀ ଉତ୍ସବ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସନ୍ଧ୍ୟା ୬ଟା।
- କସ୍ତୁରବା ନାରୀମହଲ ଆନୁକୂଲ୍ୟରେ କୁମାର ଉତ୍ସବ ଓ ନାରୀମହଲ ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଫ୍ରେଣ୍ଡସ୍ କ୍ଲବ ଲକ୍ଷ୍ମୀପୂଜା ସମିତି ପକ୍ଷରୁ ୩୮ତମ ଗଜଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୟୁନିଟ୍-୯, ଫ୍ରେଣ୍ଡ୍‌ସ କ୍ଲବ ପଡ଼ିଆ, ରୋଡ୍ ନଂ. ୬, ସନ୍ଧ୍ୟା ୬ଟା।
- ଭାରତୀୟ ବିପଣନ କେନ୍ଦ୍ର ଓ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ୱଦେଶୀ ମେଳା, କ୍ଲବ ଟାଉନ୍ ପଡ଼ିଆ, ପଟିଆ, ସନ୍ଧ୍ୟା ୬ଟା।
- ଗଜଲକ୍ଷ୍ମୀ ପୂଜା କମିଟି, କପିଳପ୍ରସାଦ ପକ୍ଷରୁ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାରେ ନାଟକ 'ସତ ହୋଇଗଲା ସାତ ସପନ' ପରିବେଷଣ, ସୁନ୍ଦରପଦା, ସନ୍ଧ୍ୟା ୬ଟା।

### କଟକ

- ଜ୍ଞାନମଣ୍ଡଳ ପାଠକ ସଂସଦ ପକ୍ଷରୁ 'ଏକ୍ ମୁଲାକାତ୍: ଦୀପକ କାନୁନ୍‌ଗୋ' ଶୀର୍ଷକ ଆଲୋଚନା, ଗାନ୍ଧୀ ଭବନ, ବାଖରାବାଦ, ସନ୍ଧ୍ୟା ୬ଟା।

## ୩୧।୧୦।୨୦୧୮ (ବୁଧବାର)

### ଭୁବନେଶ୍ୱର

- 'ନ୍ୟାଶନାଲ ବିଲ୍ଡିଂ କୋଡ୍ ଅଫ୍ ଇଣ୍ଡିଆ ୨୦୧୬' ଉପରେ ଜାତୀୟ କର୍ମଶାଳା, ଦି ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ, ସକାଳ ୯ଟା ୩୦। ଉଦ୍‌ଯାପନୀ ଅଧିବେଶନ, ଅପରାହ୍ନ ୪ଟା।
- ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୧୮', ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଗଜଲକ୍ଷ୍ମୀ ସାଂସ୍କୃତିକ ସଂଘ ପକ୍ଷରୁ ୨୬ତମ ଗଜଲକ୍ଷ୍ମୀ ପୂଜା ଉତ୍ସବ, ୬୦, ଖାରବେଳ ନଗର, ୟୁନିଟ୍-୩, ଅପରାହ୍ନ ୫ଟା ୩୦।
- ଭାରତୀୟ ବିପଣନ କେନ୍ଦ୍ର ଓ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ୱଦେଶୀ ମେଳା, କ୍ଲବ ଟାଉନ୍ ପଡ଼ିଆ, ପଟିଆ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଫ୍ରେଣ୍ଡସ୍ କ୍ଲବ ଲକ୍ଷ୍ମୀପୂଜା ସମିତି ପକ୍ଷରୁ ୩୮ତମ ଗଜଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୟୁନିଟ୍-୯, ଫ୍ରେଣ୍ଡ୍‌ସ କ୍ଲବ ପଡ଼ିଆ, ରୋଡ୍ ନଂ. ୬, ସନ୍ଧ୍ୟା ୬ଟା।
- ଗଜଲକ୍ଷ୍ମୀ ପୂଜା କମିଟି, କପିଳପ୍ରସାଦ ପକ୍ଷରୁ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାରେ ନାଟକ 'ଅଦେଖା ଦୁଃଖ' ପରିବେଷଣ ଓ ପୁରସ୍କାର ବିତରଣ ଉତ୍ସବ, ସୁନ୍ଦରପଦା, ସନ୍ଧ୍ୟା ୬ଟା।

### ଖୋର୍ଦ୍ଧା

- ଗଜଲକ୍ଷ୍ମୀ ପୂଜାର ମିଳିତ ଭସାଣି ଉତ୍ସବ, ପି.ଏନ୍. କଲେଜ, ସନ୍ଧ୍ୟା ୬ଟା।

## ୧।୧୧।୨୦୧୮ (ଗୁରୁବାର)

### ଭୁବନେଶ୍ୱର

- ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୧୮', ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଭାରତୀୟ ବିପଣନ କେନ୍ଦ୍ର ଓ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ୱଦେଶୀ ମେଳା, କ୍ଲବ ଟାଉନ୍ ପଡ଼ିଆ, ପଟିଆ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଫ୍ରେଣ୍ଡସ୍ କ୍ଲବ ଲକ୍ଷ୍ମୀପୂଜା ସମିତି ପକ୍ଷରୁ ୩୮ତମ ଗଜଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୟୁନିଟ୍-୯, ଫ୍ରେଣ୍ଡ୍‌ସ କ୍ଲବ ପଡ଼ିଆ, ରୋଡ୍ ନଂ. ୬, ସନ୍ଧ୍ୟା ୬ଟା।
- ଓଡ଼ିଶା-ନ୍ୟୁ ସାଉଥ୍ ୱେଲ୍‌ସ ହକି ସିରିଜ୍, କଳିଙ୍ଗ ହକି ଷ୍ଟାଡିୟମ୍, ସନ୍ଧ୍ୟା ୬ଟା।

## ୨।୧୧।୨୦୧୮ (ଶୁକ୍ରବାର)

### ଭୁବନେଶ୍ୱର

- ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୧୮', ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ଫ୍ରେଣ୍ଡସ୍ କ୍ଲବ ଲକ୍ଷ୍ମୀପୂଜା ସମିତି ପକ୍ଷରୁ ଗଜଲକ୍ଷ୍ମୀ ଭସାଣି ଉତ୍ସବ, ୟୁନିଟ୍-୯, ଫ୍ରେଣ୍ଡ୍‌ସ କ୍ଲବ ପଡ଼ିଆ, ରୋଡ୍ ନଂ. ୬, ପୂର୍ବାହ୍ନ ୧୧ଟା।
- ଭାରତୀୟ ବିପଣନ କେନ୍ଦ୍ର ଓ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ୱଦେଶୀ ମେଳା, କ୍ଲବ ଟାଉନ୍ ପଡ଼ିଆ, ପଟିଆ, ସନ୍ଧ୍ୟା ୬ଟା।

## ୩।୧୧।୨୦୧୮ (ଶନିବାର)

### ଭୁବନେଶ୍ୱର

- ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୧୮', ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଭାରତୀୟ ବିପଣନ କେନ୍ଦ୍ର ଓ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ୱଦେଶୀ ମେଳା, କ୍ଲବ ଟାଉନ୍ ପଡ଼ିଆ, ପଟିଆ, ସନ୍ଧ୍ୟା ୬ଟା।








@ ସଂଘମିତ୍ରା



@ ରିକି



@ ପ୍ରଫୁଲ୍ଲ



@ ସ୍ୱସ୍ତିକ



@ ରାଜକିଶୋର



@ ସଞ୍ଜୟ



@ ସଞ୍ଜୀବ



@ ଟିଟୁ

# ରୋଗୀ ମୃତ୍ୟୁ ନେଇ ଡାକ୍ତରଙ୍କୁ ମାଡ଼

## ଚିକିତ୍ସା ଅବହେଳା ଅଭିଯୋଗ ଆଣିଲେ ମୃତକଙ୍କ ପରିବାର

ମାହାଙ୍ଗା,୨୭।୧୦(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ନଡ଼ିଆସାହାସପୁର ଅଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଜଣେ ରୋଗୀଙ୍କ ଚିକିତ୍ସା ଅବହେଳା ଯୋଗୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ରୋଗୀଙ୍କ ପରିବାର ଲୋକେ ଚିକିତ୍ସା କରିଥିବା ଡାକ୍ତରଙ୍କୁ ମାଡ଼ ମାରିଛନ୍ତି। ଏ ନେଇ ସମ୍ପୃକ୍ତ ଡାକ୍ତର ଜଣଙ୍କ ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବାପରେ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ଅପରାହ୍ନରେ ଛତିଆ ଅଞ୍ଚଳର ଭାଗୀରଥି ସାହୁ(୬୫)ହୃଦ୍‌ଘାତ ଜନିତ ରୋଗରେ ଗୁରୁତର ହୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସେଠାରେ ଚିକିତ୍ସା ଦାୟିତ୍ୱରେ ଥିବା ଡା. ତନ୍ମୟ ବେହେରା ଭାଗୀରଥିଙ୍କୁ ପ୍ରାଥମିକ ଚିକିତ୍ସା କରିଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ପରିବାର ଲୋକଙ୍କୁ ଡା. ବେହେରା ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଭାଗୀରଥିଙ୍କୁ ପରିବାର ଲୋକେ ନେଇ ନ ଥିଲେ। ଫଳରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଭାଗିରଥିଙ୍କ ଦୁଇ ପୁଅ ତାଙ୍କ ବାପାଙ୍କୁ ଚିକିତ୍ସାରେ ଡା. ବେହେରା ଅବହେଳା କରିଥିବା ନେଇ ଅଭିଯୋଗ କରିବା ସହ ତାଙ୍କୁ ମାଡ ମାରିଥିଲେ। ଏଥିନେଇ ଡା. ବେହେରା ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ଖବର ଲେଖା ହେବାବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିଲା। ଏ ସମ୍ପର୍କରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନୃପେନ୍ଦ୍ର ଶତପଥୀ କହିଛନ୍ତି, ଡାକ୍ତରଙ୍କୁ ମାଡ ମାରିଥିବା ବ୍ୟକ୍ତିଙ୍କ ବିରୋଧରେ ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଓମସା ପକ୍ଷରୁ ସୋମବାରଠାରୁ ମାହାଙ୍ଗାରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟବନ୍ଦ କରାଯିବ। ଏ ସମ୍ପର୍କରେ ମୃତକଙ୍କ ପରିବାର ସଦସ୍ୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ଡାକ୍ତର ତନ୍ମୟ ବେହେରା।

# ଧର୍ମୀୟ ଭାବନାକୁ କୁଠାରାଘାତ ପାଇଁ ଅଭିଜତ୍‌ଙ୍କୁ ଗିରଫ କରାଯାଇଛି: ପୋଲିସ

**କଟକ ଅଫିସ,୨୭।୧୦:** ଅଭିଜିତ୍ ଆୟର ମିତ୍ରଙ୍କୁ ପୋଲିସ ଗିରଫ କରିବା ପରେ କେତେକ ଗଣମାଧ୍ୟମ(ଧରିତ୍ରୀ ନୁହେଁ)ରେ ଏନେଇ ଭୁଲ୍ ତଥ୍ୟ ପ୍ରକାଶ କରାଯାଉଛି। ରସଗୋଲା ଉପରେ ଟୁଇଟରରେ ମନ୍ତବ୍ୟ ଦେବା ଅଭିଯୋଗରେ ଅଭିଜିତ୍‌ଙ୍କୁ ଗିରଫ କରାଯାଇଥିବା ପ୍ରକାଶ ପାଇଛି । ଏ ନେଇ ଓଡ଼ିଶା ପୋଲିସ ପକ୍ଷରୁ ଶନିବାର ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଛି ଯେ, ଅଭିଜିତ୍‌ଙ୍କୁ ରସଗୋଲା ଉପରେ ଟିପ୍ପଣୀ ଦେବା ଅଭିଯୋଗରେ ଗିରଫ କରାଯାଇ ନାହିଁ। ଧର୍ମୀୟ ଭାବନା ଉପରେ କୁଠାରାଘାତ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। କୋଣାର୍କ ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ଉପରେ ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ। ଏନେଇ କୋଣାର୍କ ଥାନା ଏବଂ ଭୁବନେଶ୍ୱରର ଶହୀଦନଗର ଥାନାରେ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ତାଙ୍କୁ ଗିରଫ କରାଯାଇଛି ବୋଲି ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଛି।



ଜ୍ଞାନଠାରୁ କଳ୍ପନା ଶକ୍ତିର ଗୁରୁତ୍ୱ ଅଧିକ ବୋଲି ସବୁବେଳେ ମନେରଖିବା ଉଚିତ।

- ଆଇନ୍‌ଷ୍ଟାଇନ୍

**ସଂକ୍ଷେପରେ**

## ବାରଙ୍ଗରେ ହେବ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ

### ଜାଗା ଚିହ୍ନଟ କରି ଫେରିଲା ଟିମ୍

**ବାରଙ୍ଗ,୨୭।୧୦(ଡି.ଏନ୍.ଏ.):** ବାରଙ୍ଗ ବ୍ଲକରେ ପ୍ରତିଷ୍ଠା ହେବ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ। ଏଥିପାଇଁ କଟକ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରର ଏକ ଟିମ୍ ଶନିବାର ଏଠାରେ ପହଞ୍ଚି ଜାଗା ଚିହ୍ନଟ କରି ଫେରିଛି। ୩୦ ଏକର ପରିମିତ ଜାଗାରେ ହେବାକୁ ଥିବା ଏହି କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ ରାମଦାସପୁର ପଞ୍ଚାୟତ ଚଣ୍ଡୀପ୍ରସାଦ ଓ ରତାଗଡ଼ ଗ୍ରାମର ମଧବର୍ତ୍ତୀ ସ୍ଥାନରେ ପ୍ରତିଷ୍ଠା ହେବ। କର୍କଟ କେନ୍ଦ୍ର ନିର୍ଦ୍ଦେଶକ ଲଲାଟେନ୍ଦୁ ଷଡ଼ଙ୍ଗୀ, ସିଡିଏମ୍‌ଓ ବିଭୂତି ନାୟକ, ବାରଙ୍ଗ ତହସିଲ କାର୍ଯ୍ୟାଳୟ କର୍ମଚାରୀଙ୍କ ସହ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଜାଗାର ସ୍ଥିତି, ଏଠାକାର ପାରିପାର୍ଶ୍ୱିକ ପରିସ୍ଥିତି, ଯାତାୟାତ ସୁବିଧା ଆଦି ଦିଗକୁ ଅନୁଧାନ କରି ଫେରିଥିବା ବାରଙ୍ଗ ତହସିଲଦାର ରମେଶ ଚନ୍ଦ୍ର ଜେନା କହିଛନ୍ତି।

### ସଫେଇ ନାଁରେ ଠକେଇ

## ରାମ୍‌କୀ ପାଉଣା ବନ୍ଦ କଲା ବିଏମ୍‌ସି

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ):** ସ୍ମାର୍ଟସିଟି ଭୁବନେଶ୍ୱରରେ ସଫେଇ ନାଁରେ ଚାଲିଛି ହରିଲୁଟ୍। କେତେକ ୱାର୍ଡରେ କୁଢ କୁଢ ଅଳିଆ ଗଦା ହୋଇ ରହୁଛି। ସଫେଇ ନାଁରେ ଠକୁଥିବା ଅଭିଯୋଗ ଆଣି ଦାୟିତ୍ୱରେ ଥିବା ସଂସ୍ଥା ରାମ୍‌କୀର ପାଉଣା ବନ୍ଦ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ସହରକୁ ସଫାସୁତୁରା ରଖିବା ସହ ସହରବାସୀଙ୍କୁ ଏକ ସ୍ୱଚ୍ଛ ପରିବେଶ ଦେବା ଉଦ୍ଦେଶ୍ୟରେ କେତେକ ୱାର୍ଡରେ ସଫେଇ କରିବାକୁ ରାମ୍‌କୀ ବିଏମ୍‌ସି ସହ ଚୁକ୍ତି କରିଛି। ଚୁକ୍ତି ମୁତାବକ ଏହି ସଂସ୍ଥାକୁ ବିଏମ୍‌ସି ବାର୍ଷିକ କୋଟି କୋଟି ଟଙ୍କା ଦେଉଛି। ହେଲେ ଉକ୍ତ ସଂସ୍ଥା ମନଇଚ୍ଛା ଅଳିଆ ଉଠାଉଥିବା ଅଭିଯୋଗ ହୋଇ ଆସୁଥିଲା। ଗତ ୩/୪ ଦିନ ଧରି କେତେକ ସ୍ଥାନରେ ଅଳିଆ ଆବର୍ଜନା ସେମିତି ପଡ଼ି ରହିଥିଲା। ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ବିଏମ୍‌ସି କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୨ ନମ୍ବର ୱାର୍ଡର ୪ ଦିନ ଓ ୧, ୧୩ ଏବଂ ୧୪ ନମ୍ବର ୱାର୍ଡର ସଫେଇ ବାବଦ ୩ଦିନ ପାଉଣାର ୩୦ ପ୍ରତିଶତ କାଟି ଦେଇଛି। ଏ ନେଇ ବିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ରାମ୍‌କୀ ଏନ୍‌ଭାର୍ନମେଣ୍ଟ ଇଞ୍ଜିନିୟରଙ୍କୁ ଚିଠି ନଂ.୮୨୮ ଜରିଆରେ ଜଣାଇଦେଇଛି। ଏଥିସହିତ ତୁରନ୍ତ ଅଳିଆ ଉଠାଇବାକୁ ବିଏମ୍‌ସି ପକ୍ଷରୁ ମଧ ତାଗିଦ କରାଯାଇଥିବା ସୂଚନା ମିଳିଛି। ତେବେ ବିଏମ୍‌ସିର ଏହା କେବଳ ଲୋକ ଦେଖାଣିଆ କାର୍ଯ୍ୟାନୁଷ୍ଠାନ ବୋଲି ସ୍ଥାନୀୟ ୱାର୍ଡ ବାସିନ୍ଦା କହିଛନ୍ତି।

### ■ ୧ରୁ ଅନ୍ତର୍ଜାତୀୟ ଆର୍ଟ ସିମ୍ପୋଜିୟମ୍

# ବର୍ଜ୍ୟବସ୍ତୁରୁ ତିଆରି ହେବ କଳାକୃତି

- ■ ଭାରତ ସମେତ ୧୫ ଦେଶରୁ କାରିଗର ଭାଗନେବେ
- ■ ଓଡ଼ିଶାରୁ ସାମିଲ ହେବେ ୪

**ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)**

ବର୍ଜ୍ୟବସ୍ତୁରୁ ତିଆରି ହେବ କଳାକୃତି। ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ବିଶିଷ୍ଟ କାରିଗରମାନେ ଅଦରକାରୀ ପଦାର୍ଥ ଯଥା ଲୁହା ଖଣ୍ଡ, ଷ୍ଟିଲ୍ ଖଣ୍ଡ ଏବଂ ଇ-ବର୍ଜ୍ୟବସ୍ତୁକୁ ବ୍ୟବହାର କରି ଏହାକୁ ତିଆରି କରିବେ। ବିଶେଷକରି ହକି ବିଶ୍ୱକପ୍‌ରେ ଭାଗନେବାକୁ ଥିବା ଦେଶଗୁଡ଼ିକର କଳା ଏବଂ ସଂସ୍କୃତି ସମ୍ବନ୍ଧୀୟ ବିଭିନ୍ନ ପ୍ରକାର କଳାକୃତି ତିଆରି କରାଯିବ। ଭୁବନେଶ୍ୱରସ୍ଥିତ କଳିଙ୍ଗ ବିହାରଠାରେ ଆସନ୍ତା ନଭେମ୍ବର ୧ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଅନ୍ତର୍ଜାତୀୟ ସାର୍ବଜନିନ ଆର୍ଟ ସିମ୍ପୋଜିୟମ୍‌ରେ ଏହି କାର୍ଯ୍ୟ ଚାଲିବ। ୨୦ ତାରିଖ ଦିନ ଜନସାଧାରଣ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଏକ ମୁକ୍ତାକାଶ ସଂଗ୍ରହଳୟ କରାଯାଇ କଳାକୃତିଗୁଡ଼ିକୁ ପ୍ରଦର୍ଶନ କରାଯିବ ବୋଲି ବିଡିଏର ଅତିରିକ୍ତ କମିଶନର ତଥା ଏନ୍‌ଫୋର୍ସମେଣ୍ଟ ଟିମ୍ ସଦସ୍ୟ ଭବାନୀ ଶଙ୍କର ଚଇନି କହିଛନ୍ତି। ଭାରତରେ ଓଡ଼ିଶା ପ୍ରଥମ ରାଜ୍ୟ ଯିଏ କି ବର୍ଜ୍ୟବସ୍ତୁକୁ ବ୍ୟବହାର କରି ବିଭିନ୍ନ ଦେଶର କଳାକୃତି ତିଆରି କରିବ ବୋଲି ଚଇନି କହିଛନ୍ତି।

ଓଡିଶାରେ ସାମାଜିକ ଏବଂ ସାଂସ୍କୃତିକ କଳାର ବିକାଶ ଏବଂ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ ନେଟୱର୍କ ପ୍ରମୋଟିଂ ଇଣ୍ଡିଆନ୍ କଲ୍‌ଚର(ଏନ୍‌ପିଆଇସି) ସଂସ୍ଥା ଏବଂ ବିଡିଏର ମିଳିତ ସହଯୋଗରେ ଏହି ଆର୍ଟ ସିମ୍ପୋଜିୟମ୍ ଆୟୋଜିତ ହେବ। ରିଡ୍ୟୁସ୍, ରିୟୁଜ୍ ଏବଂ ରିସାଇକଲ ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ଭାରତ ସମେତ ଅଷ୍ଟ୍ରେଲିଆ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଦକ୍ଷିଣଆଫ୍ରିକା, ମାଲେସିଆ, ସୁଇଡେନ୍, ଚାଇନା, ଇଂଲଣ୍ଡ, କାନାଡା, ବେଲ୍‌ଜିୟମ୍, ନ୍ୟୁଜିଲାଣ୍ଡ, ସ୍ପେନ୍ ଏବଂ ଆୟର୍ଲାଣ୍ଡ ଆଦି ୧୫ ଦେଶର କଳାକାର ଅଂଶଗ୍ରହଣ କରିବେ। ଭାରତରୁ ୨୦ ଦକ୍ଷ କୁଶଳୀ କାରିଗରଙ୍କ ସମେତ ଓଡ଼ିଶା, ଗୁଜରାଟ, କେରଳ, ହିମାଚଳ ପ୍ରଦେଶ, ଦିଲ୍ଲୀ, ମୁମ୍ବାଇ ଏବଂ ଆନ୍ଧ୍ରପ୍ରଦେଶର ବିଭିନ୍ନ ଆର୍ଟ ସ୍କୁଲରୁ ୨୦ ଛାତ୍ରୀଛାତ୍ର ଭାଗନେବେ। ଓଡ଼ିଶାରୁ କାନ୍ତକିଶୋର ମହାରଣା, କ୍ଷିତିଶ୍ ଦାସ, ପୃଥ୍ୱୀରାଜ ବରଦା ଏବଂ ଚୁଗୁଲି ସାହୁଙ୍କୁ ମନୋନୀତ କରାଯାଇଛି। ବିଡିଏ ଏବଂ ଏନ୍‌ପିଆଇସି ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

ମୁକ୍ତାକାଶ ସଂଗ୍ରହାଳୟରେ ପ୍ରଦର୍ଶିତ କଳାକୃତିଗୁଡ଼ିକ ଜନସାଧାରଣଙ୍କୁ ପରିବେଶ, ଜଳବାୟୁ ପରିବର୍ତ୍ତନ ଏବଂ ଅଦରକାରୀ ବସ୍ତୁର ପୁନଃ ବିନିଯୋଗ ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିବ। ଏହି ଆର୍ଟ ସିମ୍ପୋଜିୟମ୍ ଜରିଆରେ ଓଡିଶା ଏବଂ ବିଭିନ୍ନ ଦେଶର ଇକୋସିଷ୍ଟମ୍ ସମ୍ପର୍କରେ ସଚେତନ କରିବାକୁ ପ୍ରୟାସ କରାଯିବ ବୋଲି ଏନ୍‌ପିଆଇସିର ମ୍ୟାନେଜିଂ ଟ୍ରଷ୍ଟି ଶଶାଙ୍କ ମହାପାତ୍ର କହିଛନ୍ତି।

## ଜଳବାୟୁ ପରିବର୍ତ୍ତନ ରୋକିବାରେ ଶିଳ୍ପାନୁଷ୍ଠାନର ଗୁରୁଦାୟିତ୍ୱ ରହିଛି

**ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)**

ଅତ୍ୟଧିକ ତାପମାତ୍ରା ବୃଦ୍ଧି ଫଳରେ ଭାରତର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ଖରାପ ପାଣିପାଗ ପରିସ୍ଥିତି ସୃଷ୍ଟି ହେଉଛି। ଉତ୍ତର ଭାରତଠାରୁ ଆରମ୍ଭ କରି ଦକ୍ଷିଣ ଭାରତ ପର୍ଯ୍ୟନ୍ତ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସଦ୍ୟ ଦେଖିବାକୁ ମିଳିଛି। ଏହାକୁ ରୋକିବା ପାଇଁ ଶିଳ୍ପାନୁଷ୍ଠାନଗୁଡ଼ିକର ଅନେକ ଗୁରୁଦାୟିତ୍ୱ ରହିଛି ବୋଲି ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମେମ୍ବର ସେକ୍ରେଟାରୀ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି। ଶନିବାର ସ୍ଥାନୀୟ ଏକ ହୋଟେଲରେ 'ଜଳବାୟୁ ପରିବର୍ତ୍ତନ ଓ ଶିଳ୍ପ' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ଦେବୀଦତ୍ତ ରାଜ୍ୟରେ ବିକଳ୍ପ ଶକ୍ତିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ।

ଅନ୍ୟତମ ଅତିଥିଭାବେ ପୂର୍ବତନ ରଷ୍ଟ୍ରଦୂତ ଅବସର ବେଉରିଆ ଯୋଗଦେଇ ଚେନ୍ନାଇ, କେରଳ ଏବଂ ଦକ୍ଷିଣ ଓଡ଼ିଶାରେ ଘଟିଯାଇଥିବା ପ୍ରଳୟଙ୍କରୀ ବନ୍ୟା ଓ ବାତ୍ୟାର ଉଦାହରଣ ଦେଇ କହିଥିଲେ, ଜଳବାୟୁ ପରିବର୍ତ୍ତନ ରୋକିବାରେ ଆମ ସମସ୍ତଙ୍କ ଦାୟିତ୍ୱ ରହିଛି। ବର୍ତ୍ତମାନ ସମୟରେ ମଣିଷ ତା'ର ଦୈନନ୍ଦିନ ଜୀବନରେ ଯନ୍ତ୍ରାଂଶ ଉପରେ ବିଶେଷ ନିର୍ଭର କରୁଛି। ବିଶ୍ୱ ତାପମାତ୍ରା ବୃଦ୍ଧିରେ ଏହା ଏକ ମୁଖ୍ୟ କାରଣ ପାଲଟିଛି। ଏହାକୁ ରୋକିବା ଜରୁରୀ। ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ ଓ ସେଣ୍ଟର ଫର୍ ରୁରାଲ ଡେଭେଲପମେଣ୍ଟର ପ୍ରତିନିଧି ଭାବେ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଯୋଦେଇଥିଲେ। ସମ୍ମିଳନୀର ତିନୋଟି ଅଧିବେଶନରେ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଯୋଗଦେଇ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ଜଙ୍ଗଲ ଓ ପରିବେଶ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରୁରାଲ ଡେଭେଲପମେଣ୍ଟ ଫାଉଣ୍ଡେଶନ ଏବଂ ସେଣ୍ଟର ଫର୍ ରୁରାଲ ଡେଭେଲପମେଣ୍ଟ ଆନୁକୁଲ୍ୟରେ ଏହି ସମ୍ମିଳନୀ ଆୟୋଜିତ ହେଉଛି।



ୟୁନିଟ୍ ୮ ଗୋପବନ୍ଧୁ ସ୍ମୃତି ସଂସଦ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ମଞ୍ଚାସୀନ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ, ମେୟର ଅନନ୍ତ ନାରାୟଣ ଜେନା, ବିଧାୟକ ବିଜୟ କୁମାର ମହାନ୍ତି ଓ ଅନ୍ୟ ଅତିଥିମାନେ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଇ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଗୀତ ଗାଇଲେ ରାଜ୍ୟପାଳ

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**

ଗଜଲକ୍ଷ୍ମୀ ପୂଜା ଅବସରରେ ଶନିବାର ୟୁନିଟ୍-୮ ଗୋପବନ୍ଧୁ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ 'ରାଧା ରାଣୀ ଦୟା କିଜିଏ' ସଙ୍ଗୀତ ପରିବେଷଣ କରିଥିଲେ। ଉପସ୍ଥିତ ଅତିଥିମାନେ ପାଳି ଧରି ବୋଲିଥିଲେ। ଏଥିରେ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ ଯୋଗଦେଇ କହିଥିଲେ ଯେ, ମା' ଲକ୍ଷ୍ମୀଙ୍କ ପାଖରେ ମୋର ପ୍ରାର୍ଥନା ଯେ ସମସ୍ତଙ୍କୁ ଆଶୀର୍ବାଦ ଦିଅନ୍ତୁ। ଅନ୍ୟମାନଙ୍କ ମଧ୍ୟରେ ମେୟର ଅନନ୍ତ ନାରାୟଣ ଜେନା, ବିଧାୟକ ବିଜୟ ମହାନ୍ତିଙ୍କ ସମେତ କର୍ପୋରେଟର ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**

ସୈନିକ ସ୍କୁଲଠାରୁ ଡମଣା ଛକକୁ ନିର୍ମାଣାଧୀନ ରାସ୍ତା ପାଇଁ ଶନିବାର ପୂର୍ବାହ୍ନରେ ବିଡିଏ ଏବଂ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ଗାଡ଼କଣ ଗାଁର ୧୭ଟି ଆଜବେଷ୍ଟସ୍ ଘର ସହିତ ୪୫୦ ଫୁଟ ଲମ୍ବ ପର୍ଯ୍ୟନ୍ତ ବହୁ ଘରର ବାରଣ୍ଡା ଏବଂ ୬୦୦ ଫୁଟର ପାଚେରୀକୁ ଜେସିବି ଲଗାଇ ଭାଙ୍ଗିଛି। ଏହି ସମୟରେ ସମ୍ପୃକ୍ତ ଘର ମାଲିକ, ସଦସ୍ୟ ଓ ସ୍ଥାନୀୟ କେତେଜଣ ଲୋକ ଏହାକୁ ବିରୋଧ କରିବା ସହ ଏନ୍‌ଫୋର୍ସମେଣ୍ଟ ଟିମ୍ ସହ ମୁହାଁମୁହିଁ ହୋଇଥିଲେ। ଚନ୍ଦ୍ରଶେଖରପୁର ପୋଲିସ ଘଟଣାସ୍ଥଳକୁ ଆସି ବୁଝାଶୁଝା କରିବା ପରେ ଘର ଓ ପାଚେରି ଭଙ୍ଗା କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, ସୈନିକ ସ୍କୁଲ ପାର୍ଶ୍ୱରୁ ଗାଡ଼କଣ ଏବଂ ଡମଣା ଛକରୁ ଗାଡ଼କଣ ଯାଏ ରାସ୍ତା ନିର୍ମାଣ କାମ ସରିଛି। କିନ୍ତୁ ଜାଗା ସମସ୍ୟା ଯୋଗୁ ଗାଡ଼କଣ ଗାଁ ଓ ଏହା ପାଖରେ ରାସ୍ତାର କିଛି ଅଂଶ ନିର୍ମାଣ ହୋଇପାରିନି। ଏଠାରେ ରାସ୍ତା ପାଇଁ ସରକାରୀ ଜାଗା ନ ଥିବା ବିଡିଏ ଲୋକଙ୍କଠାରୁ ଆବଶ୍ୟକ ଜାଗା କିଣିଛି। କିନ୍ତୁ ଉକ୍ତ ବାସିନ୍ଦା ଜାଗା ଛାଡିବାକୁ ରାଜି ହେଉନାହାନ୍ତି। ଏହାକୁ ନେଇ ଗାଡ଼କଣା ଗାଁର ଏହି ୧୭ ଅଧିବାସୀ ଏବଂ ବିଡିଏ ମଧ୍ୟରେ ବିବାଦ ଲାଗିରହିଛି।

## ୩ ଜୁଆଡି ଗିରଫ, ୧୫ ହଜାର ଟଙ୍କା ଜବତ

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ):** ନୟାପଲ୍ଲୀ ଥାନା ଅଧୀନ ସାଲିଆସାହି ଲକ୍ଷ୍ମୀନଗରରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଚଢାଉ କରି ୩ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନେ ହେଲେ ସାଲିଆସାହିର ସନାତନ ପାଇକରାୟ, ଚନ୍ଦ୍ର ନାୟକ ଓ ପପୁନା ସ୍ୱାଇଁ। ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ଏକ ମାମଲା(୪୮୮/୧୮) ରୁଜୁ କରି କୋର୍ଟ ଚାଲାଣ କରିଛି।

## ଝାରସୁଗୁଡ଼ାରେ ହେବ ସ୍ୱତନ୍ତ୍ର ହୃଦ୍‌ରୋଗ କେୟାର ହସ୍ପିଟାଲ

**ସର୍ବଭାରତୀୟ ହୃଦ୍‌ରୋଗ ସୋସାଇଟି ଓଡ଼ିଶା ଚାପ୍ଟରର ବାର୍ଷିକ ସମ୍ମିଳନୀ**

**ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)**

ରାଜ୍ୟର ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲରେ ସ୍ୱତନ୍ତ୍ର ହୃଦ୍‌ରୋଗ କେୟାର ୟୁନିଟ୍ ଖୋଲାଯାଇଛି। ସେଠାରେ ଉନ୍ନତ ମାନର ଚିକିତ୍ସା ବ୍ୟବସ୍ଥା ମଧ ରହିଛି। ଆଗକୁ ଝାରସୁଗୁଡାରେ ହୃଦ୍‌ରୋଗ କେୟାର ହସ୍ପିଟାଲ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୃଦ୍‌ରୋଗ ସୋସାଇଟି ଓଡ଼ିଶା ଚାପ୍ଟର ୨୩ତମ ସର୍ବଭାରତୀୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ କହିଲେ, ଦେଶରେ ଏକ ଚତୁର୍ଥାଂଶ ରୋଗୀଙ୍କ ମୃତ୍ୟୁ ହୃଦ୍‌ଘାତରୁ ହେଉଛି। ଓଡ଼ିଶାରେ ଅନେକ ଲୋକ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଜୀବନଶୈଳୀ ପରିବର୍ତ୍ତନ ଯୋଗୁ ହୃଦ୍‌ରୋଗ ବ୍ୟାପୁଥିବାରୁ ଆମକୁ ଅଧିକ ସଚେତନ ହେବାକୁ ପଡ଼ିବ। ହୃଦରୋଗୀଙ୍କ ପାଇଁ ସରକାର ସୁପର ସ୍ପେସିଆଲିଟି ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି। ନିଦାନ ଯୋଜନାରେ ରୋଗୀଙ୍କ ମାଗଣା ପରୀକ୍ଷାନିରୀକ୍ଷା ସହ ନିରାମୟରେ ବିନା ମୂଲ୍ୟରେ ଔଷଧ ପ୍ରଦାନ କରାଯାଉଛି। ସେହିପରି ସହାୟ ଯୋଜନାରେ କିଡ୍‌ନୀ ରୋଗୀଙ୍କୁ ମାଗଣାରେ ସରକାରୀ ହସ୍ପିଟାଲରେ ଡାଏଲିସିସ୍‌ର ସୁବିଧା ରହିଛି। ଗରିବ ଲୋକଙ୍କ ମାଗଣା ଚିକିତ୍ସା ପାଇଁ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କରିଛନ୍ତି। ଏହା ମାଧ୍ୟମରେ ହୃଦ୍‌ରୋଗୀ ନିଶ୍ଚିତ ଭାବେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ହରମୋହନ ଖୁଣ୍ଟିଆଙ୍କୁ 'ଗୁରୁ ସିଂହାରୀ ସମ୍ମାନ'




ଅତିଥିଙ୍କ ଗହଣରେ ସମ୍ମାନିତ ପଣ୍ଡିତ ହରମୋହନ ଖୁଣ୍ଟିଆ (ବାମରୁ ୪ର୍ଥ) ଓ ଅନ୍ୟ ଦୁଇ ବ୍ୟକ୍ତିତ୍ୱ।

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**

ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡ଼େମୀର ୬ଷ୍ଠ ବାର୍ଷିକ ଉତ୍ସବ ପାଳନ ଅବସରରେ ସ୍ଥାନୀୟ ରବୀନ୍ଦ୍ରମଣ୍ଡପରେ ଦୁଇଦିନିଆ 'ଓଡ଼ିଶୀ ରାଗ ମହୋତ୍ସବ ଏବଂ ସମ୍ମାନ ପ୍ରଦାନ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଶିଷ୍ଟ ସାହିତ୍ୟିକ ତଥା ଐତିହାସିକ ଶାନ୍ତନୁ ଆଚାର୍ଯ୍ୟ, ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ ସଙ୍ଗୀତର ଆଦିଗୁରୁ ସିଂହାରୀ ଶ୍ୟାମ ସୁନ୍ଦର କରଙ୍କ ନାମରେ ସମର୍ପିତ 'ଗୁରୁ ସିଂହାରୀ ସମ୍ମାନ' ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ସ୍ୱର୍ଗତ ଭଗବତୀ ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ 'ଭଗବତୀ ସ୍ମୃତି ସମ୍ମାନ' ଆଜୀବନ ନୃତ୍ୟକଳା ସାଧିକା ଚପଳା ମିଶ୍ରଙ୍କୁ ଏବଂ ଗୁରୁ ଲିଙ୍ଗରାଜ ପ୍ରଧାନଙ୍କୁ 'ଗୁରୁ ଗୋପାଳ ପଣ୍ଡା ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାପରେ ହିନ୍ଦୁସ୍ତାନୀ, କର୍ନାଟକୀ, ଓଡ଼ିଶୀ ପରିବେଷିତ ହୋଇଥିଲା। ପରେ ଗୁରୁ ମୀରା ଦାଶ ଏବଂ ସାଥୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶବରୀ ପଲ୍ଲବୀ ଓ ରାଗ ମଧୁ ସାରଙ୍ଗ ଆଧାରିତ ଅଭିନୟ 'ବଡ଼ ଆଚମ୍ବିତ ଦେଖିଲି ଗୋ ମିତ' ଉପସ୍ଥିତ ଦର୍ଶକଙ୍କ ହୃଦୟସ୍ପର୍ଶୀ କରିଥିଲା। ଅଧାପକ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବିନ୍ଦୁସାଗର: ମ୍ୟୁଜିକାଲ ଫାଉଣ୍ଟେନ ଟ୍ରାଏଲ ଆଜି

**ପୁରୁଣା ଭୁବନେଶ୍ୱର,୨୭।୧୦(ଡି.ଏନ.ଏ.):** ବିନ୍ଦୁସାଗରରେ ପୁରୀର ନରେନ୍ଦ୍ର ପୁଷ୍କରିଣୀ ଭଳି ମ୍ୟୁଜିକାଲ ଫାଉଣ୍ଟେନ ତଥା ସଙ୍ଗୀତ ଜଳ ଫୁଆରର ଟ୍ରାଏଲ ରବିବାର ସନ୍ଧ୍ୟାରେ କରାଯିବ। ଏଥିପାଇଁ ବିନ୍ଦୁସାଗର ପୁଷ୍କରିଣୀରୁ ଶନିବାର ଦଳ ପରିଷ୍କାର କରାଯାଇଛି। ଏହା ବିନ୍ଦୁସାଗର ଦକ୍ଷିଣ ପାର୍ଶ୍ୱ ତଥା ମୋହିନୀଘାଟଠାରେ କରାଯାଉଛି। ଏହାକୁ ପରିଚାଳନା ନେଇ ଘାଟ ଉପରେ ଏକ କଣ୍ଟ୍ରୋଲ ରୁମ ନିର୍ମାଣ କରାଯାଇଛି। ସୂଚନାଯୋଗ୍ୟ ଶ୍ରୀଲିଙ୍ଗରାଜ ତଥା ଶୈବ ଧର୍ମର ବିଭିନ୍ନ କିମ୍ବଦନ୍ତୀକୁ ପର୍ଯ୍ୟଟକମାନେ ସଙ୍ଗୀତର ତାଳେ ତାଳେ ଫୁଆର ମାଧ୍ୟମରେ ଦେଖିପାରିବେ।

## ଗଜଲକ୍ଷ୍ମୀ ପୂଜା: ଏକାମ୍ରକ୍ଷେତ୍ର ଚଳଚଞ୍ଚଳ

**ପୁରୁଣା ଭୁବନେଶ୍ୱର, ୨୭।୧୦( ଡି.ଏନ.ଏ.)**

ମା' ଦୁର୍ଗା ପୂଜା ପରେ ଏକାମ୍ର କ୍ଷେତ୍ରରେ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଧୁମଧାମରେ ହେଉଛି। ୨୦ଟିରୁ ଊର୍ଦ୍ଧ୍ୱ ମଣ୍ଡପରେ ମା'ଙ୍କ ଆବାହନ ପୂର୍ବକ ପ୍ରତ୍ୟେକ ସନ୍ଧ୍ୟାରେ ଆଧ୍ୟାତ୍ମିକ ସହ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷିତ ହେଉଛି। ସ୍ଥାନୀୟ ମହତାବରୋଡ଼ ଆନି ହାଉସ୍ ଛକଠାରେ ଗଣେଶ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଗତ ଦୁଇବର୍ଷ ଭଳି ଚଳିତବର୍ଷ ମଧ ମା' ମହାଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଛି। ରବିବାର ଭସାଣି ଉତ୍ସବରେ ସମ୍ବଲପୁରୀ, ଘଣ୍ଟ, ମାଦଳ, ତେଲିଙ୍ଗିବାଜା, ଢୋଲ ମହୁରି ଭଳି ପାରମ୍ପରିକ ବାଜା ରୋଶଣିରେ ଯାତ୍ରା ଅନୁଷ୍ଠିତ ହେବ ବୋଲି ଗଜଲକ୍ଷ୍ମୀ ପୂଜା କମିଟିର ଲିଙ୍ଗରାଜ ପୃଷ୍ଟି ସୂଚନା ଦେଇଛନ୍ତି। ଶନିବାର ଭସାଣି ଉତ୍ସବ ପାଇଁ ଆୟୋଜିତ ପ୍ରସ୍ତୁତି ବୈଠକରେ କମିଟିର ବାସୁଦେବ ମିଶ୍ର, ବେଣୁଧର ମହାପାତ୍ର, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ପୁରୁଣା ଭୁବନେଶ୍ୱରର ଅନ୍ୟତମ ସର୍ବପୁରାତନ ହାଟସାହି ଦୁର୍ଗାପୂଜା ସମିତି ପକ୍ଷରୁ ମଣ୍ଡପରେ ମା'ଗଜଲକ୍ଷ୍ମୀଙ୍କ ପୂଜା ପାଳିତ ହେଉଛି। ଚଳିତବର୍ଷ ଭସାଣି ଓ ଶୋଭାଯାତ୍ରାକୁ ସେତେଟା ଗୁରୁତ୍ୱ ଦିଆଯାଇ ନ ଥିଲେ ମଧ ଶନିବାର ସନ୍ଧ୍ୟାରେ ସାହିର ୨୦୦୦ ଲୋକଙ୍କ ଘରକୁ ଭାଇଚାରା ରକ୍ଷା କରିବାର ନିଦର୍ଶନ ସ୍ୱରୂପ ଭୋଗ ପଠାଯାଇଥିଲା। ଏ ବର୍ଷ ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତିକୁ ପୁରୀ ସମୁଦ୍ରରେ ବିସର୍ଜନ କରିବାର ବ୍ୟବସ୍ଥା ରହିଛି ବୋଲି ସମିତି ସମ୍ପାଦକ ରାଜେନ୍ଦ୍ର ସମର୍ଥା କହିଛନ୍ତି।



ପୁରୁଣା ଭୁବନେଶ୍ୱର ହାଟସାହି ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ପୂଜା ପାଉଥିବା ଗଜଲକ୍ଷ୍ମୀ।



ମହତାବ ରୋଡ୍ ଗଣେଶ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଉଛି। ଫଟୋ: ମନୋରଞ୍ଜନ ମିଶ୍ର



ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସଠାରେ ସ୍ପିକ୍ ମାକେ ପକ୍ଷରୁ ଆୟୋଜିତ ଯାମିନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ଦକ୍ଷିଣ ଭାରତୀୟ ସଙ୍ଗୀତଜ୍ଞ ବିଦ୍ୱାନ୍ ଭିକୁ ବିନାୟକରାମ (ବାମରୁ ଦ୍ୱିତୀୟ) ସଙ୍ଗୀତ ପରିବେଷଣ କରୁଛନ୍ତି।



ନୂଆ କେୱାଇସି ପ୍ରକ୍ରିୟା ଲାଗି ପ୍ରସ୍ତୁତ ରହିବାକୁ ଟେଲିକମ୍ ବିଭାଗ(ଡିଓଟି) ଟେଲିକମ୍ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶରେ କହିଛି। କେୱାଇସି ଲାଗି ବିକଳ୍ପ ବ୍ୟବସ୍ଥା ସହ ନଭେମ୍ବର ୫ ମଧ୍ୟରେ ବିଭାଗଠାରୁ ଅନୁମୋଦନ ଲାଗି ପ୍ରସ୍ତୁତି ପାଇଁ କମ୍ପାନୀଗୁଡ଼ିକୁ କୁହାଯାଇଛି। ଆଧାର ବ୍ୟବହାର ଦ୍ୱାରା ହେଉଥିବା କେୱାଇସି ପ୍ରକ୍ରିୟାକୁ ବନ୍ଦ କରିବାକୁ ସଂସ୍ଥାଗୁଡ଼ିକୁ ବିଭାଗ କହି ସାରିଛି। ଅପରପକ୍ଷରେ ଧାର୍ଯ୍ୟ ସମୟ ମଧ୍ୟରେ ସଂସ୍ଥାଗୁଡ଼ିକ ସେମାନଙ୍କ ସିଷ୍ଟମକୁ ପ୍ରସ୍ତୁତ କରାଇବା ପାଇଁ କୁହାଯାଇଛି।

# ଗହୀରମଥାକୁ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଆଗମନ

ରାଜନଗର,୨୭।୧୦(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ଶୁକ୍ରବାରଠାରୁ ଅଲିଭ ରିଡଲେ କଇଁଛଙ୍କ ଆଗମନ ହୋଇଛି। ଏବେ କଇଁଛଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଥିବାରୁ ଲକ୍ଷ ଲକ୍ଷ ମା' ଓ ପୁରୁଷ କଇଁଛ ଏକାଠି ଭାସି ବୁଲୁଥିବା ଦେଖିବାକୁ ମିଳିଛି। ଗଭୀର ନୀଳ ଜଳରାଶିରେ ଆଗନ୍ତୁକ କଇଁଛମାନଙ୍କର ସମାଗମ ପ୍ରକୃତିପ୍ରେମୀମାନଙ୍କୁ ଆନନ୍ଦିତ କରିଛି। ଏହି ପ୍ରକ୍ରିୟା ଦୀର୍ଘ ୭ ମାସ ଧରି ଜାରି ରହିବ। ଏହି ସମୟ ମଧ୍ୟରେ ମା' କଇଁଛମାନେ ସମୁଦ୍ର ତଟବର୍ତ୍ତୀ ବରୁଣେଇ ମୁହାଣ, ପେଣ୍ଠ ,ସାତଭାୟା ବାଲୁକାରାଶି, ଅଗରନାସୀ ଓ ବାବୁବାଲି ଦ୍ୱୀପରେ ସମୂହ ଅଣ୍ଡାଦାନ କରିବେ। କଇଁଛମାନଙ୍କ ଆଗମନକୁ ଦୃଷ୍ଟିରେ ରଖି ରାଜନଗର ବନ ବିଭାଗ ପକ୍ଷରୁ ସେମାନଙ୍କର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି ବୋଲି ଗହୀରମଥା ଅତିରିକ୍ତ ବନ ସଂରକ୍ଷକ ଶ୍ରୀରାମପଦ ଶ୍ରୀଅରବିନ୍ଦ ମିଶ୍ର ସୂଚନା ଦେଇଛନ୍ତି। ୭୦ ଦଶକରେ ସାମୁଦ୍ରିକ କଇଁଛମାନଙ୍କର ବିଶ୍ୱର ଅନ୍ୟତମ ସର୍ବାଧିକ ସମୂହ ଅଣ୍ଡାଦାନ ସ୍ଥାନ ଭାବେ ଗହୀରମଥାକୁ ଚିହ୍ନଟ କରାଯାଇଥିଲା। ପ୍ରତିବର୍ଷ ନଭେମ୍ବର ୧ ତାରିଖ ଠାରୁ ମେ ୩୧ ଯାଏଁ ଧାମରା ଠାରୁ ଦେବୀ ମୁହାଣ ପର୍ଯ୍ୟନ୍ତ ଦୀର୍ଘ ୧୨୦ କିମି ସମୁଦ୍ର ଉପକୂଳରେ ମାଛଧରାକୁ ବନବିଭାଗ ପକ୍ଷରୁ ନିଷିଦ୍ଧ କରାଯାଇଥାଏ। ଅପରପକ୍ଷରେ ଚଳିତବର୍ଷ କଇଁଛମାନଙ୍କ ଆଗମନକୁ ଦୃଷ୍ଟିରେ ରଖି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଶନିବାର ଭୁବନେଶ୍ୱରଠାରେ ଏକ ରାଜ୍ୟସ୍ତରୀୟ କଇଁଛ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚଳିତମାସ ୩୦ ତାରିଖରେ ଭୁବନେଶ୍ୱର ଠାରେ ବନବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ବସି କଇଁଛଙ୍କ ସୁରକ୍ଷା ସମ୍ବନ୍ଧୀୟ ଖସଡା ପ୍ରସ୍ତୁତ କରାଯିବାର କାର୍ଯ୍ୟକ୍ରମ ରହିଛି।


NATIONAL HEALTH MISSION

No.525-E

## ZILLA SWASTHYA SAMITI, GAJAPATI

### Tender Call Notice

Advt. No. 2579 Date 26.10.18

Sealed Quotations are invited from Transporters/ Tour Operators/ Travel Agents/ Private Organisations/ NGOs/ individuals situated/ resident of Gajapati District or having its branch/ office in Gajapati for engagement of vehicles Registered within 02 years as on 01.10.2018 for hire on monthly rental basis to be used for the purpose of "DPMU Vehicle" of Zilla Swasthya Samiti, Gajapati for a period of one year as per the terms and conditions mentioned in the Tender Paper available in the district Website **www.gajapati.nic.in**. The specification of the vehicles for each of the above categories is as mentioned below.

| Sl. No. | Purpose | Type of vehicles | No. Of Vehicles | Remarks |
|---|---|---|---|---|
| 01. | DPMU Vehicle | Scorpio/ TATA Safari/ Mahindra Xylo/ Bolero etc. | 1 | No. Of vehicles may vary in future depending upon the actual requirement of the undersigned |

Here, the bidder should have sufficient number of latest models of vehicles. The bidders shall have to deposit an EMD of Rs 5,000/- (Five Thousand Only) in the form of crossed demand draft/ pay order in favour of Zilla Swasthya Samiti, Gajapati with the application. Sealed quotations in the prescribed forms in two envelops, one for technical bid and second for financial bid addressed to the CDM&PHO-cum-DMD, Gajapati and both the sealed covers should be put in to a third outer cover duly superscribed as **"QUOTATION FOR ENGAGEMENT OF VEHICLE FOR "DPMU Vehicle"**. Quotations shall be received through **Speed Post/ Registered Post/ Courier only** latest by 13.11.2018, 05.00 PM The Technical bid will be opened on 16.11.2018 at 11.00 AM in the presence of the bidders or their authorised representatives at the Office of the CDM&PHO-cum-DMD, Gajapati. The agency having qualified in the technical bid will be considered for opening of the financial bid and the lowest bidder will be selected. Those bidders who have quoted more than approved rate for the purpose, shall be liable for rejection. The authority reserves the right to accept or reject any/ all bids without assigning any reason thereof. The authority will not be held responsible for any postal delay.

10105/11/0018/1819

Sd/-
CDM&PHO-cum-DMD, Gajapati

## ODISHA CO-OPERATIVE TASAR & SILK FEDERATION LTD., (SERIFED)

Sahid Nagar, Janpath, Bhubaneswar-751007
**Tel.:** (0674)- 2545586, 2545852, **Email:** serifedodisha@gmail.com

No-VI-28(3)SERIFED/2018-19/1167 Date: 26.10.2018

### TENDER CALL NOTICE

Sealed tenders in two bids are invited from the registered contractors for the "Establishment of Bunakar Bazar" at Balijuri (Behera), Dist- Bargarh as follows. **(1) Nature of the work :** Construction of building (Civil, Electrical, PHD), Compound wall and Gates etc. **(2) Tender Value : Rs7,54,30,830/-** (Excluding GST). **(3) Cost of Tender Paper :** Rs.10,000/- (Non-refundable). **(4) E.M.D. : Rs.7,54,400/-. (5) Class of Contractor** : "Special" & "Above" Class. **(6) Date & Time of availability of Tender Paper : Office of SERIFED.** up to 19.11.2018, (10:00 A.M. to 5:00 P.M.). Website **www.serifed.in** (11:00 A.M. on Dt.30.10.2018 to 1:00 P.M. Dt. 20.11.2018). **(7) Pre bid meeting for clarification of bidders:** Dt. 12.11.2018 at 3:00 P.M in the **Office of SERIFED. Last date of receipt of Tender :** Up to 1:00 P.M. Dt.20.11.2018. **(8) Opening of Technical Bid :** 03:00 P.M. on Dt.20.11.2018. For details of tender document, Terms & Conditions and further corrigenda, please visit Serifed own website **www.serifed.in** .

Sd/- **MANAGING DIRECTOR**

## କଟକ ଉନ୍ନୟନ କର୍ତ୍ତୃପକ୍ଷ

C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 11 ରେ ପ୍ଲଟ ନଂ – 1B/08 ଟିକୁ ଶ୍ରୀ ପ୍ରମୋଦ କୁମାର ପଟ୍ଟନାୟକ, ପି – ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସା – 577, 1st ଫ୍ଲୋର୍, ମେନ୍ ରୋଡ୍, ଚିରାଗ ଦିଲ୍ଲୀ, ପୋ – ଚିରାଗ ଦିଲ୍ଲୀ, ଥା – ମାଲଭୀୟ ନଗର, ଜିଲ୍ଲା – ନୂଆଦିଲ୍ଲୀଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ପ୍ରମୋଦ କୁମାର ପଟ୍ଟନାୟକ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଝାନସୀ ଭୁଟିଆ, ସ୍ୱା – ୰ ନିର୍ମଳ କୁମାର ଭୁଟିଆ, ସା – ଗୁଡିଆନାଳି, ୱାର୍ଡ ନଂ – 4, ପୋ/ଥା – ଢେଙ୍କାନାଳ ଟାଉନ୍, ଜିଲ୍ଲା – ଢେଙ୍କାନାଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଲିଖିତ ଭାବେ ଜଣାଇବେ। ତତ୍ ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

**ସଚିବ**

ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ

## DISTRICT PROJECT OFFICE SARVA SHIKSHA ABHIYAN (S.S.A.)

**MALKANGIRI - 764048, PH.: 06861-230481 (Off)**
**E-mail: dpcmalkanssa.opepa@nic.in, stcmalkanssa.opepa@nic.in**

**Tender Call Notice No.: 4102/CIVIL/18 Date: 26.10.2018**

### TENDER CALL NOTICE

Sealed tender in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with Detailed Tender Call Notice are invited by the District Project Coordinator, RTE-SSA, Malkangiri on behalf of Government of Odisha for tenders for construction of Building works as mentioned below from eligible contractors registered with the State Government and contractor of equivalent grade/class registered with Central Government/MES/Railways, having registration for civil works on production of definite proof from the appropriate authority. The detailed of the works are available in the website **www.malkangiri.nic.in** and Office Notice Board.

| | | |
|---|---|---|
| Name of Work | : | Construction of Additional Class Room Building in different School of Malkangiri District under Biju KBK. |
| No. of Works | : | 3 (Three) Nos. |
| Estimated Cost | : | As laid down in the DTCN |
| Amount put to tender | : | As laid down in the DTCN |
| Tender Paper Cost | : | As laid down in the DTCN |
| E.M.D. Amount required | : | 1% of the amount put to tender (As laid down in the DTCN) |
| Period of Completion | : | As laid down in the DTCN for each work |
| Date of sale of Tender Papers | : | From 26.10.2018 to 08.11.2018 upto 5.00 P.M. in the Office of the District Project Coordinator, RTE-SSA, Malkangiri (in working days only) on production of tender paper cost in shape of Bank Draft from any Nationalised Bank (as laid down in the DTCN) in favour of District Project Coordinator, RTE-SSA, Malkangiri |
| Date of receipt of Tender Papers | : | From 26.10.2018 to 08.11.2018 upto 5.00 P.M. (in working days) through Registered Post/Speed Post only. No tender paper will receive by Hand or Courier services. |
| Date of opening of Tender Paper | : | At 10.00 A.M. on 09.11.2018 in the Office Chamber of the Collector, Malkangiri in presence of tender finalisation committee member, tenderer or their authorised representatives. |

**N.B.:** If the last date of sale of tender paper and receipt of tender paper turns out be a holiday, it will automatically be extended to next working day.

**By Order of Collector**
**Sd./- District Project Coordinator**
**RTE-SSA, Malkangiri**

## OFFICE OF THE NOTIFIED AREA COUNCIL, BIJEPUR

**At/P.O./P.S.- Bijepur, Dist.- Bargarh, PIN - 768032 (Odisha)**
**E-mail ID: bijepurnac2018@gmail.com**

**No.: 344 Dt.26.10.2018**

### "e" Procurement Notice

**Bid Identification No. EO/Bijepur/01/2018-19**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersodisha.gov.in**.

| | | | |
|---|---|---|---|
| 1. | Nature of Work | : | Civil Work |
| 2. | No. of Works | : | 10 Nos. |
| 3. | Estimated Cost | : | As per NIT |
| 4. | Period of Completion | : | As per NIT |
| 5. | Date and time of availability of the documents in the portal | : | From 10 hours of 29.10.2018 to 17 hours of 08.11.2018 |
| 6. | Last date/time for receipt of Bids in the portal | : | Dt.08.11.2018 upto 17 hours |
| 7. | Bids received online shall be opened on | : | Dt.12.11.2018 at 11 hours |
| 8. | Name and address of the Officer Inviting Bid | : | Executive Officer, NAC, Bijepur |

Further, the details can be seen from the procurement portal **www.tendersodisha.gov.in**.

**Sd./- Executive Officer, NAC, Bijepur**

HEALTH & FAMILY WELFARE DEPARTMENT, GOVT. OF ODISHA

## OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH

**BURLA (SAMBALPUR) ODISHA-768017, Telephone No.: 0663-2430738, Fax No.: 0663-2430435**
**No. 13838/ VIMSAR Dated, Burla, the 23rd October, 2018**

### TENDER CALL NOTICE

**No.526-E:-** Sealed Tenders are hereby invited in two bid systems by the undersigned from reputed Manufacturers/ Authorized Dealers/Registered firms registered under GST Act for Renovation of existing Gas Pipe Line System of this hospital so as to reach the office of the Superintendent, VSS Institute of Medical Science & Research, Burla on or before dt. 19.11.2018 upto 4.30 P.M. through Regd. Post/Speed Post/Courier only and this will be opened on dt. 20.11.2018 at 03.30 P.M. The tenderer may attend the office at the time of opening of the tenders. The postal/courier delay in receipt of tender paper is the responsibility of the tenderers.

The detail terms and conditions along with the technical specification for the renovation of the Gas Pipe Line System can be downloaded from Dist. website www.sambalpur.nic.in.

The undersigned/committee reserves the full right to accept in full or reject any or all the tenders without assigning any reasons thereof.

**Sd./- dean & Principal,**
**VSS Institute of Medical Sc. & Research, Burla**

**10012/11/0045/1819**

## INTEGRATED TRIBAL DEVELOPMENT AGENCY : SUNDARGARH

**I.T.D.A., Sundargarh, Tel No. 06622-273057 (O),**
**E-mail : itdasng@nic.in**

No. 2078/ITDA,-SDC Dated the 27 October 2018

### EXPRESSION OF INTEREST (EOI)

Expression of Interest is invited from Non Government Organisations (NGO) or Consortium of Organisations preferably TRIBALS with prior experience in implementing community empowerment, awareness programmes, cultural & sports activites and other government sponsored related schemes, to be empanelled as Facilitating NGO for providing facilitation and capacity building support to the TRIBAL community organisations for the implementation of Special Development Council plan and programmes within sundargarh district. The Interested NGO (S)/Consortium of Organisations may download further details along with terms & conditions for EoI from www.sundergarh.nic.in. EoI with required documents as attachments shall be sent through speed post/ registered in a closed envelope superscribed as **"Expression of Interest for FNGO under SDC"** to the office of the Project Administrator, ITDA, Sundargarh, District- Sundargarh - 770001, which must reach on or before 05.11.2018 by 05.00 PM.

**Sd./- Collector-cum-Ex-Officio Chief Executive Officer**
**Special Development Council, Sundargarh**

Classified Display on Every Tuesday and Friday, Size 6 cm x 8 cm.


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଅଧିସୂଚନା

**No.- RDM-LAB-BOUDH-0042-2018/29412/R&DM** ଭୁବନେଶ୍ୱର **ତାରିଖ: 8 August 2018**

**No.: XXXI-76:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଖୋର୍ଦ୍ଧାରୋଡ୍ – ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ମୌଜା- ବିରାମଚନ୍ଦ୍ରପୁର, ଥାନା- ବୌଦ୍ଧ ନଂ.-୩୫୨, ତହସିଲ- ହରଭଙ୍ଗା, ଜିଲ୍ଲା-ବୌଦ୍ଧରେ ନିମ୍ନ ତଫସିଲ ମତେ ପ୍ରାୟ ୬୦.୬୦୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ – ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଂଖ୍ୟା – ୩୩୭୦୩, ତା:୧୨।୧୦।୨୦୧୭ରେ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ବୌଦ୍ଧ।
୬. ଜମିର ବିବରଣୀ :

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ବୌଦ୍ଧ | ହରଭଙ୍ଗା | ବିରାମଚନ୍ଦ୍ରପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏ.୮୬.୨୪୫ | ଏ.୬୦.୬୦୦ | ଏଥି ସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୫୪୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9 3 4 8 2 5 3 4 6 3 , 8908292617. D-9085**

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Required 50 acres to 200 acres of agriculture land in Odisha. Genuine sellers may contact: 9099022600. D-64200

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 32 lakhs, Contact -9937059891, 9 3 4 8 2 5 3 4 6 3 , 8908292617. D-9084**

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Readymade 3BHK new flat at BJB Nagar, no tax, immediate registration. 9439716901 (Broker Excuse). D-65133

ପଟିଆ। KIIS College ପଛପଟେ ଘରବାରି ପ୍ଲଟ୍ boundary wall ସହିତ ମିଳୁଛି। ସୁବାସ: 9439899918. D-9043

1BHK, studio apartment at Mangalahat Square, Puri (Immediate rent after possession). Mobile: 9040089501, 9040089507. D-63396

2100 sft. homestead land immediate sale Hanspal, NH-5, Bhubaneswar. Contact Deepak: 9937329999 (Conditions apply). D-64524

Litigation free plots sale near Indus College, Sundarpada (Bhubaneswar). 9114307240. D-64355

1R, 1BR, 2BR, 3BR apartment/ flats Tankapaniroad near Sai Temple 10 lakhs to 35 lakhs. 9776080988, 9238361409. D-63921

3500 sft. homestead land sale Bhimatangi, Old Town, Bhubaneswar. Directly Contact Deepak: 9937329999. (Conditions apply). D-64526

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

ପଟିଆ। KIIS College ପଛପଟେ ଘରବାରି ପ୍ଲଟ୍ boundary wall ସହିତ ମିଳୁଛି। ସୁବାସ: 9439899918. D-9043

Behind S.P. Office plot 1500 sqft. (only SC), 60,000,00. 9438389968. D-9090

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64707

**A luxurious 3BHK flat at Tata Ariana, Bhubaneswar for sale. Contact: 9337413323, 9437313522. D-64905**

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,80,000/- ପ୍ରତାପ ନଗରୀ ଧାଙ୍କୁଲେଇ ପୀଠରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ ମିଳୁଛି। 9776934361, 9938177361. D-64346

Book a duplex at Bharatpur, close to Studio Chhak, land area 1000 sqft., built up area 1800 sqft. with 30 feet black top road facing. Cost- 80 lakhs including all: 9937560970. D-64525

Bunaglow at Damana Square behind Clubtown Apartment, land area 1600 sqft., construction 2400 sqft. Contact: 7978906474, 9 0 9 0 9 6 8 8 9 4 , 9090959351. D-9102

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-8871

କଟକର ଗୌଡ଼ୀବାଟରୁ 7 km. ଦୂରତାରେ sqft. 40 ଟଙ୍କାରେ ଜମି ମିଳୁଛି। 8327791490, 7537909084. D-9086

Booking simplex 2BHK 1200 sqft., Tankapani Road Sai temple 26,19,000/-. 7735738102. D-9091

Independent Bungalow at Krupajal Engineering College near Uttara Square, land area 1500 sqft., construction 2300 sqft. Contact: 7978906474, 9 0 9 0 9 6 8 8 9 4 , 9090959351. D-9103

One acre converted land with boundary out house road side near Athgarh. 9437284700. D-9094

2BHK apartment flat near Lewis Road, Garage Chhak, Bhubaneswar, buyer 8328890345.D-63862

Duplex core house ranging Rs. 95,00,000/- land area 2000 sqft., construction 2800 sqft., 4BHK at Pokhariput, Bhubaneswar. Contact: 9861125539, 9040521173. D-63398

3BHK flats for sale at IRC Village. Contact: 7978906474, 9 0 9 0 9 6 8 8 9 4 , 9090959351. D-9101

Land for sale Vastu rectified land, scaled farmhouse with house, pond, garden, pump house measuring Ac 1.10 dec+ well connected land available for sale near Phulnakhara- Niali Highway, 17km. from the heart of Bhubaneswar. Contact: 9090744068.D-9112

Premium mini farm house plots for sale: Premium plots of 8000-10000 sqft. being developed, adjacent to National Highway for sale. Straight drive from Bhubaneswar. Ideal for personal farms houses. High water table, surrounded by greenery and hills, 30 ft. access road. Close proximity to electricity lines. Single owner, completely legal, stithiban, easily convertible to gharabari. NH on Ugratara Mandir road, Bhusandpur. Parties interested call: 9899598503. D-9120

Book 3BHK duplex house Jagamara, Bhubaneswar having land area 1260 sqft. and 1900 construction area. Price 77 lakh, Bank finance available. 7504392698. D-65136




Prabhakar construction complete finishing building 1350/- semifinished 1150/-. 9437025258, 9437484711. D-8967

Construct your building in finished house contact: 9937064680. D-27282

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & architect plan– SMPL: 9439483779. D-9082**

For construction of residential commercial building. Please. Contact: 7008268129, 9439143273. D-62132

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64353




3BHK marbled flat at Unit-8 Soubhagya Nagar main road. Contact: 9000004523. D-64904

Godown/ office suitable premises available, Mancheswar, Bhubaneswar. Ground floor. 8763802787. D-63860

Bhubaneswar, BJB Nagar, 3000 sqft. office accommodation available. Contact: 9438194381. D-63859

30,000 sft. vacant land for rent for all commercial purpose near Dhauli. Contact: 8917576258. D-9016

3000 sqft. residential fully furnished with ceilling fan ground and first floor at Saileshreevihar near Jagannath Temple suitable for Bank,Tutorials, Reliance Fresh, boys or girls hostel. Contact: 7205883949. D-9019

Boys Hostel near Rasulgarh, Bhubaneswar. Bed type. 8249241475. D-9077

2BHK, dining, drawing independent house in Bajrangivihar, Patia, Bhubaneswar. Contact: 9866123690. D-65101

3BR, dining, drawing, ground floor Tankapani road, Jagannath Ashram. 9777662687. D-63920

2BHK apartment at Acropolis for family. Contact: 9437015037. D-65035

2BHK with 2 porticos, separate puja room, parking space just behind Hotel VITS on Cuttack-road 10,000/-. Contact: 9937961430. D-9043

Four Bedded House, 1st floor, three Toilets with garage available near ITER Square. Contact: 8328879500. D-9001

1BHK house first floor Brahmeswarpatna, Tankapani road, Bhubaneswar. 9338444341, 06742381585. D-63919

Flat for rent (residence) in BJB Nagar 3BR 2nd floor with Garage. Contact: 9937203178. D-62133

Sambalpur space on Mainroad, Budharaja 1500 to 2000 sqft. for Bank / Corporate / Comm. Institute/ Insurance. Contact: 8917500281, 8895617700. D-64527

Two room kitchen, toilet for family near Rabi Talkies. 9438112376.D-63397

20'-25' hall, 2 bathroom, kitchen, bedroom preferred workshop, godown, office. Contact: 9437282694, 6371046600. D-63923

2BHK, 3BHK independent house, garage, Santha Vihar, Lingipur. Owner: 9439357429. D-61028




Samal Packers Movers provide household shifting in reasonable price. 9437035016.D-63861

Shivam logistic packers movers. Household/ car relocation countrywide. 9777044177, 9338461133. D-9035




Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

Improving your health, skincare though expert therapist, excellent offfer. 9668374480. D-65126

Singar massage club fully relaxed by expert lady also home service available. Contact: 9937637219. D-9024

Experience full body massage with us by experts. Enquiry: 7377048581. D-65128

Newly open herbal full body massage with refreshment well trained therapist. 7381239385. D-64625

Refresh your body with smart and expert therapist. Contact: 6370668486. D-65130

Herbal full body massage by smart/ expert therapist. Contact: 8338067247. D-65131

All type of full body massage by expert therapist. 7609005923. D-65132

Newly opening ayurvedic body massage smart therapist, Shree herbal. 7750020754. D-65134

Newly open ayurvedic full body massage ladies & gents. 8117033493. D-65038

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Herbal body massage, relax, back joint pain treatment. 9114225221, 9437453813. D-64528

Saishree ayurvedic full body massage ladies & gents. Contact: 7438896074. D-64626

## LOST

On dated (24.09.2018) one of HDFC Bank MR Book misplaced in (DTDC courier) at Railway Station. The Book No. is- 4469505 and all receipts are unused SRS- Advisory Pvt. Ltd. 9040472346. D-63922

## AFFIDAVIT

By an affidavit sworn before the Notary Public, Bargarh, I Bibek Sharma, R/o- Sanharapara, Ward No-5, PO/Dist.- Bargarh declare that in the educational certificate my name reflected as Bibek Kumar Sharma. But Aadhaar, PAN, DL and Voter ID Card my name reflected as Bibek Sharma. That both the names is one and same person. D-62454

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ରେୟାନ୍ସ)

ବ୍ରିଜେଶ କୁମାର

ତମାଣ୍ଡୋ, ଭୁବନେଶ୍ୱର

ଆଜିର ଏହି ଶୁଭ ଅବସରରେ ତୋର ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀଜଗନ୍ନାଥ ତୋତେ କୋଟି ପରମାୟୁ ଦିଅନ୍ତୁ ଏହାହିଁ କାମନା। ଶୁଭେଚ୍ଛା ସହ: ଜେଜେ-ଗୋକୁଳାନନ୍ଦ, ଜେଜେମା-ଅନସୂୟା, ବାବା-ରାକେଶ (ପପୁ), ମାମା-ସୌଦାମିନୀ (ପୂଜା), ସିଶୁଲ, ପ୍ରିୟା, ଗୁଗୁଲ, ସିଦ୍ଧି, ପ୍ରିୟାଂଶୁ, ପିଣ୍ଟୁ, ପରୀ, ସୁଜଲ, ରିଜୁ, ଓମ୍, ଶ୍ରୁତି, ଖୁସି, ଆୟୁଷ, ବାର୍ବୀ, ନେନୁ ଓ ସ୍ୱାଇଁ ପରିବାରବର୍ଗ। ଧ-୬୦୯୨୭

ଜନ୍ମଦିନ ଶୁଭେଚ୍ଛା



(Deesha)

Sudeepta Das

L.I.G K4-1026, Kalinga Vihar

ଶୁଭ ଜନ୍ମଦିନ ଅବସରରେ ଭଗବାନ୍ ତୁମ ଚଲାପଥ ପୁଷ୍ପିତ କରନ୍ତୁ ଏବଂ ତୁମକୁ ନୀରୋଗ ରଖନ୍ତୁ। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ପାପା, ମାମା, ଆଈ, ମାମୁ, ମାଈଁ, କାକୁ, ପିଉସୀ, ପିଉସା, ଲିବୁନ୍, ଢୁଗୁଲ, ସିମୁନ୍। ଧ-୯୦୬୬



ନବମ ଜନ୍ମବାର୍ଷିକ ଶୁଭେଚ୍ଛା

ଅନିକେତ୍ ସେଠୀ

Plot No.- 37/2158, Jagannath Nagar, Jharpada, BBSR

ଶୁଭ ଜନ୍ମଦିନ ଅବସରରେ ପରମ ପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଜେଜେମା, ବଡବାବା, ବଡମାମା, ବାବା, ମାମା, ଭାଇ, ବନ୍ଧୁ ଓ ପରିବାରବର୍ଗ। ଧ-୯୧୦୬

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## CLASSIFIED BOOKING STATIONS

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob-9338301743, 9853533237, 0674-2563259

**EUREKA ADVERTISER**
N-6/259, IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob-9437211887

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph-2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph-9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093754794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**STUDIO MUNNA PHOTOGRAPHY**
N-6, 311, IRC Village, Nayapalli, BBSR, Chitta Ranjan Patra, Mob-9337180581, 9124380581

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ନରେନ୍ଦ୍ର କୁମାର ପ୍ରଧାନ**

ଆବିର୍ଭାବ: ତା ୧୯।୦୮।୧୯୫୮
ତିରୋଧାନ: ତା ୧୮।୧୦।୨୦୧୮

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଅନୁଗୋଳ ଜିଲ୍ଲା ଟ୍ରକ୍ ମାଲିକ ସଂଘ, ଅନୁଗୋଳ। ଅକ୍ଷୟ କୁମାର ସାମନ୍ତ, ସାଧାରଣ ସମ୍ପାଦକ, ବିଭୂତି ପ୍ରସାଦ ଦାସ, ସଭାପତି। ଧ-୯୦୮୯

**ଦ୍ୱାଦଶାହ ଉପଲକ୍ଷେ**



**୰ କୃଷ୍ଣଚନ୍ଦ୍ର ରଥ**

ଆବିର୍ଭାବ - ୦୧.୦୭.୧୯୩୬
ତିରୋଧାନ - ୧୭.୧୦.୨୦୧୮

ସ୍ୱର୍ଗତ କୃଷ୍ଣଚନ୍ଦ୍ର ରଥ ଆଜି ଆଉ ଇହଧାମରେ ନାହାନ୍ତି, ଏହା ବାସ୍ତବ ହେଲେ ମଧ୍ୟ ଅବିଶ୍ୱସନୀୟ ସେ ଜଣେ ଶାନ୍ତ, ସରଳ ଓ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ସେ ଏକ ଧାର୍ମିକ ଓ ସାବଲମ୍ବୀ ଏବଂ ଆଦର୍ଶ ଶିକ୍ଷକ ଓ ପ୍ରସିଦ୍ଧ ସାହିତ୍ୟିକ ଥିଲେ। ଗତ ୧୭ ତାରିଖ ବୁଧବାର ଅଷ୍ଟମୀ ତିଥିରେ ରାତ୍ର ପ୍ରାୟ ୧୧.୪୫ ମିନିଟ୍‌ରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ :- ଧର୍ମପତ୍ନୀ- ପା ।କି, ପୁତ୍ର- ଗଣ୍ଡୁ, ବୋହୂ- ବିନ୍ଦୁ, ଝିଅଜ୍ୱାଇଁ- ରୀତା, ମିତା, ସର୍ବ ନାରାୟଣ, ନାତିନାତୁଣୀ- ଲିଜା, ସଞ୍ଜୀବ୍, ଲିସା, ଆଦିତ୍ୟ, ଚିକୁ, ଭଭ, ଆଶିଷ, ପିଙ୍କୁ, ଆଲିସ୍, ଖୁସି, ପିନ୍ଟୁ, ଆନି, ଏବି, ଟିପି ଓ ଦୟାନିଧି, ବାବୁଲା ଓ ଝୁନୁ, କାବୁଲା ଓ ରୁନୁ, ବସୁଲା ଓ ପିଙ୍କି ଏବଂ ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ। ଧ-୬୫୧୩୫

| | |
|---|---|
| Dollar 20 | 73.47 |
| Sensex 340.78 | 33,349.31 |
| Nifty 94.90 | 10,030.00 |
| Gold ₹ 40 | 32,550.00 |
| Silver ₹ 100 | 39,600.00 |

“ଟେଲିକମ୍ ଗିୟର ନିର୍ମାତା କମ୍ପାନୀଗୁଡ଼ିକ ଦେଶରେ ୪ ହଜାର କୋଟି ଟଙ୍କାର ନିବେଶ ଲାଗି ପ୍ରସ୍ତାବ ଦେଇଛନ୍ତି ।

– ମନୋଜ ସିହ୍ନା, ଟେଲିକମ୍ ମନ୍ତ୍ରୀ



“ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପ୍ରଡକ୍ଟଗୁଡ଼ିକର ଚାହିଦା ବୃଦ୍ଧି ହେଉଥିବାରୁ ଏହା ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରୁଛୁ ।

– ପି.ସଞ୍ଜୀବ, ଉପସଭାପତି ହାୱାଇ ଇଣ୍ଡିଆ



## ସଂକ୍ଷେପରେ

### ମୁକେଶଙ୍କ ସମ୍ପତ୍ତି ଗୁଜରାଟର ୫୮ ଧନୀଙ୍କଠାରୁ ଅଧିକ

**ନୂଆଦିଲ୍ଲୀ,୨୭-୧୦:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ମାଲିକ ମୁକେଶ ଅମ୍ବାନୀ ସମ୍ପତ୍ତି ମାମଲାରେ ରେକର୍ଡ ପରେ ରେକର୍ଡ କରିଚାଲିଛନ୍ତି। ବିତ୍ତଶାଳୀଙ୍କ ସଂଖ୍ୟାରେ ଗୁଜରାଟ୍ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। କିନ୍ତୁ ଗୁଜରାଟର ୫୮ ବିତ୍ତଶାଳୀଙ୍କ ମୋଟ୍ ସମ୍ପତ୍ତି ପରିମାଣ ଯେତେ, ମୁକେଶଙ୍କ ସମ୍ପତ୍ତି ତା’ଠାରୁ ବହୁଗୁଣ ଅଧିକ ବୋଲି ଜଣାପଡିଛି। ଗୁଜରାଟର ୫୮ ଧନୀଙ୍କ ନିକଟରେ ମୋଟ ୨.୫୪ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଥିବା ବେଳେ ମୁକେଶଙ୍କ ନିକଟରେ ୩.୭୧ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। ହୁରୁନ ଇଣ୍ଡିଆ ଧନୀ ତାଲିକାରେ ମୁକେଶ କ୍ରମାଗତ ୭ମ ଥର ଦେଶର ସର୍ବବୃହତ ଧନୀ ଭାବେ ପରିଗଣିତ ହୋଇଛନ୍ତି। ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ ୭୧,୨୦୦ କୋଟି ଟଙ୍କାର ସମ୍ପତ୍ତି ସହ ଗୁଜରାଟର ଶୀର୍ଷ ଧନୀ ଭାବେ ଉଭା ହୋଇଛନ୍ତି। ୩୨,୧୦୦ କୋଟି ଟଙ୍କାର ସମ୍ପତ୍ତି ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଜାଇଡସ୍ ଗ୍ରୁପ୍‌ର ପଙ୍କଜ ପଟେଲ।

### ଭବିଷ୍ୟତରେ ତ୍ରିସ୍ତରୀୟ ହେବ ଜିଏସ୍‌ଟି:ଦେବରଏ

**ନୂଆଦିଲ୍ଲୀ,୨୭-୧୦:** ଦେଶରେ ଏବେ ୪ ସ୍ତର ବିଶିଷ୍ଟ ଜିଏସ୍‌ଟି ବ୍ୟବସ୍ଥା ରହିଛି। ଭବିଷ୍ୟତରେ ଏହା ୩ ସ୍ତରୀୟ ହେବ। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦର ଅଧ୍ୟକ୍ଷ ବିବେକ ଦେବରଏ ଏହା ପ୍ରକାଶ କରିଛନ୍ତି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଏକ୍ସାଇଜ ଆଣ୍ଡ୍ କଷ୍ଟମ୍ସର ପୂର୍ବତନ ଅଧ୍ୟକ୍ଷ ସୁମିତ ଦତ୍ତ ମଜୁମଦାରଙ୍କ ଦ୍ୱାରା ଲିଖିତ ପୁସ୍ତକ‘ଜିଏସ୍‌ଟି ଏକ୍ସପ୍ଲେଣ୍ଡ ଫର୍ କମନ ମ୍ୟାନ୍’ ଉନ୍ମୋଚନ ଉତ୍ସବରେ ଯୋଗଦେଇ ଦେବରଏ କହିଛନ୍ତି ଯେ, ବିଶ୍ୱର ମାତ୍ର ୨/୩ଟି ଦେଶ ଏକାଧିକ ଟିକସ ବ୍ୟବସ୍ଥାକୁ ପ୍ରତ୍ୟାହାର କରି ଜିଏସ୍‌ଟିକୁ ଲାଗୁ କରିଛନ୍ତି। ସେ କହିଛନ୍ତି ଯେ, ଭାରତ ବ୍ୟତୀତ କାନାଡା ଏବଂ ଅଷ୍ଟ୍ରେଲିଆ ଜିଏସ୍‌ଟି ଲାଗୁ କରିଛନ୍ତି। ଅଷ୍ଟ୍ରେଲିଆରେ ଦୁଇ ପ୍ରକାର ଜିଏସ୍‌ଟି ଲାଗୁ ହୋଇଛି।

## କେନ୍ଦ୍ରକୁ ଭିରାଲଙ୍କ ଚେତାବନୀ

# ଆର୍‌ବିଆଇ ସ୍ୱାୟତ୍ତତାରେ ହସ୍ତକ୍ଷେପ ବନ୍ଦ ହେବା ଦରକାର

ମୁମ୍ବାଇ,୨୭-୧୦



- ସରକାର ଟି୨୦, ଆର୍‌ବିଆଇ ଟେଷ୍ଟ ମ୍ୟାଚ୍ ଖେଳନ୍ତି
- କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାଧୀନତାକୁ ଅଣଦେଖା କଲେ ପରିଣତି ଭୟଙ୍କର
- ଆର୍‌ବିଆଇକୁ ଅଧିକ କ୍ଷମତା ମିଳିବା ଆବଶ୍ୟକ

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ସ୍ୱାୟତ୍ତତା ନେଇ ସ୍ୱର ଉତ୍ତୋଳନ କରିଛନ୍ତି ଡେପୁଟି ଗଭର୍ନର ଭିରାଲ ଆଚାର୍ଯ୍ୟ। କେନ୍ଦ୍ରୀୟ ବ୍ୟାଙ୍କକୁ ଅଧିକ ସ୍ୱାୟତ୍ତତା ମିଳିବା ଆବଶ୍ୟକ ବୋଲି ସେ ଜୋର୍ ଦେଇଛନ୍ତି। ଆର୍‌ବିଆଇର ସ୍ୱାୟତ୍ତତାରେ ହସ୍ତକ୍ଷେପ ବନ୍ଦ ହେଉ ବୋଲି ସେ ପରାମର୍ଶ ଦେଇଛନ୍ତି। ନଚେତ୍ ଦେଶ ଭୟଙ୍କର ଆର୍ଥିକ ବିପଦର ସମ୍ମୁଖୀନ ହେବ ବୋଲି ସେ ଚେତାବନୀ ଶୁଣାଇଛନ୍ତି।

ଏ.ଡି.ଶ୍ରଫ୍ ମେମୋରିଆଲ ଲେକଚର୍‌ରେ ଉଦ୍‌ବୋଧନ ଦେଇ ରିଜର୍ଭ ବ୍ୟାଙ୍କ ଡେପୁଟି ଗଭର୍ନର ଆଚାର୍ଯ୍ୟ କହିଛନ୍ତି ଯେ, କେନ୍ଦ୍ର ସରକାର ଟି-୨୦ ମ୍ୟାଚ୍ ଭଳି ସ୍ୱଳ୍ପଦୃଷ୍ଟି ନେଇ ଆର୍ଥିକ ନୀତି ପ୍ରଣୟନ କରୁଛନ୍ତି। କିନ୍ତୁ ରିଜର୍ଭ ବ୍ୟାଙ୍କ ଟେଷ୍ଟ ମ୍ୟାଚ୍ ଭଳି ଦୂରଦୃଷ୍ଟି ନେଇ ଆଗେଇଥାଆନ୍ତି। ସରକାରଙ୍କ ଏପରି ପଦକ୍ଷେପ ଅର୍ଥନୀତିକୁ ଧ୍ୱଂସ କରିପାରେ। ଉଲ୍ଲେଖଥାଉ କି, ଆଚାର୍ଯ୍ୟଙ୍କ ଏପରି ମନ୍ତବ୍ୟ ଯୋଗୁ ଏବେ କେନ୍ଦ୍ର ସରକାରଙ୍କ ପ୍ରତି ଅଙ୍ଗୁଳି ଉଠିପାରେ। କାରଣ ଅନ୍ୟ ଏକ ସ୍ୱାଧୀନ ସଂସ୍ଥା ସିବିଆଇରେ କେନ୍ଦ୍ରର ଅଯଥା ହସ୍ତକ୍ଷେପକୁ ନେଇ ଦେଶରେ ଏବେ ରାଜନୈତିକ ଝଡ ସୃଷ୍ଟି ହୋଇଛି। ଏହି କାରଣରୁ ସିବିଆଇର ଦୁଇ ଶୀର୍ଷ ଅଧିକାରୀ ଏବେ ମୁହାଁମୁହିଁ ହୋଇଛନ୍ତି। ସିବିଆଇ ବସ୍ତୁତଃ ଦୁଇଟି ଗୋଷ୍ଠୀରେ ପରିଣତ ହୋଇଛି। ଏଭଳି ଏକ ସମୟରେ ଡେପୁଟି ଗଭର୍ନରଙ୍କ ମନ୍ତବ୍ୟ ଦେଶର ରାଜନୀତିକୁ ବେଶ ସରଗରମ କରିବ ଏଥିରେ ସନ୍ଦେହ ନାହିଁ। ଭିରାଲ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାୟତ୍ତତାକୁ ଯେଉଁ ସରକାର ସମ୍ମାନ ନ ଜଣାଇବେ, ତାଙ୍କୁ ବିଳମ୍ବରେ ହେଉ ପଛେ ଆର୍ଥିକ ବଜାରର ଅସନ୍ତୋଷ ସହିବାକୁ ପଡିବ। ମହତ୍ତ୍ୱପୂର୍ଣ୍ଣ ନିୟନ୍ତ୍ରକଙ୍କୁ ଅଣଦେଖା କରିବା ଭୟଙ୍କର ହୋଇପାରେ। କେନ୍ଦ୍ରୀୟ ବ୍ୟାଙ୍କକୁ ଅଧିକ ସ୍ୱାୟତ୍ତତା ଦିଆଗଲେ ଅନେକ ଫାଇଦା ମିଳିବ। ଯେପରି କି ବ୍ୟାଙ୍କଗୁଡିକର ଋଣ ବ୍ୟୟ କମିବ, ଅନ୍ତରାଷ୍ଟ୍ରୀୟ ନିବେଶ ବଢ଼ିବ ଏବଂ ସେମାନେ ଦୀର୍ଘଦିନ ଧରି ତିଷ୍ଠି ରହିପାରିବେ। ସେ କହିଛନ୍ତି ଯେ, ଦେଶରେ ବର୍ଷ ଯାକ ନିର୍ବାଚନ ହେଉଛି। ନିର୍ବାଚନୀ ଘୋଷଣାପତ୍ର ପାଳନ କରିବାର ବାଧ୍ୟବାଧକତା ସରକାରଙ୍କ ଉପରେ ନ୍ୟସ୍ତ ରହିଛି। ଏଣୁ ଏହାକୁ ଲାଗୁ କରିବା ଲାଗି ସରକାର ତ୍ୱରିତ୍ ପଦକ୍ଷେପ ନିଅନ୍ତି। ଏହାକୁ ଆମେ ଟି-୨୦ ମ୍ୟାଚ୍ କହିପାରିବା। ଅନ୍ୟପକ୍ଷରେ ରିଜର୍ଭ ବ୍ୟାଙ୍କ ଦୀର୍ଘକାଳୀନ ପଦକ୍ଷେପ ନେଇ ନୀତି ଘୋଷଣା କରନ୍ତି ଏବଂ ସେହି ରାସ୍ତାରେ ଆଗେଇ ଚାଲନ୍ତି। ଏଣୁ ଏହାକୁ ଟେଷ୍ଟ ମ୍ୟାଚ୍ କୁହାଯାଇପାରେ। ଟେଷ୍ଟ ମ୍ୟାଚ୍‌ରେ ଯେପରି ଗୋଟିଏ ସେସନ୍ ପରେ ରଣନୀତି ବଦଳେ ରିଜର୍ଭ ବ୍ୟାଙ୍କ ମଧ୍ୟ ପରିସ୍ଥିତିକୁ ଅନୁଧ୍ୟାନ କରି ନିଜର ରଣନୀତି ବଦଳାଇଥାନ୍ତି ବୋଲି ଭିରାଲ କହିଛନ୍ତି। ସୁଧ ହାର ହ୍ରାସ ସମ୍ପର୍କରେ ଉଲ୍ଲେଖ କରି ଡେପୁଟି ଗଭର୍ନର କହିଛନ୍ତି ଯେ, ଏହାକୁ ଅଧିକ ହ୍ରାସ କଲେ ଋଣ ପରିମାଣ ବଢ଼ିବ। ଫଳରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ। ଏହା ଦେଶର ଅର୍ଥନୀତି ପାଇଁ ବିପଦ ହେବ। ସରକାରଙ୍କ ସ୍ୱଳ୍ପ ଅବଧିର ପଦକ୍ଷେପ ଦେଶର ଅର୍ଥନୀତି ବୃଦ୍ଧିରେ ସହାୟକ ହୋଇଥାଏ ସତ, କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ଏହାର କୁପ୍ରଭାବ ପଡିଥାଏ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କକୁ ଅଧିକ କ୍ଷମତା ଦେବା ଆବଶ୍ୟକ ବୋଲି ଭିରାଲ ଯୁକ୍ତି ବାଢ଼ିଛନ୍ତି।

### ବିକାଶଶୀଳ ଦେଶ ଲାଗି ନିୟମରେ ଗତିଶୀଳତା ଜରୁରୀ: ଜେଟ୍‌ଲୀ

**ନୂଆଦିଲ୍ଲୀ,୨୭-୧୦:** ବିକାଶଶୀଳ ଅର୍ଥନୀତି ଲାଗି ବାସ୍ତବତା ଭିତ୍ତିରେ ନିୟମରେ ଗତିଶୀଳତା ଜରୁରୀ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ଶନିବାର ପ୍ରକାଶ କରିଛନ୍ତି। ଆଇଡିଏଫ୍‌ସି କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି, ଯେକୌଣସି ନିୟମ ବ୍ୟବସ୍ଥାରେ ହିତାଧିକାରୀଙ୍କ ସହ ଆଲୋଚନା କରାଯିବା ଦରକାର। ଏହାଦ୍ୱାରା ତତ୍କାଳିକ ମତାମତ ଉପରେ ଆଲୋଚନା ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ବହୁ ନିୟାମକ ଜନତାଙ୍କ ରାୟ ଜାଣିବା ଲାଗି ସେମାନଙ୍କ ବିଚାରକୁ ସାର୍ବଜନୀନ କରୁଛନ୍ତି।

## ସେଣ୍ଟ୍ରାଲର ଫେଷ୍ଟିଭ୍ କଲେକ୍ସନ

ଭୁବନେଶ୍ୱର,୨୭-୧୦



ପ୍ରମୁଖ ଫ୍ୟାଶନ ଡେଷ୍ଟିନେଶନ ସେଣ୍ଟ୍ରାଲ ପକ୍ଷରୁ ଆକର୍ଷଣୀୟ ଫେଷ୍ଟିଭ କଲେକ୍ସନ ଶୁଭାରମ୍ଭ ହୋଇଛି। ପୁରୁଷ , ମହିଳା ଏବଂ ପିଲାଙ୍କ ପାଇଁ ଡିଜାଇନ ହୋଇଥିବା ଫ୍ୟାଶନ ପାର୍ବଣରେ ଏକ ସ୍ୱତନ୍ତ୍ର ଆଉଟଫିଟ ହୋଇପାରିବ। ଆଜିର ପିଢିକୁ ଧ୍ୟାନରେ ରଖି ସେଣ୍ଟ୍ରାଲ ପକ୍ଷରୁ ବିଭିନ୍ନ କଲେକ୍ସନ ବଜାରକୁ ଆସୁଛି। ଏଠାରେ ପ୍ରାୟ ୫୦୦ ବ୍ରାଣ୍ଡ ଉପଲବ୍ଧ ହେଉଛି। ସେଣ୍ଟ୍ରାଲ ଫେଷ୍ଟିଭ କଲେକ୍ସନର ୱାନଷ୍ଟପ୍ ସମାଧାନ ପ୍ରଦାନ କରୁଛି। ଗ୍ରାହକଙ୍କ ଆବଶ୍ୟକତା ଭିତ୍ତିରେ ସମସ୍ତ ପ୍ରକାରର ସୁବିଧା ଷ୍ଟୋରରେ ଉପଲବ୍ଧ ହେଉଛି। ସର୍ବୋତ୍ତମ ଟ୍ରେଣ୍ଡ ଏବଂ ଷ୍ଟାଇଲ ଆଧାରରେ ଫେଷ୍ଟିଭ କଲେକ୍ସନ ଡିଜାଇନ ହୋଇଥିବା ଫ୍ୟୁଚର ଲାଇଫ ଷ୍ଟାଇଲ ଫ୍ୟାଶନର ସିଇଓ ବିଷ୍ଣୁ ପ୍ରସାଦ ସୂଚନା ଦେଇଥିଲେ।

## ଭି-ଗାର୍ଡର ନୂଆ ମିକ୍ସର ଗ୍ରାଇଣ୍ଡର




ଭୁବନେଶ୍ୱର,୨୭-୧୦

ପ୍ରମୁଖ କମ୍ପାନୀ ଭି-ଗାର୍ଡ ଭୁବନେଶ୍ୱରଠାରେ ୬ ନୂଆ ମିକ୍ସର ଗ୍ରାଇଣ୍ଡରକୁ ବଜାର ପ୍ରବେଶ କରାଇଛି। ଏଥିରେ ଗ୍ରାହକମାନେ ଆକର୍ଷକ ଡିଜାଇନ, କପର ମୋଟର, ହାଇ ଆର୍‌ପିଏମ୍ ଲାଭ କରିପାରିବେ। ଏଗୁଡିକ କମ୍ ଭୋଲଟେଜରେ ମଧ୍ୟ ଚାଲିପାରିବ। ପ୍ରଡକ୍ଟଗୁଡିକ ଉପରେ କମ୍ପାନୀ ୫ ବର୍ଷର ୱାରେଣ୍ଟି ପ୍ରଦାନ କରୁଛି। ଗ୍ରାହକଙ୍କୁ ହୋମ୍ ସର୍ଭିସ ପ୍ରଦାନ କରାଯାଇଛି। ଏହା ଓଡିଶା ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହୋଇପାରିବ ବୋଲି କମ୍ପାନୀ ସୂଚନା ଦେଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଉନ୍ନତ ବ୍ୟବସାୟ ନେଇ ଏହା ଆଶାବାଦୀ।

## ସ୍ୱଚ୍ଛତା ଦିଗରେ ନାଲ୍‌କୋର ପଦକ୍ଷେପ

ଭୁବନେଶ୍ୱର,୨୭-୧୦



ସାରା ଦେଶରେ ଚାଲୁଥିବା ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମରେ ନାଲକୋ ଯୋଗଦାନ ରଖିଛି। ଅଭିନବ ଉପାୟରେ ସ୍ୱଚ୍ଛତାର ପ୍ରଚାର ଲାଗି କମ୍ପାନୀ ପଦକ୍ଷେପ ଗ୍ରହଣ କରିଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୨୦୦ ଜରି ଗୋଟାଳିଙ୍କୁ ଗ୍ଲୋବସ, ଟିଶାର୍ଟ, ମାସ୍କ, ଅର୍ଗାନିକ ସାବୁନ ଆଦି ହାଇଜିନ୍ କିଟ୍ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ୧୦୦ ଜଣଙ୍କୁ ଏଭଳି କିଟ୍ ପ୍ରଦାନ ନେଇ ନାଲକୋ ଯୋଜନା ଧାର୍ଯ୍ୟ କରିଛି। ଜରି ଗୋଟାଳିମାନେ ସହରର ପରିଚ୍ଛନ୍ନତା ଦିଗରେ କାର୍ଯ୍ୟ କରୁଥିବାରୁ ସେମାନଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ସୂଚନା ଦେଇଛନ୍ତି। ସେବା ପ୍ରୟାସ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସେବା ପ୍ରୟାସ ଫାଉଣ୍ଡେଶନ ପ୍ରତିଷ୍ଠାତା ଲିଙ୍କନ ସୁବୁଦ୍ଧିଙ୍କ ସମେତ କମ୍ପାନୀର ବିଭିନ୍ନ କର୍ମଚାରୀ ଉପସ୍ଥିତ ଥିଲେ।

### ୩ ବର୍ଷରେ ଇଡି ଜବତ କରିଛି ୩୩,୫୦୦ କୋଟିର ସମ୍ପତ୍ତି

ନୂଆଦିଲ୍ଲୀ,୨୭-୧୦

କର୍ଣ୍ଣେଲ ସିଂହଙ୍କ ୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରେକର୍ଡ ୩୩,୫୦୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଋଣ ସମାଧାନ ମାମଲାରେ ୩୧୦ ଅଭିଯୋଗପତ୍ର ଦାଏର କରାଯାଇଛି। ବିଦେଶୀ ମୁଦ୍ରା ଆଇନ ଉଲ୍ଲଂଘନ (ଫେମା) ଏବଂ ଦୁର୍ନୀତି ସଂକ୍ରାନ୍ତୀୟ କିଛି ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ ତ୍ୱରାନ୍ୱିତ କରିବାରେ ସିଂହଙ୍କ ପଦକ୍ଷେପ ପ୍ରଶଂସନୀୟ ଥିଲା। ୧୯୮୪ରେ ଆଇପିଏସ୍ ଅଧିକାରୀ ସିଂହ ୨ଜି ସ୍ପେକ୍ଟ୍ରମ, କୋଇଲା ଦୁର୍ନୀତି ମାମଲାର ତଦନ୍ତ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇଛନ୍ତି।

## କେ.ଏନ୍ ରାଧାକ୍ରିଷ୍ଣନ୍ ଟିଭିଏସ୍ ସିଇଓ

ଭୁବନେଶ୍ୱର,୨୭-୧୦

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ କେ.ଏନ୍ ରାଧାକ୍ରିଷ୍ଣନଙ୍କୁ କମ୍ପାନୀର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସେ କମ୍ପାନୀର ନିର୍ଦ୍ଦେଶକ ଏବଂ ସିଇଓ ପଦବୀରେ ୫ ବର୍ଷ ପାଇଁ କାର୍ଯ୍ୟ କରିବେ। ରାଧାକ୍ରିଷ୍ଣନ ୧୯୮୬ରେ ଜଣେ ମ୍ୟାନେଜମେଣ୍ଟ ଟ୍ରେନି ଭାବେ ସୁନ୍ଦରମ କ୍ଲେଟନରୁ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ସେ ଗ୍ରୁପର ବିଜନେସ ପ୍ଲାନିଂ ଓ ଟିକ୍ୟୁଏମ୍ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ଟିଭିଏସ୍ କମ୍ପାନୀରେ ୨୦୦୪ରେ ସେ ଉପସଭାପତି ଭାବେ ଯୋଗ ଦେଇଥିଲେ। ୨୦୦୮ରେ ସଭାପତି ପଦକୁ ସେ ପଦୋନ୍ନତି ଲାଭ କରିଥିଲେ। ତାଙ୍କ ନେତୃତ୍ୱରେ ଟିଭିଏସ୍ ଦେଶର ତୃତୀୟ ବଡ ଦୁଇ ଚକିଆ ଯାନ ନିର୍ମାତା ହୋଇପାରିଛି। ଜେଡି ପାୱାର ସର୍ଭେରେ ଏହା କ୍ରମାଗତ ତୃତୀୟ ବର୍ଷ ଲାଗି ଗ୍ରାହକ ସନ୍ତୁଷ୍ଟିରେ ଏକ ନମ୍ବର ସ୍ଥାନରେ ରହିଛି। ସେହିଭଳି ତାଙ୍କ ନେତୃତ୍ୱରେ କମ୍ପାନୀ ୬୦ ଅନ୍ତର୍ଜାତୀୟ ବଜାରକୁ ସମ୍ପ୍ରସାରିତ ହୋଇଛି। ଗୁଣାତ୍ମକ ମାନ, ଗ୍ରାହକ ଆବେଗ ରଣନୀତିପୂର୍ଣ୍ଣ ଯୋଜନା ଓ ପ୍ରଯୁକ୍ତି ଉପରେ ତାଙ୍କର ବିଶେଷ ଅଭିଜ୍ଞତା ରହିଛି। ଏହି ନିଯୁକ୍ତି ନେଇ ଅତ୍ୟନ୍ତ ଖୁସି ବୋଲି ଟିଭିଏସ୍ ମୋଟର କମ୍ପାନୀର ଅଧ୍ୟକ୍ଷ ବେଣୁ ଶ୍ରୀନିବାସନ ସୂଚନା ଦେଇଛନ୍ତି।

## ସିଣ୍ଡିକେଟ୍ ବ୍ୟାଙ୍କର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୨୭-୧୦

ସିଣ୍ଡିକେଟ୍ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ୧ ଭୁବନେଶ୍ୱର ପକ୍ଷରୁ ୯୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜାଗମରାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ସେହିଭଳି ଆମ୍ରି ହସ୍ପିଟାଲ ସହାୟତାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ରତ୍ନମ. ଭି, ରାଜା କୁମାର, ଆଞ୍ଚଳିକ ପ୍ରବନ୍ଧକ କେ.ସି ଟୁଡୁ, ମଣ୍ଡଳ କାର୍ଯ୍ୟାଳୟ କୋଲକାତାର ସହାୟକ ପ୍ରବନ୍ଧକ ମୁରଲୀଧର ବେହେରା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ବିଓଆଇ-ମିଲ୍କମନ୍ତ୍ରା ଚୁକ୍ତି

ଭୁବନେଶ୍ୱର,୨୭-୧୦



ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଏନ୍‌ବିଜି ପୂର୍ବର ମହାପ୍ରବନ୍ଧକ ଅଭିଜିତ ବୋଷ ଏବଂ ମିଲ୍କ ମନ୍ତ୍ରାର ସିଏଫ୍‌ଓ କେଦାର ଚୌଧୁରୀଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଦ୍ୱାରା ଦୁଗ୍ଧ ବ୍ୟବସାୟ ସହ ଜଡିତ କୃଷକମାନଙ୍କୁ ଡାଏରୀ ଏବଂ ମିଲ୍କିଂ ମେଶିନ ନିମନ୍ତେ ଋଣ ପ୍ରଦାନ କରାଯିବ। କୃଷକଙ୍କୁ ଋଣ ପ୍ରଦାନ ନିମନ୍ତେ ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ମହାପ୍ରବନ୍ଧକ ଅଭିଜିତ ବୋଷ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍ ଦ୍ୱିବେଦୀ, ଉପ ଆଞ୍ଚଳିକ ପ୍ରବନ୍ଧକ ଏସ୍. ବେହୁରା, କେନ୍ଦୁଝର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଗୁପ୍ତେରାମ ନାୟକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହୋମ୍ ଫର୍ନିଚର ସେଗ୍‌ମେଣ୍ଟକୁ ଭଲ ରେସ୍‌ପନ୍ସ ମିଳୁଛି

**ବିଶ୍ୱର ଫର୍ନିଚର ମାନୁଫାକ୍‌ଚରଙ୍କ ମଧ୍ୟରେ ଦମ୍‌ରୋ ଏକ ପ୍ରମୁଖ ନାମ। ଏହା ଉଭୟ ଆଧୁନିକ ଏବଂ ପାରମ୍ପରିକ ରେଞ୍ଜର ଫର୍ନିଚର ଯୋଗାଣ କରୁଛି। ୧୯୮୬ରେ ଶ୍ରୀଲଙ୍କାରେ ସ୍ଥାପିତ ହୋଇଥିବା କମ୍ପାନୀ ଭାରତରେ ଏହାର ସ୍ଥିତିକୁ ଦୃଢୀକରଣ କରୁଛି। ଗ୍ରାହକଙ୍କୁ ଉଚ୍ଚ ଗୁଣବତ୍ତାଯୁକ୍ତ ଫର୍ନିଚର ସୁଲଭ ମୂଲ୍ୟରେ ଏହା ପ୍ରଦାନ କରୁଛି। ଘରଠାରୁ ଅଫିସ ଭଳି ବିଭିନ୍ନ ବର୍ଗରେ ଫର୍ନିଚର ପ୍ରଡକ୍ଟ ଏହା ପ୍ରଦାନ କରୁଛି। ଗ୍ରାହକ ସେବାକୁ ପ୍ରାଥମିକତା ଦେଉଥିବା କମ୍ପାନୀ ଭୁବନେଶ୍ୱର ବାପୁଜୀ ନଗରରେ ଏହାର ନୂଆ ଶୋ’ରୁମ ଖୋଲିଛି। କମ୍ପାନୀର ଉତ୍ତର ଏବଂ ପୂର୍ବାଞ୍ଚଳ ଜେନେରାଲ ମ୍ୟାନେଜର ସୁମନ ବାଇରୀ ଧରିତ୍ରୀକୁ ଦେଇଥିବା ସାକ୍ଷାତକାର...**



**◆ପରିବର୍ତ୍ତିତ ଫର୍ନିଚର ବଜାର ଟ୍ରେଣ୍ଡକୁ କେମିତି ଦେଖୁଛନ୍ତି?**

▶▶ଏବେ ଲୋକଙ୍କ ରୁଚିରେ ଢେର ପରିବର୍ତ୍ତନ ଆସିଛି। ବିଶେଷ କରି ଗତ ୧୦ ବର୍ଷ ମଧ୍ୟରେ ସଙ୍ଗଠିତ ଫର୍ନିଚର ବଜାରରେ ଅନେକ ବ୍ରାଣ୍ଡ ପ୍ରବେଶ କରିଛନ୍ତି। ସହରାଞ୍ଚଳରେ ଲୋକଙ୍କ ଜୀବନ ଶୈଳୀରେ ଦ୍ରୁତ ପରିବର୍ତ୍ତନ ହୋଇଛି। ଯୁବବର୍ଗଙ୍କ ଚାହିଦା ବୃଦ୍ଧି ଯୋଗୁ ଟ୍ରେଣ୍ଡରେ ଏବେ ପରିବର୍ତ୍ତନ ଆସିଛି। ଦେଶରେ ବୃହତ୍ ଜନସଂଖ୍ୟା ଥିବାରୁ ଏ କ୍ଷେତ୍ରରେ ଅଭିବୃଦ୍ଧିର ପର୍ଯ୍ୟାପ୍ତ ସୁଯୋଗ ରହିଛି।

**◆ଚାହିଦା ପୂରଣ ଦିଗରେ କ’ଣ ପଦକ୍ଷେପ ନେଉଛନ୍ତି?**

▶▶ଗ୍ରାହକଙ୍କ ଚାହିଦା ପୂରଣକୁ ସବୁବେଳେ ପ୍ରାଥମିକତା ଦେଇ ଆସିଛୁ। ଲୋକଙ୍କ ରୁଚିରେ ପରିବର୍ତ୍ତନ ଆସିଥିବାରୁ ସେହି ମୁତାବକ ପ୍ରଡକ୍ଟ ଡିଜାଇନ ହେଉଛି। ଗ୍ରାହକଙ୍କୁ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ, ସନ୍ତୁଷ୍ଟ ଗ୍ରାହକ, ଉନ୍ନତ ବିକ୍ରି ପରବର୍ତ୍ତୀ ସେବା ଯୋଗୁ ଦକ୍ଷିଣ ଏସିଆର ସର୍ବବୃହତ୍ତ ମାନୁଫାକଚରର ହୋଇପାରିଛୁ। ପ୍ରମୁଖ ଇ-କମର୍ସ ସାଇଟ୍ ସହ ମଲ୍ଟି ବ୍ରାଣ୍ଡ ଷ୍ଟୋର ନିଜର ସ୍ୱତନ୍ତ୍ର ପ୍ଲାଟଫର୍ମ ଦ୍ୱାରା ପ୍ରଡକ୍ଟ ଯୋଗାଣ ହେଉଛି।

**◆ଓଡିଶା ବଜାରକୁ ନେଇ କମ୍ପାନୀ କିଭଳି ଆଶାବାଦୀ?**

▶▶ଆମେ ଓଡିଶାରେ ପୂର୍ବରୁ ଉପସ୍ଥିତି ଜାହିର କରିଛୁ। ମାତ୍ର ଏହା କେବଳ ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ସୀମିତ ରହିଥିଲା। ବର୍ତ୍ତମାନ ବାପୁଜୀ ନଗରରେ ଦମ୍‌ରୋ ଏହାର ପ୍ରଥମ ସ୍ୱତନ୍ତ୍ର ଶୋ’ରୁମ ଶୁଭାରମ୍ଭ କରିଛି। ଏହା ଆମ ପାଇଁ ପାଇଲଟ ଶୋ’ରୁମ। ଆମ ପ୍ରଡକ୍ଟଗୁଡିକ ବିଭିନ୍ନ ବର୍ଗକୁ ଦେଖି ପ୍ରସ୍ତୁତ ହେଉଥିବାରୁ ଏହି ଶୋ’ରୁମ ଭଲ ରେସପନ୍ସ କରିବ ବୋଲି ଆଶା ରଖିଛୁ। ଓଡିଶାରେ ଭଲ ବ୍ୟବସାୟ ନେଇ ଆଶାବାଦୀ। ଏହା ଏକ ଅଭିବୃଦ୍ଧିଶୀଳ ବଜାର ହୋଇଥିବାରୁ ଆଗକୁ ଏଠାରେ ସମ୍ପ୍ରସାରଣ ନେଇ ଯୋଜନା ରହିଛି।

**◆କମ୍ପାନୀର ଉପସ୍ଥିତି ସମ୍ପର୍କରେ କ’ଣ କହିବେ?**

▶▶ଘରୋଇ ବଜାରରେ ଆମେ ବର୍ତ୍ତମାନ ଦକ୍ଷିଣ ଭାଗ ତଥା ପୂର୍ବାଞ୍ଚଳରେ ଉପସ୍ଥିତିକୁ ଦୃଢ କରିଛୁ। ବିଭିନ୍ନ ପ୍ରାଇସ୍ ରେଞ୍ଜରେ ଉତ୍ପାଦ ଗ୍ରାହକଙ୍କ ଲାଗି ଯୋଗାଇ ଦେଉଛୁ। ଆମ ପ୍ରଡକ୍ଟ ଶୃଙ୍ଖଳାରେ ପ୍ରାୟ ୪୦୦ରୁ ୫୦୦ ପ୍ରଡକ୍ଟ ସାମିଲ ରହିଛି। ଶୋ’ରୁମ ଗୁଡିକରେ ଗ୍ରାହକଙ୍କୁ ସହଜ ଫାଇନାନ୍ସ ସୁବିଧା ଦେଉଛୁ। ନିକଟରେ ପଶ୍ଚିମବଙ୍ଗରେ ୩ରୁ ୪ ଶୋ’ରୁମ ଖୋଲିବା ନେଇ ଯୋଜନା ରହିଛି। ଘରୋଇ ବଜାରରେ ୭୬ ଷ୍ଟୋର ରହିଛି। ସେହିଭଳି ଆଗାମୀ ୩ ମାସ ମଧ୍ୟରେ ଆମ ଶୋ’ରୁମ ସଂଖ୍ୟା ୧୦୦ ଛୁଇଁବ।

**◆ଅନ୍ୟ ବ୍ରାଣ୍ଡ ତୁଳନାରେ ଦମ୍‌ରୋକୁ କେମିତି ବିଚାର କରନ୍ତି?**

▶▶ଆମେ ସର୍ବଦା ଗ୍ରାହକଙ୍କୁ ଆମ ବ୍ରାଣ୍ଡ ସହ ଜଡିତ କରି ରଖିବାକୁ ପ୍ରୟାସ ଜାରି କରିଛୁ। ଶୋ’ରୁମକୁ ଆସି ସେମାନେ ଆମ ପ୍ରଡକ୍ଟଗୁଡିକୁ ଦେଖିବା ସହ ପସନ୍ଦ କରିପାରୁଛନ୍ତି। ଆମର ହୋମ୍ ଫର୍ନିଚର ସେଗ୍‌ମେଣ୍ଟ ଭଲ ପ୍ରଦର୍ଶନ କରୁଛି। ଉନ୍ନତ ସର୍ଭିସ ଯୋଗୁ ଆମେ ରିପିଟ୍ କଷ୍ଟମରଙ୍କୁ ଆମ ସହ ବାନ୍ଧି ରଖି ପାରିଛୁ। ବ୍ରାଣ୍ଡର ଏକ ଭଲ ପ୍ରତିଷ୍ଠା ରହିଛି। ଏହି ଧାରାକୁ ଜାରିରଖିବାଦିଗରେପ୍ରୟାସଜାରିରଖିଛୁ।

"କେବଳ କ୍ରିକେଟରେ ନୁହେଁ ଫୁଟବଲ ଏବଂ ଅନ୍ୟ କେତେକ କ୍ରୀଡ଼ାରେ କ୍ଲବ ସ୍ତରରେ ଭଲ ପ୍ରଦର୍ଶନ କରିଥିବା ଖେଳାଳି ବିଶ୍ୱକପ୍‌ରେ ବିଫଳ ହୋଇଛନ୍ତି।
–ଶ୍ରେୟାସ ଆୟାର, ଭାରତୀୟ କ୍ରିକେଟର



"ୱେଷ୍ଟଇଣ୍ଡିଜରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ଚାପକୁ ସମ୍ଭାଳିବା ଲାଗି ଭାରତୀୟ ମହିଳା କ୍ରିକେଟ ଦଳ ପ୍ରସ୍ତୁତ।
–ରମେଶ ପାୱାର, କୋଚ୍



## ସଂକ୍ଷେପରେ

### ଦୃଷ୍ଟିହୀନ କ୍ରିକେଟ ସିରିଜ୍ କ୍ଲିନ୍ ସୁଇପ୍ କଲା ଭାରତ

**କଲିକତା, ୨୭।୧୦ (ପି.ଟି.):** ଅନିଲ ଘରିୟା (୧୨୦ ରନ) ଓ ଦୀପକ ମଲିକ (୧୬୪*)ଙ୍କ ଶତକ ସହାୟତାରେ ଭାରତ ଦୃଷ୍ଟିହୀନ କ୍ରିକେଟ ଦଳ ୮ଉଇକେଟରେ ପ୍ରତିପକ୍ଷ ଶ୍ରୀଲଙ୍କାକୁ ପରାସ୍ତ କରିବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୩-୦ରେ ଜିତି ନେଇଛି। ଶନିବାର ଅନୁଷ୍ଠିତ ଏହି ମ୍ୟାଚରେ ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଚନ୍ଦନା ଦେଶପ୍ରିୟଙ୍କ ଅପରାଜିତ ୧୯୦ରନ ସହାୟତାରେ ୪୦ ଓଭରରେ ୪ ଉଇକେଟ ବିନିମୟରେ ୩୬୯ ରନ କରିଥିଲା। ଜବାବରେ ଭାରତ ୩୨ ବଲ୍ ବାକିଥାଇ ୨ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦେଶପ୍ରିୟ ଯିଏକି ଜଣେ ଶିକ୍ଷକ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚନା କରାଯାଇଥିଲା। ସଂକ୍ଷିପ୍ତ ସ୍କୋର: **ଶ୍ରୀଲଙ୍କା :** ୪୦ ଓଭରରେ ୩୬୯/୪ (ଚନ୍ଦନା ଦେଶପ୍ରିୟ-୧୯୦*, ସୁରଙ୍ଗ ସମ୍ପଥ-୮୪; ଅଜୟ ରେଡ୍ଡୀ-୨/୫୮)। **ଭାରତ:** ୩୪.୪ ଓଭରରେ ୩୭୦/୨ (ଦୀପକ ମଲିକ-୧୬୪*, ଅନିଲ ଘରିୟା-୧୨୦; ପାଥୁମ ସମନ କୁମାରା-୨/୭୦)।

### ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ଝାଡ଼ଖଣ୍ଡ ୨୯୭/୯

**କଟକ ଅଫିସ,୨୭।୧୦:** ଘରୋଇ ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ସନ୍‌ସାଇନ୍ ଗ୍ରାଉଣ୍ଡରେ ଶନିବାରଠାରୁ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଆରମ୍ଭ ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଝାଡ଼ଖଣ୍ଡ ପ୍ରଥମ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ୯ ଉଇକେଟ ବିନିମୟରେ ୨୯୭ ରନ୍ କରିଛି। ଝାଡ଼ଖଣ୍ଡ ପକ୍ଷରୁ ସରଣଦୀପ ସିଂ (୧୫୩) ଶତକୀୟ ଇନିଂସ୍ ଖେଳିଥିଲେ। ଏହାଛଡ଼ା ସୁଶାନ୍ତ ବର୍ମା ୩୬ ରନ୍, କୁମାର ଅଙ୍କିତ ୩୩ ରନ କରିଛନ୍ତି। ଓଡ଼ିଶା ପକ୍ଷରୁ ରମେଶ ମେଲକାଙ୍କୁ ୪ଟି, ଆଶୁତୋଷ ଛୁରିଆ ୨ଟି, ଶୋଭନ ଦେବ ବେହେରା ଓ ଯଜ୍ଞଜିତ ସାହୁ ଗୋଟିଏ ଲେଖାଏ ଉଇକେଟ ଦଖଲ କରିଛନ୍ତି। ରବିବାର ସକାଳୁ ଓଡ଼ିଶା ଖୁବଶୀଘ୍ର ଝାଡ଼ଖଣ୍ଡର ଅନ୍ତିମ ଉଇକେଟ ପତନ ଘଟାଇ ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି।

# ନଜରରେ ରହିବେ ଥମ୍ପସନ୍



ନୀରଜ ଚୋପ୍ରା



ଜେଫ୍ ଥମ୍ପସନ

**ଭୁବନେଶ୍ୱର, ୨୭।୧୦(ସ୍ପୋର୍ଟ୍ସ ବ୍ୟୁରୋ):** ଦୁଇଟି ଦୁଇଟି ମେଗା ଇଭେଣ୍ଟ ଆୟୋଜନ ପାଇଁ ଓଡ଼ିଶା ଏବେ ପ୍ରସ୍ତୁତ। ରାଜଧାନୀ ଭୁବନେଶ୍ୱରରେ ଗୋଟିଏ ମାସ ମଧ୍ୟରେ ହକି ବିଶ୍ୱକପ୍ ସହିତ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆୟୋଜନ ହେବ। ହକି ଓ କ୍ରୀଡ଼ା ସହିତ କ୍ରୀଡ଼ା ସମ୍ପର୍କିତ ସାହିତ୍ୟ ଏବଂ ସାମ୍ବାଦିକତାର ମଜା ନେବା ପାଇଁ କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ଉପନୀତ ହୋଇଛି। ନଭେମ୍ବର ୨ ଓ ୩ ତାରିଖରେ ଏହି ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆୟୋଜନ ହେବ ସ୍ଥାନୀୟ ହୋଟେଲ ମେ ଫେୟାର ଲାଗୁନ୍‌ରେ। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ହାଇପ୍ରୋଫାଇଲ ଇଭେଣ୍ଟ ଆୟୋଜନ ହେବ। ଏହା କେବଳ ଭାରତ ନୁହଁ ଏସିଆର ସର୍ବପ୍ରଥମ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ମାନ୍ୟତା ପାଇଛି। ତେଣୁ ଏହି ଇଭେଣ୍ଟରେ ଗୁରୁତ୍ୱ କେବଳ କ୍ରୀଡ଼ାପ୍ରେମୀଙ୍କ ପାଇଁ ନୁହେଁ ସାମ୍ବାଦିକତା ଓ ସାହିତ୍ୟ ଅନୁରାଗୀଙ୍କ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି।

ଏହି ମେଗା ଇଭେଣ୍ଟରେ ବିଶ୍ୱସ୍ତରୀୟ ସେଲିବ୍ରିଟି ମାନେ ଯୋଗଦେଇ ନିଜର ମତ ତଥା ବକ୍ତବ୍ୟ ରଖିବେ। ଏମାନଙ୍କ ମଧ୍ୟରେ ରହିଛନ୍ତି ସର୍ବାକାଳୀନ ଦ୍ରୁତତମ ବୋଲର ଭାବେ ମାନ୍ୟତା ପାଇଥିବା ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଜେଫେରୀ ରବର୍ଟ ଥମ୍ପସନ। କ୍ରିକେଟ ଜଗତରେ ସେ ଜେଫ୍ ଥମ୍ପସନ ବା 'ଥୋମୋ' ରୂପେ ବେଶ୍ ଜଣାଶୁଣା ଥିଲେ। କିମ୍ବଦନ୍ତୀ ଦ୍ରୁତ ବୋଲର ଡେନିସ ଲିଲିଙ୍କର ସେ ଓପିନଂ ପାର୍ଟନର ଥିଲେ। ଟେଷ୍ଟ କ୍ରିକେଟ ଇତିହାସରେ ଏହି ଯୋଡିଙ୍କୁ ସବୁଠାରୁ ବିପଜ୍ଜନକ ବିବେଚନା କରାଯାଉଥିଲା। ଟେଷ୍ଟ କ୍ରିକେଟ ବୋଲିଂ ଇତିହାସରେ ଥମ୍ପସନଙ୍କ ପ୍ରତିଭାକୁ ସମସ୍ତେ ସ୍ୱୀକାର କରିଥିଲେ।

ଅଷ୍ଟ୍ରେଲିଆର ନ୍ୟୁ ସାଉଥ ୱେଲ୍ସ ପ୍ରଦେଶର ଗ୍ରୀନାକ୍ରେରେ ଥମ୍ପସନ ୧୯୫୦ ଅଗଷ୍ଟ ୧୬ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଡାହାଣହାତୀ ଫାଷ୍ଟ ବୋଲର ଥମ୍ପସନ ୧୯୭୨ ଡିସେମ୍ବର ୨୯ ତାରିଖରେ ପାକିସ୍ତାନ ବିପକ୍ଷରେ ପଦାର୍ପଣ କରିଥିଲେ। ଥମ୍ପସନ ୫୧ଟି ଟେଷ୍ଟ ଓ ୫୦ ଦିନିକିଆ ମ୍ୟାଚ ଖେଳିଥିଲେ। ସେ ଟେଷ୍ଟରେ ୨୦୦ ଓ ଦିନିକିଆରେ ୫୦ଟି ଉଇକେଟ ହାସଲ କରିଥିଲେ। ସଫଳତା ଅପେକ୍ଷା ଦ୍ରୁତଗତିରେ ବୋଲିଂ କରିବାକୁନେଇ ସେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ନିଜ ପିତାଙ୍କଠାରୁ ସେ ଦ୍ରୁତ ବୋଲିଂ କରିବାର କଳା ଶିକ୍ଷା କରିଥିଲେ। ୧୯୭୫ ଡିସେମ୍ବରରେ ସେ ଡବ୍ଲ୍ୟୁଏସିଏରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ବୋଲିଂ କରିବା ବେଳେ ତାଙ୍କର ରିଲିଜ୍ ସ୍ପିଡ୍ ଥିଲା ଘଣ୍ଟା ପ୍ରତି ୧୬୦.୪୫ କିଲୋମିଟର। ଏହାଦ୍ୱାରା ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦ୍ରୁତ ଗତିରେ ବୋଲିଂ କରୁଥିବାରୁ ସେତେବେଳର ନାମକରା ବ୍ୟାଟ୍ସମ୍ୟାନମାନେ ମଧ୍ୟ ତାଙ୍କ ବଲକୁ ଖେଳିବାରେ ସମସ୍ୟର ସମ୍ମୁଖୀନ ହେଉଥିଲେ। ୧୯୭୯ରେ ଅଷ୍ଟ୍ରେଲିଆନ ଟେଲିଭିଜନ ଷ୍ଟେଶନ ଚ୍ୟାନେଲ ୯ ଦ୍ୱାରା ଆୟୋଜିତ ହୋଇଥିବା ଏକ ଦ୍ରୁତ ବୋଲିଂ ପ୍ରତିଯୋଗିତାରେ ଥମ୍ପସନ ବିଜୟୀ ହୋଇଥିଲେ। ସେତେବେଳର ଦ୍ରୁତତମ ବୋଲର ଆଣ୍ଡି ରବର୍ଟଙ୍କଠାରୁ ମଧ୍ୟ ସେ ଦ୍ରୁତ ବେଗରେ ବୋଲିଂ କରୁଥିଲେ। ରବର୍ଟଙ୍କ ଦ୍ରୁତତମ ବୋଲିଂ ରେକର୍ଡ ଥିଲା ଘଣ୍ଟପ୍ରତି ୧୫୦.୬୭ କିଲୋମିଟର । ତେବେ ତାଙ୍କର ସର୍ବାଧିକ ଗତି ଘଣ୍ଟାପ୍ରତି ୧୪୭.୯ ଥିଲା ବୋଲି ୧୯୭୫ରେ ଏକ ଅଧ୍ୟୟନରୁ ଜଣାପଡିଥିଲା। କେବଳ ଦ୍ରୁତଗତି ନୁହେଁ ଶାଣିତ ବୋଲିଂ ପାଇଁ ମଧ୍ୟ ସେ ସେତେବେଳେ ପ୍ରଶଂସିତ ହୋଇଥିଲେ। ଏତେ ଦ୍ରୁତବେଗରେ ବୋଲିଂ କରିବା ଆମେ କାହାକୁ ଦେଖି ନ ଥିଲୁ ବୋଲି ସେତେବେଳର ଜଣାଶୁଣା ବ୍ୟାଟ୍ସମ୍ୟାନମାନେ ମତ ରଖିଥିଲେ। କେବଳ ବୋଲିଂ ନୁହେଁ ତାଙ୍କ ବ୍ୟକ୍ତିତ୍ୱ ମଧ୍ୟ ବେଶ୍ ଆକର୍ଷଣୀୟ ଥିଲା। ୨୦୧୬ ଜାନୁୟାରୀ ୧୭ ତାରିଖରେ ତାଙ୍କୁ ଅଷ୍ଟ୍ରେଲିଆନ୍ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା। ଅସାଧାରଣ ପ୍ରତିଭା ଓ ବ୍ୟକ୍ତିତ୍ୱ ପାଇଁ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଲିଟେରାରି ଫେଷ୍ଟିଭାଲରେ ତାଙ୍କ ବକ୍ତବ୍ୟ ଅନ୍ୟମାନଙ୍କୁ ପ୍ରେରଣାଦାୟୀ ହେବ ବୋଲି କୁହାଯାଇପାରେ।

ଏହି ଉତ୍ସବରେ ଆଉଜଣେ ଯୁବ କ୍ରୀଡ଼ାବିତ୍ ଯୋଗ ଦେଇ ନିଜର ବକ୍ତବ୍ୟ ଉପସ୍ଥାପନା କରିବେ। ସେ ହେଉଛନ୍ତି ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା। ମାତ୍ର ୨୦ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ନୀରଜ ଜଣେ ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍‌ର ମାନ୍ୟତା ପାଇଛନ୍ତି ଓ ଜଣେ ହାଇପ୍ରୋଫାଇଲ ସେଲିବ୍ରିଟିର ମାନ୍ୟତା ପାଇଛନ୍ତି। ହରିୟାଣାର ପାନିପତ୍‌ରେ ଜନ୍ମଗ୍ରହଣ କରିଥିବା ନୀରଜ ଜୁନିୟରସ୍ତର ପ୍ରତିଯୋଗିତାରେ ଦମ୍‌ଦାର ପ୍ରଦର୍ଶନ କରି ଅସାଧାରଣ ସଫଳତା ହାସଲ କରିଛନ୍ତି। କୋଚ୍ ୟୁଏ ହୋନଙ୍କଠାରୁ ପ୍ରଶିକ୍ଷଣ ପାଇବା ପରେ ସେ ପଛକୁ ଫେରିଚାହିଁନାହାନ୍ତି। ଭାରତୀୟ ସେନାବାହିନୀରେ ଜଣେ ଜୁନିୟର କମିଶନ୍ଡ ଅଫିସର ଭାବେ କାର୍ଯ୍ୟକରୁଥିବା ନୀରଜ ୨୦୧୬ରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ସେ ୨୦୧୬ରେ ଗୁଆହାଟୀ/ ଶିଲଂରେ ଅନୁଷ୍ଠିତ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୧୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ୨୦୧୮ରେ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ମଧ୍ୟ ସେ ଆଶାନୁରୂପ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଇଭେଣ୍ଟରେ ସେ ୮୮.୦୬ ମିଟର ଜାଭେଲିନ ଫିଙ୍ଗି ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ନୀରଜଙ୍କ ଉପସ୍ଥିତି ଖାସ୍ କରି ଯୁବପିଢି ପାଇଁ ବେଶ୍ ମହତ୍ତ୍ୱ ରଖିବ। ତାଙ୍କ ବକ୍ତବ୍ୟ ଶିକ୍ଷଣୀୟ ହେବ।

EKAMRA SPORTS LITERARY FESTIVAL 2018

### ସ୍ଲେଜିଂ ହେବାରୁ ପଡ଼ିଆ ଛାଡ଼ିଲେ ୱାର୍ନର



**ସିଡ୍‌ନୀ, ୨୭।୧୦:** ଏଠାରେ ଖେଳାଯାଉଥିବା ସିଡ୍‌ନୀ ଗ୍ରେଡ୍ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆନ ଓପ୍‌ନର ଡେଭିଡ୍ ୱାର୍ନରଙ୍କୁ ସ୍ଲେଜିଂର ସମ୍ମୁଖୀନ ହେବାକୁ ପଡ଼ିଛି। ଏଥିଯୋଗୁ ସେ ଇନିଂସ୍ ମଝିରୁ ପଡ଼ିଆରୁ ଫେରିଯାଇଥିଲେ ବୋଲି ଶନିବାର ଏକ ରିପୋର୍ଟରେ ପ୍ରକାଶ ପାଇଛି। ରାନ୍‌ଡୱିକ ପିଟରଶାମ ପକ୍ଷରୁ ୱାର୍ନର ୩୦ ରନ୍ କରି ଖେଳୁଥିବାବେଳେ ପ୍ରତିପକ୍ଷ ଦଳର ବୋଲର ତାଙ୍କୁ ଉପହାସ କରିଥିଲେ। ଏ ନେଇ ବାମହାତୀ ଓପ୍‌ନର ଫିଲ୍ଲି ଅମ୍ପାୟରଙ୍କୁ ସୂଚିତ କରିବା ପରେ ପଡ଼ିଆରୁ ଫେରିଯାଇଥିଲେ। ଏହାପରେ ଦଳୀୟ ଖେଳାଳିମାନେ ବୁଝାଇବା ପରେ ୩୨ ବର୍ଷୀୟ ବ୍ୟାଟ୍ସମ୍ୟାନ ଫିଲ୍ଡକୁ ଫେରି ଅପରାଜିତ ଶତକ ମାରିଥିଲେ। ଏହି ମ୍ୟାଚ୍‌ରେ ସେ ୧୦୦ ରନ୍ କରି ଅପରାଜିତ ଥିଲେ। ଏହାକୁ ନେଇ ସୋସିଆଲ ମିଡିଆରେ ପ୍ରବଳ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କେତେକ ୱାର୍ନରଙ୍କୁ ସମର୍ଥନ କରିଥିବାବେଳେ ସମାଲୋଚନା ମଧ୍ୟ କରିଛନ୍ତି। ଉଲ୍ଲେଖଥାଉ କି, ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଓ ୱାର୍ନର ଦ. ଆଫ୍ରିକା ବିପକ୍ଷ ଟେଷ୍ଟରେ ବଲ୍ ଟ୍ୟାମ୍ପରିଂରେ ଜଡ଼ିତ ରହି ୧୨ ମାସ ଲାଗି ଅନ୍ତର୍ଜାତୀୟ ଓ ଜାତୀୟ କ୍ରିକେଟରୁ ବାସନ୍ଦ ହୋଇଛନ୍ତି।

## ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି: ଭାରତ-ପାକିସ୍ତାନ ଫାଇନାଲ

**ମସ୍କଟ, ୨୭।୧୦ (ପି.ଟି.):** ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟରେ ଗତଥରର ଚାମ୍ପିୟନ ଭାରତ ଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଭାରତ ୩-୨ ଗୋଲରେ ଜାପାନକୁ ହରାଇ ଫାଇନାଲ ଟିକେଟ ହାସଲ କରିଛି। ଟାଇଟଲ ପାଇଁ ଭାରତ ରବିବାର ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ପୂର୍ବରୁ ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ପେନାଲ୍ଟି ଶୁଟ୍‌ଆଉଟ୍ ଜରିଆରେ ପାକିସ୍ତାନ ୩-୧ ଗୋଲରେ ମାଲେସିଆକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚ୍ ୪-୪ ଗୋଲରେ ଅମୀମାଂସିତ ରହିବା ପରେ ପେନାଲ୍ଟି ଶୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା।

ମ୍ୟାଚ୍ ଆରମ୍ଭରୁ ଦ୍ୱିତୀୟ ମିନିଟ୍‌ରେ ଭାରତ ପେନାଲ୍ଟି କର୍ନର ସୁଯୋଗ ପାଇଥିଲେ ମଧ୍ୟ ହରମନପ୍ରୀତ ସିଂ ଏହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ଏହାପରେ ଭାରତ ଏକାଧିକବାର ଆକ୍ରମଣ କରିଥିଲେ ମଧ୍ୟ ପ୍ରଥମ କ୍ୱାର୍ଟରରେ ଗୋଲ ହୋଇପାରି ନ ଥିଲା। ୧୧ତମ ମିନିଟ୍‌ରେ ଜାପାନର ମାସୁମୋଟୋ ଆହତ ହୋଇ ଷ୍ଟ୍ରେଚର ଜରିଆରେ ପଡିଆ ବାହାରକୁ ଯାଇଥିଲେ। ୧୯ତମ ମିନିଟରେ ଗୁରଜନ୍ତ ସିଂ ଦମ୍‌ଦାର ଖେଳ ପ୍ରଦର୍ଶନ କରି ଏକ ସୁନ୍ଦର ଫିଲ୍ଡ ଗୋଲ ସ୍କୋର କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାର ଦୁଇ ମିନିଟ ପରେ ମିଳିଥିବା ଏକ ପେନାଲ୍ଟି କର୍ନରକୁ ଜାପାନର ୱାକରୁ ହିରୋଟିକା ଗୋଲରେ ପରିଣତ କରି ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ୨୬ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲେ ମଧ୍ୟ ଭାରତର କାଙ୍ଗୁଜାମ ଚିଙ୍ଗଲେନସାନା ଗୋଲରେ ପରିଣତ କରିପାରି ନ ଥିଲେ। ଫଳରେ ଦ୍ୱିତୀୟ କ୍ୱାର୍ଟରରେ ମ୍ୟାଚ ସ୍ଥିତି ୧-୧ ସମାନସ୍ତରରେ ରହିଥିଲା। ଏହାପରେ ୪୪ତମ ମିନିଟ୍‌ରେ ଚିଙ୍ଗଲେନସାନା ଗୋଲ ଦେଇ ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। ୫୫ତମ ମିନିଟରେ ଦିଲପ୍ରୀତ ସିଂ ଏକ ଅତି ସୁନ୍ଦର ଫିଲ୍ଡ ଗୋଲ ଦେଇ ଭାରତକୁ ୩-୧ରେ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାର ଗୋଟିଏ ମିନିଟ ପରେ ଜାପାନକୁ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଜେଣ୍ଡାନା ହିରୋଟକା ଗୋଲରେ ପରିଣତ କରି ମ୍ୟାଚ୍‌କୁ ୩-୨ ସ୍ଥିତିକୁ ଆଣି ଭାରତ ପ୍ରତି ବିପଦ ସୃଷ୍ଟି କରିଥିଲେ। ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ଅଗ୍ରଣୀ ବଜାୟ ରଖି ଭାରତ ଶେଷରେ ବାଜି ମାରି ଫାଇନାଲକୁ ଉଠିଥିଲା। ଭାରତ ଅବଶ୍ୟ ଏହି ମ୍ୟାଚ୍‌ରେ କେତୋଟି ସୁଯୋଗ ହାତଛଡ଼ା କରିଥିଲା। ଦଳର ପ୍ରଦର୍ଶନରେ କୋଚ ହରେନ୍ଦ୍ର ସିଂ ଖୁସି ଜାହିର କରିଛନ୍ତି।



ପଳାଶପଲ୍ଲୀସ୍ଥିତ ଓ.ଏ.ଡି. ହଲ୍‌ରେ ରାଜ୍ୟ ବଧିର କ୍ରୀଡ଼ା ସଂଘ ତରଫରୁ ଆୟୋଜିତ ଚେସ୍ ପ୍ରତିଯୋଗିତାକୁ ଶନିବାର ଅତିଥି ଉଦ୍‌ଘାଟନ କରୁଛନ୍ତି।

## ଇଣ୍ଡିଆ-ସି ଜିତିଲା ଦେଓଧର ଟ୍ରଫି

**ନୂଆଦିଲ୍ଲୀ, ୨୭।୧୦**

ଅଜିଙ୍କ୍ୟ ରାହାନେଙ୍କ ଦମ୍‌ଦାର ଶତକ ବଳରେ ଇଣ୍ଡିଆ-ସି ଦଳ ୨୯ ରନରେ ଇଣ୍ଡିଆ-ବି'କୁ ପରାସ୍ତ କରି ଦେଓଧର ଟ୍ରଫି ଚାମ୍ପିୟନ ହୋଇଛି। ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ହାଇସ୍କୋରିଂ ମ୍ୟାଚ୍‌ରେ ଟସ୍ ଜିତି ଇଣ୍ଡିଆ-ସି ୭ ଉଇକେଟ୍‌ରେ ୩୫୨ ରନର ଏକ ବିଶାଳ ସ୍କୋର କରିଥିଲା। ଅଧିନାୟକ ରାହାନେ ଓ ଯୁବ ଉଇକେଟକିପର ଇସାନ କିଶାନ ଓପନିଂ ଯୋଡ଼ିରେ ଦ୍ୱିଶତକୀୟ ଭାଗୀଦାରି କରି ଦଳକୁ ବୃହତ ସ୍କୋର ଅଭିମୁଖେ ନେଇଥିଲେ। କିଶାନ ୮୭ ବଲରୁ ୧୧ ଚୌକା ଓ ୬ ଛକା ସହାୟତାରେ ୧୧୪ ରନ କରି ପ୍ରଥମ ଖେଳାଳି ଭାବେ ଆଉଟ୍ ହୋଇଥିଲେ। କିନ୍ତୁ ଅନ୍ୟପଟେ ରାହାନେ ୧୪୪ ରନ୍ (୯ ଚୌକା, ୩ ଛକା) କରି ଅପରାଜିତ ରହିଥିଲେ। ଜୟଦେବ ଉନାଡକଟ ୩ଟି ଉଇକେଟ୍ ନେଇଥିଲେ। ଜବାବରେ ଇଣ୍ଡିଆ-ବି ଆୟାରଙ୍କ ଶତକ ସତ୍ତ୍ୱେ ୨୯ ରନ ପଛରେ ରହିଯାଇଥିଲା। ଦଳ ୪୬.୧ ଓଭରରେ ୩୨୩ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଆୟାର ୧୧୪ ବଲରୁ ୧୪୮ ରନ (୧୧ ଚୌକା, ୮ ଛକା) କରିଥିଲେ।



ଟ୍ରଫି ସହ ଚାମ୍ପିୟନ୍ ଇଣ୍ଡିଆ-ସି ଦଳ।

### ପୁଣି କମାଲ କଲେ ପପୁ

ଇଣ୍ଡିଆ-ସି ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ବାମହାତୀ ସ୍ପିନର ପପୁ ରାୟ ପୁଣି ନିଜର କମାଲ ଦେଖାଇଛନ୍ତି। ଫାଇନାଲରେ ପପୁ ଇଣ୍ଡିଆ-ବି ଦଳର ୩ ଜଣ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇ ଦଳକୁ ଚାମ୍ପିୟନ କରାଇବାରେ ସହାୟତା କରାଇଥିଲେ। ଦୁଇ ସେଟ୍ ବ୍ୟାଟ୍ସମ୍ୟାନ ଗାଏକୱାଡ (୬୦ ରନ) ଓ ଅଙ୍କୁଶ ବୈଂଶ (୩୭)ଙ୍କ ସମେତ ହନୁମା ବିହାରୀ (୮) ପପୁଙ୍କ ଶିକାର ବନିଥିଲେ। ପପୁ ନିଜ ୧୦ ଓଭର ସ୍ପେଲରେ ୭୫ ରନ ବ୍ୟୟ କରିଥିଲେ। ପୂର୍ବରୁ ପପୁ ପ୍ରଥମ ମ୍ୟାଚ୍‌ରେ ମଧ୍ୟ ୩ଟି ଉଇକେଟ୍ ନେଇଥିଲେ ମଧ୍ୟ ୨ୟ ମ୍ୟାଚ୍‌ରେ ତାଙ୍କୁ ଖେଳିବାର ସୁଯୋଗ ମିଳି ନ ଥିଲା। ଟୁର୍ନାମେଣ୍ଟରେ ପପୁ ୨ଟି ମ୍ୟାଚ୍‌ରୁ ୬ଟି ଉଇକେଟ୍ ପାଇ ଜାତୀୟ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଛନ୍ତି।

## ପାକିସ୍ତାନକୁ ଦ୍ୱିତୀୟ ଟାଇଟଲ

ହକି ବିଶ୍ୱକପ୍



ଆଉ ୨୯ ଦିନ

ହକି ବିଶ୍ୱକପ୍‌ର ଚତୁର୍ଥ ସଂସ୍କରଣ ଆୟୋଜନ ହୋଇଥିଲା ୧୯୭୮ ମସିହାରେ। ଆର୍ଜେଣ୍ଟିନାର ବୁଏନ୍ସ ଆରିଜ୍‌ରେ ଅନୁଷ୍ଠିତ ଏହି ବିଶ୍ୱକପ୍‌ରେ ପାକିସ୍ତାନ ଚାମ୍ପିୟନ ହୋଇଥିଲା। ଏଥସହ ପାକିସ୍ତାନ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଥିଲା। ଟାଇଟଲ ପାଇଁ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ପାକିସ୍ତାନ ୩-୧ ଗୋଲରେ ନେଦରଲାଣ୍ଡକୁ ପରାସ୍ତ କରିଥିଲା। ଏହି ବିଶ୍ୱକପ୍‌ରେ ୧୪ଟି ଦଳ ଅଂଶଗ୍ରହଣ କରିଥିଲେ। ଆୟୋଜକ ଆର୍ଜେଣ୍ଟିନା ଅଷ୍ଟମସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ତେବେ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୪-୩ ଗୋଲରେ ପଶ୍ଚିମ ଜର୍ମାନୀକୁ ପରାସ୍ତ କରିଥିଲା। ବୁଏନ୍ସ ଆରିଜ୍‌ର କାମ୍ପୋ ଡି ପୋଲୋରେ ବିଶ୍ୱକପ୍‌ର ମ୍ୟାଚଗୁଡ଼ିକ ଖେଳାଯାଇଥିଲା। ସେମିଫାଇନାଲରେ ପାକିସ୍ତାନ ୧-୦ ଗୋଲରେ ପଶ୍ଚିମ ଜର୍ମାନୀକୁ ପରାସ୍ତ କରିଥିଲା। ସେହିପରି ଅନ୍ୟ ଏକ ସେମିଫାଇନାଲରେ ନେଦରଲାଣ୍ଡ ୩-୨ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଏହି ବିଶ୍ୱକପ୍‌ରେ ଭାରତର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନ ଥିଲା। ପଞ୍ଚମ ଓ ଷଷ୍ଠସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୨-୦ ଗୋଲରେ ସ୍ପେନ୍‌ଠାରୁ ପରାସ୍ତ ହୋଇଥିଲା। ଫଳରେ ଭାରତକୁ ଷଷ୍ଠ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ପୁଲ ଏ'ରେ ଭାରତ ସମେତ ଅଷ୍ଟ୍ରେଲିଆ, ପଶ୍ଚିମ ଜର୍ମାନୀ, ଇଂଲଣ୍ଡ, ପୋଲାଣ୍ଡ, କାନାଡ଼ା ଓ ବେଲଜିୟମ ସ୍ଥାନ ପାଇଥିଲେ। ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ କାନାଡ଼ାଠାରୁ ୩-୧ ଗୋଲରେ ପରାସ୍ତ ହୋଇଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୨-୦ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଥିଲା। ତୃତୀୟ ମ୍ୟାଚ୍‌ରେ ଭାରତ ୭-୦ ଗୋଲରେ ପଶ୍ଚିମ ଜର୍ମାନୀଠାରୁ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ଇଂଲଣ୍ଡ ବିପକ୍ଷ ଚତୁର୍ଥ ମ୍ୟାଚ୍‌ରେ ଭାରତ ୧-୧ ଗୋଲରେ ମ୍ୟାଚ୍ ଅମୀମାଂସିତ ରଖିଥିଲା। ଶେଷରେ ଅନ୍ତିମ ପୁଲ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୧-୦ ଗୋଲରେ ବେଲଜିୟମକୁ ହରାଇଥିଲା। ପୁଲ ଏ'ରେ ଅଷ୍ଟ୍ରେଲିଆ ସଫଳତମ ଦଳ ସାବ୍ୟସ୍ତ ହୋଇଥିଲା। ଅଷ୍ଟ୍ରେଲିଆ ୬ଟି ମ୍ୟାଚ୍ ଖେଳି ୫ଟି ବିଜୟ ଓ ଗୋଟିଏ ପରାଜୟ ସହ ୧୦ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ଭାରତ ୬ଟି ମ୍ୟାଚ୍ ଖେଳି ୩ଟି ବିଜୟ ଗୋଟିଏ ଡ୍ର ଓ ଦୁଇଟି ପରାଜୟ ସହ ୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲା। ପଶ୍ଚିମ ଜର୍ମାନୀ ୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଅପରପକ୍ଷରେ ପୁଲ୍ ବି'ରେ ଆୟୋଜକ ଆର୍ଜେଣ୍ଟିନା ସମେତ ପାକିସ୍ତାନ, ନେଦରଲାଣ୍ଡ, ସ୍ପେନ, ମାଲେସିଆ, ଆୟର୍ଲାଣ୍ଡ, ଇଟାଲୀ ସାମିଲ ରହିଥିଲେ। ପାକିସ୍ତାନ ୬ଟି ମ୍ୟାଚ୍ ଖେଳି ୬ଟି ବିଜୟ ସହ ମୋଟ ୧୨ ପଏଣ୍ଟ ପାଇ ପୁଲ୍ ଶୀର୍ଷରେ ରହିଥିଲା। ସେହିପରି ନେଦରଲାଣ୍ଡ ୬ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୧ ପରାଜୟ ସହ ୧୦ ପଏଣ୍ଟ ପାଇଁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଅନ୍ୟପଟେ ସ୍ପେନ୍ ୬ଟି ମ୍ୟାଚ୍ ଖେଳି ୩ ବିଜୟ ଗୋଟିଏ ଡ୍ର ଓ ଦୁଇଟି ପରାଜୟ ସହ ୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲା। ନେଦରଲାଣ୍ଡର ପଲ୍ ଲିଟିଜେନ୍ସ ସଫଳତମ ଖେଳାଳି ସାବ୍ୟସ୍ତ ହୋଇଥିଲେ। ସେ ଏହି ବିଶ୍ୱକପ୍‌ରେ ସର୍ବାଧିକ ୧୫ଟି ଗୋଲ ସ୍କୋର କରିଥିଲେ।



DSPL-223
ODISHA INDIA'S BEST KEPT SECRET. BEATS FOR HOCKEY. ODISHA HOCKEY MEN'S WORLD CUP BHUBANESWAR 2018. OMC. HOCKEY INDIA. nswis
#HWC2018 #Odisha2018
29001/13/0051/1819
ଓଡିଶା - ନିୟୁ ସାଉଥ୍ ୱେଲ୍ସ୍ ହକି ସିରିଜ୍
ଓଡିଶା ଏକାଦଶ ବନାମ୍ ନିୟୁ ସାଉଥ୍ ୱେଲ୍ସ୍ ଏକାଦଶ
କଳିଙ୍ଗ ହକି ଷ୍ଟାଡିୟମ
୧ ନଭେମ୍ବର ୨୦୧୮, ସନ୍ଧ୍ୟା ଘ ୬ ଟିକା
ନିଃଶୁଳ୍କ ପ୍ରବେଶ
ସୀମିତ ଉପଲବ୍ଧ
ପାସ୍ ଉପଲବ୍ଧ ସ୍ଥାନ ଓ ସମୟ:
୨୭-୩୧ ଅକ୍ଟୋବର, ସକାଳ ୧୦ ଘଟିକା- ସନ୍ଧ୍ୟା ୫ ଘଟିକା । ଗେଟ୍ ନଂ ୪, କଳିଙ୍ଗ ଷ୍ଟାଡିୟମ
Sports_odisha f sports.odisha www.hockey.sportsodisha.gov.in


**ସଂକ୍ଷେପରେ**

## ସିନ୍ଧୁ, କିଡାମ୍ବିଙ୍କ ଅଭିଯାନ ଶେଷ

**ପ୍ୟାରିସ,୨୭।୧୦(ପି.ଟି.):** ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀୟ ଖେଳାଳି ପି. ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ପରାଜୟ ସହ ଅଭିଯାନ ଶେଷ କରିଛନ୍ତି। ସମସ୍ତ ଖେଳାଳି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ମଧ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହେବାରେ ବିଫଳ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗର ଡିପେଣ୍ଡିଂ ଚାମ୍ପିୟନ ଶ୍ରୀକାନ୍ତ ୧୬-୨୧, ୧୯-୨୧ ଗେମ୍‌ରେ ବିଶ୍ୱର ନଂ ୧ ଖେଳାଳି କେଣ୍ଟୋ ମୋମୋଟାଙ୍କଠାରୁ ହାରି ଯାଇଛନ୍ତି। ଜାପାନିଜ ଖେଳାଳିଙ୍କ ବିପକ୍ଷରେ ଏହା ଶ୍ରୀକାନ୍ତଙ୍କ କ୍ରମାଗତ ୫ମ ପରାଜୟ। ଗତ ସପ୍ତାହରେ ଡେନମାର୍କ ଓପନ ସେମିଫାଇନାଲରେ ମଧ ସମାନ ଖେଳାଳିଙ୍କଠାରୁ ପରାଜିତ ହୋଇଥିଲେ। ରିଓ ଅଲିମ୍ପିକ୍ ରୌପ୍ୟ ପଦକଧାରୀ ସିନ୍ଧୁଙ୍କୁ ୧୩-୨୧, ୧୬-୨୧ ଗେମ୍‌ରେ ଚାଇନାର ହେ ବିଙ୍ଗଜିଆଓ ପରାସ୍ତ କରିଛନ୍ତି। ସିନ୍ଧୁ କ୍ରମାଗତ ୨ୟ ଥର ଲାଗି ଚାଇନିଜ୍ ଖେଳାଳିଙ୍କଠାରୁ ପରାଜିତ ହୋଇଛନ୍ତି। ଏଥିପୂର୍ବରୁ ସାଇନାଙ୍କୁ ୨୦-୨୨, ୧୧-୨୧ ଗେମ୍‌ରେ ତାଇ ଜୁ ୟିଙ୍ଗ ପରାସ୍ତ କରିଛନ୍ତି। ଚାଇନିଜ୍ ଖେଳାଳିଙ୍କ ବିପକ୍ଷରେ ଏହା ଥିଲା ସାଇନାଙ୍କ କ୍ରମାଗତ ୧୨ତମ ପରାଜୟ। କିନ୍ତୁ ସାତ୍ୱିକରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ପୁରୁଷ ଡବଲ୍ସ ଯୋଡ଼ି ଟୁର୍ନାମେଣ୍ଟର ସେମି ପର୍ଯ୍ୟାୟରେ ପ୍ରବେଶ କରି ଭାରତର ଅଭିଯାନ ଜାରି ରଖିଛନ୍ତି। ସାତ୍ୱିକ ଓ ଚିରାଗ ୨୧-୧୭, ୨୧-୧୧ ଗେମ୍‌ରେ ଅନ୍ୟତମ ଭାରତୀୟ ଖେଳାଳି ମନୁ ଅତ୍ରି ଓ ସୁମିଥ ରେଡ୍ଡୀଙ୍କୁ ପରାସ୍ତ କରିଛନ୍ତି।

# କୋହଲିଙ୍କ ଶତକ ବେକାର

**ପୁଣେ, ୨୭।୧୦(ପି.ଟି.)**

ଅଧିନାୟକ ବିରାଟ କୋହଲି ଦମ୍‌ଦାର ପ୍ରଦର୍ଶନ କରି ଚଳିତ ଦିନିକିଆ ସିରିଜରେ କ୍ରମାଗତ ତୃତୀୟ ଶତକ ହାସଲ କରିଥିଲେ ମଧ ଭାରତକୁ ଜିତାଇପାରି ନାହାନ୍ତି। ତୃତୀୟ ଦିନିକିଆରେ ଭାରତ ୪୩ ରନରେ ୱେଷ୍ଟଇଣ୍ଡିଜ୍‌ଠାରୁ ପରାସ୍ତ ହୋଇଛି। ଏଥିସହ ଚଳିତ ଭାରତ ଗସ୍ତରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ପ୍ରଥମ ବିଜୟର ସ୍ୱାଦ ଚାଖିଛି। ଟେଷ୍ଟ ସିରିଜ୍‌ରେ ୨–୦ରେ ପରାସ୍ତ ହେବା ପରେ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌ରେ ମଧ ୱେଷ୍ଟଇଣ୍ଡିଜ ପରାସ୍ତ ହୋଇଥିଲା। ଦ୍ୱିତୀୟ ଦିନିକିଆ ମ୍ୟାଚ୍ ରୋମାଞ୍ଚକ ଢଙ୍ଗରେ ଟାଇ ହୋଇଥିଲା। ତେବେ ତୃତୀୟ ଦିନିକିଆରେ ତ୍ରୁଟି ସୁଧାରି

### ଭାରତ ୪୩ ରନରେ ପରାସ୍ତ

ୱେଷ୍ଟଇଣ୍ଡିଜ ଶୃଙ୍ଖଳିତ ପ୍ରଦର୍ଶନ କରିବା ସହ ବାଜି ମାରିଛି। ଶନିବାର ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୪୩ ରନରେ ଭାରତକୁ ପରାସ୍ତ କରିଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧–୧ ସମାନସ୍ତରରେ ପହଞ୍ଚିଛି। ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୮୩ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୭.୪ ଓଭରରେ ୨୪୦ ରନ କରି ଅଲଆଉଟ ହେବା ସହ ପରାଜୟ ବରଣ କରିଛି। ୨ ଉଇକେଟ ନେଇ ଦ୍ରୁତ ୪୦ ରନ ସଂଗ୍ରହ କରିଥିବା ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଆଶେଲେ ନର୍ସ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୮୪ ରନ ଟାର୍ଗେଟର ପିଛା କରି ଭାରତ ଅଧିନାୟକ କୋହଲିଙ୍କ ଶତକ ସତ୍ତ୍ୱେ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ବିଜୟଠାରୁ ୪୪ ରନ ଦୂରରେ ରହିଯାଇଥିଲା। କୋହଲି ୧୧୯ଟି ବଲ ଖେଳି ୧୦ ଚୌକା ଓ ୧ ଛକା ସହ ୧୦୭ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଏଥିସହିତ କୋହଲି ପ୍ରଥମ ଭାରତୀୟ ଭାବେ ଦିନିକିଆରେ କ୍ରମାଗତ ତିନୋଟି ଶତକ ହାସଲ କରିଛନ୍ତି। ତେବେ ଅନ୍ୟମାନେ ବିଫଳ ହୋଇଥିଲେ ଓ କୋହଲିଙ୍କୁ ଉପଯୁକ୍ତ ସହାୟତା ମିଳି ନ ଥିଲା। ଆରମ୍ଭରୁ ଓପନର ରୋହିତ ଶର୍ମାଙ୍କ ଉଇକେଟ ହରାଇ ଭାରତ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ରୋହିତ ୮ ରନ କରି ଆଉଟ ହୋଇଥିଲେ। ତେବେ ଦ୍ୱିତୀୟ ଉଇକେଟ ଯୋଡିରେ କୋହଲି ଓ ଶିଖର ଧାୱନ ୭୯ ରନ କରି ସ୍ଥିତି ସମ୍ଭାଳିଥିଲେ। ଏହାପରେ ଧାୱନ ୩୫ ରନ କରି ଆଉଟ ହୋଇଥିଲେ। ଅମ୍ବାତି ରାୟୁଡୁ ୨୨, ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୨୪, ଭୁବନେଶ୍ୱର କୁମାର ୧୦ରନ କରି ଆଉଟ ହୋଇଥିବା ବେଳେ କୁଳଦୀପ ଯାଦବ ୧୫ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଲୟରେ ନ ଥିବା ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୭, ଯୁଜବେନ୍ଦ୍ର ଚହଲ ୩, ଖଲିଲ ଅହମ୍ମଦ ୩ ରନ କରି ଆଉଟ ହୋଇଥିବା ବେଳେ ଯଶପ୍ରୀତ ବୁମ୍‌ରା ଖାତା ଖୋଲିପାରି ନ ଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ମାର୍ଲନ ସାମୁଏଲ୍ସ ସର୍ବାଧିକ ୩, ଜାସନ ହୋଲ୍ଡର, ଓବେଡ ମ୍ୟାକକୋଏ, ଆଶଲେ ନର୍ସ ୩ଟି ଲେଖାଏ ଓ କେମର ରୋଚ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲେ ମଧ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଥିଲା। ୫୫ ରନରେ ୩ ଉଇକେଟ ହରାଇ ସମସ୍ୟାରେ ପଡିଥିଲା। ତେବେ ଉଇକେଟ କିପର ବ୍ୟାଟ୍ସମ୍ୟାନ ସାଇ ହୋପ୍ ୯୫ ରନର ଲଢୁଆ ପାଳି ଖେଳି ସ୍ଥିତି ସମ୍ଭାଳିଥିଲେ। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶିମରନ ହେଟମେର ୩୭, ଅଧିନାୟକ ଜାସନ ହୋଲ୍ଡର ୩୨ ଓ ନିମ୍ନକ୍ରମରେ ଆଶଲେ ନର୍ସ ୨୨ ବଲରୁ ୪ ଚୌକା ଓ ୨ ଛକା ସହ ଦ୍ରୁତ ୪୦ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର କିରନ ପାୱେଲ ୨୧, ଚନ୍ଦରପଲ ହେମରାଜ ୧୫, ମାର୍ଲନ ସାମୁଏଲ୍ସ ୯ ରନ କରି ଆଉଟ ହୋଇଥିଲେ। କେମର ରୋଚ ୧୫ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରା ସର୍ବାଧିକ ୪, କୁଳଦୀପ ଯାଦବ ୨, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।


ଶତକୀୟ ଇନିଂସ୍ ଅବସରରେ ଶର୍ଟ ଖେଳୁଛନ୍ତି ବିରାଟ କୋହଲି।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍ ୫୦ ଓଭରରେ ୨୮୩/୯
(ହୋପ୍- ୯୫, ନର୍ସ- ୪୦, ହେଟମେର- ୩୭, ହୋଲ୍ଡର- ୩୨, ବୁମ୍‌ରା- ୪/୩୫, କୁଲଦୀପ- ୨/୫୨)।
ଭାରତ ୪୭.୪ ଓଭରରେ ୨୪୦ ଅଲ୍‌ଆଉଟ୍
(କୋହଲି- ୧୦୭, ଧାୱନ- ୩୫, ପନ୍ତ- ୨୪, ରାୟୁଡୁ- ୨୨, ସାମୁଏଲ୍ସ- ୩/୧୨, ନର୍ସ- ୨/୪୩, ମ୍ୟାକକୋଏ- ୨/୩୮, ହୋଲ୍ଡର- ୨/୪୬)।

## କ୍ରିସ୍ ବ୍ରଡ୍‌ଙ୍କ ତ୍ରିଶତକ

**ପୁଣେ, ୨୭।୧୦ (ପି.ଟି.):** ଶନିବାର ଭାରତ ବନାମ ୱେଷ୍ଟଇଣ୍ଡିଜ ତୃତୀୟ ଅନ୍ତର୍ଜାତୀୟ ଦିନିକିଆରେ ଟସ୍ ପକାଇ କ୍ରିସ୍ ବ୍ରଡ ଏକ ବିରଳ ମାଇଲଖୁଣ୍ଟ ହାସଲ କରିଛନ୍ତି। ୩୦୦ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚରେ ଅଫିସିଆଲ ଭାବେ ଦାୟିତ୍ୱ ନିର୍ବାହ କରିବାରେ ଆଇସିସି (ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ) ଏଲିଟ୍ ପ୍ୟାନେଲ ଅଫ୍ ମ୍ୟାଚ ରେଫରିଜ୍‌ର ଦ୍ୱିତୀୟ ସଦସ୍ୟ ହେବାର ଗୌରବ ଅର୍ଜନ କରିଛନ୍ତି। ଇଂଲଣ୍ଡର ଏହି ରେଫରି ଶ୍ରୀଲଙ୍କାର ରଞ୍ଜନ ମଦୁଗଲେଙ୍କଠାରୁ ଆହୁରି ୩୭ ଅନ୍ତର୍ଜାତୀୟ ଦିନିକିଆ ପଛରେ ରହିଛନ୍ତି। ମଦୁଗଲେ କରାଚୀଠାରେ ଏକ ଅନ୍ତର୍ଜାତୀୟ ଦିନିକିଆରେ ପ୍ରଥମେ ରେଫରି ଭାବେ କାର୍ଯ୍ୟ କରିଥିଲେ। ଏହାର ୧୧ ବର୍ଷ ପରେ ବ୍ରଡ ୨୦୦୪ରେ ଅକ୍‌ଲାଣ୍ଡଠାରେ ଜଣେ ଅଫିସିଆଲ ଭାବେ ଅନ୍ତର୍ଜାତୀୟ ଦିନିକିଆରେ ପଦାର୍ପଣ କରିଥିଲେ। ଅଧିକ ମ୍ୟାଚ ପରିଚାଳନା କରିଥିବା ରେଫରି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି ନ୍ୟୁଜିଲାଣ୍ଡର ଜେଫ୍ କ୍ରୋ (୨୭୦ ଅନ୍ତର୍ଜାତୀୟ ଦିନିକିଆ)। ଭାରତର ପୂର୍ବତନ ଫାଷ୍ଟ ବୋଲର ଜାଭାଗଲ ଶ୍ରୀନାଥ ୨୧୨ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ପରିଚାଳନା କରିଛନ୍ତି। ରୋଶନ ମହାନାମା ୨୨୨ଦିନିକିଆରେ ରେଫରି ଭାବେ କାର୍ଯ୍ୟକରିବା ପରେ ୨୦୧୫ରେ ଅବସର ନେଇଛନ୍ତି। ବ୍ରଡ୍ ଏପର୍ଯ୍ୟନ୍ତ ୯୮ ଟେଷ୍ଟ ମ୍ୟାଚ ପରିଚାଳନା କରିସାରିଛନ୍ତି। ୨୦୧୯ ମାର୍ଚ୍ଚରେ ୱେଲିଂଟନଠାରେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ପରେ ସେ ୧୦୦ ଟେଷ୍ଟ ମ୍ୟାଚ ପରିଚାଳନା ସହ ମଦୁଗଲେଙ୍କ ପରେ ଦ୍ୱିତୀୟ ବ୍ୟକ୍ତି ଭାବେ ବିରଳ ଡବଲ ସଫଳତା ହାସଲ କରିବେ। ବ୍ରଡ ଆହୁରି ମଧ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ପରିଚାଳନା କ୍ଷେତ୍ରରେ ମଦୁଗଲେଙ୍କଠାରୁ (୯୨–୮୯) ଅଳ୍ପ ବ୍ୟବଧାନରେ ପଛୁଆ ରହିଛନ୍ତି।

■ ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନ୍‌ଶିପ୍

## ଭାରତ-ହଂକଂ ସେମିଫାଇନାଲ


ଏସିଆ ରଗ୍‌ବୀ ସେଭେନ୍ସରେ ଶନିବାର ଅନୁଷ୍ଠିତ ଭାରତ–ବାଂଲାଦେଶ ମ୍ୟାଚ୍।

**ଭୁବନେଶ୍ୱର,୨୭।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ଆୟୋଜକ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। କ୍ରମାଗତ ତୃତୀୟ ବିଜୟ ହାସଲ କରି ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପୁଣି କ୍ୱାର୍ଟର ଫାଇନାଲରେ ଭାରତ ୩୧–୦ରେ କାତାରକୁ ହରାଇ ସେମିଫାଇନାଲକୁ ଉଠିଛି। ରବିବାର ସେମିଫାଇନାଲରେ ଭାରତ ହଂକଂକୁ ଭେଟିବ। ଶୁକ୍ରବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ୨୨–୫ ବ୍ୟବଧାନରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)କୁ ହରାଇଥିଲା। ଶନିବାର ଭାରତ ପ୍ରଥମେ ବାଂଲାଦେଶ ଓ ପରେ ଶ୍ରୀଲଙ୍କାକୁ ହରାଇଛି। ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍‌ରେ ଭାରତ ସମ୍ପୂର୍ଣ୍ଣରୂପେ ଆଧିପତ୍ୟ ବିସ୍ତାର କରି ଖେଳିବା ସହ ୮୯–୦ ବ୍ୟବଧାନରେ ବାଂଲାଦେଶକୁ ହରାଇଥିଲା। ଏହି ମ୍ୟାଚ୍‌ରେ ବାଂଲାଦେଶ ଏକ ପ୍ରକାର ଆତ୍ମସମର୍ପଣ କରିଥିଲା। ଦ୍ୱିତୀୟ ଦିନର ଅଷ୍ଟମ ମ୍ୟାଚ୍‌ରେ ଭାରତ ୨୪–୧୫ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା।

## ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟିଟି: ଶ୍ୱେତପଦ୍ମାଙ୍କୁ ୩ ଟାଇଟଲ

**ଭୁବନେଶ୍ୱର, ୨୭।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଖୋର୍ଦ୍ଧା ଜିଲା ଟେବୁଲଟେନିସଆସୋସିଏଶନ(କେଡିଟିଟିଏ)ଆନୁକୂଲ୍ୟରେ ଶହୀଦ ନଗର ଇନ୍‌ଡୋର ହଲ୍‌ରେ ଚାଲିଥିବା ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ପ୍ରତିଯୋଗିତାର ୨ୟ ଦିବସରେ ଶ୍ୱେତପଦ୍ମା ଦଳାଇଙ୍କୁ ୩ଟି ଟାଇଟଲ ମିଳିଛି। ଭୁବନେଶ୍ୱର ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରୀ ଶ୍ୱେତପଦ୍ମା କ୍ୟାଡେଟ୍ ବାଳିକା, ସବ୍–ଜୁନିୟର ବାଳିକା ଓ ଜୁନିୟର ବାଳିକାରେ ଚାମ୍ପିୟନ ହୋଇଛନ୍ତି। କ୍ୟାଡେଟ୍ ବାଳିକା ଫାଇନାଲରେ ଶ୍ୱେତପଦ୍ମା ୩–୦ରେ କଟକର ସ୍ୱସ୍ତିକା ଅଧବରଙ୍କୁ ହରାଇଛନ୍ତି। ସେହିଭଳି ସବ୍–ଜୁନିୟର ଫାଇନାଲରେ ଶ୍ୱେତପଦ୍ମା ୪–୦ରେ ଆୟୋଜକ କେଡିଟିଟିଏର ସୁଶ୍ରୀ ପଟ୍ଟନାୟକ ଏବଂ ଜୁନିୟର ବାଳିକାରେ ଫାଇନାଲରେ ମଧ ସେହି ସୁଶ୍ରୀଙ୍କୁ ୪–୨ରେ ମାତ୍ ଦେଇ ଟ୍ରଫି ହାସଲ କରିଥିଲେ। କ୍ୟାଡେଟ୍ ବାଳକରେ କଟକର ଆୟନ ମୁସ୍ତାକ, ସବ୍–ଜୁନିୟର ବାଳକ ଓ ଜୁନିୟର ବାଳକରେ କଟକର ସାହିଲ କୁମାର ଭୂୟାଁ ଚାମ୍ପିୟନ ହୋଇଛନ୍ତି। ସୁରେଶ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ ଚାମ୍ପିୟନ ପ୍ରଦୀପ କୁମାର ସାମନ୍ତରାୟ, ସ୍ମୃତିରଞ୍ଜନ ଦାସ, ଶଶାଙ୍କ ମହାପାତ୍ର, ବିଜନ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ରାଧାରମଣଙ୍କୁ ଆଇ-ଲିଗ୍ ୨ୟ ଡିଭିଜନ ଟିକେଟ

**କଟକ ଅଫିସ,୨୭।୧୦**

ଆଗାମୀ ଦିନରେ ହେବାକୁ ଥିବା ଆଇ–ଲିଗ୍ ୨ୟ ଡିଭିଜନର ପରବର୍ତ୍ତୀ ସଂସ୍କରଣରେ ଭାଗ ନେବ ଓଡ଼ିଶାର ଏକମାତ୍ର ଦଳ ରାଧାରମଣ ଫୁଟବଲ କ୍ଲବ। ଗତବର୍ଷର ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଟାଇଟଲ ବିଜୟୀ ହୋଇଥିବା ରାଧାରମଣ ଇତିମଧ୍ୟରେ ଆଇ–ଲିଗ୍ ୨ୟ ଡିଭିଜନରେ ଭାଗ ନେବା ପାଇଁ ପ୍ରସ୍ତୁତି ମଧ ଆରମ୍ଭ କରିସାରିଛି। ପର୍ଯ୍ୟାୟ କ୍ରମେ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଚାଲିଛି ଖେଳାଳି ଚୟନ ପ୍ରକ୍ରିୟା। ଏବେ ରାଜ୍ୟ ଓ ରାଜ୍ୟ ବାହାର ଖେଳାଳିଙ୍କୁ ନେଇ ଶିବିର ଚାଲିଥିବା ବେଳେ ଆଗାମୀ ଦିନରେ ବିଦେଶରୁ ଖେଳାଳିମାନେ ମଧ ଏଥିରେ ସାମିଲ ହେବେ। ମୁମ୍ବାଇ ଏଫ୍‌ସି, ଆଇଜଲ ଏଫ୍‌ସି, ଇଷ୍ଟ ବେଙ୍ଗଲ ଭଳି ନାମୀଦାମୀ ଫୁଟବଲ କ୍ଲବର ସହକାରୀ କୋଚ୍ ଦାୟିତ୍ୱ ସମ୍ଭାଳିଥିବା ଅବଦୁଲ ସିଦ୍ଦିକଙ୍କ ତତ୍ତ୍ୱାବଧାନରେ ଚାଲିଛି ଏହି ଖେଳାଳି ଚୟନ ପ୍ରକ୍ରିୟା। ଅନ୍ୟପକ୍ଷରେ ଭାରତୀୟ ଘରୋଇ ଫୁଟବଲ ଟୁର୍ନାମେଣ୍ଟର ମହାକୁମ୍ଭ ଭାବେ ପରିଚିତ ଆଇ–ଲିଗ୍ ଭଳି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ରାଧାରମଣ ରାଜ୍ୟର ଦ୍ୱିତୀୟ ଦଳ ଭାବେ ଅଂଶ ଗ୍ରହଣ କରିବ। ପୂର୍ବରୁ ଆଇ–ଲିଗ୍ ୨ୟ ଡିଭିଜନ ୨୦୧୧, ୨୦୧୨ ସଂସ୍କରଣରେ ସମ୍ବଲପୁରର ସମଲେଶ୍ୱରୀ କ୍ଲବ ଭାଗ ନେଇଥିଲା। ଦଳ କେବଳ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳି ବିଦାୟ ନେଇଥିଲା।

କୋଚ୍ ଅବଦୁଲ ସିଦ୍ଦିକଙ୍କ ତତ୍ତ୍ୱାବଧାନରେ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଯେଉଁ ଖେଳାଳି ଚୟନ କାର୍ଯ୍ୟକ୍ରମ ଚାଲିଛି, ଏବେ ସେଥିରେ ମୋଟ୍ ୨୯ ଜଣ ଖେଳାଳି ରହିଛନ୍ତି। ଏମାନଙ୍କ ଭିତରୁ ୨୪ ଜଣ ରାଜ୍ୟ ବାହାର କ୍ଲବ ଗୁଡ଼ିକର ଖେଳାଳି ହୋଇଥିବା ବେଳେ ୫ ଜଣ ଓଡ଼ିଶାର ଖେଳାଳି ଅଛନ୍ତି। ରାଜ୍ୟ ବାହାରର ଥିବା ୨୪ ଜଣ ଖେଳାଳିଙ୍କ ଭିତରୁ ଏବେ ୪/୫ଜଣ ଖେଳାଳି ବଛାଯିବେ। ପରେ ଘରୋଇ ଖେଳାଳିମାନଙ୍କ ନିମନ୍ତେ ମଧ ଏକ ଚୟନ ପ୍ରକ୍ରିୟା କରାଯିବ। ରାଜ୍ୟର ୧୦ ଜଣ, ରାଜ୍ୟ ବାହାରର ୧୦ ଜଣ ଖେଳାଳି ଚୂଡ଼ାନ୍ତ ଦଳରେ ରହିବେ ବୋଲି କ୍ଲବ ପକ୍ଷରୁ ନିଷ୍ପତ୍ତି ହୋଇଛି। ନଭେମ୍ବର ଦ୍ୱିତୀୟ ସପ୍ତାହରେ ବିଦେଶୀ ଖେଳାଳିମାନଙ୍କୁ ଏହି ଶିବିରରେ ସାମିଲ କରାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଦକ୍ଷିଣ ଆଫ୍ରିକା, ନାଇଜେରିଆ, ଘାନା, ଲାଇବେରିଆର କିଛି ଫୁଟବଲ କ୍ଲବ ସହ ଆଲୋଚନା ସରିଛି। ଅତିକମରେ ୩ ଜଣ ବିଦେଶୀ ଖେଳାଳି ଦଳରେ ରହିବେ ବୋଲି କୁହାଯାଇଥିଲା।


ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଚାଲିଛି ଖେଳାଳି ଚୟନ ପ୍ରକ୍ରିୟା।

### ରାଜ୍ୟ ଫୁଟବଲ ପାଇଁ ଗୌରବ ଆଣିବୁ



ରାଜ୍ୟ ଫୁଟବଲ ନିମନ୍ତେ ଏବେ ଏକ ସୁବର୍ଣ୍ଣ ସୁଯୋଗ ଆସିଛି । ଓଡ଼ିଆ ଖେଳାଳିମାନେ ଏହି ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କଲେ ନିଃଶ୍ଚିତ ରୂପେ ରାଜ୍ୟ ପାଇଁ ଗୌରବର ବିଷୟ ହେବ। ପ୍ରତିଯୋଗିତାରେ ରାଧାରମଣ କ୍ଲବ କିପରି ବହୁତ ଭଲ ପ୍ରଦର୍ଶନ କରିବ ସେ ନେଇ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି।

**ବିଶ୍ୱରଞ୍ଜନ ଘଡେଇ, ସମ୍ପାଦକ, ରାଧାରମଣ କ୍ଲବ**

## ଚାକିରି ଦେବା ଆଳରେ ଲକ୍ଷାଧିକ ଟଙ୍କା ଠକେଇ

# ଅଭିଯୁକ୍ତଙ୍କୁ ନ ପାଇ ଫେରିଲା ଆନ୍ଧ୍ର ପୋଲିସ




**ଭୁବନେଶ୍ୱର, ୨୭ା୧୦(ବ୍ୟୁରୋ)**

ଚାକିରି ଦେବା ଆଳରେ ଠକେଇ ଅଭିଯୋଗରେ ଆନ୍ଧ୍ର ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ରାଜଧାନୀର ଜୟଦେବବିହାର ଅଞ୍ଚଳକୁ ଆସିଥିଲେ ମଧ୍ୟ ଶେଷରେ ନିରାଶ ହୋଇଛି। ସ୍ଥାନୀୟ ପୋଲିସ ସହାୟତାରେ ଆନ୍ଧ୍ର ପୋଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିବା ପୂର୍ବରୁ ସେ ଫେରାର ହୋଇଯାଇଥିଲେ। ତାଙ୍କ ଘରେ ତାଲା ପଡ଼ିଥିବା ଦେଖି ପୋଲିସ ସେଠାରୁ ଫେରିଥିଲା।

ଆନ୍ଧ୍ର ପୋଲିସ ସୂଚନା ଅନୁଯାୟୀ, ନୟାପଲ୍ଲୀ ଥାନା ଜୟଦେବବିହାର ଅଞ୍ଚଳର ଜଣେ ଯୁବକ ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଞ୍ଚଳରେ ରହୁଥିଲେ। ସେଠାରେ ବେକାର ହୋଇ ବୁଲୁଥିବା ଶିକ୍ଷିତ ଯୁବକମାନଙ୍କୁ ସେ ଭୁବନେଶ୍ୱରରେ ଭଲ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ମାସକୁ ୫୦ ହଜାର ଟଙ୍କା ଦରମା ମିଳିବ ବୋଲି କହିଥିଲେ। ଏଭଳି ଉପାୟରେ ସେ ବିନୋଦ ଏବଂ ଅନ୍ୟ ୨୦ ଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ଆଣିଥିଲେ। ଜଣେ ପିଲା ପିଛା ସେ ୮୦ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ନେଉଥିଲେ। ପରେ ଚାକିରି ନ ଦେବାରୁ ଠକେଇର ଶିକାର ହୋଇଥିବା ଯୁବକମାନେ ବିଜୟୱାଡା ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ କରିଥିଲା। କିନ୍ତୁ ସେ ବିଜୟୱାଡାରୁ ଫେରାର ହୋଇଯାଇଥିଲେ। ପୋଲିସ ତାଙ୍କ ଫୋନ ନମ୍ବର ଟ୍ରାକ୍ କରିବା ପରେ ସେ ନୟାପଲ୍ଲୀର ଜୟଦେବ ବିହାର ଅଞ୍ଚଳରେ ରହୁଥିବା ଜାଣିବାକୁ ପାଇଥିଲେ। ତେଣୁ ତାଙ୍କୁ ଧରିବା ପାଇଁ ସେମାନେ ଏଠାକୁ ଆସିଥିବା ଆନ୍ଧ୍ର ପୋଲିସ ପକ୍ଷରୁ କୁହାଯାଇଛି।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୮ ଅକ୍ଟୋବର, ୨୦୧୮



ଜ୍ଞାନଠାରୁ କଳ୍ପନା ଶକ୍ତିର ଗୁରୁତ୍ୱ ଅଧିକ ବୋଲି ସବୁବେଳେ ମନେରଖିବା ଉଚିତ।

- ଆଇନ୍‌ଷ୍ଟାଇନ୍



## ସଂକ୍ଷେପରେ

### ବାରଙ୍ଗରେ ହେବ କ୍ୟାନସର ଇନ୍‌ଷ୍ଟିଚ୍ୟୁଟ

**ଜାଗା ଚିହ୍ନଟ କରି ଫେରିଲା ଟିମ୍**

**ବାରଙ୍ଗ,୨୭।୧୦(ଡି.ଏନ୍.ଏ.):** ବାରଙ୍ଗ ବ୍ଲକରେ ପ୍ରତିଷ୍ଠା ହେବ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ। ଏଥିପାଇଁ କଟକ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରର ଏକ ଟିମ୍ ଶନିବାର ଏଠାରେ ପହଞ୍ଚି ଜାଗା ଚିହ୍ନଟ କରି ଫେରିଛି। ୩୦ ଏକର ପରିମିତ ଜାଗାରେ ହେବାକୁ ଥିବା ଏହି କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ ରାମଦାସପୁର ପଞ୍ଚାୟତ ଚଣ୍ଡୀପ୍ରସାଦ ଓ ରତାଗଡ଼ ଗ୍ରାମର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରତିଷ୍ଠା ହେବ। କର୍କଟ କେନ୍ଦ୍ର ନିର୍ଦ୍ଦେଶକ ଲଲାଟେନ୍ଦୁ ଷଡ଼ଙ୍ଗୀ, ସିଡିଏମ୍‌ଓ ବିଭୂତି ନାୟକ, ବାରଙ୍ଗ ତହସିଲ କାର୍ଯ୍ୟାଳୟ କର୍ମଚାରୀଙ୍କ ସହ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଜାଗାର ସ୍ଥିତି, ଏଠାକାର ପାରିପାର୍ଶ୍ୱିକ ପରିସ୍ଥିତି, ଯାତାୟାତ ସୁବିଧା ଆଦି ଦିଗକୁ ଅନୁଧ୍ୟାନ କରି ଫେରିଥିବା ବାରଙ୍ଗ ତହସିଲଦାର ରମେଶ ଚନ୍ଦ୍ର ଜେନା କହିଛନ୍ତି।

### କାଠ କୋଇଲା ଜବତ

**ଖୁଣ୍ଟୁଣୀ,୨୭।୧୦(ଡି.ଏନ୍.ଏ.):** ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ମହାଲକ୍ଷ୍ମୀପୁର ସରକାରୀ ଆମ୍ବ ବଗିଚାରୁ ଶନିବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୩୦ବସ୍ତା କାଠ କୋଇଲା ଜବତ କରାଯାଇଛି। ଜବତ କୋଇଲାର ମୂଲ୍ୟ ୪୦ହଜାର ଟଙ୍କା ହେବ ବୋଲି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ରତ୍ନାକର ଦାସ କହିଛନ୍ତି। ସୂଚନା ଅନୁଯାୟୀ, ମହାଲକ୍ଷ୍ମୀପୁର ସରକାରୀ ଆମ୍ବ ବଗିଚାରେ ଥିବା ୩୦ ବସ୍ତା କାଠ କୋଇଲା ଚାଲାଣ ହେବାକୁ ଥିବା ଖବରପାଇ ଏହି ଚଢ଼ାଉ କରାଯାଇଥିଲା।

### ରାଜୀବଙ୍କୁ ଜେଲରୁ ଖଲାସ ପାଇଁ ଦାବି

**ଖୁଣ୍ଟୁଣୀ,୨୭।୧୦(ଡି.ଏନ୍.ଏ.):** ୧୮ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲାରେ ସମ୍ପୃକ୍ତ ଥାଇ ଜେଲ ଯାଇଥିବା ଗୁରୁଡିଝାଟିଆ ଥାନା ବାଲୀ ଗ୍ରାମର ରାଜୀବଲୋଚନ ଦାସଙ୍କୁ ଖଲାସ ପାଇଁ ଶତାଧିକ ମହିଳା ଉକ୍ତ ଗ୍ରାମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। ରାଜୀବଙ୍କୁ ପୋଲିସ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରିଥିବା ନାରୀ ନେତ୍ରୀ ଶର୍ମିଷ୍ଠା ଦାସ, ସଂଯୁକ୍ତା ବେହେରା, ୧୧ନଂ. ୱାର୍ଡ ସଭ୍ୟା ଅନ୍ନପୂର୍ଣ୍ଣା ସେଠୀ ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ରାଜୀବଙ୍କୁ ଜେଲରୁ ଖଲାସ କରା ନ ଗଲେ ଆଗାମୀ ଦିନରେ ରାସ୍ତାରୋକୋ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଖବରପାଇ ଗୁରୁଡିଝାଟିଆ ଥାନା ଅଧିକାରୀ ବିଜୟ କୁମାର ବିସି, ଚୌଦ୍ୱାର ଏସଡିପିଓ ସତ୍ୟନାରାୟଣ ଦାସ ପହଞ୍ଚି ମହିଳାମାନଙ୍କୁ ଖବରଦାତା ସମ୍ମିଳନୀ ବନ୍ଦ କରିବା ପାଇଁ କହିଥିଲେ। ଏହା ସହ ଶର୍ମିଷ୍ଠାଙ୍କୁ ପୋଲିସ ନେଇ ଗାଡିରେ ବସାଇବାରୁ ମହିଳାମାନେ ଉତ୍ତେଜିତ ହୋଇ ଗାଡି ଆଗରେ ଛିଡା ହୋଇଯାଇଥିଲେ। ଫଳରେ ଶର୍ମିଷ୍ଠାଙ୍କୁ ପୋଲିସ ଛାଡିଦେଇଥିଲା। ଅନ୍ୟପକ୍ଷରେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜୀବଙ୍କୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ବିସି କହିଛନ୍ତି।

### ଜନସମ୍ପର୍କ ପଦଯାତ୍ରା

**କଟକ ସଦର,୨୭।୧୦(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ଧରିଣା, ଯଶପଡା, ଅରିଲୋ, ସୋମପୁର ଓ ବୋଧପୁର ପଞ୍ଚାୟତରେ ଶନିବାର ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗ୍ରାମ ପରିକ୍ରମା କରି ଏହି ଯାତ୍ରା ନାନପୁରଠାରେ ଶେଷ ହେବା ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ମୁଖ୍ୟଅତିଥି, କଟକ ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଇଲାବତୀ ବିଶୋୟୀ, ସରପଞ୍ଚ ରମେଶ ଚନ୍ଦ୍ର ସାହୁ ଓ ଅକ୍ଷୟ କୁମାର ପରିଡା ଯୋଗଦେଇଥିଲେ।

# ଆକର୍ଷଣୀୟ ହେବ ନେତାଜୀ ବ୍ୟାଖ୍ୟାନ କେନ୍ଦ୍ର

- ନେତାଜୀଙ୍କ ସହ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାନ ପାଇବ
- ଜାନୁୟାରୀ ୨୩ ପୂର୍ବରୁ କାର୍ଯ୍ୟକ୍ଷମ ପାଇଁ ତତ୍ପରତା

**କଟକ ଅଫିସ,୨୭।୧୦**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଭଲ ପାଉଥିବା ଲୋକ କେବଳ ଭାରତରେ ନୁହେଁ ବିଦେଶରେ ମଧ୍ୟ ରହିଛନ୍ତି। ଏଣୁ ତାଙ୍କ ଜନ୍ମସ୍ଥାନ କଟକକୁ ବର୍ଷତମାମ ବିଭିନ୍ନ ସ୍ଥାନରୁ ନେତାଜୀ ପ୍ରେମୀମାନେ ଆସିଥାନ୍ତି। କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ପରିଦର୍ଶନ କରି ସେମାନେ ନେତାଜୀଙ୍କ ବିଷୟରେ ଜାଣିବାକୁ ଚାହିଁଥାନ୍ତି। ତେଣୁ ସେମାନଙ୍କୁ ସବିଶେଷ ତଥ୍ୟ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସଂଗ୍ରହାଳୟ ସମ୍ମୁଖରେ ଏକ ନେତାଜୀ ବ୍ୟାଖ୍ୟାନ କେନ୍ଦ୍ର ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ତଦନୁଯାୟୀ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୧୩ରୁ ୩ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ୨୦୧୫ରୁ ଉକ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଣୁ ଆସନ୍ତା ନେତାଜୀ ଜୟନ୍ତୀ ଅର୍ଥାତ୍ ଜାନୁୟାରୀ ୨୩ ପୂର୍ବରୁ ଏହି ବ୍ୟାଖ୍ୟାନ କେନ୍ଦ୍ରକୁ କିଭଳି ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରାଯାଇ ଲୋକାର୍ପଣ କରାଯିବ ସେନେଇ ସରକାର ଗୁରୁତ୍ୱାରୋପ କରିଛନ୍ତି। ଶନିବାର ଏହି କେନ୍ଦ୍ରର ସ୍ଥିତି ସମୀକ୍ଷା କରିଛନ୍ତି ରାଜ୍ୟ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ। ଏନେଇ ଅପରାହ୍ନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗ୍ରହାଳୟ ଦାୟିତ୍ୱରେ ଥିବା ଅଧିକାରୀ, ରାଜ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ, କଟକ ମହାନଗର ନିଗମ ଅତିରିକ୍ତ କମିଶନର ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ପାଣିଗ୍ରାହୀ କହିଥିଲେ ଯେ, ନେତାଜୀ ବ୍ୟାଖ୍ୟାନ କେନ୍ଦ୍ରରେ ନେତାଜୀଙ୍କ ପ୍ରତିମୂର୍ତ୍ତି ସହିତ ଫକୀର ମୋହନ ସେନାପତି, ନନ୍ଦିନୀ ଶତପଥୀ, ରମାଦେବୀ, ବୀରେନ ମିତ୍ର, ହରେକୃଷ୍ଣ ମହତାବ, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭଳି ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ନେତାଜୀ କଟକରେ ବିତାଇଥିବା ମୁହୂର୍ତ୍ତଗୁଡ଼ିକ ସମ୍ପର୍କରେ ଏକ ସ୍ୱତନ୍ତ୍ର ବୁକ୍‌ଲେଟ ମୁଦ୍ରିତ କରାଯାଇ କେନ୍ଦ୍ରରେ ବିକ୍ରୟ କରାଯିବ। କଟକର କିଛି ଐତିହ୍ୟ ଏବଂ ପରମ୍ପରାକୁ ମଧ୍ୟ ଏହି ବ୍ୟାଖ୍ୟାନ କେନ୍ଦ୍ରରେ ସ୍ଥାନ ଦିଆଯାଇ ପର୍ଯ୍ୟଟନସ୍ଥଳୀର ଆକର୍ଷଣ ବୃଦ୍ଧି କରାଯିବ। କେନ୍ଦ୍ରର ପ୍ରତି କୋଠରିକୁ ଶୀତତାପ ନିୟନ୍ତ୍ରିତ କରାଯିବା ସହ ୨୪ ଘଣ୍ଟିଆ ଆଲୋକ, ସୁରକ୍ଷା ବ୍ୟବସ୍ଥା ଏବଂ ସଫେଇ କର୍ମଚାରୀ ନିୟୋଜିତ କରାଯିବ। ଏଥିପାଇଁ ଆବଶ୍ୟକ ଅର୍ଥ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ଯୋଗାଇ ଦିଆଯିବ ବୋଲି ପାଣିଗ୍ରାହୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରାୟ ବର୍ଷେ ତଳେ ସୁରକ୍ଷା ଅଭାବରୁ ଏହି ବ୍ୟାଖ୍ୟାନ କେନ୍ଦ୍ରରୁ ଲକ୍ଷାଧିକ ଟଙ୍କାର ସାନିଟାରି ସାମଗ୍ରୀ ଚୋରି ହୋଇଥିଲା। ଏନେଇ କ'ଣ ପଦକ୍ଷେପ ନିଆଯାଇଛି ବୋଲି ପାଣିଗ୍ରାହୀ ସଂଗ୍ରହାଳୟ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରି ବୁଝିଥିଲେ।



ନେତାଜୀ ବ୍ୟାଖ୍ୟାନ କେନ୍ଦ୍ର।

# ସିଏମ୍‌ସି: ତିତ୍‌ଲି କ୍ଷତି ୭.୫୬ କୋଟି

**କଟକ ଅଫିସ,୨୭।୧୦**

ତିତ୍‌ଲି ସମୟରେ କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ୭ କୋଟି ୫୬ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଏହି ରିପୋର୍ଟ ଦେଇଛନ୍ତି ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ। ତିତ୍‌ଲି ସମୟରେ ସହରରେ ଜଳବନ୍ଦୀ ସମସ୍ୟା ସହ କିଛି ସ୍ଥାନରେ ଡ୍ରେନ ଓ ରାସ୍ତା କ୍ଷୟକ୍ଷତି ହୋଇଥିବା ନେଇ ସିଏମ୍‌ସି ମୁଖ୍ୟଯନ୍ତ୍ରୀ କମିଶନରଙ୍କୁ ରିପୋର୍ଟ ଦେଇଥିଲେ। କ୍ଷତିପୂରଣ ରାଶି ମିଳିବା ପରେ କେତେକ ରାସ୍ତା ଓ ଡ୍ରେନ ମରାମତି କରାଯିବ ବୋଲି କମିଶନର କହିଛନ୍ତି। ତେବେ ସିଏମ୍‌ସି ପକ୍ଷରୁ ଏହି କ୍ଷୟକ୍ଷତି ରାଶି ଆକଳନ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି କେତେଜଣ କର୍ପୋରେଟର। ତିତ୍‌ଲି ପରେ ୭ ଦିନ ପର୍ଯ୍ୟନ୍ତ ସହରର ବିଭିନ୍ନ ରାସ୍ତାରେ ପାଣି ଜମି ରହି ଶୋଚନୀୟ ହୋଇପଡ଼ିଥିଲା। ସିଏମ୍‌ସି ଯନ୍ତ୍ରୀ କେମିତି କ୍ଷୟକ୍ଷତି ଆକଳନ କରିଛନ୍ତି ସେ କଥା ସେ ଜାଣିଥିବେ ବୋଲି କହିଛନ୍ତି କର୍ପୋରେଟର ହୃଷୀକେଶ ପ୍ରଧାନ। ଆସନ୍ତା କାଉନସିଲ ବୈଠକରେ ଏହି କ୍ଷୟକ୍ଷତି ଆକଳନ ପ୍ରକ୍ରିୟା କିଭଳି ହୋଇଥିଲା ସେନେଇ ପ୍ରଶ୍ନ ଉଠାଇବୁ ବୋଲି କହିଛନ୍ତି କର୍ପୋରେଟର ଚିତ୍ତରଞ୍ଜନ ଦାସ। ତିତ୍‌ଲି ସମୟରେ ଲୋକ ଜଳବନ୍ଦୀ ଥିବାବେଳେ ସିଏମ୍‌ସି ଅଧିକାରୀ ସେମାନଙ୍କ ପାଖରେ ପହଞ୍ଚି ପାରି ନ ଥିବାବେଳେ ବସ୍ତିବାସିନ୍ଦାମାନଙ୍କ କ୍ଷତି ଭରଣା ପାଇଁ ସିଏମ୍‌ସି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କହିଛନ୍ତି ବସ୍ତିବାସିନ୍ଦା ମିଳିତ ମଞ୍ଚ ନେତା ଖଗେଶ୍ୱର ସେଠୀ।

**କର୍ପୋରେଟର ଅସନ୍ତୁଷ୍ଟ**

# ସରିଲା ଚୌଦ୍ୱାର ରୂପଯାତ୍ରା

**ଚୌଦ୍ୱାର, ୨୭୧୦(ଡି.ଏନ.ଏ.)**

ଚୌଦ୍ୱାର ରୂପଯାତ୍ରାର ଅନ୍ତିମ ପର୍ବ ଭସାଣି ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ୪୦ଟି ମେଢ ଶୁକ୍ରବାର ରାତିରେ ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ଶନିବାର ସକାଳ ୮ଟାରେ ପୂଜାକମିଟି ପକ୍ଷରୁ ଛନ୍ଦା ଗ୍ରହଣ କରି ଭସାଣି ପାଇଁ ଶୋଭାଯାତ୍ରାରେ ମେଢ଼ଗୁଡ଼ିକ ବାହାରିଥିଲା। ଉପ ଜିଲାପାଳ ସୁକାନ୍ତ କୁମାର ପ୍ରଧାନ ଯାତ୍ରା ପଡ଼ିଆରେ ମେଢ଼ ଶୋଭାଯାତ୍ରା ପରିଚାଳନା ଅନୁଧ୍ୟାନ କରିଥିଲେ। କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି, ଧର୍ମ ରକ୍ଷକ ସେନାର ଜ୍ଞାନରଞ୍ଜନ ସ୍ୱାଇଁ, ସାମାଜିକ କର୍ମୀ ହରିହର ପଣ୍ଡା ଯାତ୍ରାରେ ଉପସ୍ଥିତ ରହି ମେଢ କମିଟି କର୍ମକର୍ତ୍ତା, ବରିଷ୍ଠ ନାଗରିକ, ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୂର୍ତ୍ତିଗୁଡ଼ିକ ବିରୂପା ନିକଟ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା।



ଚୌଦ୍ୱାର ରୂପାଯାତ୍ରା ଭସାଣି ଉତ୍ସବରେ ସାମିଲ ହୋଇଥିବା ମେଢ।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ନିଆଳି/ଚୌଦ୍ୱାର, ୨୭।୧୦ (ଡି.ଏନ୍.ଏ.)**

ନିଆଳି ବ୍ଲକ ଅଧୀନ ବିଲାସୁଣୀର ଶ୍ରୀ ଶ୍ରୀ ଗୋପାଳଜୀଉ ଉଚ୍ଚ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ଟି କ୍ଲଷ୍ଟରରୁ ୩୫୦ ଜଣ ଛାତ୍ରୀଛାତ୍ର ଯୋଗଦେଇ ପ୍ରବନ୍ଧ, ଚିତ୍ରାଙ୍କନ, ବିତର୍କ, ବକ୍ତୃତା, କୁଇଜ୍, ସଙ୍ଗୀତ, ନାଚଗୀତ ଆଦିରେ ଭାଗ ନେଇଥିଲେ। ବିଇଓ ସୁରମା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଡା.ପ୍ରମୋଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମାନଭଞ୍ଜନ ବେହେରା, ସମିତିସଭ୍ୟା ବୀଣାପାଣି ମହାନ୍ତି, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅନନ୍ତ ନାରାୟଣ ସିଂ, ନବ କିଶୋର ପ୍ରହରାଜ, ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦୁର୍ଯ୍ୟୋଧନ ଜେନା ଧନ୍ୟବାଦ ଦେଇଥିଲେ।

ଚୌଦ୍ୱାର ପୌରପାଳିକା ଅଧୀନ ଦୌଲତାବାଦସ୍ଥିତ ନିଗମାନନ୍ଦ ବିଦ୍ୟାପୀଠରେ ଶନିବାର ଟାଙ୍ଗୀ-ଚୌଦ୍ୱାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୩୦୦ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସବିତା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ, ଉପାଧ୍ୟକ୍ଷା ଜାନକୀ ପରିଡା, ବିଡିଓ ବିନୋଦ ସେନାପତି, ଆତ୍ମାର ଅଧ୍ୟକ୍ଷ ସେକ୍ ସାହାଜାନ୍, ବିଇଓ ଚନ୍ଦ୍ର ଶେଖର ଦାସ, ପ୍ରେମଚାନ୍ଦ ନାୟକ, ବିଜେଡ଼ି ସହ ସମ୍ପାଦକ ଦେବେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କଟକ ଜିଲା ପରିଷଦର ପଞ୍ଚମ ବୈଠକ

**କଟକ ଅଫିସ,୨୭।୧୦**

ମହାନଦୀ ଉତ୍ତର ଡିଭିଜନ ପକ୍ଷରୁ ଜିଲାରେ ୩୭୨.୬୮ କି.ମି. ନଦୀ ଓ କେନାଲ ବନ୍ଧ ରହିଛି। ସେଥିରୁ ବିଭିନ୍ନ କେନାଲ ମାଧ୍ୟମରେ ୩୩, ୬୮୫ ହେକ୍ଟର ଜମିକୁ ଜଳସେଚିତ କରାଯାଉଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବିଭିନ୍ନ ପ୍ରକଳ୍ପରେ ଅଗଷ୍ଟ ସୁଦ୍ଧା ୧୦ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ସେହିପରି ମହାନଦୀ ଦକ୍ଷିଣ ଡିଭିଜନ ଅଧୀନ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ପକ୍ଷରୁ ନଦୀ ଓ ଆଡି ବନ୍ଧ ଉନ୍ନତିକରଣ ପାଇଁ ବୈଷୟିକ ପରାମର୍ଶଦାତା କମିଟିକୁ ୧୯ଟି ପ୍ରସ୍ତାବ ଦିଆଯାଇଛି। ପ୍ରାଚୀ ଡିଭିଜନ ପକ୍ଷରୁ ୨୨ ହଜାର ହେକ୍ଟର ଜମି ଜଳ ସେଚିତ କରାଯାଉଛି । ପ୍ରାଚୀ ଡିଭିଜନ ନଦୀବନ୍ଧ ଓ କେନାଲବନ୍ଧ ଉନ୍ନତି ପାଇଁ ବିଭିନ୍ନ ଯୋଜନାରେ ଉଚ୍ଚ ବୈଷୟିକ କମିଟି ପ୍ରସ୍ତାବରେ ୧୨ଟି ପ୍ରସ୍ତାବ ଅନୁମୋଦନ ଲାଭ କରିଛି । ସେହିପରି ଡ୍ରେନେଜ ଡିଭିଜନ ପକ୍ଷରୁ ଜଳ ନିଷ୍କାସନ ଉନ୍ନତିକରଣ ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷରେ ୧୪ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ସେଥିମଧ୍ୟରୁ ୧ କୋଟି ୩୧ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଶନିବାର ପୂର୍ବାହ୍ନରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ କଟକ ଜିଲା ପରିଷଦର ପଞ୍ଚମ ବୈଠକରୁ ଏହି ତଥ୍ୟ ଜଣାପଡିଛି। ପରିଷଦର ସଭାପତି ଜ୍ୟୋତିରେଖା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ଜଳସେଚନ, ମହିଳା ଓ ଶିଶୁ ବିକାଶ, ଶିକ୍ଷା ଏବଂ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଉଠା ଜଳସେଚନ ବିଭାଗ ପକ୍ଷରୁ ଗତ ଆର୍ଥିକ ବର୍ଷରେ ୭୭ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ସେଥିମଧ୍ୟରୁ ୩୧ଟି ପ୍ରକଳ୍ପ ଶେଷହୋଇଛି ଓ ଆଉ ଅବଶିଷ୍ଟ ଆସନ୍ତା ମାର୍ଚ୍ଚ ସୁଦ୍ଧା ଶେଷ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଭାତ କୁମାର ତ୍ରିପାଠୀ, ଡା. ପ୍ରମୋଦ କୁମାର ମଲ୍ଲିକ, ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କାନ୍ତ ମହାନ୍ତି, ଜିଲା ପରିଷଦ ଉପ ସଭାପତି ସୁନୀଲ କୁମାର ପରିଡାଙ୍କ ସମେତ ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

**■ପାଣି ସାହିତ୍ୟ ସଭାର ତୃତୀୟ ସନ୍ଧ୍ୟା**

# ଗଣ ହୃଦୟର କବି ଥିଲେ ବୈଷ୍ଣବ

**ମାହାଙ୍ଗା,୨୭।୧୦(ସ୍ୱ.ପ୍ର.)**

ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ବୈଷ୍ଣବ ପାଣିଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ହେଉଥିବା ପାଣି ସାହିତ୍ୟ ସଭାର ୩ୟ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଆନନ୍ଦପୁର ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ(କୁନା) ଯୋଗଦେଇ ବୈଷ୍ଣବ ପାଣିଙ୍କ ରଚିତ ଗୀତିନାଟ୍ୟ ଗୀତ ଅଭିନୟ ଗୁଡିକ ତତ୍କାଳୀନ ସମୟରେ ସବୁ ଲୋକଙ୍କ ହୃଦୟକୁ ସ୍ପର୍ଶ କରି ପାରିଥିଲା। ଯେଉଁଥି ପାଇଁ ଆଜି ମଧ୍ୟ ତାଙ୍କ ରଚିତ ଗୀତିନାଟ୍ୟ ଗୁଡିକ ଲୋକଙ୍କ ହୃଦୟକୁ ଜିଣିପାରିଥିବାରୁ ସେ ଗଣ ହୃଦୟର କବି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଅଧ୍ୟାପକ ଅଜୟ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ପ୍ରାଧ୍ୟାପକ ଡ. ନିଖିଳେଶପଦ ମହାନ୍ତି, ସମ୍ମାନିତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିରେଖା ନାୟକ, ପ୍ରଶାନ୍ତ ବେହେରା, ସମ୍ମାନିତ ବକ୍ତା ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ରାଜ କିଶୋର ଜେନା ଓ ଖବରଦାତା ତାପସ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଗଣକବିଙ୍କ ସାହିତ୍ୟ କୃତି ଉପରେ ଆଲୋଚନା କରିଥିଲେ। ମଞ୍ଚରେ ସଂସଦ ସମ୍ପାଦକ ହୃଷୀକେଶ ସ୍ୱାଇଁ, ସାଂସ୍କୃତିକ ସମ୍ପାଦକ ବ୍ରଜବନ୍ଧୁ ବିଶ୍ୱାଳ, ସଂଯୋଜକ ପନ୍ନଙ୍ଗ ଭୂଷଣ ଦାସ, କବି ବିଶ୍ୱେଶ୍ୱର ମହାନ୍ତି, ସମିତିସଭ୍ୟ ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ସରପଞ୍ଚ ଲଳିତମୋହନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଉଷୁମା ଜୟଗୁରୁ ଯୁବ ପରିଷଦ ପକ୍ଷରୁ କଂସ ଦିଗବିଜୟ, ଓଲଦିଆ ଆତ୍ମାରାମ ମହାବୀର ଯୁବ ଶକ୍ତି ସାଂସ୍କୃତିକ ସଂସଦ ପକ୍ଷରୁ ଶକଟ ବ୍ୟୂହ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା।

# କଳାକୁ ପ୍ରତିଷ୍ଠିତ କରିବାରେ ମହୋତ୍ସବ ସକ୍ଷମ ହେବ

**ବାଙ୍କୀ,୨୭।୧୦(ସ୍ୱ.ପ୍ର.)**

ସ୍ଥାନୀୟ କଚେରି ପଡ଼ିଆଠାରେ ଚାଲିଥିବା ବାଙ୍କୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଶନିବାର ମହୋତ୍ସବ କମିଟି ସଭାପତି ତଥା ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ମଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମହିଳା ଓ ଶିଶୁବିକାଶ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଉଚ୍ଚକୋଟିର ସାଂସ୍କୃତିକ ବାତାବରଣ ମଧ୍ୟରେ ନୃତ୍ୟ ସଙ୍ଗୀତ ମୁଖରିତ ଉତ୍ସବଟି କଳାରେ ରୁଚି ରଖୁଥିବା ବ୍ୟକ୍ତିଙ୍କୁ ଆକର୍ଷିତ କରିବ। ତେବେ ପାରମ୍ପରିକ କଳାର ଗୁଣାତ୍ମକ ଅଭିବୃଦ୍ଧି ହେବା ସହିତ କଳାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାରେ ଏହି ମହୋତ୍ସବ ସକ୍ଷମ ହେବବୋଲି ପ୍ରକାଶ କରିଥିଲେ। କଟକ ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ ଓ ଡମପଡ଼ା ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ମହୋତ୍ସବ କମିଟି ସଭାପତି ତ୍ରିପାଠୀ ଉଦ୍‌ବୋଧନ ଦେଇ କହିଥିଲେ, ମହୋତ୍ସବକୁ ୧୮ ପୁରି ୧୯ବର୍ଷ ଚାଲିଲା। ଯେଉଁ ଉଦ୍ଦେଶ୍ୟରେ 'ମହୋତ୍ସବ' ଶବ୍ଦକୁ ବ୍ୟବହାର କରି ଏକ ସାଂସ୍କୃତିକ ଜାଗରଣର ଭିତ୍ତିପ୍ରସ୍ତର ବାଙ୍କୀରେ ସ୍ଥାପନ କରାଯାଇଥିଲା ଆଜି ତାକୁ ସିଂହାବଲୋକନ କଲେ ଏହାର ଉଦ୍ଦେଶ୍ୟ ଯେ ଶତପ୍ରତିଶତ ସଫଳ ହୋଇଛି ଏହା ନିଃସନ୍ଦେହରେ କୁହାଯାଇପାରେ। ଏହି ଅବସରରେ ଉପଖଣ୍ଡସ୍ତରୀୟ ମହିଳା ଭାଗବତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ରଶିଳ୍ପୀ ଏକାଦଶୀ ବାରି, ନାଟ୍ୟକାର ପବିତ୍ରମୋହନ ରାଉତ, ଆଦର୍ଶ କୃଷକ ନିରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ବାଙ୍କୀ ମହୋତ୍ସବ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ମହୋତ୍ସବ କମିଟି ସଂଯୋଜକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହୋତ୍ସବ ସଂଗଠନ ସମ୍ପାଦକ ପ୍ରକାଶ ଚନ୍ଦ୍ର ବେଉରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାଙ୍କୀ ନାଗରିକ ସୁରକ୍ଷା କମିଟି ସଭାପତି ବ୍ରଜକିଶୋର ମହାପାତ୍ର ଓ ପଠାଣୀ ବେହେରା ମଞ୍ଚ ପରିଚାଳନା କରିଥିଲେ।



ବାଙ୍କୀ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ବାଙ୍କୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**




ଓଡିଶା ଜୁଡିସିଆଲ ଏକାଡେମୀସ୍ଥିତ ଅଡିଟୋରିୟମରେ ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ପରିବେଷିତ ନାଟକ 'ରାଇଟ୍ସ ଅଫ ସିନିୟର ସିଟିଜେନ୍ସ'ର ଏକ ଦୃଶ୍ୟ।




କଟକ ମିଶନରୋଡସ୍ଥିତ ୱାଇଡବ୍ଲ୍ୟୁସିଏ ହଲଠାରେ ନଜ୍‌ମୀ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ର ଓ କବି ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।



କଟକ ବାଲିଯାତ୍ରା ପ୍ରସ୍ତୁତି: ବାଲିଯାତ୍ରା ଉପର ପଡିଆରେ ବିଦ୍ୟୁତ୍ ଖୁଣ୍ଟରେ ତାର ଟଣା ଯାଉଛି।



ଜ୍ଞାନଠାରୁ କଳ୍ପନା ଶକ୍ତିର ଗୁରୁତ୍ୱ ଅଧିକ ବୋଲି ସବୁବେଳେ ମନେରଖିବା ଉଚିତ।

- ଆଇନ୍‌ଷ୍ଟାଇନ୍

## ସଂକ୍ଷେପରେ

### ଦୋକାନ ଶଟର ଭାଙ୍ଗି ମୋବାଇଲ, ଟଙ୍କା ଚୋରି




ନିରାକାରପୁର,୨୭।୧୦(ଡି.ଏନ.ଏ.)
ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଡୋ ପଞ୍ଚାୟତ ଲେଣ୍ଡୋ ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ଗୋଟିଏ ମୋବାଇଲ ରିପାରିଂ ଦୋକାନରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଶଟର ଭାଙ୍ଗି ନଗଦ ୨୫ ହଜାର ଟଙ୍କା, ରିପାରିଂ ପାଇଁ ରଖାଯାଇଥିବା କିଛି ମୋବାଇଲକୁ ଚୋରି କରି ନେଇଛନ୍ତି। ଏ ନେଇ ଦୋକାନ ମାଲିକ ସ୍ଥାନୀୟ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ନିରାକାରପୁର ଥାନା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଏ ନେଇ ଥାନା ଏଏସ୍‌ଆଇ ଶଙ୍କର୍ଷଣ ଆଇଚ କୁହନ୍ତି, ଯଦି ଦୋକାନରୁ ଚୋରି ହେଲା ତେବେ ଦୋକାନରେ ଥିବା ନୂଆ ମୋବାଇଲ ଚୋରି ନ ହୋଇ ପୁରୁଣା ମୋବାଇଲ ଚୋରି ହେବା ନେଇ ଟିକିଏ ସନ୍ଦେହ ଲାଗୁଛି ।

### ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ଖୋର୍ଦ୍ଧା ଅଫିସ,୨୭।୧୦:କଟକ ଜିଲା ବୈଦେଶ୍ୱର ଥାନା କନ୍ତକାଇ ଗାଁର ମାମା ନାୟକ(୨୧) ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡିନି। ଶୁକ୍ରବାର ରାତିରେ କନ୍ତକାଇ ଗାଁର ପ୍ରକାଶ ନାୟକଙ୍କ ସ୍ତ୍ରୀ ମାମାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ଖୋର୍ଦ୍ଧା ଟାଉନ ଥାନା ପୋଲିସ ମୃତଦେହ ଜବତ କରି ନଂ. ୬୩/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଝାଁଳାରେ ପୁଣି ମାତିଲେ ଦୁର୍ବୃତ୍ତ

ଝାଁଳା,୨୭।୧୦(ଡି.ଏନ.ଏ.)
ଶୁକ୍ରବାର ବିଳମ୍ବିତ ରାତ୍ରିରେ ଜଟଣୀ ଥାନା ଝାଁଳା ଫାଣ୍ଡି ଅନ୍ତର୍ଗତ ପ୍ରଫୁଲ୍ଲ ଦାସଙ୍କ ଘର ଆଗରୁ ତାଙ୍କ ଟ୍ରକରୁ ବ୍ୟାଟେରି ଓ ଜଗ ଚୋରି କରି ଦୁର୍ବୃତ୍ତ ନେଇ ଯାଇଛନ୍ତି। ସେହିପରି ଉତ୍ତର ମୁଣ୍ଡମୁହାଣ ଗ୍ରାମେଶ୍ୱରନଗରରେ ରହୁଥିବା ଅକ୍ରୁର ପରିଡାଙ୍କ ବାଡି ଆଡେ ଥିବା କୂଅରେ ମୋଟର ପଡିଥିଲା। ତାକୁ ମଧ ଦୁର୍ବୃତ୍ତମାନେ ଚୋରି କରି ନେଇ ଯାଇଛନ୍ତି। ଏହି ଅଞ୍ଚଳରେ ବିପୁଳ ପରିମାଣରେ ଚୋରା ନିଶା ଦ୍ରବ୍ୟ କାରବାର ଯୋଗୁ ଚୋରି ହେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଫାଣ୍ଡିରେ ପ୍ରଫୁଲ୍ଲ ଓ ଅକ୍ରୁର ଶନିବାର ଲିଖିତ ଅଭିଯୋଗ କରିଛନ୍ତି।

### ଗାଡି ଧକ୍କାରେ ଅଜଣା ବ୍ୟକ୍ତି ଗୁରୁତର

ଝାଁଳା,୨୭।୧୦(ଡି.ଏନ.ଏ.)
ଭୁବନେଶ୍ୱର ଉପକଣ୍ଠ ୧୬ ନଂ. ଜାତୀୟ ରାଜପଥ ଗୋହିରା ଛକରେ ବାଇକ୍ ଧକ୍କାରେ ଜଣେ ଅଜଣା ବ୍ୟକ୍ତି ଗୁରୁତର ହୋଇ ଏସ୍‌ସିବିରେ ଚିକିତ୍ସାଧୀନ ଅଛନ୍ତି। ଜଟଣୀ ଥାନା ଝାଁଳା ଫାଣ୍ଡି ଅଧୀନ ଗୋହିରା ଛକକୁ ଶୁକ୍ରବାର ରାତି ୯ଟା୪୦ରେ ଖଣ୍ଡଗିରି ଥାନା କଳିଙ୍ଗନଗର ଅଞ୍ଚଳର ଗଦାଧର ନନ୍ଦଙ୍କ ପୁଅ ସପ୍ତଶ୍ରୀ (୨୬) ଏକ ବାଇକ୍‌ରେ ଅତିକ୍ରମ କରୁଥିଲେ। ସେହି ସମୟରେ ରାଜପଥରେ ଛିଡା ହୋଇଥିବା ଜଣେ ଅଜଣା ବ୍ୟକ୍ତିଙ୍କୁ ବାଇକ୍ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ଲାଗି ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏସ୍‌ସିବିକୁ ପଠାଇ ଦିଆଯାଇଥିଲା।

### ଖୋର୍ଦ୍ଧା ଲିଗ୍ ଫୁଟବଲ୍ ମ୍ୟାଚ ଡ୍ର

ଖୋର୍ଦ୍ଧା ଅଫିସ,୨୭।୧୦:
ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ଖୋର୍ଦ୍ଧା ଷ୍ଟାଡିୟମଠାରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ମ୍ୟାଚ ଡ୍ର ରହିବାରୁ ନାଇଜର ଜଟଣୀ ଓ ଅରଗୁଳର ମା' ବାଉତୀ ଗୋଲଡେନ କ୍ଲବ ସମାନ ସଂଖ୍ୟକ ପଏଣ୍ଟ ପାଇଛନ୍ତି। ଉଭୟ ଦଳ ଭଲ ଖେଳିଥିଲେ। ମନୋରଞ୍ଜନ ଖୁଣ୍ଟିଆ ଖେଳ ପରିଚାଳନା ଓ ଅବଦୁଲ ଅହମ୍ମଦ, ଅରୁଣ ଦାସ, ଯୋଗେନ୍ଦ୍ର ନାୟକ ସହଯୋଗ କରିଥିଲେ।

## ■ ଫ୍ଲାଏ ଓଭର, ଜମି ବିବାଦ ସମାଧାନ ବିଜେଡି ପାଇଁ ଚ୍ୟାଲେଞ୍ଜ

# ଫାଇଦା ଉଠାଇବା ମୌକାରେ ବିରୋଧୀ

ଜଟଣୀ,୨୭।୧୦(ଡି.ଏନ.ଏ.)

ଜଟଣୀ ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ଦୁଇ ସମସ୍ୟା ମଧ୍ୟରେ ରହିଛି ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ଓ ୧୩ଟି ମୌଜାର ଜମି ବିବାଦ। ଏହି ସମସ୍ୟା ଯୋଗୁ ଲକ୍ଷାଧିକ ଲୋକ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ଗୋଟିଏରେ ନିଜର ସ୍ଥିତିବାନ୍ ଜମି ହରାଇ ଜଟଣୀ ତହସିଲ ଅନ୍ତର୍ଗତ ୧୩ଟି ମୌଜାର ପ୍ରାୟ ୧ ଲକ୍ଷ ରୟତ ଭୂମିହୀନ ହୋଇ ପଡିଛନ୍ତି। ଅନ୍ୟଟିରେ ଦୀର୍ଘବର୍ଷର ସମସ୍ୟା ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କାମ ଅଧପନ୍ତରା ଭାବେ ପଡି ରହିଛି। ଫଳରେ ଦୈନିକ ହଜାର ହଜାର ଲୋକ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏହି ଦୁଇ ବଡ଼ ସମସ୍ୟା ଆଗାମୀ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପାଇଁ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ବିରୋଧୀ ଦଳ ଏହାକୁ ପ୍ରମୁଖ ପ୍ରସଙ୍ଗ କରି ବିଜେଡିକୁ ଏଠାରେ ଅସୁବିଧାରେ ପକାଇବା ସହ ଜନମତକୁ ନିଜ ସପକ୍ଷରେ ନେବାକୁ ଉଦ୍ୟମ ଆରମ୍ଭ କରିଛି। ଲକ୍ଷାଧିକ ଲୋକଙ୍କ ସ୍ୱାର୍ଥ ସହ ଜଡ଼ିତ ଏହି ଦୁଇ ସମସ୍ୟାକୁ ଯଦି ନିର୍ବାଚନ ପୂର୍ବରୁ ସରକାରୀ ଦଳ ସମାଧାନ କରି ନ ପାରେ ବିରୋଧୀ ଦଳ ଏହାର ଫାଇଦା ମୌକାରେ ରହିଛି।

ଖୋର୍ଦ୍ଧାରୁ ପିପିଲିକୁ ସଂଯୋଗ କରୁଥିବା ମୁଖ୍ୟ ପଥର ଜଟଣୀ ସୀତାରାମ ଛକ ନିକଟରେ ରହିଛି ଅଣ୍ଡରଗ୍ରାଉଣ୍ଡ। ଏଠାରେ ଅଧିକାଂଶ ସମୟ ପାଣି ଜମି ଯାତାୟାତ ବନ୍ଦ ହୋଇ ପଡ଼ିଥାଏ। ତଳେ ଅଣ ଓସାରିଆ ଅଣ୍ଡରଗ୍ରାଉଣ୍ଡ ରହିଥିବା ବେଳେ ଉପରେ ରେଳଧାରଣା ରହିଛି। ଏଣୁ ଏହା ଉପରେ ଫ୍ଲାଏ ଓଭର ନିର୍ମାଣ କରିବାକୁ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଆନ୍ଦୋଳନ ଓ ଦାବି ହୋଇଆସୁଥିଲା। ବ୍ରିଜ ନିର୍ମାଣ ପାଇଁ ରେଲୱେ ମନା କରିଦେବା ପରେ ରାଜ୍ୟ ସରକାର ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଛନ୍ତି। ବ୍ରିଜ୍ ନିର୍ମାଣ ପାଇଁ ପାଞ୍ଚ ବର୍ଷ ପୂର୍ବେ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇ ଏହା ବଜେଟ୍‌କୁ ଯାଇଥିଲା। ଟେଣ୍ଡର ଆହ୍ୱାନ କରାଯାଇ ଠିକାଦାରଙ୍କ ଦ୍ୱାରା ତିନିବର୍ଷ ପୂର୍ବେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ଭଳି ଅଭିଯୋଗ ଓ ଅନ୍ୟ ବିବାଦରେ ଛନ୍ଦି ହୋଇ ପଡି ଠିକାସଂସ୍ଥା ପଣ୍ଡା ଇନ୍‌ଫ୍ରା ପ୍ରୋଜେକ୍ଟକୁ ଦୁଇମାସ ପୂର୍ବେ ବିଦା କରାଯାଇଥିଲା। ଫଳରେ ଅଧପନ୍ତରା ଭାବେ ପଡିରହିଛି ଏହି ବ୍ରିଜ୍। ପୂର୍ବପେକ୍ଷା ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଜନସାଧାରଣ। ଠିକାସଂସ୍ଥା ବିଦା ହେବା ପରେ ଟେଣ୍ଡର ଏଯାବତ୍ ହୋଇନାହିଁ। ଏ ନେଇ ଜନସାଧାରଣଙ୍କ ମଧ୍ୟରେ ଫ୍ଲାଏ ଓଭର ନେଇ ଅନିଶ୍ଚିତତା ଲାଗି ରହିଛି।

ସେହିପରି ଜଟଣୀ ତହସିଲ ଅନ୍ତର୍ଗତ ୧୩ଟି ମୌଜା ବାସିନ୍ଦା ସେମାନଙ୍କ ସ୍ଥିତିବାନ ଜମି ଓ ଘରକୁ ନେଇ ଆଶଙ୍କା ମଧ୍ୟରେ ରହିଛନ୍ତି। ବାପଅଜା ଅମଳରୁ ଶତାଧିକ ବର୍ଷ ହେବ ପଟ୍ଟା, ପଟ୍ଟାଧାରୀ ରୟତଙ୍କର ଜମି ଓ ଘରକୁ ୫ ବର୍ଷ ପୂର୍ବେ ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ରେକର୍ଡ କରି ଦିଆଯାଇଥିଲା। ସେମାନଙ୍କ ଅଗୋଚରରେ ଏପରି ରେକର୍ଡ ପରିବର୍ତ୍ତନ କରି ଦିଆଯାଇଥିବା ହଜାର ହଜାର ରୟତ ଅଭିଯୋଗ କରି ଆସୁଛନ୍ତି। ସେମାନେ ଏକ ପ୍ରକାର ଭୂମିହୀନ ଅବସ୍ଥାରେ ରହିଛନ୍ତି। ଏହାଦ୍ୱାରା ବିଭିନ୍ନ ସରକାରୀ ଯୋଜନାଠାରୁ ଆରମ୍ଭ କରି ବ୍ୟାଙ୍କ ଋଣ, ଅନ୍ୟ ସୁବିଧାରୁ ସେମାନେ ବଞ୍ଚିତ ହେଉଛନ୍ତି। ଏହାକୁ ବିରୋଧ କରି ରୟତମାନେ ଆନ୍ଦୋଳନ ଜାରି ରଖିଛନ୍ତି। ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା କରିଛନ୍ତି। ବିଂଭାଗୀୟ ମନ୍ତ୍ରୀ, ଅଧିକାରୀଙ୍କୁ ଏ ନେଇ ଅବଗତ କରିବା ସହ ପୂର୍ବ ରେକର୍ଡ ବଜାୟ ରଖିବାକୁ ଦାବି କରିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

### ୯ ରେ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ



"ଜଟଣୀ ଦୁଇ ପ୍ରମୁଖ ସମସ୍ୟାର ସମାଧାନ ପାଇଁ କଂଗ୍ରେସ ଦାବି କରି ଆସୁଛି। ବିଭିନ୍ନ ସମୟରେ ଆନ୍ଦୋଳନ ମଧ କରିଛି। ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କୁ ସାକ୍ଷାତ୍ କରି ଏ ନେଇ ଅବଗତ କରାଯାଇଛି। ଏପରି କି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଏହାର ସମାଧାନ ପାଇଁ ଅନୁରୋଧ କରାଯାଇଛି। ଫ୍ଲାଏ ଓଭର ଓ ଅନ୍ୟ ସମସ୍ୟାକୁ ନେଇ ନଭେମ୍ବର ୯ରେ ଦଳ ପକ୍ଷରୁ ଏଠାରେ ରାସ୍ତାରୋକୋ ଆନ୍ଦୋଳନ କରାଯିବ।

**ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ ସଭାପତି**



"ଏଠାରେ ଥିବା ଜମି ସମସ୍ୟା ଦୂର ପାଇଁ ତାଙ୍କ ନେତୃତ୍ୱରେ ଆଇନମନ୍ତ୍ରୀ, ସଚିବ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା ସରିଛି। ସେମାନଙ୍କଠାରୁ ସକାରାତ୍ମକ ପ୍ରତିଶ୍ରୁତି ମଧ ମିଳିଛି। ନ୍ୟାୟାଳୟରେ ସରକାର ଗୁରୁତ୍ୱ ଦେଉଛନ୍ତି। ସେହିପରି ଅନ୍ୟତମ ଦୀର୍ଘବର୍ଷର ସମସ୍ୟା ବ୍ରିଜ୍ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଦୀର୍ଘବର୍ଷର ଏହି ସମସ୍ୟା ଦୂର କରି ପାରି ନ ଥିବା ବିରୋଧୀ ଦଳ ଏହାକୁ ନେଇ ରାଜନୀତି ନ କରୁ। ରାଜ୍ୟ ସରକାରଙ୍କ ଯୋଗୁ ବ୍ରିଜ ନିର୍ମାଣ ସମ୍ଭବ ହେଲା। ସେ ବିଧାୟକ ଥିବାବେଳେ ନିର୍ମାଣ ପାଇଁ ସରକାର ଏହାକୁ ମଞ୍ଜୁର କରିଥିଲେ। ଖୁବ୍‌ଶୀଘ୍ର ଏହାର ରି'ଟେଣ୍ଡର କରାଯାଇ ବଳକା ଥିବା କାମକୁ ସମ୍ପୂର୍ଣ୍ଣ କରାଯିବ।

**ବିଭୂତି ଭୂଷଣ ବଳବନ୍ତରାୟ, ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲା ବିଜେଡି ସଭାପତି**

## ପାରିବାରିକ କଳହ, ସ୍ୱାମୀଙ୍କ ଆତ୍ମହତ୍ୟା

ଖୋର୍ଦ୍ଧା ଅଫିସ,୨୭।୧୦:
ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗିଥିଲା। ସ୍ତ୍ରୀ ଘର ଛାଡି ଯିବା ବେଳେ ଅଚେତ ହୋଇ ତଳେ ପଡି ଯାଇଥିଲେ। ତାଙ୍କୁ ପଡୋଶୀ ଚିକିତ୍ସା ଲାଗି ଡାକ୍ତରଖାନା ନେଇଥିଲେ। ସ୍ତ୍ରୀଙ୍କ କିଛି ହୋଇଗଲା ଭାବି ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ମୃତକ ସ୍ୱାମୀ ହେଲେ ମାନସ ରଞ୍ଜନ ଦାସ(୩୦)। ଘର ଖୋର୍ଦ୍ଧା ଟାଉନ ଥାନାର ଭୋଗଡାରେ। ମାନସ ଖୋର୍ଦ୍ଧା ସହରର ନୟାଗଡ ରୋଡରେ ବଡଶଙ୍ଖ ନିକଟରେ ରହୁଥିଲେ। ସେ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଜଣେ କର୍ମଚାରୀ ଭାବେ କାମ କରୁଥିଲେ। ତାଙ୍କର ଦୁଇ ସନ୍ତାନ ଅଜା ଘରକୁ ବୁଲିବାକୁ ଯାଇଛନ୍ତି। ଶୁକ୍ରବାର ରାତିରେ କୌଣସି କାରଣକୁ ନେଇ ମାନସ ସ୍ତ୍ରୀଙ୍କ ଉପରେ ଉତ୍ତେଜିତ ହୋଇ ମାରପିଟ୍ କରିଥିଲେ। ସ୍ତ୍ରୀ ରାଗିଯାଇ ଘର ଛାଡି ପଳାଇ ଯାଉଥିଲେ। ତେବେ ଘର ସମ୍ମୁଖରେ ସେ ଅଚେତ ହୋଇ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ସ୍ତ୍ରୀ ସୁସ୍ଥ ହୋଇ ଘରକୁ ରାତିରେ ଫେରିବାବେଳକୁ ଘରର କବାଟ ମାନସ ଖୋଲି ନ ଥିଲେ। କବାଟ ଭାଙ୍ଗି ଦେଖିବା ପରେ ମାନସ ବେଡଶିଟ ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବରପାଇ ଖୋର୍ଦ୍ଧା ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ଏ ନେଇ ନଂ. ୬୨/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି।

## ■ ଭଦ୍ରାରେ ଜାତୀୟ ଖୋ ଖୋ ପ୍ରତିଯୋଗିତା

# ଭାଗ ନେବେ ଖୋର୍ଦ୍ଧାର ୧୪ ଜଣିଆ ଖେଳାଳି ଦଳ



ଖୋ ଖୋ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଖେଳାଳି ।

ଖୋର୍ଦ୍ଧା ଅଫିସ,୨୭।୧୦:
ରାଜସ୍ଥାନର ଭଦ୍ରାଠାରେ ୬୪ ତମ ଜାତୀୟ ଖୋ ଖୋ ପ୍ରତିଯୋଗିତା ହେଉଛି। ଏହା ଅକ୍ଟୋବର ୩୧ରୁ ଆରମ୍ଭ ହୋଇ ନଭେମ୍ବର ୧ରେ ଶେଷ ହେବ। ଏଥିରେ ଖୋର୍ଦ୍ଧା ଜିଲା ଦଳରେ ୧୭ ବର୍ଷରୁ କମ ୧୪ ଜଣ ବାଳିକା ଭାଗ ନେବେ। ଦଳର ପରିଚାଳକ ଅନୁଗୋଳର ବିଜୟ ମହାପାତ୍ର ଓ କୋଚ୍ ଟିଟିଲାଗଡର ମୈତ୍ରୀ ଦାଶଙ୍କ ନେତୃତ୍ୱରେ ଏହି ଦଳ ଶନିବାର ଯାତ୍ରା ଆରମ୍ଭ କରିଛନ୍ତି। ଏହି ଦଳରେ ଖୋର୍ଦ୍ଧା, ବାଲେଶ୍ୱର, ବଲାଙ୍ଗୀର, ଅନୁଗୋଳ, ସୁନ୍ଦରଗଡ ଓ ଗଞ୍ଜାମ ଜିଲାର ବାଳିକାମାନେ ଅଛନ୍ତି।

## ମହିଳାଙ୍କୁ ନିଯୁକ୍ତି ସମ୍ବନ୍ଧୀୟ ତାଲିମ

କୃଷ୍ଣପ୍ରସାଦ,୨୭।୧୦(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସଭାଗୃହରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଓଡିଶା ଜିବୀକା ମିଶନ ତରଫରୁ ମହିଳାମାନଙ୍କୁ ନିଯୁକ୍ତି ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଛି । ଶିବିରରେ ବ୍ଲକ ପ୍ରଗତି ସହାୟକ ସୁବାସ ଚନ୍ଦ୍ର ସେଠୀ ଅଧକ୍ଷତା କରିଥିଲେ । ଏଥିରେ ବ୍ଲକ ମହିଳା ମହାସଂଘର କର୍ମକର୍ତ୍ତାମାନେ ଭାଗନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ମୁଖ୍ୟକିରାଣି ରୂପକ କୁମାର ରାଉତରାୟ, ବିଏସ୍‌ଏ ଅର୍ଚ୍ଚନା ଦଳେଇ, ବିଏଲସି ସବିତା ତରେଇ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ସଂଯୋଜକ ବିକାଶ ରଞ୍ଜନ ରାଉତ ଗ୍ରାମାଞ୍ଚଳରେ ଥିବା ବେକାର ଯୁବତୀଯୁବକ କିଭଳି ନିଯୁକ୍ତି ପାଇ ରୋଜଗାରକ୍ଷମ ହୋଇପାରିବେ ସେ ଦିଗରେ ମହିଳାମାନଙ୍କୁ ତାଲିମ ପ୍ରଦାନ କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ମହିଳାମାନେ।

## କଳା, ସାହିତ୍ୟ, ସଂସ୍କୃତି ପରିଷଦ ବୈଠକ

କୃଷ୍ଣପ୍ରସାଦ,୨୭।୧୦(ଡି.ଏନ.ଏ.)–
କୃଷ୍ଣପ୍ରସାଦ ବ୍ଲକର ଶ୍ରୀଶ୍ରୀ କମଳେଶ୍ୱର ଦେବ କଳା, ସାହିତ୍ୟ, ସଂସ୍କୃତି ପରିଷଦର ବୈଠକ ଶନିବାର ଦେଉଳପଡାସ୍ଥିତ କମଳେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ବନ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ସଂଘ ସମ୍ପାଦକ ତଥା ପ୍ରଧାନ ଶିକ୍ଷକ ସନାତନ ତରେଇ ବାର୍ଷିକ ବିବରଣୀ ପାଠ କରିବା ସହ ଆୟବ୍ୟୟ ଉପସ୍ଥାପିତ କରିଥିଲେ। ସଂଘର ସାରସ୍ୱତ ମୁଖପତ୍ର ଚିଲିକା ସୌରଭ ତୃତୀୟ ସଂସ୍କରଣ ନିମନ୍ତେ ଲେଖା ସଂଗ୍ରହ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ସଂଘ ଗୃହ ନିର୍ମାଣ ତ୍ୱରାନ୍ୱିତ କରିବା ନିମନ୍ତେ ଆଲୋଚନା ହୋଇଥିଲା। ଏଥିରେ ପରିଷଦର ଉପସଭାପତି କାଶୀନାଥ ଜେନା, ସହ ସମ୍ପାଦକ ବାବୁଲା ନାୟକ, ଅଧାପକ ଗୋପାଳ କୃଷ୍ଣ ଜେନା, ଶିକ୍ଷାବିତ୍ ବ୍ରଜ କିଶୋର ଗୌଡ, ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ବାଣପୁରରେ ମଣ୍ଡଳସ୍ତରୀୟ ସୁରଭି

ଖୋର୍ଦ୍ଧା ଅଫିସ,୨୭।୧୦

ବାଣପୁର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବାଣପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କନିଷ୍ଠ ଓ ବରିଷ୍ଠ ବିଭାଗରେ ବ୍ଲକର ୧୨ଟି କ୍ଲଷ୍ଟର ୪୦ଟି ବିଦ୍ୟାଳୟର ୨୪୪ ଜଣ ଛାତ୍ରୀଛାତ୍ର ଯୋଗଦେଇ ତର୍କ, ସୃଜନଶୀଳ ଲେଖନ, ହସ୍ତାକ୍ଷର, ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, କଣ୍ଠ ସଙ୍ଗୀତ, ଦଳଗତ ନୃତ୍ୟ ଏବଂ ମଧାହ୍ନଭୋଜନ ଜନିତ କଳା ଓ ହସ୍ତଶିଳ୍ପ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ହରିଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଡିପିସି ଅମିତା ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜିନୀ ଦାଶ, ଡ. ଜିତାରାମ ବିଦ୍, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ବଳିୟାରସିଂହ, ବିଜୟ କୁମାର ବେହେରା, ଯୋଗୀନାଥ ସ୍ୱାଇଁ, ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଯୋଗଦେଇ ସୁରଭି ସୃଜନ ଶୀଳତାର ପରିପ୍ରକାଶ କରାଇଥାଏ ବୋଲି ମତପ୍ରକାଶ କରିଥିଲେ।

## କନ୍ଦାଖାଇ କଲେଜ ତରଫରୁ ସଫେଇ ସଚେତନତା

କୃଷ୍ଣପ୍ରସାଦ,୨୭।୧୦(ଡି.ଏନ.ଏ.)

ପୁରୀ ଜଲା କୃଷ୍ଣପ୍ରସାଦ ବ୍ଲକର କନ୍ଦାଖାଇ ବିଜ୍ଞାନ ଓ କଳା ମହାବିଦ୍ୟାଳୟ ତରଫରୁ ଶନିବାର ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧାପକ ଡ. ପ୍ରଭାତ କୁମାର ଆଚାର୍ଯ୍ୟ, ମହାବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ତଥା ରୋଭର ଲିଡର ରମେଶ ଚନ୍ଦ୍ର ବିଶ୍ୱାଳ ଏହାକୁ ପରିଚାଳନା କରିଥିଲେ। ଏଥିରେ କଲେଜର ସ୍କାଉଟ୍ ଓ ଗାଇଡ୍‌ର ରୋଭର ରେଞ୍ଜରଙ୍କ ସମେତ ଯୁକ୍ତ ୩ ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀମାନେ ଭାଗନେଇ ପଦଯାତ୍ରାରେ ମାଲୁଦ, ନଟାବଣିଆ, କଣ୍ଟାବଣିଆ, ନୂଆଗାଁ ଆଦି ଗ୍ରାମ ପରିକ୍ରମା କରି ପଲଥିନ ବର୍ଜନ ଓ ସ୍ୱଚ୍ଛ ପରିବେଶ ଉପରେ ଜନସଚେତନତା କରାଇଥିଲେ।

## ସମାଜ ପ୍ରତି ପ୍ରାଣନାଥଙ୍କ ଅବଦାନ ଉପରେ କର୍ମଶାଳା

ଖୋର୍ଦ୍ଧା ଅଫିସ,୨୭।୧୦:

ସମାଜ ପ୍ରତି ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କ ଅବଦାନ ଉପରେ ଦୁଇଦିନିଆ କର୍ମଶାଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ରଙ୍ଗମଞ୍ଚରେ ଇତିହାସ, ରାଜନୀତି ବିଜ୍ଞାନ, ଶିକ୍ଷା ଓ ଓଡ଼ିଆ ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ବିଦ୍ୟାଧର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଅତୁଲ୍ୟ ପ୍ରଧାନ, ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଅଶୋକ ପଟ୍ଟନାୟକ, ପ୍ରଦୋଷ ପଟ୍ଟନାୟକ, ବିଷ୍ଣୁ ଚୌଧୁରୀ, ଅମୂଲ୍ୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଇତିହାସ ବିଭାଗର ମୁଖ୍ୟ ଅଞ୍ଜଳିବାଳା ପଣ୍ଡା ଅତିଥି ପରିଚୟ ଓ ସଙ୍ଗଠକ ପ୍ରଦୀପ କୁମାର ମିଶ୍ର କର୍ମଶାଳାର ଉଦ୍ଦେଶ୍ୟ ନେଇ ଟିପ୍ପଣୀ ଦେଇଥିଲେ। ଅପରପକ୍ଷେ ଅଶୋକ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଧିବେଶନରେ ଅଧାପକ ଜନ୍ମେଜୟ ଚୌଧୁରୀ, ପ୍ରବୀଣ ସାହୁ ଯୋଗ ଦେଇଥିଲେ। ଅହଲ୍ୟା ସ୍ୱାଇଁ ଓ ବିଦ୍ୟୁଶ୍ରୀ ଏହାକୁ ପରିଚାଳନା କରିଥିଲେ। ବକ୍ତାମାନେ ସ୍ୱାଧୀନତା ସଂଗ୍ରାମୀ ତଥା ସାମ୍ୟବାଦୀ ନେତା ପ୍ରାଣନାଥ ପଟ୍ଟନାୟକ ସଂଗ୍ରାମ ଓ ପ୍ରେରଣା ଉପରେ ଟିପ୍ପଣୀ ଦେଇଥିଲେ।

## ■ ଯୋଜନାର ସୁଫଳ ପାଉନାହାନ୍ତି ଲୋକେ

# ବିପଦସଙ୍କୁଳ ଘରେ ୨୩ ଦଳିତ ପରିବାର

■ବିତାଉଛନ୍ତି ଅଭିଶପ୍ତ ଜୀବନ

■ଅଘଟଣ ପୂର୍ବରୁ ନାହିଁ ସୁରକ୍ଷା ଚିନ୍ତା

ଖୋର୍ଦ୍ଧା ଅଫିସ,୨୭।୧୦:

ଗରିବ ଲୋକଙ୍କ ଥଇଥାନ ଓ ନିରାପତ୍ତା ପାଇଁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଯୋଜନା ପରି ବିଭିନ୍ନ ଲୋକ ହିତକର କାର୍ଯ୍ୟ ଚାଲିଛି। ହେଲେ ପ୍ରକୃତ ହିତାଧିକାରୀଙ୍କ ପାଖରେ ଏହା ଅପହଞ୍ଚ ରହୁଥିବାରୁ ସରକାରଙ୍କ ଯୋଜନା କାହା ପାଇଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏ ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ନାରୁଣୀ ପଞ୍ଚାୟତ ଗୋରଡାଝରୀ ଡମସାହିର ୨୩ ଦଳିତ ପରିବାରର ଅଭିଶପ୍ତ ଜୀବନକୁ ଦେଖିଲେ ସରକାରୀ ଯୋଜନା ଥିଲା ପରି ଜଣାପଡୁନାହିଁ। ଏହି ଦଳିତ ପରିବାରମାନେ ଭଙ୍ଗା ଆଜବେଷ୍ଟସ ଘରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଖରା, ଶୀତ, ବର୍ଷା ଖାଇ ଭାଗ୍ୟକୁ ଆଦରି ପଡି ରହିଛନ୍ତି। ଅଭିଯୋଗ, ପ୍ରତିବାଦ ପରେ ବି ଏମାନଙ୍କର ସ୍ୱର ବ୍ଲକ ଓ ଜିଲା ପ୍ରଶାସନ କାନକୁ ଶୁଣାଯାଉନାହିଁ। ସ୍ଥାନୀୟ ରାଜନେତାମାନେ ମଧ ଏମାନଙ୍କ ସମସ୍ୟାକୁ ନେଇ ଚିନ୍ତିତ ନୁହନ୍ତି। କିଛିଦିନ ତଳେ ତିତ୍‌ଲି ବାତ୍ୟାରେ ସମ୍ପୃକ୍ତ ପରିବାରର ସଦସ୍ୟମାନେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହୋଇସାରିଛନ୍ତି। ତଥାପି ଅଘଟଣ ପୂର୍ବରୁ ଏଯାବତ ସୁରକ୍ଷା ଚିନ୍ତା କରାଯାଉନାହିଁ। ଯଦି ଅଘଟଣ ଘଟେ ତେବେ କିଏ ଦାୟୀ ହେବ ବୋଲି କୁହାଯାଉଛି।



ଦଳିତ ପରିବାରଙ୍କ ଭଙ୍ଗାଘର ।

ଦଳିତ ଆଦିବାସୀ ଥଇଥାନ ଯୋଜନାରେ ୧୯୯୦ରେ ୨୦ ଭୂମିହୀନ ପରିବାରକୁ ଗୋରଡାଝରୀ ଡମସାହିରେ ରଖାଯାଇଥିଲା। ଏମାନଙ୍କ ପାଇଁ ୭ ହଜାର ୫ ଶହ ଟଙ୍କା ବ୍ୟୟରେ ପଥର ମାଟି କାନ୍ଥରେ ଆଜବେଷ୍ଟସ ଛପର ଘର କରାଯାଇଥିଲା। ଅନ୍ୟପକ୍ଷେ ୪୫ ହଜାର ଟଙ୍କା ବ୍ୟୟରେ ଏକ ଗୋଷ୍ଠୀ ଗୃହ ମଧ ନିର୍ମାଣ ହୋଇଥିଲା। ନିର୍ମାଣର ୧୨ ବର୍ଷ ପରେ ଘରଗୁଡିକ ମରଣଯନ୍ତା ପାଲଟିଛି। ରୋଜଗାର ଭଲ ନ ଥିବାରୁ ଦଳିତ ପରିବାର ଘରର ମରାମତି ମଧ କରି ପାରି ନ ଥିଲେ। ଧୀରେ ଧୀରେ ଘର ପରିତ୍ୟକ୍ତ ହେବାରେ ଲାଗିଛି। ଘରର କାନ୍ଥ ଫାଟି ଯାଇଥିବାବେଳେ ଝରକା, କବାଟ ସବୁ ଭାଙ୍ଗି ରୁଜି ନଷ୍ଟ ହୋଇଗଲାଣି। କିଛି ଘରେ ତାଟି କବାଟ ଲାଗିଛି। ସାମାନ୍ୟ ବର୍ଷାରେ ଘରୁ ପାଣି ଗଳୁଛି। ନୂଆ ଘର ପାଇବା ପାଇଁ ଅଥବା ପୁରୁଣା ଘରର ମରାମତି ପାଇଁ ଏହି ପରିବାରର ସଦସ୍ୟମାନେ ବିଭିନ୍ନ ସମୟରେ ବିଡିଓ, ଉପଜିଲାପାଳ ଓ ଜିଲାପାଳଙ୍କୁ ଭେଟିଥିଲେ ମଧ ସମସ୍ୟାର ସମାଧାନ କରାଯାଉନାହିଁ। ଅଫିସରମାନେ ଅଭିଯୋଗ ଶୁଣିଛନ୍ତି। ପ୍ରତିକାର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପରେ ଭୁଲି ଯାଇଛନ୍ତି। ପୁଣି କାର୍ଯ୍ୟାଳୟକୁ ଗଲାବେଳକୁ ନୂଆ ଅଫିସର। ବାରମ୍ବାର ଅଭିଯୋଗ କରି ସୁଫଳ ମିଳୁ ନ ଥିବାରୁ କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରି ସମ୍ପୃକ୍ତ ପରିବାର ଆଉ କାହାକୁ ଭେଟୁ ନାହାନ୍ତି। ଏ ନେଇ ସୁର ଘଡେଇ, ନୀର ଘଡେଇ ଓ ବୀଣା ଘଡେଇ କୁହନ୍ତି, ୨୦ ପରିବାର ଏବେ ୨୩ ପରିବାରରେ ପହଞ୍ଚିଛି। ଅଧିକାଂଶ ଘରର କବାଟ, ଝରକା ଭାଙ୍ଗିଯିବା ପରେ ବାଉଁଶ ପାତିଆରେ ତିଆରି କବାଟ ଲାଗିଛି। ଖରା, ବର୍ଷା, ଶୀତ ଓ କାକର ସେମାନଙ୍କ ପାଇଁ ସବୁ ସମାନ। ଗରିବ ଯୋଗୁ ଭାଗ୍ୟକୁ ଆଦରି ପଡି ରହିବା ବ୍ୟତୀତ ଅନ୍ୟ ଉପାୟ ନାହିଁ ବୋଲି ସେମାନେ କହିଛନ୍ତି। ୱାର୍ଡସଭ୍ୟ ରାମଚନ୍ଦ୍ର ନାୟକ କୁହନ୍ତି, ଆଉ କିଛିଦିନ ପରେ ଘର ସବୁ ଭାଙ୍ଗି ମାଟିରେ ମିଶିଯିବ। ଆଗକୁ ନିର୍ବାଚନ ଆସୁଛି। ଗାଁଲୋକ ଏହି ସମୟରେ ଦାବି କଲେ ସରକାର ନିଶ୍ଚିତ ପଦକ୍ଷେପ ନେବେ। ଏଣୁ ବାରମ୍ବାର ଦାବି କରି ଅସଫଳ ହୋଇଥିବା ଲୋକମାନଙ୍କ ଘର ସମସ୍ୟା ସମାଧାନ କରା ନ ଗଲେ ନିର୍ବାଚନରେ ଭୋଟ ବର୍ଜନ କରିବା ନିଷ୍ପତ୍ତି ନିଆଯିବ ବୋଲି ଠିକ୍ ହୋଇ ସାରିଥିବା ମତ ରଖିଛନ୍ତି।



ଜ୍ଞାନଠାରୁ କଳ୍ପନା ଶକ୍ତିର ଗୁରୁତ୍ୱ ଅଧିକ ବୋଲି ସବୁବେଳେ ମନେରଖିବା ଉଚିତ।
-ଆଇନଷ୍ଟାଇନ୍



## ସଂକ୍ଷେପରେ

### ତିତ୍‌ଲି ବାତ୍ୟା, ୮୪୮ ହେକ୍ଟର ଧାନ ଫସଲ ନଷ୍ଟ

ପୁରୀ ଅଫିସ,୨୭।୧୦: ତିତିଲି ବାତ୍ୟାରୁ ପୁରୀ ଜିଲା ବର୍ତ୍ତି ଯାଇଥିଲେ ହେଁ ଧାନ ପସଲ ପ୍ରଭାବିତ ହୋଇଛି। ଜିଲାର ୩ଟି ବ୍ଲକ ଅଞ୍ଚଳରେ ୮୪୮ ହେକ୍ଟର ଧାନ ଫସଲ ନଷ୍ଟ ହୋଇଥିବା ଜିଲା କୃଷି ବିଭାଗ ପ୍ରଶାସନକୁ ରିପୋର୍ଟ ଦେଇଛି। ପୁରୀ ସଦର ବ୍ଲକରେ ୪୦ ହେକ୍ଟର, କୃଷ୍ଣପ୍ରସାଦରେ ୧୩୦ ହେକ୍ଟର ଏବଂ କଣାସ ବ୍ଲକରେ ୬୭୮ ହେକ୍ଟର ଧାନ ଫସଲ ନଷ୍ଟ ହୋଇଥିବା ରିପୋର୍ଟରେ ଦଶାଯାଇଛି। ମଲାଗୁଣୀ ନଦୀରେ ଘାଇ ଯୋଗୁ କଣାସ ଅଞ୍ଚଳରେ ଅଧିକ ଧାନ ଫସଲ ନଷ୍ଟ ହୋଇଛି। ସେହିପରି ଅଣଧାନ ଜାତୀୟ ଫସଲ ୧୦୪ ହେକ୍ଟର ନଷ୍ଟ ହୋଇଛି। କୃଷ୍ଣପ୍ରସାଦରେ ୪୪ ହେକ୍ଟର, କଣାସରେ ୧୦ ହେକ୍ଟର ଓ ପିପିଲିରେ ୫୦ ହେକ୍ଟର ନଷ୍ଟ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି।

### ୧୧୩୯ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

ଗୋପ,୨୭।୧୦(ଡି.ଏନ୍.ଏ.): ଗୋପ ବ୍ଲକର ୧୪ଗୋଟି ଗ୍ରାମପଞ୍ଚାୟତର ୧୧୩୯ଜଣ ରାଶନ କାର୍ଡ ହିତାଧିକାରୀଙ୍କୁ ଶନିବାର କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ କାର୍ଡ ବଣ୍ଟନ କରିଥିଲେ। ଗୋପ ବ୍ଲକ୍ ବୈଠକ ଗୃହରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଡ ବଣ୍ଟନ ଉତ୍ସବରେ ବିଧାୟକ ସେଠୀ ନବୀନ ସରକାରଙ୍କ ସମୟରେ ପ୍ରତ୍ୟେକ ଗରିବ ପରିବାରକୁ ଏହି ଯୋଜନାରେ ସାମିଲ କରାଯିବା ସହ କାହାକୁ ଭୋକିଲାରେ ରଖାଯିବ ନାହିଁ ବୋଲି କହିଥିଲେ। ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ଗୋପ ବ୍ଲକ୍ ବୀରତୁଙ୍ଗ ପଞ୍ଚାୟତର ୧୨୭ଟି ପରିବାର, ଅଚ୍ୟୁତପୁରର ୪୯, ସୋରଭା ୪୪, ମହଲପଡ଼ା ୫୧, ସୁତନ ୯୪, ତରକୋର ୭୩, ସିମିଳି ୫୩, ଧୂମାଳ ୯୬, ଜଙ୍ଗଲବୋରି ୧୧୨, ବଉଲାଙ୍ଗ ୧୨୫, ବଡ଼ଗାଁ ୨୧, ବନାଖଣ୍ଡି ୪୩, ଦେସ୍ଥଳୀ ଓ ଈଶାଣପୁରର ୨୫୧ଟି ପରିବାର ଏହି ଯୋଜନାରେ ସାମିଲ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଏହି ପଞ୍ଚାୟତଗୁଡ଼ିକରୁ ୪୬୫ଟି ପରିବାର ଚିହ୍ନଟ କରାଯାଇ ରାଶନ କାର୍ଡ ବଣ୍ଟନ କରାଯିବା ପାଇଁ ସୂଚନା ମିଳିଛି। ସିମିଳି ପଞ୍ଚାୟତରେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ନେଇ ସରପଞ୍ଚ କାଞ୍ଚନବାଳା ସେଠ୍, ସମିତିସଭ୍ୟ ବିଶ୍ୱଜିତ୍ ସ୍ୱାଇଁ ଏବଂ କେତେଜଣ ହିତାଧିକାରୀଙ୍କୁ ନେଇ ବୈଠକ ଗୃହରେ ଧାରଣାରେ ବସି ଥିଲେ। ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ ବୋଲି ବିଧାୟକ ସେଠୀ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ଏହି କାର୍ଡ ବଣ୍ଟନ ଉତ୍ସବରେ ଉପାଧକ୍ଷ ଜ୍ୟୋତ୍ସ୍ନାରାଣୀ ମହାନ୍ତି, ବିଡିଓ ରାମଚନ୍ଦ୍ର ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି, ଜିଲା ସହକାରୀ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ସାକ୍ଷୀଗୋପାଳ, ୨୭।୧୦(ଡି.ଏନ୍.ଏ.): ସତ୍ୟବାଦୀ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସତ୍ୟବାଦୀ ହାଇସ୍କୁଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଜେନାଙ୍କ ସଭାପତିତ୍ୱରେ ଜୟପୁର ପଞ୍ଚାୟତ ସରପଞ୍ଚ ବିଶ୍ୱଜିତ ମହାପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିଶୁ ପ୍ରତିଭାମାନଙ୍କୁ ବିଦ୍ୟାଳୟ ସ୍ତରରୁ ଚିହ୍ନଟକରି ସେମାନଙ୍କ ବିକାଶ ଲକ୍ଷ୍ୟରେ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ତର୍କ, ପ୍ରବନ୍ଧ, ବକ୍ତୃତା, ସୃଜନାତ୍ମକ ଲିଖନ, ଓଡ଼ିଆ ସଙ୍ଗୀତ, ଚିତ୍ରାଙ୍କନ, ହସ୍ତାକ୍ଷର, କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦିବ୍ୟାଙ୍ଗ ପିଲାମାନଙ୍କ ମଧରେ ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିବା ବେଳେ ମଧ୍ୟାହ୍ନଭୋଜନ ଆଦି ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଏକକ ନୃତ୍ୟ, ଆଧାତ୍ମିକ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ୧୪ଟି ଆଞ୍ଚଳିକ ସାଧନକେନ୍ଦ୍ରର ୩୨୨ ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବର ମୁଖ୍ୟଅତିଥି ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ, ମୁଖ୍ୟବକ୍ତା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦା କୁମାରୀ ଦାଶ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଏବିଓ ତ୍ରିଲୋଚନ ପ୍ରଧାନ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପରିଡା ଯୋଗଦେଇଥିଲେ। ୧୮ଟି ବିଭାଗରେ ପ୍ରଥମସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୟନ କରାଯାଇଥିଲା। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ୬୯ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକ ମଣ୍ଡଳୀ ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ, ଗାଇଡ୍ ଶିକ୍ଷୟିତ୍ରୀ ଓ ଶିକ୍ଷକ ପରିଚାଳନା କରିଥିଲେ।

# କୁଢ଼ କୁଢ଼ ଆବର୍ଜନା, ନାକ ଟେକୁଛନ୍ତି ପର୍ଯ୍ୟଟକ

ବ୍ରହ୍ମଗିରି,୨୭।୧୦(ଡି.ଏନ.ଏ):

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ରାଜ୍ୟରେ ଲାଗୁ କରାଯାଇଛି ପଲିଥିନ ଓ ପ୍ଲାଷ୍ଟିକ କଟକଣା। ଏହାକୁ ଦୃଢ଼ ଭାବେ କାର୍ଯ୍ୟକାରୀ କରିବା ପୂର୍ବରୁ ସବୁ ସ୍ତରରୁ ସଚେତନତା ସୃଷ୍ଟି କରାଯାଇଛି। ହେଲେ ପୁରୀ ଜିଲା ବ୍ରହ୍ମଗିରି ବଜାର ସମେତ ବ୍ଲକ୍‌ର ବିଭିନ୍ନ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଏବେ କୁଢ଼ କୁଢ଼ ପଲିଥିନ ଓ ପ୍ଲାଷ୍ଟିକ୍ ଆବର୍ଜନା ଗଦାହୋଇ ରହିଥିବା ଦେଖିବାକୁ ମିଳିଛି। ଏହି ପରିବେଶ ଦେଖି ପର୍ଯ୍ୟଟକମାନେ ନାକ ଟେକୁଥିବାବେଳେ ପଲିଥିନମୁକ୍ତ ଅଞ୍ଚଳ ସୃଷ୍ଟି କରିବା କ୍ଷେତ୍ରରେ ପ୍ରଶାସନିକ ତଥା ବିଭାଗୀୟ ବିଫଳତା ବାରି ହୋଇପଡୁଛି। ଦେଶର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତଥା ଧାର୍ମିକ କ୍ଷେତ୍ର ଶ୍ରୀକ୍ଷେତ୍ର ଓ ଚିଲିକାକୁ ଲାଗି ରହିଛି ବ୍ରହ୍ମଗିରି ବ୍ଲକ୍। ଏହି ବ୍ଲକରେ ମଧ୍ୟରେ ଏକାଧିକ ପର୍ଯ୍ୟଟନସ୍ଥଳୀ ରହିଛି। ଏଥିପାଇଁ ପ୍ରତିଦିନ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ବ୍ରହ୍ମଗିରିକୁ ଆସିଥାନ୍ତି। ପୁରୀରୁ ଚିଲିକା ଯିବା ଆସିବା ବାଟରେ ପର୍ଯ୍ୟଟକମାନେ ବ୍ରହ୍ମଗିରିର ବିଭିନ୍ନ ପର୍ଯ୍ୟଟନସ୍ଥଳ ସମେତ ବଜାରରେ ବୁଲାବୁଲି କରିଥାନ୍ତି। ହେଲେ ରାସ୍ତାପାର୍ଶ୍ୱ, ପର୍ଯ୍ୟଟନସ୍ଥଳ ଓ ବଜାରର ବିଭିନ୍ନ ସ୍ଥାନରେ ଆବର୍ଜନା ପଡ଼ିରହି ଦୁର୍ଗନ୍ଧ ବାହାରୁଛି। ବିଶେଷକରି ପଲିଥିନ ଓ ପ୍ଲାଷ୍ଟିକ ଆବର୍ଜନା ପର୍ଯ୍ୟଟକମାନଙ୍କୁ ତିକ୍ତ ଅନୁଭୂତି ଦେଉଛି। ସରକାର ପଲିଥିନ କଟକଣା କରିବା ପରେ ଆଶା ଥିଲା ଏଣିକି ବ୍ରହ୍ମଗିରି ଅଞ୍ଚଳ ଓ ପର୍ଯ୍ୟଟନସ୍ଥଳଗୁଡିକ ବେଶ୍ ସୁନ୍ଦର ହୋଇଉଠିବ। ସଫାସୁତୁରା ପରିବେଶ ଦେଖି ଅନ୍ତତଃ ପର୍ଯ୍ୟଟକମାନେ ଭଲ ଅନୁଭୂତି ନେଇ ଫେରିବେ। ବ୍ରହ୍ମଗିରି ଓ ଚିଲିକାକୁ ପଲିଥିନ୍ ମୁକ୍ତ କରି ଜୈବବିବିଧତା ବଜାୟ ରଖିବା ପାଇଁ ବ୍ରହ୍ମଗିରି ବନ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ତରଫରୁ ଏକ ସଚେତନତା ରାଲି କରାଯାଇଥିଲା। ମା' ବାଲିହରଚଣ୍ଡୀ ପୀଠ, ଅଲାରନାଥ ପୀଠ, ଭାବକୁଣ୍ଡଳେଶ୍ୱର ପୀଠ ଏବଂ ସାତପଡାକୁ ସଫାସୁତୁରା କରାଯିବା ସହିତ ବାଲିହରଚଣ୍ଡୀ ପୀଠରୁ ବ୍ରହ୍ମଗିରି ପର୍ଯ୍ୟନ୍ତ ହଜାର ହଜାର ଛାତ୍ରୀଛାତ୍ର ଏହି ସଚେତନତା ରାଲିରେ ସାମିଲ୍ ହୋଇ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ବାର୍ତ୍ତା ଦେଇଥିଲେ। ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ମାଧ୍ୟମରେ ମଧ୍ୟ ସଚେତନତା କରାଯାଇଥିଲା। ସେହିଭଳି ପ୍ରଶାସନ ପକ୍ଷରୁ ଏକାଧିକ ସ୍ଥାନରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ମାତ୍ର ପ୍ରଶାସନ, ବନ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ପାଇଁ ଏବେ ବ୍ରହ୍ମଗିରି, ଚିଲିକା ଓ ବିଭିନ୍ନ ଅଞ୍ଚଳ ପଲିଥିନ ଆବର୍ଜନାମୟ ହୋଇ ରହିଛି। ତୁରନ୍ତ ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସଚେତନ କରି ନିଜେ ଭୁଲିଗଲେ ଅଧିକାରୀ



ରାସ୍ତା ପାର୍ଶ୍ୱରେ ଗଦାହୋଇଥିବା ଅଳିଆ।

■ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିବା ପ୍ରସଙ୍ଗ

# ଖୋଳତାଡ଼ ଜାରି, ଥାନାରେ ଏତଲା

ପୁରୀ ଅଫିସ, ୨୭।୧୦:

ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିବା ନେଇ ଶୁକ୍ରବାର ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାର ଖୋଳତାଡ଼ ଜାରି ରଖିଥିବା ବେଳେ ଶନିବାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏ ନେଇ ଥାନାରେ ଏତଲା ଦିଆଯାଇଛି। ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ାଇବା ଅଭିଯୋଗରେ ପୋଲିସ ଜଣେ ଯୁବତୀଙ୍କ ସହ ୯ ଜଣଙ୍କୁ ଥାନାରେ ଅଟକ ରଖି ପରେ ଛାଡ଼ି ଦେଇଥିଲା। ଏମାନେ ରାଜ୍ୟ ପର୍ଯ୍ୟଟନ ବିଭାଗଠାରୁ ଅନୁମତି ଆଣି ପ୍ରାମାଣିକ ଚଳଚ୍ଚିତ୍ର ପାଇଁ ଚିତ୍ର ଉତ୍ତୋଳନ କରୁଥିଲେ। ଏହା ଜାଣିବା ପରେ ପୋଲିସ ସେମାନଙ୍କୁ ଛାଡ଼ିଥିଲା। କିନ୍ତୁ ଶ୍ରୀମନ୍ଦିର ହେଉଛି ଏକ ବିରଳ ଐତିହ୍ୟ। ଏହାର ଫଟୋ ବାହାରକୁ ଯାଇପାରିବ ନାହିଁ ବୋଲି ନିୟମ ରହିଛି। ଯଦି ଶ୍ରୀମନ୍ଦିରର ଫଟୋ ଉଠାଯାଇ ବାହାରକୁ ଛଡ଼ା ଯାଇଥାନ୍ତା ଏଥିପ୍ରତି କିଏ ଦାୟୀ ରହିଥାନ୍ତା ବୋଲି ଏତଲାରେ ଦର୍ଶାଯାଇଛି। ଶୁଟିଂ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଏଏସ୍‌ଆଇ ଅନୁମତି ଦେଇଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଯଦି ସେମାନେ ଅନୁମତି ଆଣିଥିଲେ ତେବେ ସ୍ଥାନୀୟ ପୋଲିସର ସହାୟତା ନେଲେ ନାହିଁ କାହିଁକି? ଏଥିରୁ ସ୍ପଷ୍ଟ ଯେ, ସେମାନଙ୍କ ମନ୍ଦ ଉଦ୍ଦେଶ୍ୟ ରହିଥିଲା। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ଯେପରି ଭବିଷ୍ୟତରେ ଏହି ଘଟଣାର ପୁନରାବୃତ୍ତି ନ ଘଟେ ବୋଲି ଏତଲାରେ ଦର୍ଶାଯାଇଛି। ଏ ସମ୍ପର୍କରେ ଥାନା ଆଇଆଇସି ଗୋକୁଳ ଚନ୍ଦ୍ର ଦାଶ କହିଛନ୍ତି, ରାଜ୍ୟ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ କଲିକାତର ଲିଷ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌କୁ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଉକ୍ତ ସଂସ୍ଥା ପର୍ଯ୍ୟଟନ ବିଭାଗ ଏବଂ ଏଏସ୍‌ଆଇଠାରୁ ଅନୁମତି ଆଣି ଶୁଟିଂ କରୁଥିଲା। କିନ୍ତୁ ସଂସ୍ଥାର କର୍ମଚାରୀ ଡ୍ରୋନ ମାଧ୍ୟମରେ ଶୁଟିଂ କରୁଥିବା ଖବର ମିଳିବା ପରେ ସେମାନଙ୍କୁ ଥାନାକୁ ଆଣି ପଚରା ଉଚରା କରାଯାଇଥିଲା। ସେମାନଙ୍କଠାରୁ ଅନୁମତିପ୍ରାପ୍ତ କାଗଜପତ୍ର ଦେଖାଯାଇଛି। କିନ୍ତୁ ଡ୍ରୋନ ବ୍ୟବହାର ନେଇ କୌଣସି ଅନୁମତିପତ୍ର ମିଳି ନ ଥିବାରୁ ଅଧିକ ତଦନ୍ତ ପାଇଁ ଡ୍ରୋନକୁ ଜବତ କରାଯାଇଛି ବୋଲି ଦାଶ କହିଛନ୍ତି।

■ କୁମାରୋତ୍ସବ ଉଦ୍‌ଯାପିତ

# ସଂସ୍କୃତି ଦୁଇ ଦେଶକୁ ଯୋଡ଼େ

ପୁରୀ ଅଫିସ, ୨୭।୧୦:

ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ସଂସ୍କୃତି ଦୁଇ ଦେଶକୁ ଯୋଡ଼େ। ଶ୍ରୀକ୍ଷେତ୍ର ହେଉଛି କଳା, ସଂସ୍କୃତି,ଐତିହ୍ୟର ସମାହାର ବୋଲି କୁମାର ଉତ୍ସବ ସମିତି ଆନୁକୂଲ୍ୟରେ ଶରଧାବାଲିଠାରେ ୩ଦିନ ବ୍ୟାପୀ ଚାଲିଥିବା ୫୧ତମ କୁମାରୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ପିସିସି ମୁଖପାତ୍ର ପଦ୍ମନାଭ ଗୁରୁ। କୁମାର ଉତ୍ସବ ସମିତିର କାର୍ଯ୍ୟକାରୀ ସଭାପତି ଗୋପାଳ ଚନ୍ଦ୍ର ଖଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କହିଲେ ଯେ, ଶ୍ରୀଜଗନ୍ନାଥ ହେଉଛନ୍ତି ଉତ୍କଳର ଠାକୁର। ଶ୍ରୀଜଗନ୍ନାଥଙ୍କୁ ନେଇ ଆମ ସଂସ୍କୃତି। ଉତ୍ସବ ହେଉଛି କଳା ବିକାଶର ଏକ ମାଧ୍ୟମ। ରୋଟାରିୟାନ୍ ଜୟ ଦାଶଗୁପ୍ତା, ବିଷ୍ଣୁ ପ୍ରସାଦ ମିଶ୍ର, ରଶ୍ମିରଞ୍ଜନ ସିହ୍ନା, ସମିତିର ଉପଦେଷ୍ଟା ରାଜେଶ ମିଶ୍ର, ପ୍ରଜାବତ୍ସଳ ସ୍ୱାଇଁ, ସାମାଜିକ କର୍ମୀ ବିଶ୍ୱନାଥ ମିଶ୍ର, ବିଶ୍ୱଜିତ ମହାନ୍ତି, ରତନ କୁମାର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସାମାଜିକ ଅନୁଷ୍ଠାନ ସାହିଭାଇ, ମୋତିଚାନ୍ଦ ବିନାୟକ ସମିତି, ସାମାଜିକ କର୍ମୀ ରାଜେଶ ମହାନ୍ତି, ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ, ନାଟ୍ୟକାର ଭରତ କୁମାର ନାୟକ, ମଞ୍ଚ ଅଭିନେତ୍ରୀ ଅହଲ୍ୟା ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସମିତି ସମ୍ପାଦକ ସ୍ୱାଧୀନ ପଣ୍ଡା, ଶ୍ୟାମପ୍ରକାଶ ସେନାପତି ମଞ୍ଚ ଏବଂ ପିୟୂଷ ପଟ୍ଟନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଶରଧାବାଲିର ମୁକ୍ତାକାଶ ରଙ୍ଗମଞ୍ଚରେ ନୃତ୍ୟ ଗୁରୁ ଅଶୋକ ଦାଶଙ୍କ ସଂଯୋଜନାରେ କବି ସଚ୍ଚି ରାଉତରାୟଙ୍କ ରଚିତ ଛୋଟ ମୋର ଗାଁଟି ସଙ୍ଗୀତ ଭିତିକ ନୃତ୍ୟ ପରିବେଷିତ ହୋଇଥିଲା। ପରେ ଶ୍ରୀକ୍ରିଷ୍ଣା କଲଚାରାଲ ଏକାଡେମୀ ପକ୍ଷରୁ ଦାଣ୍ଡିଆ ନୃତ୍ୟ ପରିବେଷିତ ହୋଇଥିଲା। ଅଭିନୟ ଡ୍ରାମାଟିକ କ୍ଲବ କଳାକାରମାନେ ଜହ୍ନ ଆମକୁ ଲୁଚି ଦେଖୁଛି ପରିବେଷଣ କରି ଦର୍ଶକଙ୍କୁ କୁମାର ଉତ୍ସବର ବାର୍ତ୍ତା ଦେଇଥିଲେ। ଶେଷ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲେ ପ୍ରଚ୍ଛଦପଟ ଗାୟିକ ଓ ଗାୟିକା। ମନସ୍ୱିନୀ ପଟ୍ଟନାୟକ, ଶଶାଙ୍କ ଶେଖର, ସତ୍ୟଜିତ ପ୍ରଧାନ ପ୍ରମୁଖ କଣ୍ଠଶିଳ୍ପୀ ମାନେ ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରି ଦେଇଥିଲେ। ଗୋଟିଏ ପରେ ଗୋଟିଏ ହିଟ୍ ଗୀତରେ ମତୁଆଲା ହୋଇଥିଲେ ଦର୍ଶକ।



ଉଦ୍‌ଯାପନୀ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶଶାଙ୍କ ଏବଂ ମନସ୍ୱିନୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ବୀମା କର୍ମଚାରୀଙ୍କ ପେନସନ୍ ସଂଶୋଧନ ଦାବି

ପୁରୀ ଅଫିସ, ୨୭।୧୦:

ପେନସନ୍ ଦୟା ଅଥବା କାହାରି ପ୍ରତି ଉଦାରତା ନୁହେଁ, ବରଂ ଜଣେ ବ୍ୟକ୍ତିର ସାମାଜିକ ସୁରକ୍ଷା। ଜଣେ ବ୍ୟକ୍ତି ଅବସର ଗ୍ରହଣ କରିବା ପରେ ପେନସନ୍ ତାର ମୌଳିକ ଅଧିକାର। ଏନେଇ ସୁପ୍ରିମକୋର୍ଟଙ୍କ ଗାଇଡଲାଇନ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାର ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କ ପେନସନ୍ ସଂଶୋଧନ କରନ୍ତି। ବୀମା କ୍ଷେତ୍ରରେ ସରକାର ଗତ ୩ ଦଶନ୍ଧି ମଧ୍ୟରେ ୬ଥର ବେତନ ସଂଶୋଧନ କରିଛନ୍ତି। ଅଥଚ ଅବସରପ୍ରାପ୍ତ ବୀମା କର୍ମଚାରୀଙ୍କ ମୂଳ ପେନସନ୍ ସଂଶୋଧନ କରିନାହାନ୍ତି। ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କ ମାସିକ ମୂଳ ପେନସନ୍ ୧୯୯୫ରେ ଅବସର ନେଇଥିବା କର୍ମଚାରୀଙ୍କ ପେନସନ୍ ଠାରୁ ୪ଗୁଣା ଅଧିକ। ବୀମା କର୍ମଚାରୀଙ୍କ ପ୍ରତି ସରକାରଙ୍କ ଅବିଚାର ଓ ଅସଙ୍ଗତି ଦୂର ଲାଗି ସରକାର ଏବଂ ରାଷ୍ଟ୍ରାୟତ୍ତ ସାଧାରଣ ବୀମା କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯିବ ବୋଲି ସୋମବାର ହୋଟେଲ ଶ୍ରୀହରି ଠାରେ ସର୍ବଭାରତୀୟ ସାଧାରଣ ବୀମା ପେନସନର୍ସ ଫେଡେରେଶନର ୨ ଦିନିଆ ବୈଠକର ପ୍ରଥମ ଦିବସରେ ସର୍ବଭାରତୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ନିରଞ୍ଜନ ମିଶ୍ର କହିଛନ୍ତି। ଫେଡେରେଶନର ସଭାପତି କେଶବ ସାମନ୍ତଙ୍କ ସଭାପତିତ୍ୱରେ ନିଉ ଇଣ୍ଡିଆ ଆସ୍ୟୁରାନ୍ସର ପୂର୍ବତନ ମହାପ୍ରବନ୍ଧକ ରାଜେନ୍ଦ୍ର ପ୍ରସାଦ ସାମଲ, ନ୍ୟାଶନାଲ ଇନସୁରାନ୍ସର ପୂର୍ବତନ ମହାପ୍ରବନ୍ଧକ ସୁଜିତ ଦାସ, ଓରିଏଣ୍ଟାଲ ଇନସୁରାନ୍ସର ଆର.ଏସ. ଟୁଟେଜା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ବୀମା କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବେତନ ସଂଶୋଧନ ଲାଗି ଅତିଥିମାନେ ଦାବି କରିଥିଲେ।

■ ବିଜେଡିର ଯୁବ ସମାବେଶ

# କେନ୍ଦ୍ର ଉପରେ ବର୍ଷିଲେ ମନ୍ତ୍ରୀ, ବିଧାୟକ

ନିମାପଡ଼ା,୨୭।୧୦(ଡି.ଏନ୍.ଏ.):

ନିମାପଡା ବ୍ଲକ ଚଅଁରପଦା ଓ ରଚିଲୋ ପଞ୍ଚାୟତର ପ୍ରାୟ ୨୦ଟି ଗ୍ରାମରେ ଶନିବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଟବନ୍ଧ ଓ ରଚିଲୋଛକ ଠାରେ ଯୁବ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ମୁଖ୍ୟ ଅତିଥିଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ସାହୁ ଓ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ କେନ୍ଦ୍ରରେ ଥିବା ଭାଜପା ସରକାର ମିଛୁଆ ବୋଲି କହିଥିଲେ। ଏହା ସହ ୨୦୧୪ ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାବାସୀଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ମିଥ୍ୟା ବୋଲି ଉଭୟେ କହିଛନ୍ତି। ଏହି ସମାବେଶରେ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ଅଶୋକ ସାହୁ, ସମିତିସଭ୍ୟ ପ୍ରଦୀପ୍ତ ମୁଖି, ଯୁବନେତା ଦୁର୍ଯ୍ୟୋଧନ ବେହେରା, ପ୍ରବୋଧ କୁମାର ପରିଡା, ଭାଗ୍ୟଧର ଖଟୋଇ, ପୂର୍ବତନ କାଉନ୍‌ସିଲର ସନ୍ତୋଷ ଓଝା ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଗ୍ରାମର ପ୍ରତ୍ୟକ ଲୋକମାନଙ୍କୁ ବୁଝାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ସମାବେଶରେ ଚଅଁରପଦା ଓ ରଚିଲୋ ପଞ୍ଚାୟତର ପ୍ରାୟ ୨ଶହ କଂଗ୍ରେସ, ଭାଜପା, ସିପିଆଇର କର୍ମୀମାନେ ଦଳ ଛାଡି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି। ଉଭୟ ସମାବେଶରେ ପ୍ରାୟ ୫ହଜାର ଲୋକଙ୍କ ସମାଗମ ହୋଇଥିଲା। ଜନସମ୍ପର୍କ ଯାତ୍ରା ଅବସରରେ ବିଭିନ୍ନ ଗ୍ରାମ ଓ ଛକରେ ମନ୍ତ୍ରୀ ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



ଯୁବ ସମାବେଶରେ ମନ୍ତ୍ରୀ ନୃସିଂହ ସାହୁ, ବିଧାୟକ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

# ମହିଳାଙ୍କୁ ଗାଳିଗୁଲଜ କରି ଡ୍ରାଇଭର ଗିରଫ

ବଲଙ୍ଗା,୨୭।୧୦(ଡି.ଏନ୍.ଏ.)

ଜଣେ ମହିଳାଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ବଲଙ୍ଗା ଥାନା ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ରୂପଦେଇପୁର ଗ୍ରାମର ଦୁର୍ଯ୍ୟୋଧନ ମଲ୍ଲିକ। ଅଭିଯୋଗ ଅନୁଯାୟୀ, ରୂପଦେଇପୁର ଗ୍ରାମରେ ନୟାଗଡର ସୁନିଲ ନାୟକ ତାଙ୍କ ପରିବାର ସହ ଏକ ଭଡାଘରେ ରହୁଥିଲେ। ସୁନୀଲଙ୍କ ଥିବା ଏକ ଗାଡି ଦୁର୍ଯ୍ୟୋଧନ ଚଳାଉଥିଲେ। ଗୁରୁବାର ଦୁର୍ଯ୍ୟୋଧନ ଗାଡିରେ ପଇଡ ଭଡା ନେଇ ଆଉ ଫେରି ନ ଥିଲା। ଖୋଜାଖୋଜି କରିବା ପରେ ଗାଡିକୁ ଦୁର୍ଯ୍ୟୋଧନ ନିଜ ଘର ପଛପଟେ ଲୁଚାଇ ରଖିଥିବା ଜଣାପଡିଥିଲା। ସୁନିଲଙ୍କ ସ୍ତ୍ରୀ ସରୋଜିନି ରାଉତ ଘଟଣା ସମ୍ପର୍କରେ ଦୁର୍ଯ୍ୟୋଧନଙ୍କୁ ପଚାରିବାରୁ ସେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୪୮/୧୮) ରୁଜୁ କରି ତଦନ୍ତ ଚଳାଇଥିଲା।

## ବିଦ୍ୟାଳୟ ପରିଚାଳନା କମିଟି ପାଇଁ ସଭ୍ୟ ଚୟନ ପ୍ରକ୍ରିୟା ଶେଷ

କୋଣାର୍କ,୨୭।୧୦(ଡି.ଏନ.ଏ.)

କୋଣାର୍କ ଥାନା ଅନ୍ତର୍ଗତ କାଦୁଆ ନୂଆଗାଁ ପଞ୍ଚାୟତର ସନ୍ତରସଗ୍ରାମସ୍ଥିତ ଜୋଗେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ପାଇଁ ୧୨ଜଣିଆ ସଭ୍ୟ ଚୟନ ପ୍ରକ୍ରିୟା ଶେଷ ହୋଇଛି। ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ସାସମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ୩୭ଜଣ ଅଭିଭାବକ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ କମିଟି ସଭ୍ୟ ଚୟନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସାସମଲ୍ଲ କହିଛନ୍ତି, ସରକାରୀ ନିୟମ ଅନୁଯାୟୀ ସଭ୍ୟ ଚୟନ କାର୍ଯ୍ୟ ଶେଷ ହୋଇଛି।

# ବ୍ଲକ ଅଫିସ ସମ୍ମୁଖରେ ଭାଜପାର ବିକ୍ଷୋଭ

କଣାସ,୨୭।୧୦ (ଡି.ଏନ୍.ଏ/ସ୍ୱ.ପ୍ର.):

ରାଜ୍ୟ ସରକାରଙ୍କ ଦୁର୍ନୀତିକୁ ନେଇ ଭାଜପା ପକ୍ଷରୁ ଶନିବାର ରାଜ୍ୟର ସମସ୍ତ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ କଣାସ ବ୍ଲକ ମଧ୍ୟ ସାମିଲ ହୋଇଛି। ବ୍ଲକର ବରିଷ୍ଠ ଭାଜପା ନେତା କୃଷ୍ଣଚନ୍ଦ୍ର ଜଗଦ୍ଦେବ, ସତ୍ୟବାଦୀ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ, ଡ.ବିଶ୍ୱନାଥ ରଥ, ସୁରଥ ବିଶ୍ୱାଳ, ଓମ୍‌ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ । କର୍ମୀମାନେ କଣାସ ଗୋଲା ବଜାରଠାରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଯୋଜନାରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ନାରାବାଜି କରି ବ୍ଲକ ଆଗରେ ଥିବା ବ୍ୟାରିକେଡ ଭାଙ୍ଗି କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲେ। ଏଥିସହ ବିଡିଓଙ୍କ ବଦଳି ପାଇଁ ସ୍ଲୋଗାନ ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅତିରିକ୍ତ ଏସପି ଧୀରେନ ନନ୍ଦ, ଏସଡିପିଓ ଦିଲୀପ ତ୍ରିପାଠୀ, ପିପିଲି ଆଇଆଇସି ଶରତ ସାହୁ, କଣାସ ଥାନାଧିକାରୀ ସଞ୍ଜୟ କୁମାର ନାୟକଙ୍କ, ସମେତ ପୋଲିସ୍ ଅଧିକାରୀ ଏବଂ ଫୋର୍ସ ମୁତୟନ ହୋଇଥିଲେ।



ଭାଜପା କର୍ମୀମାନେ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

■ ପୁରୀରେ କେନ୍ଦ୍ର ନଗର ଉନ୍ନୟନ ସଚିବ

# ମାର୍ଚ୍ଚ ସୁଦ୍ଧା ହୃଦୟ ଯୋଜନା କାର୍ଯ୍ୟ ସରିବାକୁ ନିର୍ଦ୍ଦେଶ

ପୁରୀ ଅଫିସ, ୨୭।୧୦:

■ ୪ ଯୋଜନାର କଲେ ସମୀକ୍ଷା

■ ରାତ୍ରି ଆଶ୍ରୟ ସ୍ଥଳରେ ଅନ୍ତେବାସୀ ସହ କଲେ ଆଲୋଚନା

କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟର ସଚିବ ଦୁର୍ଗାଶଙ୍କର ମିଶ୍ର ଶନିବାର ଦିନିକିଆ ପୁରୀ ଗସ୍ତରେ ଆସି ସହରରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ହୃଦୟ, ଅମୃତ ଓ ସ୍ୱଚ୍ଛଭାରତ ମିଶନର ସମୀକ୍ଷା କରିଛନ୍ତି। ହୃଦୟ ଯୋଜନାରେ ହାତକୁ ନିଆଯାଇଥିବା ୭ଟି ପ୍ରକଳ୍ପର ଅଗ୍ରଗତି ଧିମା ରହିଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବାଙ୍କି ମୁହାଣ ପାର୍କ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଅନ୍ୟ ୬ଟି ପ୍ରକଳ୍ପ ଧିମା ଚାଲିଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ୨୦୧୯ ମାର୍ଚ୍ଚ ସୁଦ୍ଧା ସମସ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ମେ ଫେୟାର ହୋଟେଲରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ କ୍ଷେତ୍ର ପରିଦର୍ଶନ କରି ଉକ୍ତ ଯୋଜନା ଗୁଡିକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଦେଖିଥିଲେ। ବାଙ୍କି ମୁହାଣ ଠାରେ ହୃଦୟ ଯୋଜନା ନିର୍ମାଣାଧୀନ ପାର୍କକୁ ସଚିବ ବୁଲି ଦେଖିଥିଲେ। ପାର୍କରେ ଅଧିକ ସଂଖ୍ୟାକ ବୃକ୍ଷରୋପଣ ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ସେ ବଳିଆପଣ୍ଡା ସୁଇଟ ୱାଟର ଜୋନରେ ୱାଟର ରିଚାର୍ଜ ପାଇଁ ଅମୃତ ଯୋଜନାରେ ହେଉଥିବା ପ୍ରକଳ୍ପ ଦେଖିଥିଲେ। ଜାତୀୟ ସହରାଞ୍ଚଳ ଜୀବିକା ମିଶନ ଜରିଆରେ ସର୍ବୋଦୟ ନଗରରେ ହୋଇଥିବା ରାତ୍ରି ଆଶ୍ରୟସ୍ଥଳ ବୁଲି ଦେଖିବା ସହ ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ପୁରୀ ମେଡିକାଲ ଓ ବସଷ୍ଟାଣ୍ଡରେ ଥିବା ଆହାର କେନ୍ଦ୍ର ଅନୁଧ୍ୟାନ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେଠିକାର ପରିମଳ ବ୍ୟବସ୍ଥାକୁ ନେଇ ସଚିବ ଉଦ୍‌ବେଗ ପ୍ରକାଶ କରିଥିଲେ। ହୃଦୟ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପଞ୍ଚମୁଖୀ ଯାଗାଘର, ମୁଦୁଲି ଯାଗା ଏବଂ ବଡ ଓଡିଆ ମଠର କାମ ବୁଲି ଦେଖିଥିଲେ। ମଙ୍ଗଳାଘାଟରେ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଏବଂ ସେପ୍‌ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଅନୁଧ୍ୟାନ କରିଥିଲେ। ଅପରାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲି ଯାଇଥିଲେ। କେନ୍ଦ୍ର ସଚିବଙ୍କ ଏହି ଗସ୍ତ ବେଳେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ସଚିବ ଜି. ମାଥିଭାଥନାନ୍, ସ୍ୱତନ୍ତ୍ର ସଚିବ ତଥା ଅମୃତ ଓ ସ୍ମାର୍ଟ ସିଟି ମିଶନର ନିର୍ଦ୍ଦେଶକ ପି.କେ. ଝା, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟର ସଚିବ ଦୁର୍ଗାଶଙ୍କର ମିଶ୍ର (ବାମରୁ ତୃତୀୟ) ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।